# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅକ୍ଟୋବର ୧୪/୨୦୧୯ (୨୦ ପୃଷ୍ଠା) Sambalpur, Monday, October 14 / 2019 ★★

୧୫ଶ ଭାଗ ୨୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






KP
GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
PAN MASALA
Watch at: YouTube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଅକ୍ଟୋବର ୧୪/୨୦୧୯ Sambalpur, Monday, October 14 / 2019




**ଲକ୍ଷ୍ୟଙ୍କୁ ଡଚ୍ ଓପନ୍ ଟାଇଟଲ୍**
ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଡଚ୍ ଓପନ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଜାପାନର ୟୁସୁକ ଓନୋଡେରାଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି।
୧୬

୧୪
**ମଦ ପାଇଁ ଅଭିନୟ ଛାଡ଼ିଥିଲେ ଶ୍ରୁତି**
ଦକ୍ଷିଣ ଭାରତ ଫିଲ୍ମ ଇଣ୍ଡଷ୍ଟ୍ରିର ସଫଳ ଅଭିନେତ୍ରୀ ଶ୍ରୁତି ହାସନଙ୍କ ମଦ ପିଇବା ଅଭ୍ୟାସ ତାଙ୍କୁ ଅସୁସ୍ଥ କରିବାରୁ ସେ ଅଭିନୟରୁ ଦୂରେଇ ଯାଇଥିଲେ।



### ■ ମହାରାଷ୍ଟ୍ରରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭା

# ୩୭୦କୁ ନେଇ ବିରୋଧୀଙ୍କୁ ଚ୍ୟାଲେଞ୍ଜ

**ଜଲଗାଓଁ,୧୩।୧୦(ପି.ଟି.)**

ବିରୋଧୀ ଦଳଗୁଡ଼ିକର ସାହସ ଥିଲେ ସେମାନେ ନିଜ ନିର୍ବାଚନୀ ଇସ୍ତାହାରରେ ୩୭୦ ଅନୁଚ୍ଛେଦ ଫେରାଇ ଆଣିବା ପାଇଁ ଘୋଷଣା କରନ୍ତୁ। ମହାରାଷ୍ଟ୍ରର ଜଲଗାଓଁରେ ରବିବାର ଏକ ନିର୍ବାଚନୀ ସଭାରେ କଂଗ୍ରେସ ଓ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ଚ୍ୟାଲେଞ୍ଜ କରିଛନ୍ତି।

■ ସତ୍‌ସାହସ ଥିଲେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପୁନଃ ପ୍ରଦାନ ନେଇ ଇସ୍ତାହାରରେ ଘୋଷଣା କର

■ ୪୦ ବର୍ଷର ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ୪ ମାସ ଲାଗିବ


ଜଲଗାଓଁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଆସନ୍ତା ୨୧ରେ ହେବାକୁ ଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଭାଜପା ପକ୍ଷରୁ ରବିବାର ପ୍ରଥମ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଜମ୍ମୁ-କଶ୍ମୀର କେବଳ ଏକ ଭୂଖଣ୍ଡ ନୁହେଁ। ଉପତ୍ୟକାରେ ୪୦ ବର୍ଷର ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ୪ ମାସରୁ ଅଧିକ ସମୟ ଲାଗିବ ନାହିଁ। ବିରୋଧୀ ଦଳଗୁଡ଼ିକ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ନେଇ ରାଜନୀତି କରୁଛନ୍ତି। ପଡ଼ୋଶୀ ପାକିସ୍ତାନ ଯେଉଁ ଭାଷା କହୁଛି ବିରୋଧୀ ମଧ୍ୟ ସେହି ସମାନ ଭାଷା କହୁଛନ୍ତି। ଜମ୍ମୁ-କଶ୍ମୀରକୁ ନେଇ ସାରା ଭାରତ ଯାହା ଅନୁଭବ କରୁଛି କଂଗ୍ରେସ ଏବଂ ଏନ୍‌ସିପି ନେତାମାନେ ଠିକ୍ ତା'ର ବିପରୀତ ଚିନ୍ତା କରୁଛନ୍ତି। ସେମାନେ କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ। ସତ୍‌ସାହସ ଥିଲେ ବିରୋଧୀ ଦଳଗୁଡ଼ିକ ମହାରାଷ୍ଟ୍ର ସମେତ ଆଗକୁ ହେବାକୁ ଥିବା ନିର୍ବାଚନଗୁଡ଼ିକର ଇସ୍ତାହାରରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପୁନଃ ପ୍ରଦାନ କରିବା ନେଇ ଉଲ୍ଲେଖ କରନ୍ତୁ। ସେମାନେ ଅଗଷ୍ଟ ୫ର ଅନୁଚ୍ଛେଦ ୩୭୦ ଏବଂ ୩୫କ ଉଚ୍ଛେଦ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରନ୍ତୁ ବୋଲି ମୋଦି ଆହ୍ୱାନ ଦେଇଛନ୍ତି। ବିରୋଧୀ ୩୭୦କୁ ଫେରାଇ ଆଣିବା ପାଇଁ କହିଲେ ତାହା ଲୋକଙ୍କ ଲାଗି ଗ୍ରହଣୀୟ ହେବନାହିଁ। ବିରୋଧୀ ଦଳଗୁଡ଼ିକର ଭବିଷ୍ୟତ ନଷ୍ଟ ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ ଚେତାଇ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେବେନ୍ଦ୍ର ଫଡନବିସ୍‌ଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ରର ଭାଜପା-ଶିବସେନା ମେଣ୍ଟ ସରକାରର ୫ ବର୍ଷର ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି। ଏହି ଦୁର୍ନୀତିମୁକ୍ତ ସରକାର ଚାଷୀଙ୍କଠାରୁ ଶିଳ୍ପପତିଙ୍କ ଯାଏ ସମସ୍ତଙ୍କଠାରେ ବିଶ୍ୱାସ ସୃଷ୍ଟି କରିପାରିଛି। ସେହିପରି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଉପରେ ପୁନଃ ଆସ୍ଥା ପ୍ରକଟ କରିଥିବାରୁ ସେ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ। ଲୋକ ସଭା ନିର୍ବାଚନରେ ଏକ ସକ୍ଷମ ଓ ଶକ୍ତ ନୂଆ ଭାରତ ସପକ୍ଷରେ ହୋଇଥିବା ମତଦାନ ଦେଶକୁ ବିଶ୍ୱର ଯୋଗ୍ୟତମ ସ୍ଥାନକୁ ନେଇଯିବ। ଏହି ଜନାଦେଶ ଯୋଗୁ ଭାରତର ସ୍ୱରକୁ ବିଶ୍ୱର ମହାଶକ୍ତିମାନେ ଶୁଣୁଛନ୍ତି। ଏହା ମୋଦି ପାଇଁ ନୁହେଁ, ବରଂ ଆପଣମାନଙ୍କ ଗୋଟିଏ ଭୋଟ ଯୋଗୁ ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।


ଗଜଲକ୍ଷ୍ମୀ ପୂଜା ଅବସରରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଲକ୍ଷ୍ମୀନଗର ପୂଜା ମଣ୍ଡପରେ ରବିବାର ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।।

## ଜାତୀୟ ଓପନ୍ ଆଥଲେଟିକ୍ସ: ଦୂତୀଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ



**ଭୁବନେଶ୍ୱର,୧୩।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ଦେଶର ଦ୍ରୁତତମ ମହିଳା ତଥା ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ସଫଳତାର ଆଉ ଏକ ପାହାଚ ଚଢ଼ିଛନ୍ତି। ରାଞ୍ଚିରେ ଚାଲିଥିବା ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ସେ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିବା ସହ ଶୁକ୍ରବାର ପ୍ରଥମେ ୧୦୦ ମିଟର ଦୌଡରେ ସ୍ୱର୍ଣ୍ଣ ଆଉ ରବିବାର ଅନୁରୂପ ଭାବେ ଅନ୍ୟତମ ଗ୍ଲାମରିୟସ ଇଭେଣ୍ଟ ୨୦୦ ମିଟର ରେସ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚତୁର୍ଥ ଦିବସରେ ଅନୁଷ୍ଠିତ ଫାଇନାଲ ରେସ୍‌ରେ ସେ ୨୩.୧୭ ସେକେଣ୍ଡ ନେଇ ପ୍ରଥମ ସ୍ଥାନ ଅଧିକାର କରି ଏହି ସଫଳତା ପାଇଛନ୍ତି। ☞ପୃଷ୍ଠା-୨

### ■ ନିଯୁକ୍ତି ଖୋଜୁଥିବା ଯୁବପିଢ଼ିଙ୍କୁ ଜହ୍ନ ଦେଖାଉଛନ୍ତି ମୋଦି

# କ୍ଷୁଧା ମେଣ୍ଟାଇପାରିବନି ଚନ୍ଦ୍ର ମିଶନ: ରାହୁଲ

**ଲାତୁର,୧୩।୧୦(ପି.ଟି.)**



ଦେଶର ଯୁବପିଢ଼ି ନିଯୁକ୍ତି ଖୋଜୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ସେମାନଙ୍କୁ ଜହ୍ନ ଦେଖିବାକୁ କହୁଛନ୍ତି। ଭାରତର ଅର୍ଥନୀତି ଭୁଶୁଡ଼ିବା ଏବେ ଆରମ୍ଭ ହୋଇଛି। ଆଗକୁ ବହୁତ କିଛି ହେବ। ଅର୍ଥନୀତି ସଜାଡ଼ିବା ପାଇଁ କଂଗ୍ରେସ ସରକାରର ଦଶନ୍ଧି ଧରି ବିକାଶମୂଳକ କାର୍ଯ୍ୟକୁ ମୋଦି ସରକାର ବିଗାଡ଼ି ଦେଇଛନ୍ତି। ଏଥିପାଇଁ ସେମାନେ କଶ୍ମୀର, ଅନୁଚ୍ଛେଦ ୩୭୦ ଓ ଚନ୍ଦ୍ର କଥା କହୁଛନ୍ତି। ହେଲେ ଦେଶର ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ଉପରେ ପଦୁଟିଏ ବି କହୁନାହାନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ମହାରାଷ୍ଟ୍ରର ଲାତୁର ଜିଲା ଅଉସା ନିର୍ବାଚନମଣ୍ଡଳୀରେ ଏକ ନିର୍ବାଚନୀ ସଭାକୁ ରବିବାର ସମ୍ବୋଧିତ କରି ରାହୁଲ ଅର୍ଥନୀତି ଓ ନିଯୁକ୍ତି ପ୍ରସଙ୍ଗରେ ମୋଦି ସରକାର ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି, ଦେଶରେ ବେକାର ସମସ୍ୟା ୪୦ ବର୍ଷ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ଏଭଳି ସମୟରେ ମୋଦି ମୂଳ ପ୍ରସଙ୍ଗଗୁଡ଼ିକରୁ ଧ୍ୟାନ ହଟାଇବା ପାଇଁ ଉଦ୍ୟମ କରୁଛନ୍ତି। ଯୁବପିଢ଼ି ନିଯୁକ୍ତି ଦାବି କରୁଥିବାବେଳେ ସେମାନଙ୍କୁ ଚନ୍ଦ୍ର ଦେଖିବାକୁ ପରାମର୍ଶ ଦେଉଛନ୍ତି। ଚନ୍ଦ୍ରକୁ ଉପଗ୍ରହ ପଠାଇ ତୁମେ ଗରିବ ଲୋକଙ୍କ ମୁହଁକୁ ଖାଦ୍ୟ ଯୋଗାଇ ପାରିବ ନାହିଁ। ଏପରି ମିଶନ ଆମ ଯୁବପିଢ଼ିଙ୍କ କ୍ଷୁଧାକୁ ମେଣ୍ଟାଇ ପାରିବ ନାହିଁ ବୋଲି ଚନ୍ଦ୍ରୟାନ-୨କୁ ନେଇ ୱାୟନାଡ୍ ଏମ୍‌ପି ରାହୁଲ ପରୋକ୍ଷରେ ଟାର୍ଗେଟ କରିଛନ୍ତି।

## ଝଡ଼ତୋଫାନ ସହ ବଜ୍ରପାତ ସମ୍ଭାବନା

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଦକ୍ଷିଣ ଏବଂ ଉତ୍ତର ଓଡ଼ିଶା ସହ ଉପକୂଳ ଓଡ଼ିଶାରେ ଗତ କିଛିଦିନ ହେବ ସନ୍ଧ୍ୟାରେ ବଜ୍ରପାତ ସହ ସ୍ୱଳ୍ପ ଏବଂ ମଧ୍ୟମ ବର୍ଷା ହେଉଥିବାବେଳେ ସୋମବାର ମଧ୍ୟ ସମାନ ପରିସ୍ଥିତି ଜାରି ରହିବ। ତେଣୁ ଗଜପତି, ଗଞ୍ଜାମ, ମାଲକାନାଗିରି, କୋରାପୁଟ, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଥିବାବେଳେ ଏହି ଜିଲାଗୁଡ଼ିକରେ ବିଜୁଳି, ଘଡ଼ଘଡ଼ି ସହ ଝଡ଼ତୋଫାନ ହେବାନେଇ ସତର୍କ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରବିବାର ସନ୍ଧ୍ୟାସୁଦ୍ଧା କୋରାପୁଟରେ ସର୍ବାଧିକ ୨୬ ମିମି ଓ କେନ୍ଦୁଝରରେ ୨୦.୪ ମିମି ବର୍ଷା ରେକର୍ଡ କରାଯାଇଛି।

### ■ ଚିକିତ୍ସାଳୟରେ ଅବହେଳାରୁ ୫ଟି ସଚିବଙ୍କ ଅସନ୍ତୋଷ

# ସୁନ୍ଦରଗଡ଼ ଭାରପ୍ରାପ୍ତ ସିଡିଏମ୍‌ଓ ନିଲମ୍ବିତ

**ସୁନ୍ଦରଗଡ଼, ୧୩।୧୦ (ଡି.ଏନ୍.ଏ.)**


ସଚିବ ଭି. କାର୍ତ୍ତିକେୟ ପାଣ୍ଡିଆନ୍ ସୁନ୍ଦରଗଡ଼ ଡାକ୍ତରଖାନା ପରିଦର୍ଶନ କରୁଛନ୍ତି।

■ ଜିଲାପାଳଙ୍କୁ କାରଣ ଦର୍ଶାଅ ନୋଟିସ

■ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ

■ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିକଲା ଭାଜପା, ଓମ୍‌ସା

ଚିକିତ୍ସା ସେବାରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ରାଜ୍ୟ ସରକାର ରବିବାର ସୁନ୍ଦରଗଡ଼ ଜିଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ପଙ୍କଜ ପଟେଲଙ୍କୁ ନିଲମ୍ବିତ କରିଛନ୍ତି। ଏଥିସହ 'ମୋ ସରକାର' କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରି ନ ଥିବା ଅଭିଯୋଗରେ ଜିଲା ସ୍ୱାସ୍ଥ୍ୟ ସମିତିର ସଭାପତି ତଥା ଜିଲାପାଳ ନିଖିଲ ପଵନ କଲ୍ୟାଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତେବେ ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରପ୍ରାପ୍ତ ସିଡିଏମ୍‌ଓ ପଟେଲଙ୍କ ନିଲମ୍ବନ ଆଦେଶକୁ ତୁରନ୍ତ ପ୍ରତ୍ୟାହାର ଦାବି କରିଛି ଭାଜପା ଏବଂ ଓମ୍‌ସା (ଓଡ଼ିଶା ଡାକ୍ତରୀ ସଂଘ)।

'ମୋ ସରକାର' କାର୍ଯ୍ୟକ୍ରମର ସ୍ଥିତି ପରଖିବାପାଇଁ ୫ଟିସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ୍ ରବିବାର ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନରେ ଆସିଥିଲେ। ପରିଦର୍ଶନବେଳେ ସେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଡାକ୍ତରଖାନାର ଚିକିତ୍ସାସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାବେଳେ ରୋଗୀଙ୍କୁ ଠିକ୍ ଭାବେ ଖାଦ୍ୟ ଦିଆଯାଇ ନ ଥିବା ଜାଣିବାକୁ ପାଇଥିଲେ। ଏପରିକି ରୋଗୀଙ୍କର ରକ୍ତ, କଫ ଆଦି ପରୀକ୍ଷା ପାଇଁ ବାହାର ପାଥୋଲୋଜିକୁ ପଠାଯାଇଥିବା ମଧ୍ୟ ରୋଗୀ ସମ୍ପର୍କୀୟ ଅଭିଯୋଗ କରିଥିଲେ। ପରେ ସଚିବ ଏନେଇ ଭାରପ୍ରାପ୍ତ ସିଡିଏମ୍‌ଓ ପଟେଲଙ୍କୁ ପଚାରିଥିଲେ। ସେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସଚିବ ବିରକ୍ତି ଭାବ ପ୍ରକାଶ କରିଥିଲେ। ଏହାର କିଛି ସମୟ ପରେ ରାଜ୍ୟ ସରକାର ପଟେଲଙ୍କୁ ନିଲମ୍ବିତ କରିବା ସହ ଜିଲାପାଳ ପଵନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସଚିବ ପାଣ୍ଡିଆନଙ୍କ ନେତୃତ୍ୱରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଲିନୀ ପଣ୍ଡିତ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ପ୍ରମୁଖ ଡାକ୍ତରଖାନା ପରିସରରେ ଥିବା ମାତୃ ଓ ଶିଶୁ କଲ୍ୟାଣ ବିଭାଗ, ଡାକ୍ତରଖାନା ଔଷଧ ବିତରଣ କେନ୍ଦ୍ର, ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ପରେ ରାଉରକେଲା ଗସ୍ତରେ ଯାଇ ଆର୍‌ଜିଏଚ୍ (ରାଉରକେଲା ସରକାରୀ ଡାକ୍ତରଖାନା) ପରିଦର୍ଶନ କରିଥିଲେ। ସଚିବଙ୍କ ଗସ୍ତ ପରେ ଜିଲାପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ସହରରେ ଥିବା ବିଭିନ୍ନ ପାଥୋଲ୍ୟାବଗୁଡିକର କାଗଜପତ୍ର ଯାଞ୍ଚ କରାଯାଇଥିଲା। କାଗଜପତ୍ର ଠିକ୍ ନ ଥିବାରୁ ଗୋଟିଏ ପାଥୋଲ୍ୟାବକୁ ସିଲ୍ କରାଯାଇଛି।

ଅପରପକ୍ଷରେ ରାଜ୍ୟ ସରକାରଙ୍କ ଏହି ନିଲମ୍ବନ ଆଦେଶକୁ ଭାଜପା ଏବଂ ଓମ୍‌ସା ବିରୋଧ କରିବା ସହ ତୁରନ୍ତ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି କରିଛନ୍ତି। ଜିଲା ଭାଜପା ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସ୍ଥାନୀୟ ଡିଆରଡିଏ ଛକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।ସୋମବାର ଭାଜପା ପକ୍ଷରୁ ୬ଘଣ୍ଟିଆ ସୁନ୍ଦରଗଡ ବନ୍ଦ ଡାକରା ଦିଆଯାଇଛି। ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୯ ବର୍ଷ ଧରି ଡାକ୍ତର ଓ ଅନ୍ୟାନ୍ୟ ପଦପଦବୀ ଖାଲିପଡ଼ିଥିବାବେଳେ ରାଜ୍ୟ ସରକାର ତାହା ପୂରଣ କରି ନ ପାରି ଜଣେ କର୍ତ୍ତବ୍ୟନିଷ୍ଠ ସିଡ଼ିଏମ୍‌ଓଙ୍କ ନିଲମ୍ବିତ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଧାୟିକା ଟେଟେ କହିଛନ୍ତି। ସେହିପରି ନିଲମ୍ବନ ଆଦେଶକୁ ଓମ୍‌ସା ସୁନ୍ଦରଗଡ଼ ଜିଲା ଶାଖା ପକ୍ଷରୁ ବିରୋଧ କରାଯାଇଛି। ଜଣେ ନିଷ୍ଠାପର, କର୍ତ୍ତବ୍ୟନିଷ୍ଠ ଡାକ୍ତରଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଦୁର୍ଭାଗ୍ୟଜନକ। ପ୍ରଥମେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରା ନ ଯାଇ ସିଧାସଳଖ ନିଲମ୍ବନ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଓମ୍‌ସା ଜିଲା ଶାଖା ସଭାପତି ପି.ସି ସାହୁ ଓ ସମ୍ପାଦକ ସୋମ ଶୁଭଙ୍କର ପ୍ରଶ୍ନ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବନ୍ଧୁ**

**ଆଜିର ମନ୍ତବ୍ୟ**

" ପୂର୍ବ ପ୍ରଧାନମନ୍ତ୍ରୀମାନେ ଯାହା କରିପାରି ନ ଥିଲେ, ୩୬ ଇଞ୍ଚ ଛାତିର ମଣିଷ ତାହା କରି ଦେଖାଇଛନ୍ତି।

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ପିଏସ୍‌ବି ଲୋନ୍ ଇନ୍ ୫୯ ମିନିଟ ପୋର୍ଟାଲ ଶୁଭାରମ୍ଭ ପରଠାରୁ ୪ ମାସରୁ କମ୍ ସମୟ ମଧ୍ୟରେ ୩୫ ହଜାର କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି।

-ଅର୍ଥ ମନ୍ତ୍ରଣାଳୟ

Taste the difference!
Vencobb FRESH CHICKEN
13.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 66 | 114 | 124 |
| BLS | 67 | 115 | 125 |
| ANG | 68 | 116 | 126 |
| BHM | 65 | 113 | 123 |

*Conditions Apply
Issued in the Interest of Consumers

# ଶ୍ମଶାନ ରାସ୍ତାରୁ ଫେରିଲେ ବୃଦ୍ଧ

**ସୋରଡା,୧୩।୧୦(ଡି.ଏନ୍.ଏ.)**

■ ଚିକିତ୍ସା ପରେ ସୁସ୍ଥ ହେଲେ ସୀମାଞ୍ଚଳ

■ ମୃତ ଭାବି ପୋଡିବାକୁ ନେଉଥିଲେ ସମ୍ପର୍କୀୟ

■ ଶେଷ ଭାତ ଦେବାବେଳେ ବଞ୍ଚିଥିବା ଜଣାପଡିଲା

କଥାରେ ଅଛି 'ଦଣ୍ଡେ ନିମିଷେ ଥିଲେ ପ୍ରାଣ, ନ ନେଇ ପାରେ ଜନ୍ତୁରାଣ'। ଯାହାର ଆୟୁଷ ଯେତିକି, ସେତିକି ଦିନ ହିଁ ସେ ବଞ୍ଚିଥାଏ। ତା ପୂର୍ବରୁ ଚାହିଁଲେ ଯମ ମଧ୍ୟ ତାଙ୍କୁ ନେଇ ପାରେନାହିଁ। ଏହାର ସତ୍ୟତା ପ୍ରତିପାଦିତ ହୋଇଛି ଗଞ୍ଜାମ ଜିଲା ସୋରଡା ବ୍ଲକ ଗୋପାଳପୁର ଶାସନ ପଞ୍ଚାୟତରେ। ଜଣେ ବୃଦ୍ଧଙ୍କୁ ରବିବାର ଦାହ କରିବାକୁ ଶ୍ମଶାନ ନିଆଯାଉଥିବାବେଳେ ସେ ଜୀବିତ ଥିବା ଜଣାପଡିଥିଲା। ସେଠାରୁ ତାଙ୍କୁ ତୁରନ୍ତ ସୋରଡା ମେଡିକାଲ ନିଆଯାଇଥିଲା। ସେ ଚିକିତ୍ସିତ ହେବା ପରେ ସୁସ୍ଥହୋଇ ଘରକୁ ଫେରିଛନ୍ତି। ଏହି ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶ ଯେ, ଗୋପାଳପୁର ଶାସନ ପଞ୍ଚାୟତ ଆଦିବାସୀବହୁଳ ଲାଉଖୋଲ ଗ୍ରାମର ସୀମାଞ୍ଚଳ ମଲ୍ଲିକ (୫୨) ଶନିବାର ଛେଳିପଲ ଧରି ଜଙ୍ଗଲକୁ ଚରାଇବାକୁ ଯାଇଥିଲେ। ତାଙ୍କୁ ଜ୍ୱର ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ଛେଳିପଲ ଗାଁକୁ ଫେରି ଆସିଥିବାବେଳେ ସୀମାଞ୍ଚଳ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ରବିବାର ଭୋରରୁ ଗ୍ରାମର କେତେଜଣ ଲୋକ ଜଙ୍ଗଲକୁ ଯାଉଥିବାବେଳେ ସୀମାଞ୍ଚଳ ଚେତାଶୂନ୍ୟ ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ଏ ବିଷୟରେ ଗାଁକୁ ଆସି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଜଙ୍ଗଲକୁ ଯାଇ ତାଙ୍କୁ ଗାଁକୁ ଆଣିଥିଲେ। ତାଙ୍କର ମୃତ୍ୟୁ ଘଟିଥିବା ଭାବି ସଂସ୍କାର ପାଇଁ ବ୍ୟବସ୍ଥା କରିଥିଲେ। ଆଦିବାସୀ ପ୍ରଥା ଅନୁଯାୟୀ, ଘର ଦୁଆରେ ମୃତଦେହକୁ ଗାଧୋଇ ନୂଆଲୁଗା ପିନ୍ଧା ଯାଇଥିଲା। ପରେ ତାଙ୍କୁ ଶ୍ମଶାନକୁ ନେଉଥିଲେ। ଗାଁ ଶେଷ ମୁଣ୍ଡରେ ମୃତଦେହ ପାଟିରେ ଶେଷଖାଦ୍ୟ ଦେବା ସହ ମୁଖାଗ୍ନି (କୁଶରେ ନିଆଁ ଲଗାଇ ମୁହଁ ପାଖରେ ବୁଲାଇବା)ର ପରମ୍ପରା ରହିଛି। ଏଥିପାଇଁ ମୃତଦେହ ତଳେ ରଖା ଯାଇଥିଲା। ମାତ୍ର ପାଟିରେ ଭାତ ଦେବାବେଳେ ସୀମାଞ୍ଚଳଙ୍କ ନିଃଶ୍ୱାସ ଚାଲୁଥିବା ଜଣାପଡିଥିଲା। ଏହାପରେ ତାଙ୍କୁ ନେଇ ଯାଇଥିବା ଲୋକେ କୋକେଇରୁ ଫିଟାଇ ଅଟୋ ଯୋଗେ ସୋରଡା ମେଡିକାଲକୁ ଆଣିଥିଲେ। ଡାକ୍ତର ଦିଲୀପ କୁମାର ଦାସ ସାଲାଇନ ଲଗାଇବା ସହ ଆବଶ୍ୟକ ଚିକିତ୍ସା ଆରମ୍ଭ କରିଥିଲେ। କିଛି ସମୟ ପରେ ସେ ସୁସ୍ଥ ହୋଇ ଉଠି ବସିଥିଲେ। ତା' ପରେ ସେ ଘରକୁ ଫେରି ଆସିଥିବା ସ୍ତ୍ରୀ ସୁଲି କହିଛନ୍ତି।

ଏହି ଘଟଣାରେ ଡାକ୍ତର ଦାସଙ୍କୁ ପଚାରିବାରୁ ଚିକିତ୍ସା ପରେ ସୀମାଞ୍ଚଳଙ୍କ ଅବସ୍ଥା ଭଲ ଅଛି। ସେ ଅଚେତ ଥିବା ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ଆଣିବା ପରିବର୍ତ୍ତେ ମୃତ ଭାବି ସମ୍ପର୍କୀୟ ଶ୍ମଶାନ ନେଉଥିଲେ, ଯାହା ଠିକ୍ ନୁହେଁ। ତାଙ୍କୁ ଠିକ୍ ସମୟରେ ମେଡିକାଲ ଅଣାଯାଇଥିବାରୁ ଜୀବନ ବଞ୍ଚିଗଲା ବୋଲି କହିଛନ୍ତି।


ସୋରଡା ମେଡିକାଲ ପରିସରରେ ବସିଛନ୍ତି ସୀମାଞ୍ଚଳ।



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସର୍ବଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଇଶାନୀ ଆଚାର୍ଯ୍ୟ



ଆଶିଷ ଶୁଭଦର୍ଶୀ ଗୁରୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ଆର୍ମି ରାଲି ପାଇଁ ଟ୍ରେନ୍‌ରେ ବିନା ଟିକେଟରେ ଆସି ଗଣ୍ଡଗୋଳ

# ସଂରକ୍ଷିତ ଯାତ୍ରୀଙ୍କୁ ହଇରାଣ, ମହିଳାଙ୍କୁ ଦୁର୍ବ୍ୟବହାର

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିୟନ ପଡିଆରେ ସୋମବାର ଆର୍ମି ନିଯୁକ୍ତି ରାଲି ହେବ। ଏଥିପାଇଁ ଦେଶର ବିଭିନ୍ନ ରାଜ୍ୟରୁ ପିଲାମାନେ ଟ୍ରେନ୍‌ରେ ରାଜଧାନୀକୁ ଆସୁଛନ୍ତି। ତେବେ ଏମାନେ ବିନା ଟିକେଟରେ ଟ୍ରେନ୍‌ରେ ଯାତ୍ରା କରିବା ସହ ମନଇଚ୍ଛା ବଗିରେ ପଶି ଅନ୍ୟ ଯାତ୍ରୀଙ୍କୁ ହଇରାଣ କରୁଛନ୍ତି। ଏପରିକି ସଂରକ୍ଷିତ ଯାତ୍ରୀଙ୍କ ସିଟ୍‌ରେ ବସିବା ସହ ତଳେ ଶୋଉଛନ୍ତି। ଖୁନ୍ଦାଖୁନ୍ଦି ହୋଇ ବସୁଥିବାରୁ ଟିକେଟ କାଟି ଯାତ୍ରା କରୁଥିବା ମହିଳା ଓ ପୁରୁଷ ଯାତ୍ରୀ ଯିବାଆସିବାରେ ଅସୁବିଧା ଭୋଗୁଛନ୍ତି। ପ୍ରତିବାଦ କଲେ ଗଣ୍ଡଗୋଳ କରିବା ସହ ମହିଳାଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ରବିବାର ନନ୍ଦନକାନନ ଏକ୍ସପ୍ରେକ୍ସର (୧୨୮୧୬) ଏସ୍-୧୨ ନମ୍ବର ବଗିରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ଦିଲ୍ଲୀରୁ ଆସୁଥିବା ୨ ପରିବାରକୁ ଏହି ଯୁବକମାନେ ବିଭିନ୍ନ ପ୍ରକାର ହଇରାଣ କରିଥିଲେ। ପ୍ରତିବାଦ କରିବାରୁ ଗଣ୍ଡଗୋଳ କରିବା ସହ ମହିଳାଙ୍କୁ ଦୁର୍ବ୍ୟବହାର କରିଥିଲେ। ପରିବାରର ସଦସ୍ୟମାନେ ଜିଆର୍‌ପି ଓ ରେଲ୍‌ୱେ ଟୋଲ୍ ଫ୍ରି ନମ୍ବରକୁ କଲ୍ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଆର୍ମି ରାଲିକୁ ଯାଉଥିବା ଶୁଣି ଫୋନ୍ ଉଠାଉଥିବା କର୍ମଚାରୀ ଓ ଅଧିକାରୀ ଏଡାଇ ଯାଇଥିଲେ। ଶେଷରେ ଏହି ଦୁଇ ପରିବାର ବାଟସାରା ହଇରାଣ ହୋଇ ଶେଷରେ ଭୁବନେଶ୍ୱର ଷ୍ଟେଶନରେ ଓହ୍ଲାଇ ଜିଆର୍‌ପିରେ ଅଭିଯୋଗ କରିଥିଲେ। ପୋଲିସ ୧୬ଜଣ ପିଲାଙ୍କୁ ଥାନାକୁ ନେଇ ପଚରାଉଚରା ପରେ ଶେଷରେ ୪ଜଣ ପିଲାଙ୍କଠାରୁ ଜରିମାନା ଆଦାୟ କରି ଛାଡ଼ି ଦେଇଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱର ଭିଏସ୍‌ଏସ୍ ନଗରର ବିଶ୍ୱନାଥ ସାହୁ, ସ୍ତ୍ରୀ ବିଜୟାଲକ୍ଷ୍ମୀ ଓ ଝିଅ ମଧୁସ୍ମିତା ଦିଲ୍ଲୀରୁ ନନ୍ଦନକାନନ ଏକ୍ସପ୍ରେସ୍‌ରେ ଆସୁଥିଲେ। ସେହିପରି ସଂଗ୍ରାମ ରାଉତଙ୍କ ପରିବାର ମଧ୍ୟ ସେହି ଟ୍ରେନ୍‌ରେ ଆସୁଥିଲେ। ଆର୍ମି ରାଲି ପାଇଁ ଆହ୍ଲାବାଦ, ମୋଗଲସରାଇ, କାନପୁରରୁ ଶତାଧିକ ଯୁବକ ଟ୍ରେନରେ ଚଢି ମନଇଚ୍ଛା ସଂରକ୍ଷିତ ବଗିରେ ପଶିଥିଲେ। ସେମାନେ ସଂରକ୍ଷିତ ଯାତ୍ରୀଙ୍କ ସିଟ୍‌ରେ ଜବରଦସ୍ତି ବସିବା ସହ ତଳେ ଶୋଇଥିଲେ। ଏପରି କି ଯୁବତୀ ଓ ମହିଳା ଥିଲେ ମଧ୍ୟ ସେମାନଙ୍କ ଅସଭ୍ୟ କଥାବାର୍ତ୍ତା ଓ ବ୍ୟବହାର ସୀମା ଟପିଯାଇଥିଲା। ବିଶ୍ୱନାଥ ଓ ସଂଗ୍ରାମ ଏହାର ପ୍ରତିବାଦ କରିବାରୁ ସେମାନେ ଗଣ୍ଡଗୋଳ କରିଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନେ ଏପରି ଅବସ୍ଥାରେ ବସିଥିଲେ ଯେ ମହିଳାମାନେ ଶୌଚ କିମ୍ବା ଖାଇବାକୁ ଯାଇପାରି ନ ଥିଲେ। ମୋଗଲସରାଇରେ ବିଶ୍ୱନାଥ ପରିବାର ଓହ୍ଲାଇ ଆର୍‌ପିଏଫ୍‌ରେ ଅଭିଯୋଗ କରିଥିଲେ ମଧ୍ୟ କେହି କିଛି ପଦକ୍ଷେପ ନେଇ ନ ଥିଲେ। ଫଳରେ ଭୁବନେଶ୍ୱର ପର୍ଯ୍ୟନ୍ତ ଟ୍ରେନ୍ ଯାତ୍ରା ଅତ୍ୟନ୍ତ କଷ୍ଟଦାୟକ ଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି।

■ ଭାଗବତଙ୍କ ରାଷ୍ଟ୍ରବାଦ କଥାକୁ ନିରଞ୍ଜନଙ୍କ କଟାକ୍ଷ

# ଭାଜପା କହିଲା ଯେମିତି ଚଷମା ପିନ୍ଧିଛନ୍ତି ସେମିତି ଦେଖାଯାଉଛି

ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)

ଆର୍‌ଏସ୍‌ଏସ୍‌ର ଅଖିଳ ଭାରତ କାର୍ଯ୍ୟକାରୀ ମଣ୍ଡଳ ବୈଠକ ପ୍ରଥମ ଥର ଲାଗି ଓଡିଶାରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିରେ ଯୋଗଦେବା ଲାଗି ଆର୍‌ଏସ୍‌ଏସ୍ ସର ସଂଘ ଚାଳକ ମୋହନ ରାଓ ଭାଗବତ ଓଡିଶା ଗସ୍ତରେ ଆସିଛନ୍ତି। ଶନିବାର ଆର୍‌ଏସ୍‌ଏସ୍ ପକ୍ଷରୁ ରାଜଧାନୀ ସ୍ଥିତ ବିଶିଷ୍ଟ ନାଗରିକ ସମ୍ମିଳନୀରେ ଯୋଗଦେଇ ଭାଗବତ ରାଷ୍ଟ୍ରବାଦ କଥା କହିଥିଲେ। ତାଙ୍କର ଏହି କଥାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କଟାକ୍ଷ କରିଛନ୍ତି। ଏହାର ପାଲଟା ଜବାବ୍ ରଖିଛି ଭାଜପା।

ନିରଞ୍ଜନ କହିଛନ୍ତି, ଆର୍‌ଏସ୍‌ଏସ୍‌ର କଥା ଓ କାମ ଭିତରେ ଅନେକ ଫରକ ରହିଛି। ରାଷ୍ଟ୍ରବାଦ କଥା କେବଳ ଷ୍ଟେଜ ମ୍ୟାନେଜମେଣ୍ଟ। ନିଜର ଆଧିପତ୍ୟ ବିସ୍ତାର ଲାଗି ଆର୍‌ଏସ୍‌ଏସ୍ ସାଧାରଣ ଲୋକଙ୍କ ଦୁର୍ବଳତାର ଫାଇଦା ଉଠାଇବା ପାଇଁ ସଂଘ ପରିବାର ଚାହୁଁଛି। ଏହାର ରାଜନୈତିକ ଫାଇଦା ଭାଜପାକୁ ଯାଉଛି ବୋଲି ନିରଞ୍ଜନ କହିଛନ୍ତି। ଅପରପକ୍ଷରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି, ନିରଞ୍ଜନ ବାବୁ ଯେଉଁ ଷ୍ଟେଜ ମ୍ୟାନେଜମେଣ୍ଟ କଥା କହୁଛନ୍ତି ଏହା ଦୁର୍ଭାଗ୍ୟଜନକ। ସିଏ ଯେଉଁ ଚଷମା ପିନ୍ଧିଛନ୍ତି ତାଙ୍କୁ ସେହିଭଳି ଦେଖାଯାଉଛି। ଆର୍‌ଏସ୍‌ଏସ୍ ବିଚାରକୁ ବୁଝିବା ପାଇଁ ଗବେଷଣା କରିବାକୁ ପଡିବ। ଗୋଡକୁ ହାତମାରି ଯଦି ଶାଳଗଛ କହିବେ ତେବେ ଆମର କିଛି କହିବାର ନାହିଁ ବୋଲି ସମୀର କହିଛନ୍ତି।

# ଖୋର୍ଦ୍ଧା-ନୟାଗଡ଼ ପାସେଞ୍ଜର ସମୟ ବଦଳିଲା

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଖୋର୍ଦ୍ଧା-ନୟାଗଡ଼ ଚଳାଚଳ କରୁଥିବା ଦୁଇଟି ପାସେଞ୍ଜର ଟ୍ରେନର ସମୟ ସୂଚୀ ପରିବର୍ତ୍ତନ ହୋଇଛି। ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଥିବା ସ୍ପେଶାଲ ସେବା ଏକ୍ସପ୍ରେସର ଚଳାଚଳକୁ ଅଧିକ ସୁବିଧାଜନକ କରବା ଲାଗି ଏହି ସମୟ ସାରଣୀ ବଦଳାଯାଇଛି ବୋଲି କୁହାଯାଇଛି। ବର୍ତ୍ତମାନ ଚଳାଚଳ କରୁଥିବା(୫୮୪୩୧-୫୮୪୩୨) ଖୋର୍ଦ୍ଧାରୋଡ-ନୟାଗଡ଼ ଟାଉନ ପାସେଞ୍ଜର ଖୋର୍ଦ୍ଧାରୋଡ ଷ୍ଟେଶନରୁ ସକାଳ ୭ଟା ୧୫ ପରିବର୍ତ୍ତେ ୮ଟା ୨୦ମିନିଟ୍‌ରେ ଛାଡିବ। ନୟାଗଡ଼ ଟାଉନ ଷ୍ଟେଶନରେ ସକାଳ ୮ଟା ୫୫ ପରିବର୍ତ୍ତେ ୯ଟା ୪୫ରେ ପହଞ୍ଚିବ। ଫେରିବାବେଳେ ପୂର୍ବାହ୍ନ ୯ଟା ୨୦ ପରିବର୍ତ୍ତେ ୧୦ଟାରେ ଛାଡିବ। ଗନ୍ତବ୍ୟସ୍ଥଳ ଖୋର୍ଦ୍ଧାରୋଡରେ ୧୧ଟା ୦୫ ପରିବର୍ତ୍ତେ ୧୧ଟା ୪୫ମିନିଟ୍‌ରେ ପହଞ୍ଚିବ। ସେହିପରି (୫୮୪୨୯-୫୮୪୩୦) ଖୋର୍ଦ୍ଧାରୋଡ-ନୟାଗଡ଼ ଟାଉନ ପାସେଞ୍ଜର ଖୋର୍ଦ୍ଧାରୋଡଠାରୁ ସନ୍ଧ୍ୟା ୭ଟା ୩୦ ପରିବର୍ତ୍ତେ ୮ଟା ୧୫ରେ ଛାଡ଼ିବ। ନୟାଗଡ଼ ଟାଉନ ଷ୍ଟେଶନରେ ରାତି ୯ଟା୧୦ ବଦଳରେ ୯ଟା ୪୦ରେ ପହଞ୍ଚିବ। କିନ୍ତୁ ଫେରିବାବେଳେ ନୟାଗଡ଼ରୁ ଖୋର୍ଦ୍ଧାରୋଡ ମଧ୍ୟରେ ସମୟସାରଣୀ ଅପରିବର୍ତ୍ତିତ ରହିଛି। ନୟାଗଡ଼ଠାରୁ ସକାଳ ୫ଟାରୁ ଛାଡି ଖୋର୍ଦ୍ଧାରେ ସକାଳ ୬ଟା ୪୫ରେ ପହଞ୍ଚିବ।

ସୂଚନା ଥାଉ କି, ଭୁବନେଶ୍ୱରରୁ ନୟାଗଡ଼ ଟାଉନ ସେବା ଏକ୍ସପ୍ରେସ ଆସନ୍ତା ମଙ୍ଗଳବାର ଅପରାହ୍ନ ୧ଟା ୩୦ ସମୟରେ ରେଳମନ୍ତ୍ରୀ ପୀୟୁଷ ଗୋୟଲ ଭିଡିଓ କନଫରେନ୍ସି ଜରିଆରେ ଶୁଭାରମ୍ଭ କରିବେ। ଭୁବନେଶ୍ୱର ଷ୍ଟେଶନରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୁରୀ ଏମ୍‌ପି ପିନାକୀ ମିଶ୍ର, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗ ଦେବେ।

## ଜାତୀୟ ଓପନ୍...

ପ୍ରଥମ ପୃଷ୍ଠାରୁ...

ଶନିବାର ଅନୁଷ୍ଠିତ ୨୦୦ମିଟର ହିଟ୍‌ରେ ସେ ୨୩.୮୯ ସେକେଣ୍ଡ ସମୟ ନେଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ହିଟ୍ ନମ୍ବର ୨ରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେବେ ଫାଇନାଲ ରେସ୍‌ରେ ସେ ଆହୁରି ଉନ୍ନତ ପ୍ରଦର୍ଶନ କରିବାକୁ ସକ୍ଷମ ହୋଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଦୂତୀ ୧୦୦ ମିଟର ସେମିଫାଇନାଲରେ ୧୧.୨୨ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ଗତ ଏପ୍ରିଲରେ ଦୋହାଠାରେ ଅନୁଷ୍ଠିତ ଇଭେଣ୍ଟରେ ସେ ୧୧.୨୬ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରିଣୀ ଥିଲେ। ଫାଇନାଲରେ ସେ ସେମିଫାଇନାଲର ପ୍ରଦର୍ଶନକୁ ଦୋହରାଇ ପାରି ନ ଥିଲେ ହେଁ ୧୧.୨୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ।

# ମହୁମାଛି ଆକ୍ରମଣରେ ୩୦ ଗୁରୁତର

ବଇଣ୍ଡା,୧୩।୧୦(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ବଡ଼ଡଙ୍ଗିଆଣୀ ଗ୍ରାମରେ ରବିବାର ଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ପୂର୍ବରୁ ମହୁମାଛି ଆକ୍ରମଣରେ ୩୦ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାରୁ ଜଣାପଡ଼ିଛି, ବଡ଼ଡଙ୍ଗିଆଣୀ ଗ୍ରାମରେ ଲକ୍ଷ୍ମୀପୂଜା ପାଳନ ହେଉଛି। ପୂର୍ବାହ୍ନରେ ନିକଟସ୍ଥ ନାଳକୁ କଳସରେ ପାଣି ଆଣିବା ପାଇଁ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଲୋକ ଯାଉଥିବାବେଳେ ହଠାତ୍ ଏକ ଶାଳଗଛରେ ଥିବା ମହୁମାଛି ଆକ୍ରମଣ କରିଥିଲେ। ଫଳରେ ଗ୍ରାମର ଦୁଷ୍ମନ୍ତ ସାହୁ, ଗୁଦୁ ସାହୁ, ମହେଶ୍ୱର ସାହୁ, ଅପର୍ଣ୍ଣା ବେହେରା, ଅତୁଲ୍ୟ ପ୍ରଧାନ, ସୁଶୀଳ ବେହେରା, ବାପୁଜୀ ସେଠୀ, ମାଙ୍କଡ଼ଚୁଆ ଗ୍ରାମର ଶତ୍ରୁଘ୍ନ ସେଠୀ, ଭଜ ମିର୍ଦ୍ଧା, ଦିନବନ୍ଧୁ ଦେହୁରୀ, ଏକାଦଶୀ ପ୍ରଧାନ, ଅଜିତ୍ ସେଠୀ, କୁନା ମିର୍ଦ୍ଧା, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଗୁରୁତର ହୋଇଛନ୍ତି।

# ୨ ନାବାଳକଙ୍କୁ ଚେଙ୍କ ଦେଇ ପଡ଼ୋଶୀ ଗିରଫ

ପାରଳାଖେମୁଣ୍ଡି,୧୩।୧୦ (ସ୍ୱ.ପ୍ର.): ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ସଞ୍ଜୟ ଗାନ୍ଧୀ କଲୋନୀରେ ୨ ନାବାଳକଙ୍କୁ ଚେଙ୍କ ଦେବା ଅଭିଯୋଗରେ ରବିବାର ପୋଲିସ ଜଣଙ୍କୁ ଗିରଫ କରିଛି। ଘଟଣାରୁ ପ୍ରକାଶ ଯେ, କଲୋନୀର ଟି. ତାରକେଶ୍ୱରଙ୍କ ୨ ପୁଅ ଘର ନିକଟରେ ଅନ୍ୟ ପିଲାଙ୍କ ସହ ଖେଳୁଥିଲେ। ତେବେ ପାରିବାରିକ ଶତ୍ରୁତା କାରଣରୁ ପଡୋଶୀ ବି. ଲୋକୁ ସେମାନଙ୍କ ଦୁଇ ପିଲାଙ୍କୁ ନିଜ ଘରକୁ ଡାକିନେଇ ଚେଙ୍କ ଦେଇଥିଲେ। ସେମାନଙ୍କ କାନ୍ଦ ଶବ୍ଦ ଶୁଣି ତାରକେଶ୍ୱର ଓ ତାଙ୍କ ସ୍ତ୍ରୀ ସେଠାରୁ ସେମାନଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉକ୍ତ ଘଟଣା ଗତ ୯ ତାରିଖରେ ଘଟିଥିଲେ ମଧ୍ୟ ୪ ଦିନ ପରେ ପରିବାରର ଏତଲାକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ଲୋକୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।। ଏ ନେଇ ପାରଳାଖେମୁଣ୍ଡି ଥାନାରେ କେସ୍ ନଂ-୧୯୧/୧୯ରେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ସେହିପରି ଶିଶୁ ସୁରକ୍ଷା ସମିତି ପକ୍ଷରୁ ଉଭୟ ଶିଶୁଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଘଟଣା ନେଇ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର ଏବଂ ଆଇଆଇସି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବା ସଙ୍ଗକୁ ନିଜ ପରିସରରୁ ସମ୍ମାନ, ପ୍ରତିଷ୍ଠା ଲାଭ କରିବେ। ଆପଣଙ୍କ ଉପସ୍ଥିତି ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିପାରେ। ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ**
ବହୁବିଧ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଅଫିସ୍‌ରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ସମସ୍ୟା କମିବା ବଦଳରେ ବିଶେଷ ଭାବେ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା ଦୈନିକ ଜୀବନଚର୍ଯ୍ୟାକୁ କେତେକାଂଶରେ ପ୍ରଭାବିତ କରିପାରେ।

**ମିଥୁନ**
ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ଉଦ୍ୟମକୁ ସାକାର କରିବାରେ ସାହାଯ୍ୟ କରିବ। ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ବ୍ୟବସାୟୀମାନେ ଅଧିକ ପରିଶ୍ରମ କଲେ ମଧ୍ୟ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ**
ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରି ପାରିବା କାରଣରୁ ଟେନସନ୍ କିଛି ମାତ୍ରାରେ କମିଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ । ସଭାସମିତିରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ଆଲୋଚନା ଅମୀମାଂସିତ ରହିବ ।

**ସିଂହ**
ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ତଥାପି ଯେ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଆଲୋଚନା କାଳରେ ସତକଥା କହି ବିବାଦ ଘେରରେ ପଡିପାରନ୍ତି, ଏଣୁ ଭାବିଚିନ୍ତି କରନ୍ତୁ। ଆନୁଷ୍ଠାନିକ କାମ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ନିଜେ ଠିକ୍ ଥିଲେ ମଧ୍ୟ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ଯୋଗୁ ଚିନ୍ତା କରି ପାରନ୍ତି। ଉପର ଅଧିକାରୀମାନେ ଆପଣଙ୍କ ସହଯୋଗ ଆଶା କରି ପାରନ୍ତି।

**ତୁଳା**
ଆଜିର ଯାତ୍ରା, ନୂତନ କର୍ମାରମ୍ଭ, ସରକାରୀ କାମ ସକାଶେ ବହୁତ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ଛୋଟବଡ଼ ସମସ୍ୟାର ସରଳ ସମାଧାନ କରି ଏକପ୍ରକାର ଆନନ୍ଦ ଅନୁଭବ କରିବେ। ଜଣେ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଅତୀତର କେତେକ କଥାକୁ ଚିନ୍ତାକରି କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ ।

**ବିଛା**
ଆଜକୁ ଅଳ୍ପ କେତେଦିନ ହେଲା ଯାହା ଖୋଜୁଛନ୍ତି ଓ ଆଶା କରୁଛନ୍ତି ଆଜି ତାହା ଅବଶ୍ୟ ଅପରାହ୍ନରେ ପାଇବେ। ହାତକୁ ନେଇଥିବା କାମଗୁଡ଼ିକ ଯଥା ସମୟରେ ସମ୍ପନ୍ନ ହେବ କିନ୍ତୁ ଆପଣ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି।

**ଧନୁ**
ସାହାଯ୍ୟ ସହଯୋଗ ଲାଭକରି ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ପାଖ, ପଡୋଶୀଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ଭାବେ ବୁଝିବା କଷ୍ଟକର ହୋଇପାରେ। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ଆତ୍ମୀୟମାନେ ପାଖ ମାଡ଼ିବେ ନାହିଁ।

**ମକର**
ଆଜି କୌଣସି ଜିନିଷ ପାଇବାକୁ କେନ୍ଦ୍ରକରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପରିବାରର ପରିସ୍ଥିତିକୁ ଆଖି ଆଗରେ ରଖି ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ,ଏହି କାରଣରୁ ପାଖ ମାଡ଼ିବେ ନାହିଁ। ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ**
ଦୀର୍ଘ ଦିନର ଆଶା ପୂରଣ ହେବ ଏବଂ ଅର୍ଥ ପାଇବା ସଙ୍ଗକୁ ଅଧାପନ୍ତରିଆ କାର୍ଯ୍ୟଟିକୁ ପୂର୍ଣ୍ଣାଙ୍ଗ କରି ପାରିବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି ବଢିଯିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ହରାଇପାରନ୍ତି। ଦୀର୍ଘ ଦିନର ଶତ୍ରୁତା କେତେକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ମନରେ ଜାଗ୍ରତ ହୋଇପାରେ।

**ମୀନ**
କର୍ମ କ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡି ଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବନ୍ଧୁମାନଙ୍କ ମଧ୍ୟରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବ।

ଆଜି କାର୍ତ୍ତିକ କୃଷ୍ଣ ପ୍ରତିପଦା ସୋମବାର, ଅକ୍ଟୋବର ୧୪ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୧।୦୭ମି. ପରେ ଅଶ୍ୱିନୀ/ମେଷ, ମିଥୁନ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୩ମି. ମଧ୍ୟେ ଘ୧।୨୨ମି. ଗତେ, ଘ୨।୫୭ମି. ମଧ୍ୟେ ଘ୪।୨୫ମି. ଗତେ, ଘ୬।୦୧ମି. ମଧ୍ୟେ ଅମୃତବେଳା ।ଦିବା ଘ୮।୪୫ମି. ଗତେ ଘ୧୦।୨୦ମି. ମଧ୍ୟେ, ଘ୧୧।୫୦ମି. ଗତେ ଘ୧।୧୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୧ମି. ଗତେ ଘ୮।୩୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

Building for sale at-Puri@2 crores & BBSR @ 1.7 crores genuine buyer please contact: 9937122611, 9437531411. D-14749

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

Fully developed Gated community boundarywall plot sale near Uttara Gudiapokhari also 3BHK flat available Hanspal- 9238902929, 7992736330. D- 66789

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-14666

ଭୁବନେଶ୍ୱର Patia Railway Stationରୁ 1.5k.m ବାସୋପଯୋଗୀ plot 50x30=1500sqft. 6,75,000/- immediate registration/possession. 9937032327, 9583328312. D-66788

ପାତ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ। 9861709689. D-66797

4BHK duplex with gated community at Balianta (land-1400, construction-2200@ 55lakhs/ 2600@ 65lakhs) Mplanets: 9938219397, 9861022055. D-14645

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

**to-let**

Open space 12000sqft for rent at Puri bypass, 7500 RCC godown at canal road Hanspal, 9437002484, 9348236615. D- 14635

**packers & movers**

India's No.1 Packers-Leo Packers & Movers since 1975, Nationwide Network- 9438133699. D-14664

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Monalisa Massage Club: All types body massage with hiprofile smart lady rooms service available- 9708545108. D-14703

Newly open full body massage by ladies, gents therapist. 8018656899. D-60842

Ayurvedic full body massage by ladies, gents therapist. 7008773793. D-60843

Full body herbal massage with refreshment expert therapist. 7381239385, 06742540855. D-68128

Experience full body massage with us (expert). Call: 7377048581, 06742597822. D-68129

Herbal full body massage by smart / expert therapist. Contact: 8338067247. D-68130

Refresh your mind and soul with best therapy at Orchid Salon/Spa. 9937287222. D-66977

Summer special mesmerizing offer expert therapeutic refreshing massage appointment. 9668374480. D-68131

**astrology**

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଳେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14633

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


DSPL-115
ODISHA
INDIA'S BEST KEPT SECRET
FICCI
Odisha Travel Bazaar 2019
Inauguration by
Shri Naveen Patnaik
Hon'ble Chief Minister, Odisha
14th October 2019
Mayfair Convention, Bhubaneswar
Exhibition & B2B
18th - 20th October, 2019
Swosti Premium, Bhubaneswar
Event Highlights
Participation of leading Foreign Tour Operators, Domestic Tour Operators & Travel Writers
Prescheduled & Structured B2B Meeting of Buyers & Sellers
FAM Tours for OTB Buyers
Cultural Programme & Heritage Walks
Entry by Invitation Only
Department of Tourism, Government of Odisha
www.odishatourism.gov.in
37001/13/0019/1920


SHOULD AN APOLOGY
END WITH A SORRY?
OR SHOULD IT BEGIN BY LOOKING
SOMEONE STRAIGHT IN THE EYE AND TELLING
THEM THAT THEY WERE RIGHT
AND YOU WERE WRONG. THAT THEY DESERVE
NOT JUST YOUR APOLOGY BUT YOUR HONESTY
FROM HEREON. A SINCERE APOLOGY
TAKES CHARACTER.
WHEN CHARACTER DISPLAYS HUMILITY,
IT'S RARE. IT'S PLATINUM.
Pt
— MEN OF —
PLATINUM
KHIMJI®
Jewellers since 1936
Stores only at: Bhubneshwar: 621, Shaheed Nagar, Janpath | 309, District Centre, Candrashekarpur
Berhampur: Venkataraju Arcade, Sano Bazar | Cuttack: 558/834, Cantonment Road | Rourkela: Kesar Bhavan, Main Road
Toll Free: 1800 3131 777 | Open on Sunday


Hero
କୋଟି କୋଟିଙ୍କର ଉତ୍ସବ
ଅଫର୍
କୋଟି କୋଟିଙ୍କର ଉତ୍ସବ
ବର୍ଷ ବର୍ଷର ଭରସା
ଅନବରତ 18 ବର୍ଷ ଧରି
ଦୁନିଆର ନଂ.1 ଟୁ-ହ୍ୱିଲର କମ୍ପାନୀ
ସବୁକିଛି ସମ୍ମିଳିତ କମ୍ ଡାଉନ୍# ପେମେଣ୍ଟ ₹3999 ରୁ ଆରମ୍ଭ
flexi
ଆଧାର କାର୍ଡ ନେଇ ଆସନ୍ତୁ ଏବଂ ଘରକୁ
ନେଇ ଯାଆନ୍ତୁ ଆପଣଙ୍କର ହିରୋ ଟୁ ହୁଇଲର
₹2000 ପର୍ଯ୍ୟନ୍ତ ଉତ୍ସବ କ୍ୟାସ୍* ବେନିଫିଟ୍
₹5000 ପର୍ଯ୍ୟନ୍ତ ଏକ୍ସଚେଞ୍ଜ* ବେନିଫିଟ୍
INDIA'S FIRST 5 YEAR WARRANTY*
*Conditions apply
ସରକାରୀ କର୍ମୀମାନଙ୍କ*** ପାଇଁ ଲାଭ ₹1500
₹10,000 ମୂଲ୍ୟର PAYTM ବେନିଫିଟ୍**
₹2,100 ମୂଲ୍ୟର ଅତିରିକ୍ତ ବେନିଫିଟ୍##
9 CRORE+ HEROES
World leading brands from the House of Hero
Splendor+ Super Splendor iSmart+ Passion Glamour HF Deluxe Maestro Edge Pleasure Destini 125 Xpulse 200 Xtreme 200S Duet
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Offer starts 29th September 2019 & is for limited period only. *Exchange benefit or Festive Cash benefit is applicable on specific models only & both cannot be clubbed. #Finance scheme is at the sole discretion of the Financier subject to its respective T&Cs. ##Additional benefit of ₹2100/- on Service & GoodLife on paying ₹399/-. **Paytm's offer is subject to their applicable terms & conditions. For more details, please contact your nearest Authorized Hero Outlet. ^As per cumulative dispatch numbers till 15th September 2019. T&C: ***For Government Employees and their blood relatives only.
HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com
For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜ୍ଡ ଡିଲର: ବରଗଡ଼: ଆକାଶ ହିରୋ – 7799766396. ଭବାନୀପାଟନା : ଅରୁନ୍ଧତୀ ହିରୋ – 7799766385. ବଲାଙ୍ଗିର: ଅରୁନ୍ଧତୀ ହିରୋ – 7799766327. ଝାରସୁଗୁଡ଼ା: ବିଜୟଲକ୍ଷ୍ମୀ ହିରୋ – 7799766368. ରାଉରକେଲା: ଦୁଆ ହିରୋ – 7799766391. ସମ୍ବଲପୁର: ଶ୍ରୀ ଶ୍ୟାମ ହିରୋ – 7799766356. ସୋନପୁର: ଜୟ ଜଓ୍ୱାନ ହିରୋ – 7799766419. ସୁନ୍ଦରଗଡ଼: ରୋବୋଟେକ୍ ହିରୋ – 8448183659. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାମରା: ଚୌଧୁରି ହିରୋ – 9938274720. ବରପାଲି: ଦୁର୍ଗା ମୋଟର୍ସ– 9861265979. ବେଲପାହାଡ଼: ବର୍ଷା ମୋଟର୍ସ – 9437058417. ବୌଧ: ବନ୍ସଲ ଅଟୋ – 9437062948. ବ୍ରଜରାଜନଗର: ବାନା ମୋଟର୍ସ – 9861078290. ଦେବଗଡ଼ : ଜିନ୍ଦାଲ ମୋଟର୍ସ – 9437056659. କୁନାଗଡ଼: ଶ୍ରୀ ବିମଳା ମୋଟର୍ସ – 7008407979. କାନ୍ତାବାନଜି: ଆଶୀର୍ବାଦ ମୋଟର୍ସ – 9937535770. ନୂଆପଡ଼ା: ମାରୁତି ଅଟୋ – 9937928818, 7381199999. ପଦ୍ମପୁର: ଦେବେଶ ମୋଟର୍ସ – 9437253970. ରାଜଖଡ଼ିଆଳ: ଜଗଦମ୍ବା ଅଟୋ କମ୍ପାଇନ – 9937302262. ରାଜଗାଙ୍ଗପୁର: କେଡିଆ ଆଣ୍ଡ କେଡିଆ – 9437152881. ସୁନ୍ଦରଗଡ଼: ଯମୁନା ମୋଟର୍ସ – 9861078290. ଟିଟିଲାଗଡ଼: ସ୍ନେହା ମୋଟର୍ସ – 9437570237.

ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା।
–ଶ୍ରୀମା



# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବଞ୍ଚୁ

ଟେଲିଯୋଗାଯୋଗ କ୍ଷେତ୍ର ଦିନକୁ ଦିନ ବ୍ୟାପକ ଆକାର ଧାରଣ କରୁଛି। ଏଥିରେ ବାରମ୍ବାର ପରୀକ୍ଷାନିରୀକ୍ଷା ଯୋଗୁ ଆଖିପିଛୁଳାକେ ଅନେକ ପରିବର୍ତ୍ତନ ଆସିପାରୁଛି। ଭାରତୀୟ ଟେଲିକମ୍ ଶିଳ୍ପର ସମ୍ଭାବ୍ୟ ଭିତ୍ତିଭୂମି ରାଜସ୍ୱ ୨୦୨୩ ସୁଦ୍ଧା ୨୧,୫୦୦ କୋଟି ଟଙ୍କାରୁ ୩୧,୦୦୦ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଗଲାଣି। ସେଥିପାଇଁ ଏହି କ୍ଷେତ୍ରରେ ୬୬,୦୦୦ କୋଟି ଟଙ୍କାରୁ ୯୩,୦୦୦ କୋଟି ଟଙ୍କା ଯାଏ ପୁଞ୍ଜିନିବେଶର ସମ୍ଭାବନା ସୃଷ୍ଟି ହୋଇଛି ବୋଲି ଲଣ୍ଡନଭିତ୍ତିକ ବହୁରାଷ୍ଟ୍ରୀୟ ପେସାଦାର ସେବା ସଂସ୍ଥା 'ଏର୍ନେଷ୍ଟ ଆଣ୍ଡ୍ ୟଙ୍ଗ' ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏଥିରୁ ବୁଝିବାକୁ ହେବ ଯେ, ଜନସଂଖ୍ୟାବହୁଳ ଭାରତବର୍ଷରେ ଟେଲିକମ୍ ଶିଳ୍ପର ଭବିଷ୍ୟତ ବହୁତ ଉଜ୍ଜ୍ୱଳ। ହେଲେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ଏବଂ ମହାନଗର ଟେଲିଫୋନ୍ ନିଗମ ଲିମିଟେଡ୍ (ଏମ୍ଟିଏନ୍ଏଲ୍) ଏବେ ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବାରୁ ଏଥିପ୍ରତି ସରକାରଙ୍କ ନଜର ପଡୁନାହିଁ। ଅନ୍ୟପକ୍ଷରେ ଘରୋଇ ଟେଲିକମ୍ ସଂସ୍ଥାର କଳେବର କିଭଳି ବୃଦ୍ଧି ପାଇବ ସେଥିଲାଗି ଅନେକ ତତ୍ପରତା ଦେଖିବାକୁ ମିଳୁଛି। ନିକଟରେ ଏକ ଘଟଣାରୁ ରାଷ୍ଟ୍ରାୟତ୍ତ ଟେଲିକମ୍ ଉଦ୍ୟୋଗ ପ୍ରତି ଥିବା ବୀତସ୍ପୃହଭାବ ସାମ୍ନାକୁ ଆସିଛି। ଭାଜପାର ଓମ୍ ମାଥୁରଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟ ସଭାର ହାଉସ୍ କମିଟି ନିକଟରେ ଏକ ପ୍ରସ୍ତାବ ଦେଇଛି ଯେ, ବିଏସ୍ଏନ୍ଏଲ୍ କିମ୍ବା ଏମ୍ଟିଏନ୍ଏଲ୍ ପରିବର୍ତ୍ତେ ଏମ୍ପିମାନଙ୍କୁ ଘରୋଇ ଟେଲିକମ୍ କମ୍ପାନୀର ସେବା ଯୋଗାଇ ଦିଆଯାଉ। କାରଣ ଦୁଇଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନିମ୍ନମାନର ସେବା ପ୍ରଦାନ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏମ୍ପିମାନେ ଇଣ୍ଟରନେଟ୍ ସମେତ ଯୋଗାଯୋଗ ଖର୍ଚ୍ଚ ବାବଦକୁ ବାର୍ଷିକ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସେବା ପାଇପାରୁଛନ୍ତି। ସେମାନଙ୍କୁ ୩ଟି ଟେଲିଫୋନ୍ ସଂଯୋଗ ଦିଆଯାଉଛି, ସେଥିରୁ ଗୋଟିଏରେ ବ୍ରଡ୍ବ୍ୟାଣ୍ଡ ଉପଲବ୍ଧ ହୋଇପାରୁଛି। ଦି ହାଉସିଂ ଆଣ୍ଡ୍ ଟେଲିଫୋନ୍ ଫେସିଲିଟିଜ୍ (ମେମ୍ବର୍ସ ଅଫ୍ ପାର୍ଲାମେଣ୍ଟ) ରୁଲ୍ସ, ୧୯୫୬ ଅନୁଯାୟୀ ଏମ୍ପିମାନେ ପ୍ରତିବର୍ଷ ୫୦,୦୦୦ ମାଗଣା କଲ୍ କରିବାର ସୁବିଧା ରହିଛି।

ଏମ୍ପିମାନେ ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସ୍ଏନ୍ଏଲ୍ ଓ ଏମ୍ଟିଏନ୍ଏଲ୍ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ପଛର ମୁଖ୍ୟ କାରଣ ହେଉଛି ଗୁଣାତ୍ମକ ସେବା ନ ପାଇବା। ଅବଶ୍ୟ ଯେତେବେଳେ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ଲୋକଙ୍କୁ ଆଶାନୁରୂପ ଗୁଣାତ୍ମକ ସେବା ଯୋଗାଇପାରୁ ନାହାନ୍ତି, ସେତେବେଳେ ସରକାରୀ ସଂସ୍ଥା ବିରୋଧରେ ଅଭିଯୋଗ ଆସିବା ବଡ଼ କଥା ନୁହେଁ। ଆଜିକା ସମୟରେ ବିଏସ୍ଏନ୍ଏଲ୍ ଓ ଏମ୍ଟିଏନ୍ଏଲ୍ ପାଣ୍ଠି ଅଭାବଜନିତ ସମସ୍ୟାରେ ପଡ଼ି ଉବୁଟୁବୁ। ଏପରିକି ଦୈନନ୍ଦିନ ଖର୍ଚ୍ଚ ସହ କର୍ମଚାରୀଙ୍କ ଦରମା ଦେବାକୁ ସକ୍ଷମ ହୋଇପାରୁ ନାହାନ୍ତି। ଏସବୁ ବିଷୟ ଜାଣିଥିଲେ ମଧ୍ୟ ଅର୍ଥ ମନ୍ତ୍ରଣାଳୟ ଟେଲିକମ୍ୟୁନିକେଶନ ବିଭାଗ (ଡଟ୍) ପକ୍ଷରୁ ୭୪,୦୦୦ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦେବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ନିକଟରେ ପ୍ରତ୍ୟାଖ୍ୟାନ କରିଦେଇଛି। ଏହି ପରିପ୍ରେକ୍ଷୀରେ ରୁଗ୍ଣ ଅବସ୍ଥାରେ ଥିବା ଉକ୍ତ ଦୁଇ ସଂସ୍ଥା ପ୍ରତି ସମ୍ପୃକ୍ତ ମନ୍ତ୍ରଣାଳୟ ଉଚିତ ନିଷ୍ପତ୍ତି ନେଇଛନ୍ତି କି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ।

କୁହାଯାଉଛି ତଥ୍ୟ ହେଉଛି ଆଜି ଦୁନିଆର ନୂଆ ତୈଳ। ଅର୍ଥାତ୍ ଯାହା ପାଖରେ ଯେତେ ତଥ୍ୟ ଅଛି ସେ ସେତେ ଧନୀ। ଏଭଳି ସ୍ଥଳେ ଏକ ବାସ୍ତବ ଦିଗ ପ୍ରତି ଦୃଷ୍ଟିପାତ କରାଯାଇପାରେ। ଅନାଦାୟ ଋଣ ବା ଏନ୍ପିଏରେ ବୁଡ଼ି ରହିଥିବା ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ବଞ୍ଚାଇ ରଖିବାକୁ ସରକାର ଆପ୍ରାଣ ଚେଷ୍ଟା କରୁଛନ୍ତି। ଏହା ସତ୍ତ୍ୱେ ସଫଳତାର ପ୍ରତିଶତ କ୍ଷୀଣ। ଅନ୍ୟପକ୍ଷରେ ଟେଲିକମ୍ କ୍ଷେତ୍ରର ଅଭିବୃଦ୍ଧି ଘଟୁଥିବାରୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିଏସ୍ଏନ୍ଏଲ୍ ଓ ଏମ୍ଟିଏନ୍ଏଲ୍କୁ ଆର୍ଥିକ ସମର୍ଥନ ଦିଆଯାଇପାରିଲେ, ଭବିଷ୍ୟତରେ ଲାଭ ଦେଇପାରନ୍ତେ। ଏମିତି ଦେଖିଲେ ଏହି ଦୁଇ ସଂସ୍ଥାର ବ୍ୟାପକ ଭିତ୍ତିଭୂମି ସରକାରଙ୍କ ପାଇଁ ସମ୍ପତ୍ତି ଭଳି ରହିଛି। କେବଳ ସେଥିରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଖଞ୍ଜାଯାଇ ତା'ର ରୂପ ବଦଳାଇ ଦିଆଯାଇପାରିଲେ ଲାଭ ପରିମାଣ ବଢ଼ିପାରନ୍ତା। ଅର୍ଥ ମନ୍ତ୍ରଣାଳୟ ଡଟ୍ର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ ମଧ୍ୟ ବିଏସ୍ଏନ୍ଏଲ୍ ସ୍ୱାବଲମ୍ବୀ ହେବା ଲାଗି ଅଣ୍ଟା ଭିଡ଼ିଲାଣି। ଉପଯୁକ୍ତ ସ୍ୱେଚ୍ଛାକୃତ ଯୋଜନା, ୪ଜି ସ୍ପେକ୍ଟ୍ରମ୍ ଓ ସମ୍ପତ୍ତିକୁ ମୁଦ୍ରାରେ ପରିଣତ କରିବା ଭଳି ପଦକ୍ଷେପ ଦ୍ୱାରା ତିଷ୍ଠି ରହିବା ଲାଗି ପ୍ରୟାସରତ। କଥା ଉଠୁଛି, ଯେତେବେଳେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ମିଶନ ବିଫଳ ହେବା ସତ୍ତ୍ୱେ ସେଥିରେ ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାରେ ସରକାର ବ୍ୟସ୍ତ ରହୁଛନ୍ତି, ସେତେବେଳେ ସାମାନ୍ୟ ଅର୍ଥ ଛିଞ୍ଚି ଦେଲେ ରାଷ୍ଟ୍ରାୟତ୍ତ ଟେଲିକମ୍ ସଂସ୍ଥାଗୁଡ଼ିକ ବଞ୍ଚିପାରନ୍ତେ। ସମୟ ଥିଲା ବିଏସ୍ଏନ୍ଏଲ୍ ସମ୍ପୂର୍ଣ୍ଣ ସରକାରୀ ଥିଲା ବେଳେ ଏହା ସେବା ଯୋଗାଇବାରେ ସେଭଳି ସକ୍ଷମ ହେଉ ନ ଥିଲା। ନିଗମ ହେବା ପରେ ଗୁଣାତ୍ମକ ସେବାରେ ଅନେକ ଉନ୍ନତି ଆସିପାରିଥିଲା। ତେଣୁ ତାହାକୁ ପାଣି ଦେଇ ବଞ୍ଚାଇପାରିଲେ ପୁଣି ଜିଇ ଉଠନ୍ତା। ସମସ୍ତେ ଜାଣନ୍ତି ଯେ, ସରକାରୀ ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ହେଉଛନ୍ତି ଅଣଲାଭଦାୟକ ସଂସ୍ଥା। ସେମାନଙ୍କର ସାମାଜିକ ଦାୟିତ୍ୱବୋଧ ରହିଛି। ଅପରପକ୍ଷରେ ଘରୋଇ ସଂସ୍ଥା ସାମାଜିକ ଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଥାଏ। ଏଥିସହିତ ଘରୋଇ ସଂସ୍ଥାଗୁଡ଼ିକ ତଥ୍ୟ ଅପବ୍ୟବହାର ଓ ହେରଫେର ବା କାରସାଦି କରୁଥିବାରୁ ଏଗୁଡ଼ିକୁ ମୁକ୍ତ ଭାବେ ବିଚରଣ କରିବାକୁ ଦିଆଯିବା ଉଚିତ ନୁହେଁ।

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 8 | A | | 1 | | | 3 | | 0 | | | | 2 |
| | | | | | | | B | 9 | 6 | 2 | C | | 5 | D |
| | | 5 | 4 | | | | 7 | | | D | | B | 1 | 6 |
| | | | | | 7 | | 8 | 5 | 1 | | | | 4 | C |
| | 6 | | | | | | | C | 4 | | 9 | | | |
| | | | | | | 4 | 0 | | | | | | | |
| A | | | | | | 9 | | 2 | E | 7 | 6 | 5 | | |
| 7 | | | | 2 | | | | | | | B | | | |
| 3 | | 6 | | B | | | | | 2 | | | A | | 4 |
| | | | 0 | E | | | | 7 | | 9 | | D | | |
| | | 3 | | | A | | | | | 8 | | | | |
| | | C | | | 3 | 2 | 1 | E | 9 | | 4 | | D | 7 |
| | | 9 | | | | | | D | | | 7 | 0 | C | |
| | | | | | | 8 | | | | | 2 | E | | |
| | D | | 5 | | | 3 | 6 | 0 | C | | A | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 4 | 9 | 1 | 3 | 2 | A | D | 6 | 0 | E | 8 | 7 | C | 5 |
| C | A | E | 9 | 0 | 5 | 1 | 7 | B | 3 | 4 | 6 | 2 | 8 | D |
| 8 | 3 | 7 | 6 | E | B | 4 | 2 | 5 | C | A | D | 1 | 0 | 9 |
| 2 | 6 | D | A | 8 | 4 | 9 | 0 | C | 7 | 1 | 5 | E | 3 | B |
| 5 | 1 | 0 | C | D | 7 | 8 | E | 3 | B | 9 | 2 | A | 6 | 4 |
| 0 | 5 | 1 | 4 | B | A | 7 | 9 | D | 6 | 8 | 3 | C | E | 2 |
| A | B | 2 | 8 | 5 | 1 | C | 3 | 0 | E | D | 7 | 4 | 9 | 6 |
| D | 8 | C | 2 | 6 | 9 | B | 1 | E | 4 | 5 | A | 0 | 7 | 3 |
| 4 | 7 | 6 | E | C | 3 | 5 | 8 | 2 | 9 | 0 | 1 | D | B | A |
| E | 9 | 3 | D | 7 | 0 | 6 | 4 | A | 2 | C | B | 5 | 1 | 8 |
| 3 | 2 | 8 | B | 1 | D | 0 | C | 9 | A | 7 | 4 | 6 | 5 | E |
| 7 | C | 5 | 3 | A | 6 | D | B | 8 | 1 | 2 | E | 9 | 4 | 0 |
| 6 | E | 4 | 0 | 2 | C | 3 | 5 | 7 | D | B | 9 | 8 | A | 1 |
| 1 | 0 | A | 5 | 9 | E | 2 | 6 | 4 | 8 | 3 | C | B | D | 7 |
| 9 | D | B | 7 | 4 | 8 | E | A | 1 | 5 | 6 | 0 | 3 | 2 | C |

ଗତକାଲିର ଉତ୍ତର

# ସୁମାକରଙ୍କ ଦର୍ଶନ ଓ ଭାରତୀୟ ଅର୍ଥନୀତି



ନେତାଜୀ ଅଭିନନ୍ଦନ

ପ୍ରସିଦ୍ଧ ଅର୍ଥନୀତିଜ୍ଞ ଇ.ଏଫ୍.ସୁମାକରଙ୍କ ଦ୍ୱାରା ୧୯୭୩ରେ ଲିଖିତ "Small is Beautiful: A study of Economics as if People Mattered" ବହିଟି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ପ୍ରକାଶିତ ବିଶ୍ୱର ଶହେଟି ପ୍ରଭାବଶାଳୀ ପୁସ୍ତକ ମଧ୍ୟରେ ସ୍ଥାନ ପାଇଛି। ସୁମାକରଙ୍କ ମତରେ ଲୋକଙ୍କୁ କେନ୍ଦ୍ରରେ ରଖି ସେମାନଙ୍କ ସର୍ବନିମ୍ନ ଆବଶ୍ୟକତା ଓ ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ କ୍ଷୁଦ୍ର, ସମନ୍ୱିତ ଓ ଲୋକାଭିମୁଖୀ ଅର୍ଥନୈତିକ ପ୍ରକଳ୍ପ କାର୍ଯ୍ୟକାରୀ କରାଗଲେ ତାହା ସମୃଦ୍ଧ, ସମ୍ପନ୍ନ, ସ୍ୱାବଲମ୍ବୀ ଏବଂ ସୁଦୂରପ୍ରସାରୀ ଅର୍ଥନୀତି ଆଡକୁ ବାଟ କଢ଼େଇବ। ବହିଟିରେ ସୁମାକର 'Buddhist Economics' ବା 'ବୌଦ୍ଧ ଅର୍ଥନୀତି' ସିଦ୍ଧାନ୍ତର ଅବତାରଣା କରିଥିଲେ, ଯାହା ଅନୁସାରେ ବ୍ୟକ୍ତିର ଅନ୍ତର୍ଗତ କୌଶଳ ଓ ସାମର୍ଥ୍ୟ ହିଁ ତାକୁ ସ୍ୱାବଲମ୍ବୀ କରିପାରିବ ଏବଂ କେବଳ ସାମଗ୍ରୀର ଉତ୍ପାଦନ ବା କିଣାବିକା ନୁହେଁ, ସର୍ଜନଶୀଳ ଢଙ୍ଗରେ କାର୍ଯ୍ୟ କରିବା ଏବଂ ଜୀବନ ଜିଇବା ହିଁ ଅର୍ଥନୀତିର ସାମଗ୍ରିକ ଅଭିବୃଦ୍ଧିର ମୂଳ ନିୟମ ହେବା ଉଚିତ।

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତରେ ଗତ ପାଞ୍ଚବର୍ଷ ଭିତରେ ସୁମାକରଙ୍କ ପରିକଳ୍ପିତ 'ବୌଦ୍ଧ ଅର୍ଥନୀତି'ର ମୂଳଦୁଆ ପଡିଛି, ଯାହାକି ଲୋକ–କୈନ୍ଦ୍ରିକ, ଲୋକାଭିମୁଖୀ ଏବଂ ସର୍ବୋପରି ଲୋକ ପରିଚାଳିତ। ୨୦୧୪ରେ ମୋଦିସରକାର କ୍ଷମତାସୀନ ହେବା ସମୟରେ ବିରୋଧୀମାନେ ଆଶଙ୍କା ବ୍ୟକ୍ତ କରିଥିଲେ କି ଏହି ସରକାର କର୍ପୋରେଟ–ସ୍ୱାର୍ଥ ପ୍ରଣୋଦିତ ହୋଇ କେବଳ ବଡ଼ବଡ଼ିଆଙ୍କୁ ସୁହାଇଲା ଭଳି ନୀତି–ଯୋଜନା ପ୍ରଣୟନ କରିବେ। କିନ୍ତୁ ଯେଉଁଭଳି ଢଙ୍ଗରେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ସର୍ବାଧିକ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମମାନ ଆରମ୍ଭ କରାଗଲା, ତାହା ସମାଜର ସର୍ବନିମ୍ନ ସ୍ତରରେ ଥିବା ସବା ଶେଷ ମଣିଷଟି ପାଇଁ ଯେ ନୂଆ ସୁଯୋଗ ସୃଷ୍ଟିକଲା ତା' ନୁହେଁ, ଭାରତ ପାଇଁ ନୂଆ ଅର୍ଥନୈତିକ ସମ୍ଭାବନାର ଦ୍ୱାର ମଧ୍ୟ ଉନ୍ମୋଚନ କଲା। ବ୍ୟାଙ୍କର ଏରୁଣ୍ଡିବନ୍ଧ ମାଡ଼ି ନ ଥିବା ଗରିବ ଲୋକଟି ପ୍ରଧାନମନ୍ତ୍ରୀ ଜନ–ଧନ ଯୋଜନାରେ ବ୍ୟାଙ୍କରେ ଖାତା ଖୋଲିଲା ଏବଂ ବୀମା, ଋଣ ଓ ପେନସନ୍ର ସୁବିଧା ପାଇବା ପାଇଁ ହକ୍ଦାର ହେଲା। ପାଖାପାଖି ୩୫ କୋଟି ଲୋକ ଏହି ଯୋଜନାରେ ରାଷ୍ଟ୍ରୀୟ ଅର୍ଥନୀତି ସହ ପ୍ରତ୍ୟକ୍ଷ ଭାବରେ ଯୋଡ଼ି ହୋଇପାରିଲେ। ପାଖାପାଖି ୩ ଲକ୍ଷ କୋଟି ଟଙ୍କା ସରକାରୀ ସବ୍ସିଡି ସିଧାସଳଖ ଲୋକଙ୍କ ବ୍ୟାଙ୍କ୍ ଖାତାରେ ଜମା କରାଗଲା, ଯାହଫଳରେ ପ୍ରାୟ ଦେଢ଼ ଲକ୍ଷ କୋଟି ଟଙ୍କାର ବାଟମାରଣା ରୋକାଯାଇପାରିଲା। ଉଜ୍ଜ୍ୱଳା ଯୋଜନାରେ ପ୍ରାୟ ୮ କୋଟି ଗରିବ ମହିଳା ମାଗଣାରେ ଏଲ୍ପିଜି ସିଲିଣ୍ଡର ପାଇଲେ। ପ୍ରତି ଗାଁରେ ବିଜୁଳି ଓ ସଡ଼କ ପହଞ୍ଚିଲା। ୨୦୧୪ରୁ ୨୦୧୯ ଭିତରେ ପାଖାପାଖି ୪୦,୦୦୦ କିଲୋମିଟର ସଡ଼କ ନିର୍ମାଣ କରାଗଲା, ଯାହାକି ସର୍ବକାଳୀନ ବିରଳ ରେକର୍ଡ। ପ୍ରତିଟି ଭାରତୀୟ ଯୁବକ କିଭଳି ନିଜ ଗୋଡ଼ରେ ଠିଆ ହୋଇପାରିବ ଏବଂ ଚାକିରି ପଛରେ ଗୋଡ଼େଇବା ପରିବର୍ତ୍ତେ ନିଜେ କର୍ମନିଯୁକ୍ତି ସୃଷ୍ଟି କରିପାରିବ, ସେହି ଉଦ୍ଦେଶ୍ୟରେ 'ସ୍କିଲ୍ ଇଣ୍ଡିଆ', ଷ୍ଟାର୍ଟ ଅପ୍ ଇଣ୍ଡିଆ' ଭଳି ଯୋଜନାର ଶୁଭାରମ୍ଭ କରାଗଲା। ଲକ୍ଷ ଲକ୍ଷ ଯୁବକ ବୈଷୟିକ ଓ ବୃତ୍ତିଗତ ତାଲିମ ପାଇ ନିଜ ନିଜ ପ୍ରକଳ୍ପ ଆରମ୍ଭ କଲେ। 'ମୁଦ୍ରା' ଯୋଜନାରେ ସହଜରେ ଓ ସ୍ୱଳ୍ପ ଦରରେ ଋଣ ଯୋଗେଇ ଦିଆଗଲା। ପ୍ରଥମ ଥର ପାଇଁ ଫସଲ ବୀମା ଯୋଜନା କରାଗଲା ଏବଂ ଚାଷୀକୁ ସିଧାସଳଖ ଆର୍ଥିକ ସହାୟତା ଯୋଗାଇ ଦିଆଗଲା। ସବୁଠୁ ବଡ଼ ଉପଲବ୍ଧି ହେଲା ସ୍ୱଚ୍ଛ, ସୁନ୍ଦର, ନିର୍ମଳ ଏବଂ ଆଦର୍ଶ ଗାଁ ପ୍ରତିଷ୍ଠାର ଲକ୍ଷ୍ୟନେଇ ପାଖାପାଖି ସାଢ଼େ ପାଞ୍ଚଲକ୍ଷ ଗାଁରେ ୧୦କୋଟି ଶୌଚାଳୟ ନିର୍ମାଣ କରାଯାଇପାରିଛି ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ। ଉପା ସରକାରଙ୍କ ଅମଳରେ ପ୍ରଣୀତ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ଦୁର୍ନୀତିମୁକ୍ତ କରି ପାରଦର୍ଶୀ ଢଙ୍ଗରେ ପରିଚାଳିତ କରିବା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ଅଧିକ ବ୍ୟୟବରାଦ ମଧ୍ୟ କରାଯାଇଛି। ଖଟିଖିଆ ମାଟି–ମଣିଷକୁ କେନ୍ଦ୍ରରେ ରଖି ଗାଁଗଣ୍ଡାରୁ ହିଁ ସମୃଦ୍ଧ ବିକଶିତ ନୂଆ ଭାରତ ପାଇଁ ଅଭିଯାନ ଆରମ୍ଭ ହୋଇଛି। ଏହା ଏକ ଅଭିନବ ଓ ଅନନ୍ୟ ପ୍ରୟୋଗ।

ଏବେ ମାନ୍ଦାବସ୍ଥା ବୋଲି ଚାରିଆଡ଼େ ହୁରି ପଡ଼ିଛି। ଗାଡ଼ି କି ସୁନା ବିକ୍ରି କମିଗଲେ କ'ଣ ତାକୁ ମାନ୍ଦାବସ୍ଥା ବୋଲି ଧରି ନିଆଯିବ? ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ିଛି କି? ଉତ୍ତର ହେଉଛି– ନା। ନା ଲୋକମାନଙ୍କ ପାଇଁ ଜିନିଷପତ୍ରର ଦରଦାମ ବଢ଼ିଛି ନା ଚାଷୀ ଅଭାବୀ ବିକ୍ରି ପାଇଁ ବାଧ୍ୟ ହୋଇଛି। ବଜାର ନିଜ ଢଙ୍ଗରେ ଚାଲେ ଓ ନିଜ ଢଙ୍ଗରେ ନିଜକୁ ସଜାଡ଼େ। ତଥାପି ଅର୍ଥନୈତିକ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଏବଂ ସମ୍ଭାବ୍ୟ ମାନ୍ଦାବସ୍ଥାକୁ ରୋକିବା ଲାଗି ଭାରତର ପ୍ରଥମ ପୂର୍ଣ୍ଣକାଳୀନ ମହିଳା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଯେଉଁ କେତୋଟି ପଦକ୍ଷେପ ଘୋଷଣା କରିଛନ୍ତି, ତା'ର ସୁଦୂରପ୍ରସାରୀ ସକାରାତ୍ମକ ପ୍ରଭାବ ନିଶ୍ଚୟ ଭାରତୀୟ ଅର୍ଥନୀତି ଉପରେ ପଡ଼ିବ। ସବୁଠୁ ବଡ଼ ପଦକ୍ଷେପ ସ୍ୱରୂପ କର୍ପୋରେଟ୍ ଟିକସ ହାରକୁ ଶତକଡା ୨୨ ଭାଗକୁ ହ୍ରାସ କରାଯାଇଛି ଏବଂ ନୂତନ ଉତ୍ପାଦନକାରୀ କମ୍ପାନୀମାନଙ୍କ ପାଇଁ ଏହା ଶତକଡା ୧୫ ଭାଗକୁ କମେଇ ଦିଆଯାଇଛି। ବିଶ୍ୱରେ ସର୍ବାଧିକ କର୍ପୋରେଟ ଟିକସ ହାର ଆଦାୟ କରୁଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ ଥିଲା। ଅତୀତରେ କୌଣସି ସରକାର ଏହି ଟିକସ କମେଇବା ପାଇଁ ପଦକ୍ଷେପ ନେଇ ନ ଥିଲେ। ବର୍ତ୍ତମାନ ଟିକସ କମିବା ଫଳରେ କମ୍ପାନୀମାନେ ଅଧିକ ପୁଞ୍ଜି ବିନିଯୋଗ କରିପାରିବେ, ଯାହାଫଳରେ ସୁଲଭ ମୂଲ୍ୟରେ ଜିନିଷପତ୍ର ମିଳିପାରିବ ଏବଂ ଅଧିକରୁ ଅଧିକ କର୍ମନିଯୁକ୍ତି ମଧ୍ୟ ସୃଷ୍ଟି ହୋଇପାରିବ। ଏହାଦ୍ୱାରା ଅଧିକରୁ ଅଧିକ ବିଦେଶୀ କମ୍ପାନୀ ଭାରତରେ ପୁଞ୍ଜି ବିନିଯୋଗ ପାଇଁ ଆଗଭର ହେବେ ଏବଂ ଭାରତର ଆର୍ଥିକ ଅଭିବୃଦ୍ଧିକୁ ଯଥେଷ୍ଟ ପ୍ରୋତ୍ସାହନ ମିଳିବ। 'ମେକ୍ ଇନ୍ ଇଣ୍ଡିଆ' ଭଳି କାର୍ଯ୍ୟକ୍ରମକୁ ମଧ୍ୟ ନୂଆ ବଳ ମିଳିବ। ମୌଳିକ ଭିତ୍ତିଭୂମି ନିର୍ମାଣ ଏବଂ ଅଧାପନ୍ତରିଆ ଅବସ୍ଥାରେ ପଡିରହିଥିବା ଗୃହ–ପ୍ରକଳ୍ପକୁ ସାରିବା ପାଇଁ ୨୦,୦୦୦ କୋଟି ଟଙ୍କାର ପ୍ରୋତ୍ସାହନ ପାଣ୍ଠି ଘୋଷଣା କରାଯାଇଛି। ଯୋଗ, ବୟନ ଶିଳ୍ପ, ପର୍ଯ୍ୟଟନ ଏବଂ ଚମଡ଼ା ଶିଳ୍ପକୁ ନେଇ ଭାରତର ଚାରୋଟି ସ୍ଥାନରେ ବୃହତ୍ ବାଣିଜ୍ୟ ମେଳାର ଆୟୋଜନ କରାଯିବ ବୋଲି ମଧ୍ୟ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ରପ୍ତାନିକୁ ପ୍ରୋତ୍ସାହନ ଦେବା ପାଇଁ ମଧ୍ୟ ସରକାରୀ ନୀତିନିୟମ ତଥା ଟିକସ ବ୍ୟବସ୍ଥାକୁ କୋହଳ କରିବା ପାଇଁ ଅର୍ଥମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଭାରତ ବର୍ତ୍ତମାନ ସର୍ବାଧିକ ଅଭିବୃଦ୍ଧି ହାସଲକାରୀ ରାଷ୍ଟ୍ରର ମାନ୍ୟତା ପାଇଛି। କିନ୍ତୁ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ନ ଆସିଲେ ଆର୍ଥିକ ଅଭିବୃଦ୍ଧି ଅର୍ଥହୀନ। କାରଣ ଲୋକଙ୍କୁ ନେଇ ଦେଶ ଓ ଅର୍ଥନୀତି। ସବା ମୂଳରେ ମଣିଷ। ଆଉ ଲୋକ କହିଲେ, ପାଠ ପଢିଥିବା, ଚାକିରି କରିଥିବା ଓ ସହରରେ ରହୁଥିବା ଧୋବଧାଉଳିଆ ଲୋକ ନୁହନ୍ତି, ସର୍ବନିମ୍ନ ସ୍ତରରେ ଥିବା ମାଟି ମଣିଷମାନେ। ସେଇମାନେ ହିଁ ଦେଶ ଗଢ଼ିବେ ଓ ଅର୍ଥନୀତିକୁ ସମୃଦ୍ଧ କରିବେ। ସେମାନଙ୍କୁ କେନ୍ଦ୍ରରେ ରଖି ମୋଦି ସରକାର 'ନୂଆ ଅର୍ଥନୀତି–ନୂଆ ଭାରତ'ର ଯେଉଁ ସ୍ୱପ୍ନ ଦେଖୁଛନ୍ତି, ତା'ର ସଫଳ ରୂପାୟନ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଉପଲବ୍ଧି ହେବ।

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ମୋ:୯୦୪୦୦୦୩୧୨୩

# ଡାକିଆର ଡାକ: ଚିଠି ନବ ଚିଠି

ଡ. ବିଭୁଦତ୍ତ ମିଶ୍ର

ପ୍ରତ୍ୟେକ ଦିନ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ପ୍ରେମ, ଶାନ୍ତି, ସୌହାର୍ଦ୍ଦ୍ୟ, ପ୍ରୀତି, ଦୟା, କରୁଣା, ସ୍ନେହର ବାର୍ତ୍ତାକୁ ସହସ୍ର କୋଶ ଦୂରରୁ ପହଞ୍ଚିବା କାମ ଡାକବାଲା, ପୋଷ୍ଟମ୍ୟାନ ବା ଡାକିଆ କରିଥାନ୍ତି। ପ୍ରତିବର୍ଷ ଅକ୍ଟୋବର ୯ରୁ ୧୫ ତାରିଖକୁ ବିଶ୍ୱ ଡାକ ସପ୍ତାହ ଭାବେ ପାଳନ କରାଯାଏ। ସଂଗ୍ରାହକ, ଡାକ ଟିକଟ ଓ ଡାକବାଲାର ସମ୍ପର୍କ ଅତି ନିବିଡ। ଜଣେ ସଂଗ୍ରାହକ ପାଇଁ ବହୁ ବର୍ଣ୍ଣର କ୍ଷୁଦ୍ର ଡାକ ଟିକଟ ପ୍ରିୟତମ, ଅନ୍ତରଙ୍ଗ ଓ ଶ୍ରେୟ ବନ୍ଧୁ କେବଳ ନୁହେଁ ମାତ୍ର ଜୀବନଧାରାରେ ପୁଣ୍ୟ ପରମ୍ପରା ତଥା ଇତିହାସର ରକ୍ଷଣାବେକ୍ଷଣର ଏକ ବଳିଷ୍ଠ ମାଧ୍ୟମ।

ଯଦି ଚିଠିପତ୍ର ସରବରାହ ପରମ୍ପରାକୁ ବିଶ୍ଳେଷଣ କରାଯାଏ– ପୌରାଣିକ ଓ ଇତିହାସ ପୃଷ୍ଠାରେ ଏହାର ସ୍ୱାକ୍ଷର ଲିପିବଦ୍ଧ ହୋଇରହିଛି। ପ୍ରାଚୀନ ସିନ୍ଧୁ ସଭ୍ୟତାରେ ସନ୍ଦେଶ ବାହକଙ୍କ ଉପସ୍ଥିତି ଏଠାରୁ ପ୍ରାପ୍ତ ଶିଳାଲେଖରୁ ଜଣାପଡ଼େ। ସେହିପରି ଋଗ୍ବେଦରେ ପ୍ରଶିକ୍ଷିତ ସନ୍ଦେଶ ବାହକଙ୍କ ଉଲ୍ଲେଖ ରହିଛି। ସମ୍ରାଟ୍ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଡାକ ପରିବହନକୁ ଆଫଗାନିସ୍ଥାନରୁ ବର୍ମା ପର୍ଯ୍ୟନ୍ତ ନିଜ ରାଜଧାନୀ ପାଟଳିପୁତ୍ରଠାରୁ ପରିଚାଳନା କରୁଥିଲେ। ଭାରତୀୟ ଡାକ ପ୍ରଣାଳୀରେ ପ୍ରଶିକ୍ଷିତ ପାରାଙ୍କ ଗୋଡରେ ଓ ଗଳାରେ ଦେଶର ଗୁପ୍ତ ବାର୍ତ୍ତାକୁ ସମ୍ରାଟ ଅଶୋକ ପ୍ରେରଣ କରୁଥିଲେ। ସେ କାଳର ରାସ୍ତାଗୁଡିକରେ ପତ୍ରବାହକଙ୍କ ସୁବିଧା ପାଇଁ ଥିବା କୂଅ, ରହିବା ଜାଗାମାନଙ୍କରୁ ଏହାର ପ୍ରମାଣ ମିଳିଥାଏ। କାଳିଦାସଙ୍କ ମେଘମଲ୍ଲାର, ଦମୟନ୍ତୀଙ୍କ ହଂସ, ରାମାୟଣର ହନୁମାନ, ଅନାରକଲିଙ୍କ ହରିଣ, ସଲିମଙ୍କ ପାରା, ସେରସାହାଙ୍କ ଘୋଡା, ଆକବରଙ୍କ ଓଟ, ସିରାଜଉଦ୍ଦୌଲାଙ୍କ ବଳଦଗାଡି ପ୍ରଭୃତି ବାର୍ତ୍ତା ପ୍ରେରଣର ମାଧ୍ୟମ ଥିଲା।

ମୋଗଲ ଶାସନ କାଳରେ ବାଦଶାହ ବାବର ଗୋପନୀୟ ତଥ୍ୟ ପ୍ରେରଣ ପାଇଁ ସଂଚାର ବ୍ୟବସ୍ଥାକୁ ମଜଭୁତ କରିଥିଲେ। ଆକବର ସେନାମାନଙ୍କ ମଧ୍ୟରୁ ପ୍ରଶିକ୍ଷିତ ସନ୍ଦେଶ ଦୌଡାଳିମାନେ ଘୋଡା ଓ ମରୁଭୂମିରେ ଓଟ ଦ୍ୱାରା ପତ୍ର ପ୍ରେରଣ କରୁଥିବାର ପ୍ରମାଣ ରହିଛି। ଜାହାଙ୍ଗୀର ପ୍ରଥମ ଥର ପ୍ରଶିକ୍ଷିତ ପାରା ସେବା ଖବର ପରିବେଷଣ ପାଇଁ ଆରମ୍ଭ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ସେରଶାହ ସୂରୀ ତାଙ୍କ ପାଞ୍ଚ ବର୍ଷ ଶାସନ (୧୫୪୦–୧୫୪୫) ମଧ୍ୟରେ ବଙ୍ଗଳାଠାରୁ ସିନ୍ଧ୍ ଯାଏ ଗ୍ରାଣ୍ଡ ଟ୍ରଙ୍କ ରୋଡ ନିର୍ମାଣ କରିଥିଲେ ଏବଂ ରାସ୍ତାର ଉଭୟ ପଟରେ ୧୭୦୦ ଆବାସ ସ୍ଥଳୀ ନିର୍ମାଣ କରିଥିଲେ, ଯାହା ଡାକ ନେବାଆଣିବା ପାଇଁ ନିୟୋଜତ ବ୍ୟକ୍ତି ଓ ପଶୁମାନଙ୍କ ସୁବିଧା ପାଇଁ ବ୍ୟବହାର ହେଉଥିଲା। ଡାକ ଦୌଡାଳିଙ୍କ ସାହାଯ୍ୟରେ ନିଆଯାଉଥିବା ଡାକସେବାକୁ ଖାମନୀ ଡାକ, ବ୍ରାହ୍ମଣୀ ଡାକ, ମହାଜନୀ, ଅଞ୍ଚଳ, ସରଫା, ନିଜାମତ, ଚିଲିକା ଡାକ, ନୱାବ ଲୁଣ ଡାକ ନାମରେ ନାମିତ କରାଯାଇଥିଲା।

## ରାଷ୍ଟ୍ରୀୟ ଡାକ ସପ୍ତାହ ଉପଲକ୍ଷେ

ଆଧୁନିକ ଯୁଗରେ ଇଂରେଜମାନେ ଇଷ୍ଟଇଣ୍ଡିଆ କମ୍ପାନୀର ବାଣିଜ୍ୟ କାରବାର ସୁଚାରୁରୂପେ ପରିଚାଳନା ପାଇଁ ମାଡ୍ରାସ, କଲିକତା ଓ ବମ୍ବେଠାରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ। ପରମ୍ପରାଗତ ଡାକ ବ୍ୟବସ୍ଥା ଡାକ ଦୌଡାଳିଙ୍କ ସାହାଯ୍ୟରେ ଲର୍ଡକ୍ଲାଇଭ ଓ ୱାରେନ ହେଷ୍ଟିଙ୍ଗସଙ୍କ ସମୟରେ ସୁଧାର ହୋଇ ୧୬୮୮ ମସିହା ଯାଏ ଚାଲିଥିଲା। ଇଂରେଜମାନେ ୧୬୮୮ରେ ବମ୍ବେଠାରେ ପ୍ରଥମ ଡାକଘର ସ୍ଥାପନ ସହ ଭାରତରେ ବ୍ୟବସ୍ଥିତ ଡାକସେବାର ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ୧୭୨୭ରେ କଲିକତାଠାରେ ଦ୍ୱିତୀୟ ଡାକଘର ଓ ୧୭୭୪ ମସିହାରେ ପୋଷ୍ଟ ମାଷ୍ଟର ଜେନେରାଲ ପଦବୀ ଆରମ୍ଭ କରିଥିଲେ। ୧୭୮୬ ମସିହାରେ ମାଡ୍ରାସଠାରେ ଡାକ ବିଭାଗ ସାଧାରଣ ପୋଷ୍ଟ ଅଫିସ ସ୍ଥାପନ ସହ ଚିଠିପତ୍ର ଆଦାନପ୍ରଦାନ ସମୟସୀମା କମ୍ ହୋଇଥିଲା। ସାର୍ ରୋନାଲଡ ହିଲଙ୍କର ଦିଗ୍ଦର୍ଶନରେ ବିଶ୍ୱର ପ୍ରଥମ ଡାକଟିକଟର ଜନ୍ମ ୧୮୪୦ ମସିହା ଜୁଲାଇ ୧ ତାରିଖରେ ଇଂଲଣ୍ଡରେ ହୋଇଥିଲା। ୧୮୫୨ରେ ଭାରତରେ ସିନ୍ଧେ ଡାକ ପ୍ରଚଳନ ସାର୍ ବ୍ରାଟଲେ ଫ୍ରେରେଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା। ୧ ଅକ୍ଟୋବର, ୧୮୫୪ରେ ଭାରତୀୟ ଡାକ ବ୍ୟବସ୍ଥିତ ଭାବେ ଏକ ଦରର ଡାକଟିକଟ ଲଗାଇ ପତ୍ର ଯିବା–ଆସିବା ଆରମ୍ଭ ହୋଇଥିଲା।

ସ୍ୱାଧୀନତା ପରେ ୧୯୪୭ରେ ମାତ୍ର ୨୩,୩୪୪ ଡାକଘର ଥିବାବେଳେ ଏବେ ଏହାର ସଂଖ୍ୟା ୧.୫ ଲକ୍ଷରୁ ଅଧିକ। ଡିଜିଟାଲ ମିଡିଆର ଦ୍ରୁତ ବିକାଶ ଓ ପ୍ରସାର ଦ୍ୱାରା ବର୍ତ୍ତମାନ ଡାକ ଟିକଟ ତଥା ଚିଠିପତ୍ରର ଆଦାନ ପ୍ରଦାନ ସ୍ଥାଣୁ ହେବା ସହ ଏକପ୍ରକାର ସଂଗ୍ରାହକଙ୍କ ଆଲବମ୍ରେ ସୀମାବଦ୍ଧ ହେବାକୁ ବସିଛି। ମାତ୍ର ସ୍ୱଳ୍ପ ମୂଲ୍ୟରେ କଶ୍ମୀରଠାରୁ କନ୍ୟାକୁମାରୀ ଯାଏ ଅପହଞ୍ଚ ଦୂରତାକୁ କମ୍ ସମୟରେ ପ୍ରିୟଜନମାନଙ୍କ ଖବର ପହଞ୍ଚାଇବାର ପ୍ରୟାସ ଆଜି ମଧ୍ୟ ଜାରି ରହିଛି।

ଏକଦା ଚିଠିପତ୍ର ଆଦାନପ୍ରଦାନର ଏକମାତ୍ର ବାହକ ଡାକବାଲାର ଡାକ 'ଚିଠି ନବ ଚିଠି' ଆଜି କମ୍ ହେବାରେ ଲାଗିଛି। ଭାରତୀୟ ଡାକ ବିଭାଗ ତରଫରୁ ଏପର୍ଯ୍ୟନ୍ତ ନିତ୍ୟବ୍ୟବହୃତ ଓ ସ୍ମୃତିଭିତ୍ତିକ ୪୦୦୦ରୁ ଊର୍ଦ୍ଧ୍ୱ ଡାକଟିକଟ ପ୍ରକାଶିତ ହୋଇଛି। ୧୯୨୬ରୁ ମହାରାଷ୍ଟ୍ର ନାସିକର ପ୍ରତିରକ୍ଷା ଛାପାଖାନା ଓ ପରବର୍ତ୍ତୀ ସମୟରେ ହାଇଦ୍ରାବାଦଠାରୁ ଡାକ ସାମଗ୍ରୀ ପ୍ରକାଶିତ ହୋଇ ଭାରତର ପ୍ରମୁଖ ସହର ଓ ରାଜ୍ୟ ରାଜଧାନୀରେ ଥିବା ଫିଲାଟେଲିକ ବ୍ୟୁରୋ ଓ କାଉଣ୍ଟର ସାହାଯ୍ୟରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଛି। ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶ ବିଦେଶରେ ୫୦ରୁ ଅଧିକ ଡାକଟିକଟ ପ୍ରଚଳନ ସହ ସଂଗ୍ରାହକମାନେ ଏ ସବୁକୁ ପାଇବା ପାଇଁ ଡାକ ବିଭାଗ, ପତ୍ରବନ୍ଧୁ, କ୍ଲବ୍ ସଦସ୍ୟମାନଙ୍କ ସାହାଯ୍ୟ ନେଉଛନ୍ତି।

ମୋ–୭୯୭୮୫୫୧୦୮୦

## ଏଇ ଭାରତରେ

ଦେବତାଙ୍କ ନାଁରେ ଅଭିଯୋଗ ହୋଇଛି। ସେ ଏବେ ନଜରବନ୍ଦୀରେ । ଏମିତି ଘଟଣା ଦେଖିବାକୁ ମିଳିଛି ହିମାଚଳ ପ୍ରଦେଶର କୁଲୁ ଦଶହରାରେ। କୁଲୁ ପ୍ରଶାସନ ବିଧିବଦ୍ଧ ଭାବେ ଦେବତାଙ୍କୁ ନିମନ୍ତ୍ରଣ କରିନଥିବାରୁ ସେମାନେ ଦଶହରାରେ ସାମିଲ ହେବାକୁ ଆସିଥିବାରୁ ତାଙ୍କ ବିରୋଧରେ ଅଭିଯୋଗ ଅଣାଯାଇ ନଜରବନ୍ଦୀ କରାଯାଇଛି। ଏହି ଦୁଇ ଦେବତା ହେଲେ ଶୃଙ୍ଗ ଋଷି ଓ ବାଲୁ ନାଗ। ୧୬୫୦ରୁ କୁଲୁ ଦଶହରାରେ ପ୍ରଭୁ ରଘୁନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ରଥଯାତ୍ରାରେ ପ୍ରଭୁ ରଘୁନାଥଙ୍କ ଡାହାଣ ପାଖରେ ସର୍ବୋଚ୍ଚ ଦେବତା ରହିବାର ବିଧି ରହିଛି। ଏହି ସ୍ଥାନରେ କିଛି ବର୍ଷ ଶୃଙ୍ଗ ଋଷି ରହି ୧୯୭୦ରୁ ଭାଗ ନେବା ବନ୍ଦ କରିଦେବା ପରେ ବାଲୁ ଦେବତା ସେହି ଜାଗା ନେଇଥିଲେ। ୧୧ ବର୍ଷ ପରେ ପୁଣି ଶୃଙ୍ଗ ଋଷି ରଥଯାତ୍ରାରେ ଭାଗ ନେବାପାଇଁ ଆସିବାରୁ ସର୍ବୋଚ୍ଚ ସ୍ଥାନକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ବାଲୁ ନାଗ ଲକ୍ଷ୍ମଣଙ୍କ ଅବତାର ଓ ସେ ରଘୁନାଥ (ବଡ଼ଭାଇ ରାମ)ଙ୍କ ସହ ରହିବେ । ଅନ୍ୟପକ୍ଷରେ ଶୃଙ୍ଗ ଋଷିଙ୍କ ଭକ୍ତ ଯୁକ୍ତି ବାଢିଛନ୍ତି ଯେ ଗୁରୁ ଶିଷ୍ୟ ସମ୍ପର୍କ ସବୁ ସମ୍ପର୍କଠାରୁ ବି ବଡ଼। ଏଣୁ ସେ ରଘୁନାଥଙ୍କ ସହ ରହିବା ପାଇଁ ଯୋଗ୍ୟ। ଏହିମତେ ଦଶହରାରେ ସର୍ବୋଚ୍ଚ ସ୍ଥାନକୁ ନେଇ ଦୁଇ ଦେବତାଙ୍କ ଭକ୍ତଙ୍କ ମଧ୍ୟରେ ବିବାଦ ହାଇକୋର୍ଟରେ ବି ପହଞ୍ଚିଯାଇଛି। ଏଯାବତ ତାହା ସମାଧାନ କରାଯାଇନାହିଁ। ଏଥିପାଇଁ ୧୦ ବର୍ଷ ହେବ କୁଲୁ ପ୍ରଶାସନ ଦୁଇ ଦେବତାଙ୍କୁ ଆମନ୍ତ୍ରଣ କରୁନାହାନ୍ତି। କିନ୍ତୁ ବିନା ନିମନ୍ତ୍ରଣରେ ଏଥର ସମର୍ଥକମାନେ ଦଶହରାକୁ ପାଲିଙ୍କିରେ ସେମାନଙ୍କ ଦେବତାଙ୍କୁ ଆଣିଥିଲେ। ଏହାପରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଦଶହରାରେ ପହଞ୍ଚିବା ପରେ ପୋଲିସ ଦୁଇ ଦେବତାଙ୍କୁ ନଜରବନ୍ଦୀ କରି ରଖିଛନ୍ତି। କଡ଼ା ନିରାପତ୍ତା ମଧ୍ୟରେ ଦେତାଙ୍କୁ ଏକ କ୍ୟାମ୍ପରେ ରଖାଯାଇଛି।

## ଚିରନ୍ତନୀ

''ଶ୍ରାବଣର କେତେ ଅମା
କାଟି ଆଜି ଜଳେ ମହାଦୀପ
''ଜୀବନ–ତଇଳ ଢାଳି
ରଖ ତାକୁ ସଜାଗ ଜୀବିତ!
''ଜଳି ଉଠୁ ଦୀପ୍ତି ତାର ଢାଳି ଦେଇ
ଦୂରେ ବହୁ ଦୂରେ
''ପ୍ରତି ପ୍ରତିବିମ୍ବ ତାର ଫୁଟୁ ବିଶ୍ୱ–
ମାନସ –ମୁକୁରେ। (ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆମ ସମସ୍ୟା

### ପେନ୍ସନରମାନଙ୍କ ଦୁଃଖ

ମହାଶୟ,

୨୦୧୬ ଜାନୁୟାରୀ ପହିଲାରୁ ସପ୍ତମ ବେତନ କମିଶନ ସୁପାରିସ୍ ଅନୁସାରେ ବେତନ ଓ ପେନସନ୍ ରାଜ୍ୟ ସରକାର ସମସ୍ତଙ୍କୁ ଦେଲେଣି। ୟୁ.ଜି.ସି. ମଧ୍ୟ ଅଧ୍ୟାପକଙ୍କ ଦରମା ଓ ପେନ୍ସନ ବିଷୟ ସୁପାରିସ କଲେଣି। ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ପେନ୍ସନରମାନଙ୍କୁ ୟୁଜିସି ହାରରେ ପେନ୍ସନ୍ ଦେଇନାହାନ୍ତି। ଅନ୍ୟ ରାଜ୍ୟର ସରକାରମାନେ ପେନ୍ସନରମାନଙ୍କୁ ସପ୍ତମ ବେତନ କମିଶନଙ୍କ ଅନୁସାରେ ପେନ୍ସନ୍ କେବେଠୁଁ ଦେଇସାରିଲେଣି। ମୁଖ୍ୟମନ୍ତ୍ରୀ ସଦୟ ହୋଇ ଓଡ଼ିଶାରେ ୟୁଜିସି ହାରରେ ପେନ୍ସନ୍ ଦେବାକୁ ପଦକ୍ଷେପ ନିଅନ୍ତୁ।

ରମାକାନ୍ତ ଦାସ, ହରିହର ନିବାସ, ନୃସିଂହପୁର, ଜଗତ୍ସିଂହପୁର

### ସୂର୍ଯ୍ୟକାଳୀଙ୍କ ପାଇଁ ମନ୍ଦିର ତୋଳାହେଉ

କନ୍ଧମାଳ ଜିଲାରେ ଦୁଇଗୋଟି ଶକ୍ତିପୀଠ ରହିଛି। ଗୋଟିଏ ମା' ବରାଳଦେବୀ, ଅନ୍ୟଟି ସୂର୍ଯ୍ୟକାଳୀ। ଶୁଣାଯାଏ ଦେବୀଙ୍କ ପୀଠରେ ପୂର୍ବେ ନରବଳି ଦିଆଯାଉଥିଲା। ଭକ୍ତ ଦେବୀଙ୍କ ନିକଟରେ ଗୁହାରିକଲେ କେବେ ରିକ୍ତହସ୍ତରେ ଫେରି ନ ଥାଏ। ବାଲିଗୁଡାରୁ ଜାତୀୟ ରାଜପଥ ୫୯ରେ ପୂର୍ବକୁ ୭ କିମି ଗଲେ ମହାସିଂ ଗ୍ରାମର ଶେଷମୁଣ୍ଡରେ ମା' ସୂର୍ଯ୍ୟକାଳୀଙ୍କ ପୀଠ। ରାଜପଥ କଡ଼ରେ ଅବହେଳିତ ଅବସ୍ଥାରେ ମା' ପୂଜା ପାଉଛନ୍ତି। ମା' ସୂର୍ଯ୍ୟକାଳୀଙ୍କର ମଧ୍ୟ ଜିଲା ଛଡ଼ା ପଡ଼ୋଶୀ ଜିଲାଗୁଡ଼ିକରେ ମହିମା ପ୍ରଚାରିତ। କିନ୍ତୁ ମା'ଙ୍କ ପୂଜାର୍ଚ୍ଚନା ପାଇଁ ବର୍ତ୍ତମାନ ସୁଦ୍ଧା ମନ୍ଦିରଟିଏ ନ ରହିବା ଅତୀବ ପରିତାପର ବିଷୟ । ଆମ୍ବଗଛ ମୂଳରେ ଛୋଟିଆ ଟୁଙ୍ଗିରେ ପୂଜାରୀ ଯେନତେନ ପ୍ରକାରେଣ ମା'ଙ୍କୁ ପୂଜାର୍ଚ୍ଚନା କରି ନିଜର କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି। କଥିତ ଅଛି, ବୌଦର ରାଜା ସୂର୍ଯ୍ୟକାଳୀଙ୍କୁ ଆରାଧନା କରି ମା'ଙ୍କ କରୁଣାରୁ ଖେମୁଣ୍ଡି ରାଜ୍ୟ ଜୟ କରିପାରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ମା'ଙ୍କ ପୂଜାର୍ଚ୍ଚନା ପାଇଁ ମନ୍ଦିରଟିଏ ତୋଳିବାକୁ ଅନୁରୋଧ।

ଜୟକୃଷ୍ଣ କହଁର, ପାଟଖଣ୍ଡା ସାହି, ବାଲିଗୁଡ଼ା, କନ୍ଧମାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

୬– ଜମ୍ମୁ–କଶ୍ମୀରରେ ପ୍ରାୟ ୩୦୦ ଆତଙ୍କବାଦୀ ସକ୍ରିୟ ଥିବା ଡିଜିପି ଦିଲବାଗ୍ ସିଂ କହିଛନ୍ତି।

୯– ଲିଥିୟମ–ଆୟନ ବ୍ୟାଟେରିର ବିକାଶ ଲାଗି ଆମେରିକାର ୯୭ ବର୍ଷୀୟ ଜନ୍ ବି. ଗୁଡ୍ ଏନଫ୍, ବ୍ରିଟେନର ଏମ୍. ଷ୍ଟାନ୍ଲି ୱିଟିଙ୍ଗ୍ହାମ ଏବଂ ଜାପାନର ଆକିରା ୟୋଶିନୋଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

୧୦– ପୋଲାଣ୍ଡ ଲେଖକ ଓଲ୍ଗା ଟୋକାରଜୁକ୍ ଏବଂ ଅଷ୍ଟ୍ରିଆର ଔପନ୍ୟାସିକ ପିଟର ହାଣ୍ଡକେଙ୍କୁ ଯଥାକ୍ରମେ ୨୦୧୮ ଓ ୨୦୧୯ ବର୍ଷ ଲାଗି ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

୧୧– ଇଥିଓପିଆ ପ୍ରଧାନମନ୍ତ୍ରୀ ଅବି ଅହମଦ ଅଲି ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

* ମହାକାଶରେ ପଦଚାରଣା କରିବାରେ ପ୍ରଥମ ବ୍ୟକ୍ତି ସୋଭିଏତ୍ ମହାକାଶଚାରୀ ଆଲେକ୍ସି ଲିଓନୋଭଙ୍କର ୮୫ ବର୍ଷ ବୟସରେ ପରଲୋକ।

## ଜିଲା ଚିଠି
### ବଲାଙ୍ଗୀର



# ଦକ୍ଷିଣମୁହାଁ ମାନବ ସମ୍ବଳ

ନୂଆଁଖାଇ ପରେ ବଲାଙ୍ଗୀର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ରାଜ୍ୟ ବାହାରକୁ ଦାଦନ ଶ୍ରମିକଙ୍କ ସୁଅ ଛୁଟେ। ଏହି ସମୟକୁ 'ଦାଦନ ଋତୁ' କୁହାଯାଏ। ଏବେ ସେହି ଋତୁ ଚାଲିଛି। ଲକ୍ଷାଧିକ ସଂଖ୍ୟାରେ ମହିଳା, ପୁରୁଷ, ଯୁବତୀ, ଯୁବକ, କିଶୋରୀ, କିଶୋର ଓ ଛୋଟ ଶିଶୁ ରାଜ୍ୟ ବାହାରକୁ ବିଶେଷକରି ଦକ୍ଷିଣ ଭାରତର ବିଭିନ୍ନ ସହରକୁ ଦାଦନ ଖଟି ଯାଉଛନ୍ତି। ବଲାଙ୍ଗୀର ଦେଇ ଯାଉଥିବା ଟ୍ରେନ୍‌ଗୁଡିକରେ ଏବେ ଦାଦନ ଶ୍ରମିକଙ୍କ ଭିଡ଼ ଦେଖିବାକୁ ମିଳୁଛି। ହଜାର ହଜାର ଦାଦନ ଶ୍ରମିକ ଟ୍ରେନ୍ ବଗି ଭିତରେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଯାତାୟାତ କରୁଥିବା ଦେଖାଯାଉଛି। ପ୍ରାୟ ପ୍ରତିଦିନ ଜିଲାର ବିଭିନ୍ନ ରେଳଷ୍ଟେଶନରେ ଏପରି ଶ୍ରମିକଙ୍କ ଭିଡ ପରିଲକ୍ଷିତ ହେଉଛି। ଆଉ ସବୁଠୁ ବେଶି ଲୋକ ଦକ୍ଷିଣ ଦିଗକୁ ଯାଉଥିବା ଜଣାପଡୁଛି। ଯେକୌଣସି ସାମାନ୍ୟ ସମ୍ବେଦନଶୀଳ ବ୍ୟକ୍ତି ଏହି ରେଳଷ୍ଟେଶନ କିମ୍ବା ରେଳବଗିଗୁଡିକର ଭିଡ ଦୃଶ୍ୟରୁ ସହଜରେ ଉପନୀତ ହୋଇପାରିବ ଯେ, ଆମ ଜିଲାରୁ କେତେ ସମର୍ଥ ଶ୍ରମଶକ୍ତି ରାଜ୍ୟ ବାହାରକୁ ଚାଲି ଯାଉଛି। ଏହି ଦୃଷ୍ଟିରୁ ବିଚାର କଲେ ଜିଲାରୁ ସମର୍ଥ ସାମୂହିକ ଶ୍ରମିକ ପଳାୟନ ବା ସ୍ଥାନାନ୍ତରଣ ଏହି ଅଞ୍ଚଳର ଦ୍ରୁତ ବିକାଶରେ ବାଧକ ସାଜିଛି ଏହା ସ୍ପଷ୍ଟ। ଦକ୍ଷିଣ ଭାରତର ଟେକ୍ସଟାଇଲ୍ସ କାରଖାନା, ଇଟାଭାଟି, ନିର୍ମାଣ କ୍ଷେତ୍ର, ଔଷଧ କାରଖାନାରେ ଲକ୍ଷାଧିକ ଓଡ଼ିଆ ଶ୍ରମିକ ଅତି ଅଳ୍ପ ଦରମାରେ ସେମାନଙ୍କ ବହୁମୂଲ୍ୟ ଶ୍ରମଦାନ କରୁଛନ୍ତି। ଅନେକ ସମୟରେ ଏହି ପ୍ରବାସୀ ଶ୍ରମିକଙ୍କ ଉପରେ ବର୍ବରୋଚିତ ଅତ୍ୟାଚାର ଘଟଣା ଲୋକଲୋଚନକୁ ଆସୁଛି। ଶତାଧିକ ସଂଖ୍ୟାରେ ପ୍ରବାସୀ ଶ୍ରମିକଙ୍କ ମୃତଦେହ ଫେରିଆସୁଛି। ବହୁ ଲୋକ ବିକଳାଙ୍ଗ ହୋଇଯାଉଛନ୍ତି। ଶିଶୁମାନଙ୍କ ଶିକ୍ଷା ଅଧିକାର ଓ ମାନବିକ ଅଧିକାର ଉଲ୍ଲଂଘନ ହେଉଛି। ମହିଳାମାନଙ୍କ ଉପରେ ନିର୍ଯାତନା ଏତେ ପ୍ରବଳ ଯେ, ଲୋକଲଜ୍ଜାରେ ସେମାନେ କାହା ସମ୍ମୁଖରେ କିଛି ବି କହିପାରୁ ନାହାନ୍ତି। ଏସବୁ ସତ୍ତ୍ୱେ ରୋଜଗାର ଓ ନିଯୁକ୍ତି ଲକ୍ଷ୍ୟରେ ଲକ୍ଷାଧିକ ଶ୍ରମଜୀବୀ ଭିଟାମାଟି ଛାଡ଼ି ରାଜ୍ୟ ବାହାରକୁ ଯାଉଛନ୍ତି। ରାଜ୍ୟ ସରକାର ବଲାଙ୍ଗୀର ଓ ନୂଆପଡ଼ା ଜିଲାରେ ୧୩୪ କୋଟି ଟଙ୍କାର ଏକ ପାଇଲଟ ପ୍ରକଳ୍ପ କାର୍ଯ୍ୟକାରୀ କରି ପ୍ରବାସୀ ଶ୍ରମିକଙ୍କ ପଳାୟନ ରୋକିବା ସହ ସେମାନଙ୍କୁ ସ୍ଥାନୀୟ ଅଞ୍ଚଳରେ ସ୍ୱାବଲମ୍ବୀ କରିବା ନେଇ ଘୋଷଣା କରିଥିଲେ। ଏନେଇ ଟାଟା ଟ୍ରଷ୍ଟ ସହ ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଥିଲେ। ତେବେ ଗତ ପ୍ରାୟ ଦୁଇବର୍ଷ ମଧ୍ୟରେ ଏହି ପାଇଲଟ୍ ପ୍ରକଳ୍ପର ଗତି କୁଆଡ଼େ କାହାରିକୁ ଜଣାନାହିଁ। ଏମ୍‌ଜିଏନ୍‌ଆରଇଜିଏ ଯୋଜନା ଭଳି ଯୁଗାନ୍ତକାରୀ ଯୋଜନା ମଧ୍ୟ ଏହି ସମସ୍ୟା ସମାଧାନ କରିବାରେ ସଫଳ ହୋଇନାହିଁ। ଯୋଜନା କରିଦେଲେ ଦକ୍ଷିଣମୁହାଁ ସାମୂହିକ ଶ୍ରମିକ ପଳାୟନକୁ ରୋକି ହେବନାହିଁ, ଏହା ବିଗତ ୪ ଦଶନ୍ଧିର ଅଭିଜ୍ଞତାରୁ ସ୍ପଷ୍ଟ। ଆମ ଅଞ୍ଚଳର ମାନବ ସମ୍ବଳର ସଫଳ ବିନିଯୋଗ ପାଇଁ ସ୍ଥାନୀୟ ଅଞ୍ଚଳରେ ଦକ୍ଷିଣ ଭାରତ ଭଳି ଭିତ୍ତିଭୂମି ଓ ନିଯୁକ୍ତି ସୃଷ୍ଟି କରାଗଲେ ହିଁ ଏହି ସାମୂହିକ ପଳାୟନରୁ ନିସ୍ତାର ମିଳିବ।

– ବୀରେନ୍ଦ୍ର କୁମାର ଝାଙ୍କର

■ ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ନୀତି

# ଜୁଆରେ ହାରି ବନ୍ଧା ରହିଲେ ମହାପ୍ରଭୁ

ପୁରୀ ଅଫିସ, ୧୩।୧୦

ଶ୍ରୀମନ୍ଦିରରେ ପବିତ୍ର କୁମାର ପୂର୍ଣ୍ଣିମାରେ ରବିବାର ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ପଶା(ଜୁଆ) ଖେଳ ହୋଇଛି। ଏଥିରେ ମହାପ୍ରଭୁ ହାରିଯିବା ପରେ ମହାଲକ୍ଷ୍ମୀଙ୍କ ଜଗମୋହନରେ ବନ୍ଧା ହୋଇ ରହିଛନ୍ତି। ୭ଦିନ ମହାପ୍ରଭୁ ବନ୍ଧା ହୋଇ ରହିବା ପରେ ଅଷ୍ଟମ ଦିନରେ ମୁକୁଳିବେ।

ମଧ୍ୟାହ୍ନ ଧୂପ ପରେ ମହାଜନ ସେବକ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରାଇଥିଲେ। ଏହାପରେ ପୂଜାପଣ୍ଡା ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ସୁଦର୍ଶନଙ୍କୁ ପ୍ରଦାନ କରିଥିଲେ। ଦଇତାପତିମାନେ ସୁଦର୍ଶନଙ୍କୁ ଜଗମୋହନସ୍ଥିତ ଚଉଦୋଳକୁ ବିଜେ କରାଇବା ପରେ ରୁନ୍ଧା ହୋଇ ପାଟପତନି ଓ ଚୁଳ ଲାଗି ହୋଇଥିଲା। ଚକ୍ରରାଜ ସୁଦର୍ଶନ ବଡଦେଉଳ ଘେରାଏ ବୁଲି ସିଂହଦ୍ୱାର ଦେଇ ଉଗ୍ରସେନ ଆଶ୍ରମ (ଯମେଶ୍ୱର ପୀଠ)କୁ ବିଜେ କରିଥିଲେ। ସେଠାରେ ଭୋଗ ଓ ବନ୍ଦାପନା ସରିବା ପରେ ପଶ୍ଚିମଦ୍ୱାର ଚକଡ଼ାରେ ବିଜେ କରିଥିଲେ। ପତି ମହାପାତ୍ର ପ୍ରସାଦ ଲାଗି କରିବା ପରେ ସୁଦର୍ଶନଙ୍କୁ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ୪ ବାଡ଼ରେ ମହାସ୍ନାନ ପୂଜା ବଢ଼ି ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ କରିଥିଲେ। ସନ୍ଧ୍ୟା ଧୂପ ଭୋଗରେ ସୁଦର୍ଶନଙ୍କ ବାଡ଼ରେ ପ୍ରସାଦ ଲାଗି ହୋଇ ବନ୍ଦାପନା ହୋଇଥିଲା। ମହାପ୍ରଭୁ ଦୁଇଟି ଆଜ୍ଞାମାଳ ଲାଗି ହୋଇଥିଲେ। ଭୋଗ ବଢ଼ିବା ପରେ ଦକ୍ଷିଣୀଘରୁ ମଦନମୋହନଙ୍କୁ ସିଂହାସନକୁ ଅଣାଯାଇଥିଲା। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇବା ପରେ ମଦନମୋହନ ଓ ଶ୍ରୀଦେବୀ (ଲକ୍ଷ୍ମୀ)ଙ୍କୁ ସାତପାହାଚ ନିକଟ ପାଲିଙ୍କିକୁ ନିଆଯାଇଥିଲା। ବିମାନବଡୁମାନେ ବାହାର କୁଆଁର ନିମନ୍ତେ ଲକ୍ଷ୍ମୀ ମନ୍ଦିର ଜଗମୋହନ ଖଟ ଉପରେ ବିଜେ କରାଇଥିଲେ। ସେଠାରେ ହିଙ୍ଗୁଳ କଉଡ଼ି ୨୧ଟି, ରୁପା କଉଡ଼ି ୨୧ଟିରେ ପଶା ଶକଟା ଖେଳ ହୋଇଥିଲା। ଶୀତଳ ଭୋଗ ବନ୍ଦାପନା ହୋଇ ଶ୍ରୀଦେବୀ ସିଂହାସନକୁ ଓ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଚନ୍ଦନ ଲାଗି ହୋଇ ବଡସିଂହାର ବେଶ ବଢିଥିଲା। ବଡସିଂହାର ଧୂପ ଏବଂ ଫଳ ଭୋଗ ଲାଗି ପରେ ରତ୍ନସିଂହାସନ ତଳେ ଓ ଉପରେ ଜୁଆ, ଶକଟା, ପଶା, କଉଡ଼ି ଖେଳ ହୋଇଥିଲା। ଏଥିରେ ଲକ୍ଷ୍ମୀଙ୍କଠାରୁ ମହାପ୍ରଭୁ ହାରିଥିଲେ। ମହାଜନ ସେବକ ମାଧବ (ମହାପ୍ରଭୁଙ୍କ ପ୍ରତିନିଧି)ଙ୍କୁ ଲକ୍ଷ୍ମୀମନ୍ଦିରକୁ ବିଜେ କରାଇଥିଲେ। ମହାପ୍ରଭୁ ହାରିଥିବାରୁ ମହାଲକ୍ଷ୍ମୀଙ୍କ ଜଗମୋହନରେ ୭ଦିନ ବନ୍ଧା ହୋଇ ରହିବେ। ଅଷ୍ଟମ ଦିନ ଅବକାଶ ନୀତି ବେଳେ ମାଧବ ବନ୍ଧାରୁ ଫିଟି ସିଂହାସନକୁ ବିଜେ କରିବେ।



ଶ୍ରୀମନ୍ଦିରରୁ ଚକ୍ରରାଜ ସୁଦର୍ଶନଙ୍କୁ ପାଲିଙ୍କିରେ ଉଗ୍ରସେନ ଆଶ୍ରମକୁ ବିଜେ କରାଯାଉଛି।





ବିଶ୍ୱ ପାରାବ୍ୟାଡମିଣ୍ଟନ ସ୍ୱର୍ଣ୍ଣ ପଦକ ବିଜେତା

ଦେଖନ୍ତୁ ଭିଡିଓ

YouTube /dharitrilive


# ପାଟଶାଳା ନଦୀରୁ ୬ ଫୁଟ ଲମ୍ବର ମଲା ବଉଳା କୁମ୍ଭୀର ଉଦ୍ଧାର

ରାଜନଗର, ୧୩।୧୦(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ପାଟଶାଳା ନଦୀରୁ ରବିବାର ଏକ ମୃତ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଏହି ନଦୀର ବଗପାଟିଆ ନିକଟରେ କୁମ୍ଭୀରଟି ମରି ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ବନବିଭାଗକୁ ଖବର ଦେଇଥିଲେ। ଗୁପ୍ତିର ଫରେଷ୍ଟର ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ନଦୀ ମଧ୍ୟରୁ ମୃତ କୁମ୍ଭୀରକୁ ଉଦ୍ଧାର କରିଥିଲେ। ଉକ୍ତ ବଉଳା କୁମ୍ଭୀରର ଲମ୍ବ ୫ଫୁଟ ୮ ଇଞ୍ଚ ହୋଇଥିଲା ବେଳେ ଏହା ମାଈ କୁମ୍ଭୀର ବୋଲି ଜଣାପଡିଛି। ଏହାକୁ ବ୍ୟବଚ୍ଛେଦ କରାଯାଇଛି।

# ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

ରେଢାଖୋଲ, ୧୩।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ଥାନା ବଡବହାଲ ପଞ୍ଚାୟତ ଅଧୀନ ଟାଲ ଗ୍ରାମର ସଂକୀର୍ତ୍ତନ ବେହେରା (୫୯) ନାମକ ଜଣେ ଚାଷୀ ରବିବାର ସକାଳେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ସଂକୀର୍ତ୍ତନ ତାଙ୍କ ଚାଷ ଜମିରେ ଥିବା ମଞ୍ଚାରେ ରାତିରେ ଫସଲ ଜଗିବାକୁ ଯାଇଥିଲେ। ସକାଳେ ଘରକୁ ଫେରୁଥିବା ବେଳେ ରାସ୍ତାରେ ଭାଲୁ ଅତର୍କିତ ଆକ୍ରମଣ କରିଥିଲା।

## ଆଜି କ'ଣ କେଉଁଠି

**ସିନାପାଲି**

■ଗଙ୍ଗାଧର ସାରସ୍ୱତ ସମିତିର ବୈଠକ, ସିନାପାଲି ହାଇସ୍କୁଲ ଏନସିସି କକ୍ଷ, ପୂର୍ବାହ୍ନ ୯ଟା।

**ଦେବଗଡ଼**

■ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟନ, କଣ୍ଡଳ, ବାରକୋଟ, ଅପରାହ୍ନ ୩ଟା।

■ସାଂସ୍କୃତିକ କାର୍ଯ୍ୟକ୍ରମ, ବଣିଆସାହି ଲକ୍ଷ୍ମୀପୂଜା ମଣ୍ଡପ, ସନ୍ଧ୍ୟା ୮ଟା।

**ବୌଦ୍ଧ**

■ଓଡ଼ିଶା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ସଂଘ ପକ୍ଷରୁ ପ୍ରତିବାଦ ସଭା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ ୧୦ଟା।


ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in

**୫ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାରଙ୍କ ସର୍ବମୋଟ ₹୫୦୦.୦୦ କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।
ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (*yield*) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ ଅକ୍ଟୋବର ୧୫, ୨୦୧୯ (ମଙ୍ଗଳବାର) ଦିନ ଆୟୋଜନ କରାଯିବ।
ଏ ସମ୍ପର୍କିତ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍ (**www.rbi.org.in**) ରେ ଅକ୍ଟୋବର ୧୧, ୨୦୧୯ (ଶୁକ୍ରବାର) ରେ ପ୍ରକାଶିତ ଆର୍‌ବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମୀରେ ପଡନ୍ତୁ ନାହିଁ"


## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଦୀପକ୍



ସାଗର



ବବୁବାହନ



ଅଭିଷେକ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଫନୀକୁ ନେଇ ନିର୍ମିତ 'ମର୍ସି ଅଫ୍ ଗଡ୍'

## ଆମେରିକାରେ ୬ ପୁରସ୍କାର ଜିତିଲା ଅମର୍ତ୍ତ୍ୟଙ୍କ ଫିଲ୍ମ



ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କ ଫିଲ୍ମ 'ମର୍ସି ଅଫ୍ ଗଡ୍'ର ଏକ ଦୃଶ୍ୟ।

ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)

ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଫିଲ୍ମ ନିର୍ମାତା ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ପୁଣିଥରେ ଓଡ଼ିଶା ଏବଂ ଓଡ଼ିଆ ଫିଲ୍ମକୁ ବିଶ୍ୱସ୍ତରୀୟ ମଞ୍ଚରେ ପହଞ୍ଚାଇଛନ୍ତି। ନିକଟରେ ଓଡ଼ିଶାରେ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା 'ଫନୀ' ଉପରେ ତାଙ୍କ ନିର୍ମିତ ଫିଲ୍ମ 'ମର୍ସି ଅଫ୍ ଗଡ୍' ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁ ଜର୍ସିରେ ଅନୁଷ୍ଠିତ ଦ୍ୱାଦଶ 'ନୋହୁ ଇଣ୍ଟରନ୍ୟାଶନାଲ ଶର୍ଟ ଫିଲ୍ମ ଫେଷ୍ଟିଭାଲ ୨୦୧୯'ରେ ପ୍ରଦର୍ଶିତ ହୋଇଛି। ଏଥିସହ ବିଭିନ୍ନ ବିଭାଗରେ ୬ ଗୁରୁତ୍ୱପୂର୍ଣ୍ଣ ପୁରସ୍କାର ଜିତିବାରେ ସଫଳ ହୋଇଛି। ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ସହ ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ସଙ୍ଗୀତ, ଶ୍ରେଷ୍ଠ ଚଳଚ୍ଚିତ୍ର ସମ୍ପାଦନା, ଶ୍ରେଷ୍ଠ ସିନେମାଟୋଗ୍ରାଫି ସହ ପ୍ରଯୋଜନା ବିଭାଗରେ ମଧ୍ୟ ଶ୍ରେଷ୍ଠ ପୁରସ୍କାର ପାଇଛି। ଅକ୍ଟୋବର ୧୧ରେ ଅନୁଷ୍ଠିତ ହୋଇଥିବା ଏହି ଫିଲ୍ମ ଫେଷ୍ଟିଭାଲରେ ବିଶ୍ୱର ମୋଟ ୮ଟି ଫିଲ୍ମ ପ୍ରଦର୍ଶିତ ହୋଇଥିବାବେଳେ 'ମର୍ସି ଅଫ୍ ଗଡ୍' ଏକମାତ୍ର ଭାରତୀୟ ଫିଲ୍ମଭାବେ ଏଠାରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଥିଲା।

ମେ' ୩ରେ ଓଡ଼ିଶା ଅତିକ୍ରମ କରିଥିବା ବାତ୍ୟା ଫନୀ ରାଜ୍ୟର ୧୧ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ବିଶେଷକରି ପୁରୀ, ଖୋର୍ଦ୍ଧା, କଟକ ଆଦି ଜିଲାକୁ ଧ୍ୱଂସବିଧ୍ୱଂସ କରିଦେବା ସହ ଚାରିଆଡେ ହାହାକାର ସ୍ଥିତି ସୃଷ୍ଟି କରିଥିଲା। ସ୍ୱାଭାବିକ ସ୍ଥିତିକୁ ଫେରିବାକୁ ମାସ ମାସ ସମୟ ଲାଗିଯାଇଥିବାବେଳେ ମୁଣ୍ଡ ଗୁଞ୍ଜିବାକୁ ନା ଲୋକଙ୍କ ମୁଣ୍ଡଉପରେ ଛାତ ଥିଲା ନା ପାଖରେ ଅର୍ଥ ଥିଲା। ଏହି ସମୟରେ ବାତ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ବୁଲି ତାହାକୁ ନିଜ କ୍ୟାମେରା ଲେନ୍ସରେ ତୋଳିବା ସହ ଫିଲ୍ମର ରୂପ ଦେଇ ବିଶ୍ୱ ନଜରକୁ ଆଣିବାକୁ ଚେଷ୍ଟା କରିଥିଲେ ଅମର୍ତ୍ତ୍ୟ। 'ମର୍ସି ଅଫ୍ ଗଡ୍'କୁ ଅମର୍ତ୍ତ୍ୟ ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିବାବେଳେ ୟୁ ଟ୍ୟୁବ୍‌ରେ ରିଲିଜ ହୋଇ ଏହା ବିଭିନ୍ନ ସ୍ତରରେ ପ୍ରଶଂସିତ ହୋଇଥିଲା। ଏନେଇ ଅମର୍ତ୍ତ୍ୟ କୁହନ୍ତି, ଫିଲ୍ମଟି ଗୋଟିଏ କି ଦୁଇଟି ନୁହେଁ, ବରଂ ଫିଲ୍ମ ମେକିଂର ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକରେ ଏହା ପୁରସ୍କୃତ ହୋଇଥିବାରୁ ଖୁସି ଲାଗୁଛି। କୌଣସି ଅତ୍ୟାଧୁନିକ ଉପକରଣ ବ୍ୟବହାର ନ ହୋଇ ମଧ୍ୟ ସିନେମାଟୋଗ୍ରାଫି, ଏଡିଟିଂ ଭଳି ଟେକ୍ନିକାଲ ବିଭାଗରେ ପୁରସ୍କୃତ ହେବା ଆମ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି।

# ଆଜିଠୁ କାର୍ତ୍ତିକ ବ୍ରତ ଆରମ୍ଭ



ପୁରୀରେ ପହଞ୍ଚିଥିବା ହବିଷିଆଳିମାନେ ଶିବିରକୁ ଯାଉଛନ୍ତି।

ପୁରୀ ଅଫିସ, ୧୩।୧୦

ସୋମବାରଠାରୁ ଆରମ୍ଭ ହେଉଛି ପବିତ୍ର କାର୍ତ୍ତିକ ମାସ। ଶ୍ରୀକ୍ଷେତ୍ରରେ କାର୍ତ୍ତିକ ବ୍ରତ ପାଳନ କରିବେ ହବିଷିଆଳି। ରାଜ୍ୟ ସରକାରଙ୍କ ହବିଷିଆଳି ଯୋଜନାରେ ବ୍ରତଧାରୀଙ୍କ ପାଇଁ ମାଗଣାରେ ରହିବା, ମହାପ୍ରସାଦ ସେବନ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଚଳିତବର୍ଷର ହବିଷିଆଳି ଯୋଜନାର ଶୁଭାରମ୍ଭ କରିବେ। ଏଥିଲାଗି ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ଏହି ଯୋଜନାରେ ରବିବାର ସନ୍ଧ୍ୟା ସୁଦ୍ଧା ୨,୬୦୦ରୁ ଊର୍ଦ୍ଧ୍ୱ ହବିଷିଆଳି ନିଜ ନାମ ପଞ୍ଜୀକରଣ କରିଛନ୍ତି। ସେହିପରି ବିଭିନ୍ନ ପ୍ରାନ୍ତରୁ ୧,୮୦୦ରୁ ଊର୍ଦ୍ଧ୍ୱ ହବିଷିଆଳି ଆସି ୩ଟି ଆଶ୍ରୟସ୍ଥଳୀରେ ପହଞ୍ଚିଛନ୍ତି। ସନ୍ଧ୍ୟାରେ ସେମାନେ ମହାପ୍ରସାଦ ସେବନ କରିଛନ୍ତି। ଏମାନଙ୍କ ପାଇଁ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ମୋଚିସାହି ଛକସ୍ଥିତ ପୌର କଲ୍ୟାଣ ମଣ୍ଡପ ଓ ନରେନ୍ଦ୍ରକୋଣସ୍ଥିତ ସ୍ଥାୟୀ ହବିଷିଆଳି କେନ୍ଦ୍ରରେ ରହିବା ବ୍ୟବସ୍ଥା ହୋଇଛି। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ କଲ୍ୟାଣ ମଣ୍ଡପ ପାଇଁ ପଞ୍ଜୀକରଣ ସରିଥିବାବେଳେ ନରେନ୍ଦ୍ରକୋଣ ଆଶ୍ରୟସ୍ଥଳରେ ସ୍ପଟ୍ ପଞ୍ଜୀକରଣ ଚାଲିଛି। ରାତି ସୁଦ୍ଧା ଯେଉଁମାନେ ପହଞ୍ଚିବେ ସେମାନଙ୍କୁ ଆଶ୍ରୟସ୍ଥଳରେ ରଖାଯିବ। ସୋମବାର ପରିଚୟପତ୍ର ପ୍ରଦାନ କରାଯିବ। ଜିଲାପାଳ ବଳୱନ୍ତ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଆଶ୍ରୟସ୍ଥଳୀ ବୁଲି ସ୍ଥିତି ପରଖିଛନ୍ତି। କ'ଣ ସୁବିଧା, ଅସୁବିଧା ରହିଛି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପଚାରି ବୁଝିଛନ୍ତି। ଏଥିସହ ସମସ୍ତ ବ୍ୟବସ୍ଥା ପରଖିଛନ୍ତି।

■ ୨,୬୦୦ରୁ ଊର୍ଦ୍ଧ୍ୱ ହବିଷିଆଳିଙ୍କ ନାମ ପଞ୍ଜୀକୃତ

■ ହବିଷିଆଳି ଯୋଜନାକୁ ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ଆଜିଠୁ ପାଳିବେ ବ୍ରତ**

ସୋମବାରଠାରୁ କାର୍ତ୍ତିକ ବ୍ରତ ଆରମ୍ଭ କରିବେ ହବିଷିଆଳି। ଭୋରୁ ଉଠି ନରେନ୍ଦ୍ର ପୁଷ୍କରିଣୀ ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ ସାରି ଶ୍ରୀମନ୍ଦିରକୁ ଯିବେ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ସହ ବ୍ରତ ଧରିବେ। ତୁଳସୀ ଚଉରା ମୂଳେ ରାଇ ଦାମୋଦରଙ୍କୁ ପୂଜା କରି ମାସଟା ଯାକ ଆଧ୍ୟାତ୍ମିକ ଭାବରେ ବାନ୍ଧି ହୋଇରହିବେ। ପ୍ରତି ସନ୍ଧ୍ୟାରେ ଆକାଶ ଦୀପ ଜାଳିବେ। ଶୁଣିବେ ଭଜନ, ଭାଗବତ, ପୁରାଣ ଓ ପ୍ରବଚନ। ଗୋଟିଏ ଥର ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିବେ।

**ଆଶ୍ରୟସ୍ଥଳ ଦାୟିତ୍ୱରେ ଅଧିକାରୀ**

ହବିଷିଆଳିମାନଙ୍କର ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ ସେଥିପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ଯତ୍ନବାନ ରହିଛି। ପ୍ରତ୍ୟେକ ଆଶ୍ରୟସ୍ଥଳ ପାଇଁ ଜଣେ ସୁପର ଭାଇଜିଂ ଅଫିସର ଏବଂ ୩ଜଣଙ୍କୁ କୋଅର୍ଡିନେଟିଂ ଅଫିସର ଦାୟିତ୍ୱ ଦିଆଯାଇଛି। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ପାଇଁ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ପୌରକଲ୍ୟାଣ ମଣ୍ଡପ ପାଇଁ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ନରେନ୍ଦ୍ରକୋଣ ହବିଷିଆଳି ଆଶ୍ରୟସ୍ଥଳୀ ଲାଗି ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ସୁବ୍ରତ କୁମାର ବେହେରା ସୁପରଭାଇଜିଂ ଅଫିସର ରହିଛନ୍ତି।

# ଚୌଦ୍ୱାରରେ ଏନ୍‌କାଉଣ୍ଟର: ଦୁର୍ଦ୍ଦାନ୍ତ ଅପରାଧୀ ଜିତୁ ଗୁରୁତର

ଚୌଦ୍ୱାର, ୧୩।୧୦(ଡି.ଏନ୍.ଏ.)

କଟକ ଜିଲା ଚୌଦ୍ୱାର ଅଞ୍ଚଳରେ ରବିବାର ସକାଳେ ପୋଲିସ-ଅପରାଧୀ ମୁହାଁମୁହିଁ ହୋଇଛନ୍ତି। ଚୌଦ୍ୱାର ପୋଲିସ ଓ ସ୍ପେଶାଲ ସ୍କ୍ୱାଡ ଏନ୍‌କାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ଚାଉଳିଆଗଞ୍ଜ ଥାନା ଅଧୀନ ଅପର୍ଣ୍ଣା ନଗରର ଅଜୟ ସାହୁ ଓରଫ ଜିତୁ (୨୮) ଗୁରୁତର ଆହତ ହୋଇଛନ୍ତି। ଜିତୁଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ନିକଟରୁ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ଗୋଟିଏ ମାଗାଜିନ, ଗୋଟିଏ ଗୁଳି ଓ ଏକ ବାଇକ୍ ଜବତ ହୋଇଛି। ଜିତୁଙ୍କ ପାଲଟା ଆକ୍ରମଣରେ ଚୌଦ୍ୱାର ଥାନା ଆଇଆଇସି ପଦ୍ମନାଭ ପ୍ରଧାନ, ଏସ୍ଆଇ ପାର୍ଥ ବେଉରା ଓ କନ୍‌ଷ୍ଟେବଳ ବିଶ୍ୱଜିତ ଦାସ ଆହତ ହୋଇଛନ୍ତି। ଜିତୁଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଊର୍ଦ୍ଧ୍ୱ ଅପରାଧିକ ମାମଲା ରହିଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୨୪ରେ ଚୌଦ୍ୱାର ଥାନା ଅଧୀନ ନୂଆପାଟଣା ବଜାର ଓ ମଧୁସୂଦନ ସେତୁ ମଧ୍ୟବର୍ତ୍ତୀ ରାସ୍ତାରେ ଦୁର୍ବୃତ୍ତମାନେ ଏକ କାରକୁ ଅଟକାଇ ଗୁଳିମାଡ଼ କରିଥିଲେ। ଗୁଳିମାଡ଼ରେ ଗୁରୁତର ହୋଇଥିବା ଢେଙ୍କାନାଳ ଟାଉନ ଜୟଗୋପାଳ ସାହିର ଲାଲା ଲଳିତ୍ ମୋହନ ସିଂଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଜିତୁ ଟାଙ୍ଗୀ-କପିଳାସ ରାସ୍ତାର ଗହଣା ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ ଫାର୍ମ ହାଉସ୍‌ରେ ଲୁଚିଥିବା ପୋଲିସ ଖବର ପାଇଥିଲା। ରବିବାର ସକାଳେ ଜିତୁ ପୋଲିସକୁ ଦେଖି ଏକ ନମ୍ବର ବିହୀନ ବାଇକରେ କପିଳାସ ପଟକୁ ଖସିଯିବାକୁ ଚେଷ୍ଟା କରିଥିଲେ। ପୋଲିସ ଟିମ୍ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଜିତୁ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାପରେ ପୋଲିସର ପାଲଟା ଗୁଳିରେ ଜିତୁ ବାଇକ୍‌ରୁ ଖସି ପଡ଼ିଥିଲେ। ସଙ୍ଗେସଙ୍ଗେ ପୋଲିସ ଟିମ୍ ତାଙ୍କୁ କାବୁ କରିନେଇଥିଲା।



ଅଜୟ ସାହୁ ଓରଫ ଜିତୁ।



ଜବତ ହୋଇଥିବା ବନ୍ଧୁକ, ଗୁଳି।



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

### କଣ୍ଟେନରରୁ ୨ଶହରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର ଘଟଣା
### ୨ ଟୋଲଗେଟ୍ କର୍ମଚାରୀ ଗିରଫ

**ରେମୁଣା,୧୩।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଶେରଗଡ଼ ନିକଟ ବିସିଇଟି କଲେଜ ସାମ୍ନାରେ ଶନିବାର ପୂର୍ବାହ୍ନରେ ଗୋ ସୁରକ୍ଷା ବାହିନୀ ସହାୟତାରେ ସ୍ଥାନୀୟ ଲୋକେ ୨ଟି ଗୋରୁ ବୋଝେଇ କଣ୍ଟେନରକୁ ଅଟକ ରଖିଥିଲେ। ଉକ୍ତ ଗାଡିରୁ ୨ଶହରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର କରାଯାଇଥିଲା। ଘଟଣାର ତଦନ୍ତ ପରେ କର୍ତ୍ତବ୍ୟ ଅବହେଳା ଅଭିଯୋଗରେ ରବିବାର ଶେରଗଡ଼ ଟୋଲଗେଟ୍‌ର ଜଣେ ସିକ୍ୟୁରିଟି ଅଫିସର ପଞ୍ଚାନନ ବେହେରା ଓ ଜଣେ ସିକ୍ୟୁରିଟି ଗାର୍ଡ଼ ଶଶୀକାନ୍ତ ନାୟକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଦୁଇଟି କଣ୍ଟେନର (ନଂ. ଓଆର୍ ୦୯କେ-୩୫୬୧ ଏବଂ ଓଆର୍‌୦୪ଏଚ୍-୦୯୯୩)ରେ ୨ ଶହରୁ ଉର୍ଦ୍ଧ୍ୱ ଗୋରୁ ଖୁନ୍ଦାଖୁନ୍ଦି ହୋଇ ଚାଲାଣ ହେଉଥିଲେ। ଲୋକମାନେ ଅଟକାଇବା ପରେ ଦୁଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ମାତ୍ର ଗୋରୁଙ୍କ ଉହାଡ଼ରେ ଲୁଚି ରହିଥିବା ୮ଜଣଙ୍କୁ ପୋଲିସ ଅଟକ ରଖିଥିଲା। କଣ୍ଟେନର ଆଗରେ ସୁରକ୍ଷା ଦେବା ଲାଗି ଆଗରେ ଚାଲିଥିବା ଏକ ବୋଲେରୋ (ନଂ. ଓଡ଼ି୦୨ଏସ୍-୦୩୧୫)କୁ ମଧ ଲୋକେ ଅଟକାଇଥିଲେ। ସେଥିରେ ଥିବା ଲୋକ ଖସିଯିବାକୁ ସକ୍ଷମ ହୋଇଥିବା ବେଳେ ବୋଲେରୋକୁ ପୋଲିସ ଜବତ କରିଥିଲା। ଏନେଇ ଖନ୍ତାପଡ଼ା ଥାନାରେ ମାମଲା (ନଂ. ୩୨୧/୧୯) ରୁଜୁ କରାଯାଇଥିଲା।

# ଏମ୍‌ସିଏଲ୍ ବିସ୍ଥାପିତଙ୍କ ସମସ୍ୟା : ୧୫ରେ ଆର୍‌ପିଡିସି ବୈଠକ

- ୨ବର୍ଷ ପରେ ହେବ ବୈଠକ
- ବୈଠକରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ ଦାବି

**ଝାରସୁଗୁଡ଼ା ଅଫିସ୍/ ଲଖନପୁର,୧୩।୧୦(ଡି.ଏନ୍.ଏ.)**

ମହାନଦୀ କୋଲଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ର ବହୁବିଧ ସମସ୍ୟା ନେଇ ୧୫ ତାରିଖରେ ଝାରସୁଗୁଡ଼ା ଡିଏମ୍‌ଏଫ୍ ସଭାଗୃହରେ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶ କମିଟି (ଆର୍‌ପିଡିଏସି) ବୈଠକ ହେବ। ବୈଠକ ୨୦୧୭ ଅଗଷ୍ଟ ୧୮ ତାରିଖରେ ହୋଇଥିଲା। ପୁଣି ୨ବର୍ଷ ବ୍ୟବଧାନରେ ବୈଠକ ହେବାକୁ ଯାଉଛି। ଏହା ଜାଣିବା ପରେ ଜନସାଧାରଣଙ୍କ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେବା ସହ ମନରେ ଆଶା ସଞ୍ଚାର ହୋଇଛି। ଏଥିମଧ୍ୟରେ ଏମ୍‌ସିଏଲ୍ ସମ୍ପର୍କିତ ବିସ୍ଥାପିତ, ଥଇଥାନ ଓ ପ୍ରଦୂଷଣ ଆଦି ସମସ୍ୟା ମୁଣ୍ଡ ଟେକିଛି। ଏହାର ସମାଧାନ ନେଇ ଆର୍‌ପିଡିଏସି ବୈଠକ ଏକ ମାଧ୍ୟମ ବୋଲି କୁହାଯାଉଛି। ଏଥିରେ ଲୋକଙ୍କ ବହୁବିଧ ସମସ୍ୟାକୁ ନେଇ ଜନପ୍ରତିନିଧିମାନେ କିଭଳି ଉପସ୍ଥାପନା କରୁଛନ୍ତି, ଏହାର ସମାଧାନ ଦିଗରେ ପ୍ରଶାସନ କିଭଳି ପଦକ୍ଷେପ ଗ୍ରହଣ କରୁଛି, ଲୋକଙ୍କୁ କିଭଳି ନ୍ୟାୟ ମିଳୁଛି ଏହା ଦେଖିବା ବାକି ରହିଛି। ମଙ୍ଗଳବାର ହେବାକୁ ଥିବା ଆର୍‌ପିଡିଏସି ବୈଠକରେ ବରଗଡ଼ ଏମ୍‌ପି, ବ୍ରଜରାଜନଗର ବିଧାୟକ, ଝାରସୁଗୁଡ଼ା ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷ, ଏସ୍‌ପି, ଉପଜିଲାପାଳ, ଏମ୍‌ସିଏଲ୍ ଡାଇରେକ୍ଟର୍ ପର୍ସନାଲ, ଲଖନପୁର, ଇବ୍‌ଭ୍ୟାଲି, ଓରିଏଣ୍ଟ ଏରିଆ ମହାପ୍ରବନ୍ଧକ, ଏସ୍‌ଏଚ୍‌ଜି ଗ୍ରୁପ, ଜନପ୍ରତିନିଧି, ପ୍ରଶାନିକ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତି ରହିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ କେତେକ କାର୍ଯ୍ୟସୂଚୀ ରହିଛି। ଏଥିମଧ୍ୟରେ ଗତ ଆର୍‌ପିଡିଏସି ବୈଠକର ପ୍ରୋସେଡିଂ ରିପୋର୍ଟ ବିବରଣୀ ପାଠ, ଆର୍‌ଆଣ୍ଡଆର୍ ସମ୍ପର୍କିତ କଟପ୍‌ଡେଟ୍, ନିଯୁକ୍ତି, ଜମିଅଧିଗ୍ରହଣ, ଅଭିଯୋଗପତ୍ର, ଆର୍‌ଆଣ୍ଡଆର୍ ପ୍ଲାନ୍ ଅନୁମୋଦନ ପ୍ରମୁଖ ରହିଛି।

ସୂଚନାଯୋଗ୍ୟ, ଏମ୍‌ସିଏଲ୍‌ର ଲଖନପୁର, ଇବ୍‌ଭ୍ୟାଲି, ଓରିଏଣ୍ଟ କୋଇଲା କ୍ଷେତ୍ର ଆଦି ରହିଛି। ଏହିସବୁ ଖଣି ସମ୍ପ୍ରସାରଣ ମଧ୍ୟରେ ବିଭିନ୍ନ ଗ୍ରାମ ପ୍ରଭାବିତ ଓ ବିସ୍ଥାପିତ ହୋଇଛି। ଏଥିମଧ୍ୟରେ ରହିଛି ଖଇରକୁନି, ଟିଙ୍ଗିସ୍‌ମାଲ୍, ଉବୁଡା, କୁଡାଲୋଇ, ଦର୍ଲିପାଲି, କେରୁଆଲବାହାଲ, ଛର୍ଲା, ଟିଙ୍ଗିଡିଗୁଡା ଆଦି ବହୁ ଗ୍ରାମ ରହିଛି। ଗ୍ରାମବାସୀ ନିଜ ହକ୍ ପାଇଁ ଦୀର୍ଘ ବର୍ଷ ହେଲା ଲଢେଇ ଜାରି ରଖିଛନ୍ତି। ଏନେଇ ଅନେକ ସମୟରେ ଲୋକେ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳୁଛି। ଏଥିରେ ଖଣି ସମ୍ପ୍ରସାରଣ କାର୍ଯ୍ୟ ପ୍ରଭାବିତ ହେବା ସହ କୋଇଲା ଉତ୍ତୋଳନ ବାଧାପ୍ରାପ୍ତ ହେଉଛି। ଏନେଇ କମ୍ପାନୀର ବ୍ୟାପକ କ୍ଷତି ହେବାରେ ଲାଗିଛି । ଫଳରେ କମ୍ପାନୀ ପାଇଁ ଏହା ମୁଣ୍ଡବିନ୍ଧାର କାରଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆର୍‌ପିଡିଏସି ବୈଠକ ଆହ୍ୱାନ କରାଯାଉଥିବା କୁହାଯାଉଛି। କମ୍ପାନୀ ଓ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆର୍‌ପିଡିଏସି ବୈଠକରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରି ସମସ୍ୟା ସମାଧାନ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି।



ରବିବାର କୁମାର ପୂର୍ଣ୍ଣମୀ ଅବସରରେ ପୁରୀ କ୍ଲବରେ ମହିଳା ପତଞ୍ଜଳି ପକ୍ଷରୁ କୁମାରୀ କନ୍ୟାମାନଙ୍କୁ ପୂଜା କରାଯାଉଛି।

## ଗଛରେ ପିଟିହୋଇ ବାଇକ ଚାଳକ ମୃତ

**ବଡ଼ସାହି,୧୩।୧୦(ସ୍ୱ.ପ୍ର)**

ବଡ଼ସାହି ଥାନା ଅଧୀନ ବାରିପଦା-ଉଦଳା ରାସ୍ତାର ହାତୀବନ୍ଧା ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ଗଛରେ ପିଟି ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ ରଘୁପୁର ଗ୍ରାମର ଦାସ ସିଂଙ୍କ ପୁଅ ଭଟା(୨୫) । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିନେଇ ଥାନାରେ ଏକ ମାମଲା (ନଂ.୧୩୫/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତି ୧୧ଟା ସମୟରେ ଯୁବକ ଜଣକ ନିଜ ଭଉଣୀ ଘର କମଳାଶୋଳ ଗ୍ରାମକୁ ବାଇକ (ନଂ.ଓଡ଼ି୦୧ଏଡି-୧୪୬୪)ରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

## ପାଣି ପମ୍ପ ଚୋରି ଘଟଣା: ୩ ଗିରଫ



ଗିରଫ ୩ ଯୁବକ।

**କିର୍ମିରା,୧୩।୧୦(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ଥାନା ବାଗଡିହି ଫାଣ୍ଡି ଅନ୍ତର୍ଗତ ମାଲିବେଡ୍ଡୁଁରା ଗ୍ରାମ ଜଳଯୋଗାଣ ପ୍ରକଳ୍ପରୁ ପାଣି ପମ୍ପ ଚୋରି ଘଟଣାରେ ଲଇକେରା ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାଲିବେଡ୍ଡୁଁରା ଗ୍ରାମର ସନ୍ତୋଷ ମାଝି, ଭୂୟାଁପଡାର ଶିବ ଅଗସ୍ତି ଏବଂ ଝାରମୁଣ୍ଡାର ଜଳନ୍ଧର ବାଗ। ସୂଚନାଯୋଗ୍ୟ, ୧୦ ତାରିଖ ରାତିରେ ମାଲିବେଡ୍ଡୁଁରା ଗ୍ରାମ ଜଳଯୋଗାଣ ପ୍ରକଳ୍ପରୁ ପାଣି ଚୋରି ହୋଇଯାଇଥିଲା। ଏନେଇ ବାଗଡିହି ଫାଣ୍ଡିରେ ଏକ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ବାଗଡିହି ଫାଣ୍ଡି ଅଧିକାରୀ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ପରେ ପୋଲିସ ସନ୍ତୋଷ, ଶିବ ଏବଂ ଜଳନ୍ଧରଙ୍କୁ ଗିରଫ କରି ଚୋରି ହୋଇଥିବା ୧.୫ ଏଚ୍‌ପି ସମରସେବୁଲ ପାଣି ପମ୍ପ ଜବତ କରିଥିଲା। ଚୋରି ଅଭିଯୋଗରେ ପୋଲିସ ୩ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଗିରଫ ୩ଜଣଙ୍କୁ ଜେଲ ହାଜତ ପଠାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ମୋଦିଙ୍କ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଅନୁଗାମୀ

**ନୂଆଦିଲ୍ଲୀ, ୧୩।୧୦**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଏମିତିକି ସୋସିଆଲ ମିଡିଆରେ ମଧ ମୋଦି ଅନୁଗାମୀଙ୍କ ସଂଖ୍ୟା ଢ଼େର୍ ଅଧିକ। ଟୁଇଟରରେ ମୋଦିଙ୍କ ଜବରଦସ୍ତ ଦଖଳ ପରେ ଏବେ ଇନ୍‌ଷ୍ଟାଗ୍ରାମରେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ୩୦ ଲକ୍ଷ ଟପିଛି। ବିଶ୍ୱର ବଡ଼ ବଡ଼ ନେତାଙ୍କୁ ସେ ପଛରେ ପକାଇ ଚମତ୍କାରିକା ଦେଖାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କୁ ମଧ ସେ ଇନ୍‌ଷ୍ଟାଗ୍ରାମରେ ପଛରେ ପକାଇ ଦେଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ଏତେ ସଂଖ୍ୟକ ଅନୁଗାମୀ ପାଇଥିବା ବିଶ୍ୱନେତାଙ୍କ ମଧରେ ମୋଦି ସର୍ବାଗ୍ରେ ଥିବା ଜଣାପଡ଼ିଛି। ଗତ ସେପ୍ଟେମ୍ବରରେ ମୋଦିଙ୍କ ଟୁଇଟର ଅନୁଗାମୀଙ୍କ ସଂଖ୍ୟା ୫୦ ନିୟୁତ ଟପିଥିଲା। ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରୁ ସେ ମାଇକ୍ରୋବ୍ଲଗିଂ ସାଇଟ୍‌କୁ ଅଧିକ ଗୁରୁତ୍ୱ ଦେଇଆସୁଛନ୍ତି। ଇନ୍‌ଷ୍ଟାଗ୍ରାମରେ ଫଟୋ ଓ ଭିଡିଓ ସେୟାର କରିବାରେ ତାଙ୍କର ଆଗ୍ରହ ବଢ଼ିବାରେ ଲାଗିଛି।

## ରାଜପୁର ବଏଲ ଯାତ୍ରା ସମ୍ପନ୍ନ

ବ୍ରଜରାଜନଗର, ୧୩।୧୦(ଡି.ଏନ.ଏ.)- ଝାରସୁଗୁଡ଼ା ଜିଲା ରାଜପୁର ଗ୍ରାମର ବଏଲ ଯାତ୍ରା ସମ୍ପନ୍ନ ହୋଇଯାଇଛି। ମା' ସମଲେଇଙ୍କ ସହ ପାର୍ଶ୍ୱ ଦେବୀଙ୍କୁ ପୂଜାର୍ଚ୍ଚନା ପରେ ବରୁଆଙ୍କ ଦେହରେ ମା'ଙ୍କ କାଳିଶି ସଞ୍ଚାର କରାଯାଇଥିଲା। ମା'ଙ୍କ ପୂଜକ ଦେହରେ କାଳିଶି ଆସିବା ହେବା ପରେ ଜମିଦାର ବଂଶଦମାନେ ମା'ଙ୍କୁ ଧରି ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏପରି କି ଗ୍ରାମ ଜମିଦାରଙ୍କ ଘରେ ମା'ଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବଳି ଦିଆ ଯାଇଥିଲା। ପରେ ମା'ଙ୍କ କାଳିଶି ଗ୍ରାମର ପ୍ରତ୍ୟେକ ସାହି ପରିକ୍ରମା କରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ମା'ଙ୍କ ଗ୍ରାମ ପରିକ୍ରମା ସମୟରେ ଶ୍ରଦ୍ଧାଳୁମାନେ ଅଧିଆ ପଡି ମନସ୍କାମନା ଜଣାଇଥିଲେ। ମଧ ରାତ୍ରିରେ ମା'ଙ୍କ ନିଶାର୍ଦ୍ଧ ପୂଜା ହୋଇଥିବା ପୂଜକ ପ୍ରଦୀପ ପାଢ଼ଯୋଶୀ ପ୍ରକାଶ କରିଛନ୍ତି। ଏହି ଯାତ୍ରା ୩ଶହ ବର୍ଷର ପୁରୁଣା। ତତ୍‌କାଳୀନ ଜମିଦାର ଡମ୍ବରୁଧର ସାଏ ବଏଲ ଯାତ୍ରା ଆରମ୍ଭ କରିଥିଲେ। ଯାହାକୁ ତାଙ୍କ ବଂଶଦ ପ୍ରମୋଦ ସାଏ, ସଂଗ୍ରାମ ସାଏ ପ୍ରମୁଖ ବଞ୍ଚାଇ ରଖିଛନ୍ତି । ଯାତ୍ରାରେ ମା'ଙ୍କ ପାଖରେ ପୋଡ଼ ବଳି ସହ ବୋଦା ବଳି ଦିଆଯାଇଥାଏ।

## ମାରଣାସ୍ତ୍ର ଦେଖାଇ ଯାତ୍ରୀବାହୀ ବସ୍‌ରୁ ଲୁଟ୍
### ୪ଜଣଙ୍କ ନାମରେ ଅଭିଯୋଗ, ଜଣେ ଗିରଫ

**ସଜନାଗଡ଼, ୧୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ୧୯ନଂ. ରାଜ୍ୟ ରଜପଥ ସଜନାଗଡ଼ ନିକଟ ଜାମୁଡ଼ିହି ସାହି ଛକ ନିକଟରେ ଶନିବାର ରାତିରେ କେତେକ ଦୁର୍ବୃତ୍ତ ଆସି ଏକ ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ମାଡ଼ ମାରି ୧୦ହଜାର ଟଙ୍କା ଲୁଟି ନେଇଥିଲେ। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

ରାତି ପ୍ରାୟ ୧୧ଟା ବେଳେ ବିଜୟ ନାମକ ଏକ ଘରୋଇ ବସ୍ (ନଂ. ଓଡ଼ି୦୫ଇ-୯୧୯୨) ମୟୂରଭଞ୍ଜ ଜିଲା ଶରତ ଅଞ୍ଚଳରୁ ଭୁବନେଶ୍ୱର ଯାଉଥିଲା। ୧୯ନଂ. ରାଜ୍ୟ ରାଜପଥ ସଜନାଗଡ଼ ଜାମୁଡ଼ିହି ସାହି ଛକଠାରେ ପହଞ୍ଚିବା ବେଳକୁ ହଠାତ୍ ୩ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ଆସି ବସ୍‌କୁ ଅଟକାଇଥିଲେ। ବସ୍‌ର କଣ୍ଡକ୍ଟର କପ୍ତିପଦା ଅଞ୍ଚଳର ଗୋବିନ୍ଦ ଚନ୍ଦ୍ର ବେହେରା, ଡ୍ରାଇଭର ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଏରତାଳ ଗାଁର ଗିରିଜା ଶଙ୍କର ପଣ୍ଡାଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରିବା ସହ ମାରଣାସ୍ତ୍ର ଦେଖାଇ ନଗଦ ୧୦ହଜାର ଟଙ୍କା ଲୁଟି ନେଇଥିଲେ। ବସ୍ ଭିତରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ନୀଳଗିରି ପୋଲିସ ପହଞ୍ଚି ରାତିତମାମ୍ ତଦନ୍ତ ଜାରି ରଖିଥିଲେ। ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ତୁଷାରକାନ୍ତ ଜେନା ନୀଳଗିରି ଆସି ତଦନ୍ତ କରିଛନ୍ତି। ନୀଳଗିରି ଥାନା ଗୋଡ଼ିଶୂଳ ଗ୍ରାମର ଲମ୍ବୋଦର ବିଶ୍ୱାଳ, ବାଉଁଶନାଳ ଗ୍ରାମର ବିଜୁ ମହାକୁଡ଼, ବଡ଼ବିଲ ଗ୍ରାମର ଜପୁରା ସିଂହ ଏବଂ ସଜନାଗଡ଼ ଗ୍ରାମର ମାଧିଆ ବାଗ ଏହି ଘଟଣାରେ ସମ୍ପୃକ୍ତ ଥିବା ବସ୍ କଣ୍ଡକ୍ଟର ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଏନେଇ ମାମଲା (ନଂ.୨୫୬/୧୯) ରୁଜୁ କରାଯାଇଥିଲା। ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଲମ୍ବୋଦରଙ୍କୁ ନୀଳଗିରି ବଜାରରୁ ପୋଲିସ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ବାସୁଦେବ ଜୟସିଂ କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ନଳିତା ମୋଦି ସୂଚନା ଦେଇଛନ୍ତି।

### ବ୍ରହ୍ମପୁର, ଗଞ୍ଜାମ ପୋଲିସ ଜିଲା
## ବିଭିନ୍ନ ସ୍ଥାନରୁ ୨୫୯ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ/ଛତ୍ରପୁର, ୧୩।୧୦**

ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଶନିବାର ରାତିରେ ଚଢାଉ କରାଯାଇ ୨୫୯ ଜଣ ଜୁଆଡିଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁର ପୋଲିସ ଜିଲାରେ ୭ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୯୩ ଜୁଆଡ଼ି ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୪ ଲକ୍ଷ ୨୪ ହଜାର ୨୧୫ ଟଙ୍କା ଜବତ ହୋଇଛି। ଏପରିକି ୨୪ ମୋବାଇଲ ଫୋନ ଓ ୪ ବାଇକ୍ ଜବତ ହୋଇଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର ରବିବାର ସୂଚନା ଦେଇଛନ୍ତି। ଶନିବାର ରାତିରେ ବଡବଜାର ଥାନା ପୋଲିସ ୨ ଜୁଆ ଆଡ୍ଡାରେ ଚଢାଉ କରି ୨୬ ଜୁଆଡ଼ିଙ୍କୁ ଗିରଫ କରିବା ସହ ୧,୨୧,୭୬୫ ଟଙ୍କା ଓ ୧୬ ମୋବାଇଲ ଫୋନ ଜବତ କରିଛି। ସେହିପରି ଟାଉନ ଥାନା ପୋଲିସ ୨ ଜୁଆ ଆଡ୍ଡାରୁ ୨୨ ଜଣ ଜୁଆଡ଼ିଙ୍କୁ ଧରିବା ସହ ୫୨, ୫୨୦ ଟଙ୍କା ଜବତ କରିଛି। ଗୋଷାଣୀନୂଆଗାଁ ଥାନା ପୋଲିସ ଗୋଟିଏ ଜୁଆ ଅଡ୍ଡାରେ ଚଢାଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରିବା ସହ ୭୦, ୬୭୦ ଟଙ୍କା, ୮ ମୋବାଇଲ ଫୋନ ୪ ବାଇକ୍ ଜବତ କରିଛି। ଗୋଳନ୍ଥରା ଥାନା ପୋଲିସ ୨ଜୁଆ ଆଡ୍ଡାରେ ଚଢାଉ କରି ୮ ଜୁଆଡ଼ିଙ୍କୁ ଗିରଫ କରିଛି। ଏପରିକି ଘଟଣା ସ୍ଥଳରୁ ୨୧,୨୦୦ ଟଙ୍କା ଜବତ କରିଛି। ସେହିପରି କେ. ନୂଆଗାଁ ପୋଲିସ ୩ ଜୁଆ ଆଡ୍ଡାରେ ଚଢାଉ କରି ୯ ଜୁଆଡ଼ିଙ୍କୁ ଗିରଫ କରିବା ସହ ୧୮,୨୬୦ ଟଙ୍କା ଜବତ କରିଛି। ଦିଗପହଣ୍ଡି ଥାନା ପୋଲିସ ୩ ଜୁଆ ଆଡ୍ଡାରେ ଚଢାଉ କରି ୧୫ ଜୁଆଡ଼ିଙ୍କୁ ଗିରଫ କରିବା ସହ ୩୮,୧୦୦ ଟଙ୍କା ଜବତ କରିଛି। ସେହିପରି ଜରଡ଼ା ଥାନା ପୋଲିସ ଗୋଟିଏ ଜୁଆ ଆଡ୍ଡାରେ ଚଢାଉ କରି ୩ ଜୁଆଡ଼ିଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୧,୦୧,୭୦୦ ଟଙ୍କା ଓ ଖେଳ ପ୍ରସ୍ତୁତି ସରଞ୍ଜାମ ମଧ ଜବତ କରିଛି। ଗିରଫ ହୋଇଥିବା ସମସ୍ତ ୯୩ ଜୁଆଡ଼ିଙ୍କୁ ୧୪ ମାମଲାରେ ରବିବାର କୋର୍ଟ ଚାଲାଣ କରାଯାଇଛି । ସେହିପରି ଗଞ୍ଜାମ ପୋଲିସ ଜିଲ୍ଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଶନିବାର ରାତିରେ ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଛି। ସେଠାରୁ ମୋଟ ୧୬୬ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ଏମାନଙ୍କ ଠାରୁ ୪ ଲକ୍ଷ ୭୯ ହଜାର ୮୮୧ ଟଙ୍କା ଜବତ ହୋଇଛି। ଏନେଇ ୩୨ ମାମଲା ରୁଜୁ ହୋଇଛି।

## ମା'ଗଜଲକ୍ଷ୍ମୀ ପୂଜା ଆରମ୍ଭ



ମା'ଗଜଲକ୍ଷ୍ମୀ ପୂଜା ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା।

**କିର୍ମିରା,୧୩।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ଏବଂ ଅର୍ଡା ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି । ଶନିବାର କଳସ ଶୋଭାଯାତ୍ରା ବାହାରି ସ୍ଥାନୀୟ ପୋଖରୀରୁ କଳସରେ ପାଣି ଆଣି ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ରବିବାର ଘଟସ୍ଥାପନ ସହ ମା' ଗଜଲକ୍ଷ୍ମୀଙ୍କ ପୂଜାବିଧି ହୋଇଛି। ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଅର୍ଡା, କିର୍ମିରା ଉତ୍ସବ ମୁଖର ହୋଇଉଠିଛି।

## ପାଥୋଲାବ୍‌ରେ ଯୁବତୀଙ୍କୁ ଅସଦାଚରଣ

**ବୈଶିଙ୍ଗା/ବଡ଼ସାହି, ୧୩।୧୦(ଡି.ଏନ୍.ଏ./ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ବଜାରଠାରେ ଥିବା ଏକ ପାଥୋଲୋଜି ସେଣ୍ଟରକୁ ରବିବାର ରକ୍ତ ପରୀକ୍ଷା କରିବା ପାଇଁ ଆସିଥିବା ଜନୈକା ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଏକ ଘରେ ବନ୍ଦ କରି ମାଡ଼ ମାରିଥିଲେ। ଖବରପାଇ ପୋଲିସ ଘଟଣାର ତଦନ୍ତ କରିବା ସହିତ ପାଥୋଲାବ ମାଲିକ ବିଦ୍ୟାଧର ପ୍ରଧାନଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ବଡ଼ସାହି ଥାନା ଅଞ୍ଚଳର ଉକ୍ତ ଯୁବତୀ ମାଣତ୍ରୀ ବଜାରସ୍ଥିତ ପ୍ରଧାନ ହେଲ୍‌ଥ କେୟାର ନାମକ ପାଥୋଲୋଜି ସେଣ୍ଟରକୁ ରକ୍ତ ପରୀକ୍ଷା ପାଇଁ ଆସିଥିଲେ। ତାଙ୍କୁ ଏକୁଟିଆ ଦେଖି ପାଥୋଲୋଜି ମାଲିକ ବିଦ୍ୟାଧର ଅସଦାଚରଣ କରିଥିଲେ। ଯୁବତୀ ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ବିଦ୍ୟାଧରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିନେଇ ମାଣତ୍ରୀ ବଜାର ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ବଜାର ମଧ୍ୟରେ ଥିବା ଇନ୍ଦିରା ଗାନ୍ଧୀ ମୂର୍ତ୍ତି ତଳେ ତାଙ୍କୁ ଆଣ୍ଠେଇ ଦେଇଥିଲେ। ମାଡ଼ ଖାଉଥିବା ସମୟରେ ବିଦ୍ୟାଧର ନିଜ ଭୁଲ ସ୍ୱୀକାର କରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଜଣାପଡିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମାଣତ୍ରୀ ଫାଣ୍ଡି ଅଧିକାରୀ ନିର୍ମଳ କୁମାର ପୃଷ୍ଟି କହିଛନ୍ତି। ଏଥିନେଇ ବୈଶିଙ୍ଗା ଥାନାରେ ଏକ ମାମଲା (ନଂ.୨୦୮/୧୯) ରୁଜୁ ହୋଇଛି।

### ଓପିଜିସିରେ କୋଇଲା ସଙ୍କଟ ପ୍ରସଙ୍ଗ
## କୋଇଲା ଯୋଗାଣ ବୃଦ୍ଧି ଲାଗି ତ୍ରିପାକ୍ଷିକ ବୈଠକ

- ଓପିଜିସିର ୨ୟ ୟୁନିଟ୍ ବନ୍ଦ ହେବ
- ପର୍ଯ୍ୟାୟ କ୍ରମେ କୋଇଲା ଯୋଗାଣ ବୃଦ୍ଧି

**ଝାରସୁଗୁଡ଼ା ଅଫିସ୍/ ଲଖନପୁର, ୧୩।୧୦(ଡି.ଏନ୍.ଏ.)**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲିସ୍ଥିତି ଇବ୍‌ଥର୍ମାଲ ପ୍ରକଳ୍ପରେ ମାସେ ହେଲା କଞ୍ଚାମାଲ କୋଇଲା ସଙ୍କଟ ଦେଖାଦେଇଛି। ଆବଶ୍ୟକତାରୁ କମ୍ କୋଇଲା ଯୋଗାଣ ହେବାରୁ ଏଭଳି ସ୍ଥିତି ଉପୁଜିଛି। ଫଳରେ ଓପିଜିସି କର୍ତ୍ତୃପକ୍ଷ ୨ୟ ୟୁନିଟ୍ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରଭାବରେ ରାଜ୍ୟରେ ବିଦ୍ୟୁତ୍ ସଙ୍କଟ ଦେଖାଦେବା ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଶକ୍ତି ବିଭାଗ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଅଧିକ କଞ୍ଚାମାଲ କୋଇଲା ଯୋଗାଇବା ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ଅନୁରୋଧ କ୍ରମେ ଏମ୍‌ସିଏଲ୍ କୋଇଲା ଯୋଗାଣରେ ବୃଦ୍ଧି ହୋଇଥିଲା। ହେଲେ ଆଶାନୁରୂପକ କୋଇଲା ଯୋଗାଣ ହୋଇପାରି ନ ଥିଲା। ଫଳରେ ଓପିଜିସିରେ କୋଇଲା ସଙ୍କଟ ଟଳି ନ ଥିଲା। ଏନେଇ ଶକ୍ତି ବିଭାଗ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧା ବଢିଯାଇଛି। ଏଭଳି ସ୍ଥିତିରେ ଜିଲାପାଳ ସରୋଜ ସାମଲ ଏକ ତ୍ରିପାକ୍ଷିକ ବୈଠକ ଆହ୍ୱାନ କରିଥିଲେ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡ଼ା ଡିଏମ୍‌ଏଫ୍ ସଭାଗୃହରେ ରବିବାର ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା।



ଓପିଜିସିର ବନହରପାଲି ସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପ।

ଏଥିରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସାମଲ, ଏମ୍‌ସିଏଲ୍ ପକ୍ଷରୁ ନିର୍ଦ୍ଦେଶକ(ଟେକ୍ନିକାଲ୍)ଓ.ପି. ସିଂହ, ଜିଏମ୍(ମାର୍କେଟିଂ)ଏ.କେ. ଗୁପ୍ତା, ଲଖନପୁର କ୍ଷେତ୍ର ଜିଏମ୍ ଅନିଲ କୁମାର ସିଂହ, ଓପିଜିସି ପକ୍ଷରୁ ନିର୍ଦ୍ଦେଶକ(ଅପରେଶନ୍) ଆଲୋକ ମୁଖାର୍ଜୀ, ସୁକାନ୍ତ ମହାପାତ୍ର ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଓପିଜିସି ପକ୍ଷରୁ କୁହାଯାଇଥିଲା ଯେ, ପ୍ରକଳ୍ପର ୪ଟି ୟୁନିଟ୍ ପାଇଁ ଦୈନିକ ୨୪ହଜାର ମେଟ୍ରିକ୍ ଟନ୍ କଞ୍ଚାମାଲ କୋଇଲା ଆବଶ୍ୟକତା ପଡୁଛି। ଏମ୍‌ସିଏଲ୍ ପକ୍ଷରୁ ୨୪ହଜାର ମେଟ୍ରିକ୍ ଟନ୍ ସ୍ଥାନରେ ୧୪ହଜାର ମେଟ୍ରିକ୍ ଟନ୍ କୋଇଲା ଯୋଗାଣ କରାଯାଉଛି । ପ୍ରତିଦିନ ୧୦ହଜାର ମେଟ୍ରିକ୍ ଟନ୍ କୋଇଲା କମ୍ ଆସୁଛି। ଏନେଇ ଜରୁରି କାଳୀନ ଗଚ୍ଛିତ କୋଇଲା ଶେଷ ହେବାରେ ଲାଗିଛି। ଏଥିରେ ଏମ୍‌ସିଏଲ୍ ପରିବର୍ତ୍ତନ କରି ପର୍ଯ୍ୟାୟ କ୍ରମେ କୋଇଲା ଯୋଗାଣ ବୃଦ୍ଧି କରିବା ପାଇଁ ବୈଠକରେ ପ୍ରତିଶ୍ରୁତି ଦେଇଛି। ପ୍ରଥମ ଦିନରେ ୧୮ ହଜାର ମେଟ୍ରିକ୍ ଟନ୍, ଦ୍ୱିତୀୟ ଦିନରେ ୨୦ହଜାର ମେଟ୍ରିକ୍ ଟନ୍ ବୃଦ୍ଧି କରି ଓପିଜିସିର ଆବଶ୍ୟକତା କୋଇଲା ପୂରଣ କରିବ । ଏମ୍‌ସିଏଲ୍‌ରେ ବିସ୍ଥାପିତଙ୍କ ସମସ୍ୟା ଯୋଗୁ ଆଶାନୁରୂପକ କୋଇଲା ଉତ୍ତୋଳନ ହୋଇପାରୁ ନାହିଁ। ଫଳରେ କୋଇଲା ଯୋଗାଣରେ ସମସ୍ୟା ସୃଷ୍ଟି ହେଉଛି। ମଙ୍ଗଳବାର ଏମ୍‌ସିଏଲ୍‌ର ଆର୍‌ପିଡିଏସି ବୈଠକ ରହିଛି । ଏଥିରେ ବିସ୍ଥାପିତଙ୍କ ସମସ୍ୟା ସମାଧାନ ହେଲେ ଖଣି ସମ୍ପ୍ରସାରଣ କାମ ଆଗେଇ ପାରିବ। ଓପିଜିସିକୁ ଆବଶ୍ୟକତା କୋଇଲା ଯୋଗାଣ ପାଇଁ ଏମ୍‌ସିଏଲ୍‌କୁ ଆଉ କୌଣସି ଅସୁବିଧା ହେବ ନାହିଁ ବୋଲି ଜିଲାପାଳ ସାମଲ କହିଛନ୍ତି। ଏନେଇ ଓପିଜିସିର ଲୋକ ସମ୍ପର୍କ ଅଧିକାରୀ ଦିଲୀପ କୁମାର ପଣ୍ଡା କହିଛନ୍ତି, ପ୍ରକଳ୍ପରୁ ଗଚ୍ଛିତ କୋଇଲା ଶେଷ ହୋଇଯାଇଛି। ଏମ୍‌ସିଏଲ୍ କୋଇଲା ଯୋଗାଣରେ ବୃଦ୍ଧି କଲେ ମଧ୍ୟ ୪ଟି ୟୁନିଟ୍ ଚଳାଇବା ପାଇଁ କୋଇଲା ଯଥେଷ୍ଟ ହେବ ନାହିଁ। ପୂର୍ବ ନିଷ୍ପତି ଅନୁଯାୟୀ ୨ୟ ୟୁନିଟ୍‌କୁ ରବିବାର ମଧ୍ୟ ରାତିରୁ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବିଜେପୁର ଉପନିର୍ବାଚନ ବିଜେଡିକୁ ବାହ୍ୟ ସମର୍ଥନ ଦେବେ ଅଶୋକ



**ବରଗଡ଼ ଅଫିସ୍, ୧୩।୧୦:** ୨୦୧୮ ବିଜେପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା ଅଶୋକ ପାଣିଗ୍ରାହୀ ଚଳିତଥର ବିଜେଡ଼ିକୁ ବାହ୍ୟ ସମର୍ଥନ ଦେବେ। ରବିବାର ଭୁବନେଶ୍ୱରରରୁ ଫେରି ବରପାଲିରେ ଅଶୋକ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ହେଲେ ବିଜେଡିକୁ ଦେଉଥିବା ସମର୍ଥନ ନିର୍ବାଚନ ଯାଏ ସୀମିତ ରହିବ। ଅଶୋକ ନିଜେ ବର୍ତ୍ତମାନ ପାଇଁ ବିଜେଡ଼ିରେ ସାମିଲ ହେବେ ନାହିଁ କି ବିଜେଡି ଦ୍ୱାରା ହେଉଥିବା ପ୍ରଚାରରେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ନିଜର ଏହି ନିଷ୍ପତ୍ତି ବିଷୟରେ ଅଶୋକ କୁହନ୍ତି ଯେ, ମୁଁ ଏକଛତ୍ରବାଦୀ ନୁହେଁ । ମୁଁ ମୋର ନିଷ୍ପତ୍ତି କର୍ମୀଙ୍କ ଉପରେ ଲଦି ଦେଇନାହିଁ । କର୍ମୀମାନେ ନିଜ ନିଜ ମଧ୍ୟରେ ଆଲୋଚନା କରି ବିଜେଡିକୁ ବାହ୍ୟ ସମର୍ଥନ ନିଷ୍ପତ୍ତି ନେଇଛନ୍ତି । ପୂର୍ବଭଳି ଅଶୋକ ଭାଜପାରେ ଅଣଦେଖା ହେଉଥିବା କଥା ଦୋହରାଇଛନ୍ତି। ଭାଜପାରେ ମିଶିବା ତାଙ୍କର ଏକ ଭୁଲ ନିଷ୍ପତ୍ତି ଥିଲା ବୋଲି ଅଶୋକ କହିଛନ୍ତି। ୨୦୧୮ ଉପନିର୍ବାଚନରେ ଭାଜପା ତାଙ୍କୁ ବ୍ୟବହାର କରିଥିଲା। ହେଲେ ଏହାର ଠିକ୍ ବର୍ଷକ ପରେ ହୋଇଥିବା ସାଧାରଣ ନିର୍ବାଚନରେ ତାଙ୍କୁ ଅଣଦେଖା କରାଯାଇଥିଲା । ଦଳୀୟ ପ୍ରାର୍ଥିତ୍ୱ ସମ୍ପର୍କରେ ତାଙ୍କର ସାମାନ୍ୟତମ ମତାମତ ନିଆଯାଇ ନ ଥିବା ଅଶୋକ ଅଭିଯୋଗ କରିଛନ୍ତି । କିଛିଦିନ ତଳେ ଅସନ୍ତୁଷ୍ଟ ଥିଲେ ବି ଦଳ ଛାଡ଼ିବେ ନାହିଁ ବୋଲି ଅଶୋକ ସ୍ପଷ୍ଟ କରିଥିଲେ । ହେଲେ ଶନିବାର ଭାଜପା ଛାଡ଼ି ରବିବାର ବିଜେଡିକୁ ସମର୍ଥନ ଘୋଷଣା କରିଛନ୍ତି । ତେଣୁ ଆଗାମୀ ଦିନରେ ଅଶୋକଙ୍କ ବିଜେଡି ବାହୁଡ଼ା ଅପ୍ରତ୍ୟାଶିତ ହେବ ନାହିଁ ବୋଲି ରାଜନୀତି ସମୀକ୍ଷକମାନେ କହିଛନ୍ତି ।

### ନଦୀରେ ଡଙ୍ଗା ବୁଡ଼ି ୩ ନିଖୋଜ ଘଟଣା
### ୩ ଦିନ ପରେ ଉଦ୍ଧାର ହେଲା ମୃତଦେହ

**ପଡିଆ, ୧୩।୧୦(ଡି.ଏନ.ଏ.):** ମାଲକାନଗିରି ଜିଲା ପଡିଆ ଥାନା ଅନ୍ତର୍ଗତ ତେଗେଡାପାଲିର ନିଲିଗୁଡା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ନଦୀ ପାର ହେଉଥିବା ବେଳେ ଡଙ୍ଗା ବୁଡିଯିବାରୁ ଡଙ୍ଗାଚାଳକଙ୍କ ସହ ୨ ଭଉଣୀ ମଞ୍ଜୁ କବାସି(୧୮) ଓ ମନିକା କବାସି(୧୪) ନିଖୋଜ ହୋଇ ଯାଇଥିଲେ। ଏହି ଘଟଣାରେ ୩ଦିନ ଧରି ନିଖୋଜଙ୍କୁ ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର କୁମାର ସିଂଙ୍କ ନେତୃତ୍ୱରେ ଦମକଳ ବାହିନୀ କର୍ମଚାରୀ, ପୋଲିସ ଓ ଗ୍ରାମବାସୀ ଖୋଜାଖୋଜି କରୁଥିଲେ। ରବିବାର ସମସ୍ତଙ୍କ ମୃତଦେହ ଉଦ୍ଧାର ହୋଇଛି। ଉଦ୍ଧାର ପରେ ଡଙ୍ଗା ଚାଳକଙ୍କ ପରିଚୟ ମଧ ମିଳିଛି। ସେ ହେଲେ ଇର୍ମା ପଡିଆମିଙ୍କ ପୁଅ ରାଜୁ ପଡିଆମି। ରାଜା କବାସିଙ୍କ ୨ ଝିଅ ମଞ୍ଜୁ ଓ ମନିକା ଶୁକ୍ରବାର ନଦୀ ଆରପାର୍ଶ୍ୱରେ ଥିବା ଛତିଶଗଡର କେରଲାପାଲି ଗ୍ରାମକୁ ଯାଇ ଫେରୁଥିବାବେଳେ ଡଙ୍ଗା ବୁଡି ଯାଇଥିଲା।

# ନିର୍ବାଚନ ନିୟମିତ, ସମସ୍ୟା ସ୍ଥିର




୧୮ ମାସର ଅବଧି ମଧ୍ୟରେ ତୃତୀୟଥର ନିର୍ବାଚନ ଦେଖୁଛି ବିଜେପୁର । ଭୋଟ୍ ଆସିଲେ ଗାଁ, ପଡ଼ାକୁ ନେତାମାନଙ୍କର ସୁଅ ଛୁଟେ । ଭୋଟ୍ ହାତେଇବା ପାଇଁ ଶାସକ-ବିରୋଧୀ ପ୍ରତିଶ୍ରୁତିର ପାହାଡ଼ ଲୋକମାନଙ୍କ ସମ୍ମୁଖରେ ରଖିଥାନ୍ତି। ହେଲେ ସେହି ପ୍ରତିଶ୍ରୁତି ଯଦି ପରବର୍ତ୍ତୀ ସମୟରେ ପୂରଣ ନ ହୁଏ, ତେବେ ଜନଗଣଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୁଏ। ବିଜେପୁର ଉପନିର୍ବାଚନରେ ପୂର୍ବ ପ୍ରତିଶ୍ରୁତିକୁ ନେଇ ଏଭଳି କିଛି ଅସନ୍ତୋଷ ଦେଖିବାକୁ ମିଳିଛି । ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ), କାଳିଆ ଯୋଜନା ଇତ୍ୟାଦିରେ ହିତାଧିକାରୀ ଚୟନ ନେଇ ଅସନ୍ତୋଷ ରହିଥିବା ଜଣାପଡ଼ିଛି। ପାଇଖାନା ନିର୍ମାଣ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟରେ ଜମା ହୋଇ ନ ଥିବା ବନ୍ଧପାଲି ଓ ଏହାର ଆଖପାଖ ଅଞ୍ଚଳର ଭୋଟର ଅଭିଯୋଗ କରିଥିଲେ। ଅଭିଯୋଗ ଅନେକ ଥିଲେ ବି ଶାସକ ଦଳ ପ୍ରତି ଏତେଟା ରୋଷ ପରିଲକ୍ଷିତ ହେଉନାହିଁ । ଅନୁରୂପ ଭାବେ ପୂରଣ ହୋଇ ନ ଥିବା ପ୍ରତିଶ୍ରୁତିକୁ ନେଇ ଯେଉଁ ଦୃଢ଼ ବିରୋଧୀ ଭୂମିକା ରହିବା କଥା, ସେଥିରେ ମଧ୍ୟ ଅଭାବ ପରିଲକ୍ଷିତ ହେଉଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଥିବା ବେଳେ ସାଧାରଣ ଭୋଟର ମଧ ସେମାନଙ୍କ ମତ ରଖିଛନ୍ତି ।

## ପ୍ରଚାର ସଭାରେ ଆଣିଲେ ଅଭିଯୋଗ


ପ୍ରଭାସିନୀ ପ୍ରଧାନ ।

ବରପାଲି ବ୍ଲକ ଅନ୍ତର୍ଗତ ଖେମେସରା ପଞ୍ଚାୟତ। ରବିବାର ଅପରାହ୍ନରେ ବିଜେଡ଼ି ପ୍ରାର୍ଥିନୀ ରୀତା ସାହୁ ରୋଡ୍ ଶୋ କରି ପହଞ୍ଚିନ୍ତି ଗାଁ ମନ୍ଦିର ନିକଟସ୍ଥ ପ୍ରାଙ୍ଗଣରେ। ସେଠାରେ ଆୟୋଜିତ ନିର୍ବାଚନୀ ସଭାରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ମନ୍ତ୍ରୀ ଟୁକୁନି ସାହୁ ଏବଂ ପୂର୍ବତନ ଏମପି ପ୍ରଭାସ ସିଂ ଦଳୀୟ ପ୍ରାର୍ଥିନୀଙ୍କୁ ବିଜୟୀ କରିବା ପାଇଁ ମତ ରଖନ୍ତି। ପ୍ରାର୍ଥିନୀ ରୀତା ସାହୁ କିଛି କହିବା ପୂର୍ବରୁ ମାଇକ୍ ଧରି ଛିଡ଼ା ହୁଅନ୍ତି ପ୍ରଭାସିନୀ ପ୍ରଧାନ ଏବଂ ସେ ସମୟରେ ମନ୍ତ୍ରୀ ଛୁରିଆ ଦେଇଥିବା ପ୍ରତିଶ୍ରୁତିକୁ ମନେ ପକାଇ ଦେଇଥିଲେ । ଯାହା ଏପର୍ଯ୍ୟନ୍ତ ପୂରଣ ହୋଇ ନାହିଁ। ପ୍ରଭାସିନୀ କହିଥିଲେ ଯେ, ପୂର୍ବ ଉପନିର୍ବାଚନ ସମୟରେ ସ୍ଥାନୀୟ ଅଞ୍ଚଳର ସ୍କୁଲ ଘର ଭାଙ୍ଗି ଯାଇଥିଲା । ସେସବୁର ଫଟୋ ତତ୍କାଳୀନ ମନ୍ତ୍ରୀଙ୍କୁ ଦେଖାଇଥିଲି। ମନ୍ତ୍ରୀ ମଧ୍ୟ ଖୁବଶୀଘ୍ର ସେସବୁର ସମାଧାନ ହେବ ବୋଲି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିଲେ । ହେଲେ ସାଧାରଣ ନିର୍ବାଚନ ଯାଇ ଆଉ ଏକ ନିର୍ବାଚନ ଆସିଲାଣି, ମାତ୍ର ସେ ଦାବି ପୂରଣ ହୋଇପାରିନାହିଁ। ଆମେ ଆମ ଅଞ୍ଚଳ ଓ ପିଲାଛୁଆଙ୍କ କଥା ଚିନ୍ତା କରିବୁ। ବାହାରେ ଯେଉଁ ଜାଗାରେ ଯେଉଁ କାମ ହେଲେ ଆମର କୌଣସି ଆପତ୍ତି ନାହିଁ । ଦଳ ପ୍ରତି ମଧ୍ୟ ରୋଷ ନାହିଁ । ତେଣୁ ବାକିଥିବା କାମ ଶୀଘ୍ର କରାଯାଉ ବୋଲି ସାଧାରଣ ସଭାରେ ପ୍ରଭାସିନୀ ଦାବି କରିଥିଲେ । ଏହି ଘଟଣା ପରେ ବିଜେଡ଼ି ପ୍ରାର୍ଥିନୀ ରୀତା ସାହୁ କହିଥିଲେ ଯେ, ପୂର୍ବରୁ କିଛି ଟଙ୍କା ଅନୁମୋଦନ ହୋଇଛି। ନିକଟରେ ୩ଲକ୍ଷ ଟଙ୍କାର ଅନୁଦାନ ବ୍ୟବସ୍ଥା କରାଯାଇଛି । ନିର୍ବାଚନ ଆଚରଣ ବିଧି ଲାଗିଛି । ଏହା ସରିଲେ କାମ ତୁରନ୍ତ ଆରମ୍ଭ ହୋଇ ସମାପ୍ତ ହେବ। ପ୍ରଭାସିନୀଙ୍କ ଏହି କେଇପଦ କଥା ଅନ୍ୟମାନଙ୍କୁ ମଧ୍ୟ ଉତ୍ସାହିତ କରିଥିବା ଦେଖିବାକୁ ମିଳିଥିଲା ।

## ଏମାନେ କୁହନ୍ତି...


କେଶବ ବିଶି


ପରିତୋଷ ସାହୁ


ସଦାନନ୍ଦ ପୂଜାରୀ


ଅଲେଖ ପ୍ରଧାନ

■ଖେମେସରା ରାଞ୍ଜି ନଦୀରେ ନୂଆ ବ୍ରିଜ ଦରକାର। କଲେଜ ଯିବାକୁ ବହୁତ ଅସୁବିଧା ହେଉଛି । ସତଲମାରୁ ଖେମେସରା, ବାରଗୁଡ଼ା, ହଳଦୀପାଲି, ଟିଙ୍ଗିପାଲିକୁ ଯୋଗାଯୋଗ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି ।

–କେଶବ ବିଶି

■ଏଠାକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଏବେ ଏଠାରେ ସ୍ତ୍ରୀ ଓ ପ୍ରସୂତୀ ଏବଂ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏଥିରୁ ଏଠାରେ ଅଞ୍ଚଳବାସୀଙ୍କୁ କିଭଳି ସ୍ୱାସ୍ଥ୍ୟସେବା ମିଳୁଥିବ ତାହା ସହଜରେ ଅନୁମେୟ। –ପରିତୋଷ ସାହୁ, ଅଧ୍ୟାପକ

■ବିଜେପୁର ଅଞ୍ଚଳରେ ସ୍ଥାୟୀ ଜଳସେଚନ ନ ଥିବା ଏକ ପ୍ରମୁଖ ସମସ୍ୟା । ରାଜନେତାମାନେ ଭୋଟ୍‌ବେଳେ ଚାଷ, ଚାଷୀ ସମସ୍ୟାକୁ ପ୍ରସଙ୍ଗ ଭାବେ ରଖୁଛନ୍ତି। ପରେ ସେସବୁକୁ ଭୁଲି ଯାଉଛନ୍ତି । ଗଙ୍ଗାଧର ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଆମର ଦୁଃଖ ଦୂର ହେବ ବୋଲି କେତେ ସ୍ୱପ୍ନ ଦେଖିଥିଲୁ। ହେଲେ ଏପର୍ଯ୍ୟନ୍ତ ଏହାର କାର୍ଯ୍ୟାରମ୍ଭ ନ ହେବା ପରିତାପର ବିଷୟ।

–ସଦାନନ୍ଦ ପୂଜାରୀ, ଜାରିଂ

■ଗାଇସିଲେଟ ବ୍ଲକର ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ଫଳରେ ରୋଗୀମାନେ ଅସୁବିଧା ଭୋଗୁଛନ୍ତି । ସାଧାରଣ ଜ୍ୱର ହେଲେ ରୋଗୀଙ୍କୁ ବଲାଙ୍ଗୀର ଯିବାକୁ ପଡୁଛି।

–ଅଲେଖ ପ୍ରଧାନ, ଟେଙ୍ଗନାପାଲି

**ବିଜେପୁରରୁ ଚିଦାନନ୍ଦ ଜେନା**

■ ତୈଳ ଓ ଗ୍ୟାସ୍ କ୍ଷେତ୍ର ଥିଙ୍କ୍-ଟ୍ୟାଙ୍କ ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀ

## ଆମେରିକା-ଚାଇନା ବ୍ୟବସାୟିକ ଲଢ଼େଇ ଉର୍ଜା କ୍ଷେତ୍ର ପାଇଁ ଆହ୍ୱାନ ସୃଷ୍ଟି କରିଛି: ଧର୍ମେନ୍ଦ୍ର


ତୈଳ ଓ ଗ୍ୟାସ୍ କ୍ଷେତ୍ର ପାଇଁ ଅନ୍ତଃରାଷ୍ଟ୍ରୀୟ ଥିଙ୍କ୍ ଟ୍ୟାଙ୍କ୍‌ର ତୃତୀୟ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ଭାରତ ସରକାର ଉଜ୍ଜ୍ୱଳା ଯୋଜନାରୁ ରୋଷେଇ ଗ୍ୟାସ୍, ସୌଭାଗ୍ୟ ଯୋଜନାରେ ଘରେ ଘରେ ବିଜୁଳି ତଥା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରିତ ମାଧ୍ୟମରେ ବ୍ୟାଙ୍କ ଖାତାରେ ରିହାତି ଅର୍ଥ ପ୍ରଦାନ କରୁଛନ୍ତି। ଏହାଦ୍ୱାରା ଦେଶରେ ସାଧାରଣ ଲୋକଙ୍କ ଶକ୍ତି ଚାହିଦାକୁ ପୂରଣ କରିପାରିଛି। ଦେଶରେ ଏଲ୍‌ପିଜି ବ୍ୟବହାର ୫୫ରୁ ୯୬ ପ୍ରତିଶତରେ ପହଞ୍ଚିଛି। ଉର୍ଜାର ନିରନ୍ତର ଯୋଗାଣକୁ ସୁରକ୍ଷିତ କରିବା ସହ କମ୍ ମୂଲ୍ୟରେ ଦେଶବାସୀଙ୍କ ଆବଶ୍ୟକତା ପୂରଣ କରିବା ଦେଶ ସାମ୍ନାରେ ଏକ ଆହ୍ୱାନ ଭାବେ ମୁଣ୍ଡ ଟେକିଛି। ବିଶ୍ୱ ବଜାରରେ ଅସ୍ଥିରତା, ଉର୍ଜା କ୍ଷେତ୍ରରେ ସଙ୍କଟ ତିଆରିର ସମ୍ଭାବନାର ମୁକାବିଲା କରିବାକୁ ପଡୁଛି। ଇରାନ ଓ ଭେନିଜୁଏଲାକୁ ଆମେରିକା ଅର୍ଥନୈତିକ ଦୃଷ୍ଟିରୁ ବାଛନ୍ଦ କରିବା, ସୌଦି ତୈଳ ପ୍ରକ୍ରିୟାକରଣ ପ୍ରକଳ୍ପ ଉପରେ ଆକ୍ରମଣ, ଉପସାଗରୀୟ ଦେଶଗୁଡ଼ିକରେ ଅସ୍ଥିରତା ତଥା ଚାଇନା-ଆମେରିକା ବ୍ୟବସାୟିକ ଲଢ଼େଇ ଭାରତ ଉର୍ଜା କ୍ଷେତ୍ର ପାଇଁ ଅନେକ ସମୟରେ ଆହ୍ୱାନ ସୃଷ୍ଟି କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ତୈଳ ଓ ଗ୍ୟାସ୍ କ୍ଷେତ୍ର ପାଇଁ ଅନ୍ତଃରାଷ୍ଟ୍ରୀୟ ଥିଙ୍କ୍ ଟ୍ୟାଙ୍କର ତୃତୀୟ ସମ୍ମିଳନୀରେ ବକ୍ତବ୍ୟ ରଖି ଧର୍ମେନ୍ଦ୍ର କହିଛନ୍ତି, ଏହିସବୁ ଅନ୍ତଃରାଷ୍ଟ୍ରୀୟ ଗତିବିଧି ଭାରତର ଶକ୍ତି ସୁରକ୍ଷାକୁ ପ୍ରଭାବିତ କରିବା ସହ ଦେଶର ଅର୍ଥନୀତି, ବଜେଟ୍ ତଥା ପୁଞ୍ଜି ନିବେଶକୁ ପ୍ରଭାବିତ କରୁଛି। ଭାରତକୁ ୨୦୨୪ ସୁଦ୍ଧା ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଜନା ରଖିଛନ୍ତି। ଭାରତର ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଏକ ବଡ ଭୂମିକା ରହିବ। ବର୍ତ୍ତମାନ ଭାରତ ୨.୮ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିର ଦ୍ରୁତ ପ୍ରଗତି ସହ ଦେଶର ଗରିବରୁ ଅତିଗରିବ ଲୋକଙ୍କୁ ଉର୍ଜା ଦୃଷ୍ଟିରୁ ଉଚିତ ନ୍ୟାୟ ପ୍ରଦାନ କରିବା କେନ୍ଦ୍ର ସରକାରଙ୍କ ପ୍ରାଥମିକତା ବୋଲି ଧର୍ମେନ୍ଦ୍ର କହିଛନ୍ତି।

ସେ ଆହୁରି କହିଛନ୍ତି, ଭାରତର ଆମଦାନୀ ଢେର ଅଧିକ ରହିଛି ଓ ଏହା କ୍ରମଶଃ ବଢିବାରେ ଲାଗିଛି। ଆଜି ଦିନରେ ୮୪ ପ୍ରତିଶତ ଅଶୋଧିତ ତୈଳ ଓ ୪୫ ପ୍ରତିଶତ ପ୍ରାକୃତିକ ଗ୍ୟାସ୍ ବିଦେଶରୁ ଆମଦାନୀ ହେଉଛି। ଭାରତର ପର୍ଯ୍ୟାବରଣ ସୁରକ୍ଷା ପାଇଁ ଭାରତ ସାରା ଦେଶରେ ଗ୍ୟାସ୍ ବ୍ୟବହାର ବୃଦ୍ଧି ପାଇଁ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଆସୁଛି। ଭାରତରେ ୨୦୧୪-୧୫ରେ ଅକ୍ଷୟ ଶକ୍ତି ବ୍ୟବହାର ୫ ପ୍ରତିଶତରେ ଥିବାବେଳେ ବର୍ତ୍ତମାନ ଏହା ୨୨ ପ୍ରତିଶତରେ ପହଞ୍ଚିଛି। ୨୦୧୨-୧୩ରେ ମାତ୍ର ୦.୬୭ ପ୍ରତିଶତ ଇଥାନଲ ମିଶ୍ରଣ ହେଉଥିବାବେଳେ ଏହା ଏବେ ୬ ପ୍ରତିଶତରେ ପହଞ୍ଚିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ୫-ଟି ସଚିବ କାର୍ତ୍ତିକେୟନ ପାଣ୍ଡିଆନଙ୍କ ଆରଜିଏଚ୍ ପରିଦର୍ଶନ
## କଟକଣା ଡେଇଁ ଅଭିଯୋଗ କଲେ ମହିଳା

**ରାଉରକେଲା ଅଫିସ, ୧୩।୧୦**

ରାଜ୍ୟ ସରକାରଙ୍କ ୫ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ରବିବାର ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ପରିଦର୍ଶନ କରିଛନ୍ତି। ହେଲେ ରୋଗୀ, ଖବରଦାତା ତଥା ସାଧାରଣ ଲୋକେ ଯେଭଳି ତାଙ୍କ ପାଖ ମାଡି ପାରିବେନି ସେ ନେଇ ପୂରା ଜିଲା ପ୍ରଶାସନ, ପୋଲିସ ଓ ଡାକ୍ତରଖାନାର ଅଧିକାରୀ ଆଉ କର୍ମଚାରୀ ସତର୍କ ରହିଥିଲେ। କାରଣ କେହି ଜଣେ ବି ଯଦି କୌଣସି ଅଭିଯୋଗ କଲା ତେବେ ତାହା ୫ଟିକୁ ଉପହାସ କରି ଅଙ୍ଗୁଳି ଉଠିବ। ଡାକ୍ତରଖାନାର ଅସଲ ଚେହେରା ଧରା ପଡିଯିବ। ହେଲେ ଏତେ ସବୁ କଟକଣା ପରେ ବି ଜଣେ ମହିଳା ଆରଜିଏଚ୍ ପ୍ରବେଶ ପଥରେ ପାଣ୍ଡିଆନଙ୍କ ଗାଡିକୁ ଜୋରଜବରଦସ୍ତ ଅଟକାଇ ନିଜ ଦୁଃଖ ବଖାଣିଥିଲେ। ସେ ତାଙ୍କ ରୋଗିଣା ଶିଶୁର ଚିକିତ୍ସା ପାଇଁ ଶନିବାର ଦାୟିତ୍ୱରେ ଥିବା ଜଣେ ମହିଳା ଡାକ୍ତରଙ୍କୁ ନେହୁରା ହୋଇଥିଲେ। ଡାକ୍ତର ଜଣଙ୍କ କିନ୍ତୁ ଗୁରୁତ୍ୱ ନ ଦେଇ ମୋଇବାଇଲରେ ଖେଳୁଥିଲେ। ଡାକ୍ତର ଜଣକ ମହିଳାଙ୍କ ଏହି ଅଭିଯୋଗକୁ ଅସ୍ୱୀକାର କରି ଫାଙ୍କି ଦେଇଥିଲେ। ମହିଳାଙ୍କ ଅଭିଯୋଗ ଉପରେ ପାଣ୍ଡିଆନ ଏହାର ତଦନ୍ତ ଦାୟିତ୍ୱ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ଦେଇଥିଲେ। ଉପଜିଲାପାଳ ମହାପାତ୍ର କିନ୍ତୁ ପାଣ୍ଡିଆନଙ୍କ ପ୍ରତ୍ୟାବର୍ତ୍ତନର କେଇ ଘଣ୍ଟା ପରେ ଡାକ୍ତରଙ୍କୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଣ୍ଡାପିଠା ଗୋଟି ଅଇଁଠା କଲି,**
**କଷା କିଏ ମିଶାଇଲା;**
**ଗଲାକଥା ଆଉ ଲେଉଟି ଆସେ କି**
**ଯେତେ ଆସ୍ କଲେ ଭଲା ?**

ଗତସ୍ୟ ଶୋଚନା ନାସ୍ତି। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ବା ଭାବି ଭାବି ସମୟ ନଷ୍ଟ କରିବା ଅନୁଚିତ। ସେହିପରି ଯାହା ବିତିଯାଇଛି ତାହା ଆଉ ଫେରି ଆସି ନ ଥାଏ। ଅତୀତ ସବୁବେଳେ ଅଫେରା। ତେଣୁ ପଛକଥା ଚିନ୍ତାକରି ଅଯଥାରେ ସମୟ ନଷ୍ଟ କରିବାରେ କିଛି ଲାଭ ମିଳି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ମସଲା ଦିଆ ପାନ କେ ଭାଙ୍ଗିଛି?**
**ଗୋରୀ ହାତ ପାନ ନୁହେଁରେ;**
**ଗୋରୀ ହାତ ପାନ ଖଣ୍ଡିଏ ଖାଇଲେ,**
**ମହକି ଉଠଇ ଦିହରେ ।**

ଯାହା ସହ ଯାହାର ମନ ଥରେ ମିଶିଯାଏ ସେ ତା' ମନରେ ଘର କରିଯାଏ। ଶୟନେ ସପନେ ଜାଗରଣେ କେବଳ ତା'ରି ମୁହଁ ଦେଖାଯିବା ସହ ତା'ରି କଥା ଦିନରାତି ଭାବି ହେଉଥାଏ। ପ୍ରେମିକା ସ୍ମୃତିରେ ଅଧିର ହୋଇପଡୁଥିବା ପ୍ରେମିକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆବାସ ବଣ୍ଟନରେ ମାହାଙ୍ଗାରେ ବ୍ୟାପକ ଅନିୟମିତତା ଅଭିଯୋଗ

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ବିଶେଷ କରି ସରକାରୀ ଅଫିସରମାନେ ଶାସକ ଦଳର କର୍ମୀଙ୍କୁ ପକ୍କାଘର ବଣ୍ଟନ କରିବା ସହ ସେମାନଙ୍କ ଘରକୁ ଜିଓ ଟ୍ୟାଗିଙ୍ଗ କରୁଛନ୍ତି। ଏହା ବିରୋଧରେ ଗତ ୧୦ ତାରିଖରେ ଭାଜପା ପକ୍ଷରୁ ରାଜଭବନ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ଶାସକ ଦଳ ପକ୍ଷରୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଅନିୟମିତତାର ଉପଯୁକ୍ତ ପ୍ରମାଣ ଦେଖାଇଲେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ବିବୃତି ଦେଇଥିଲେ। ହେଲେ ଆଶ୍ଚର୍ଯ୍ୟର କଥା ଖୋଦ୍ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ମାହାଙ୍ଗାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ଘର ବଣ୍ଟନରେ ବ୍ୟାପକ ଅନିୟମିତତା ଏବଂ ଭ୍ରଷ୍ଟାଚାର ଘଟଣା ଘଟୁଥିବା ବେଳେ ମନ୍ତ୍ରୀ ଏହାର ପ୍ରମାଣ ମାଗିବା ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତା ଶାରଦା ପ୍ରଧାନ ଅଭିଯୋଗ କରିଛନ୍ତି। ଏହିପରି ଅନିୟମିତତାର ତଥ୍ୟ ଦେଇ ଶାସକ ଦଳକୁ ଟାର୍ଗେଟ କରିଛି ଭାଜପା।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶାରଦା କହିଛନ୍ତି ଯେ, ୨୦୦୨ରେ ମାହାଙ୍ଗା ନିର୍ବାଚନମଣ୍ଡଳୀର ଜଣେ ବ୍ୟକ୍ତି ଇନ୍ଦିରା ଆବାସ ଘର ପାଇଥିଲେ। ୨୦୧୪-୧୫ରେ ଉକ୍ତ ବ୍ୟକ୍ତିଙ୍କ ପୁଅ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଉ ଏକ ଘର ନେଇଥିଲେ। ଜିଲାପାଳଙ୍କ ତଦନ୍ତ ରିପୋର୍ଟରେ ଏହା ବେଆଇନ ବୋଲି ଦର୍ଶାଯାଇଛି। ଏହିପରି ମାହାଙ୍ଗା ନିର୍ବାଚନମଣ୍ଡଳୀରେ ୫ ହଜାରରୁ ଊର୍ଦ୍ଧ୍ୱ ଘର ବେଆଇନ ଭାବେ ବଣ୍ଟନ କରାଯାଇଛି। ବାପା ଓ ପୁଅ ମିଶି ଦୁଇ ମହଲା ଘର କରିଥିବା ଜିଲାପାଳ ରିପୋର୍ଟ ଦେଇଛନ୍ତି। ସେହିପରି ଖାଦ୍ୟ ସୁରକ୍ଷା ଆଇନରେ ମାହାଙ୍ଗା ପଞ୍ଚାୟତର ଜଣେ ଶାସକ ଦଳ ନେତାଙ୍କ ନାଁ ରାଶନ କାର୍ଡରେ ରହିବା ଘଟଣା ପ୍ରକାଶ ପାଇଥିଲା। କିନ୍ତୁ ମନ୍ତ୍ରୀ ନିଜ ନିର୍ବାଚନମଣ୍ଡଳୀର ଦୁର୍ନୀତିକୁ ଲୁଚାଇଲେ। ପ୍ରତ୍ୟେକ ଦିନ ୫୦ରୁ ୧୦୦ ଅଭିଯୋଗକାରୀ ପଞ୍ଚାୟତିରାଜ ବିଭାଗ ପାଖରେ ଅଭିଯୋଗ କରିବେ। ଏଥିଲାଗି ମୁଖ୍ୟମନ୍ତ୍ରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ଅଭିଯୋଗ ଶୁଣିବା ପାଇଁ ବ୍ୟବସ୍ଥା କରନ୍ତୁ। ସେହିପରି ଦୁର୍ନୀତି ଏବଂ ଭ୍ରଷ୍ଟାଚାରରେ ଲିପ୍ତଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହିଷ୍କାର କରନ୍ତୁ ବୋଲି ଶାରଦା ଦାବି କରିଛନ୍ତି। ଅପରପକ୍ଷରେ ଭାଜପାର ଏଭଳି ଅଭିଯୋଗକୁ ନେଇ ମନ୍ତ୍ରୀ ଜେନା କହିଛନ୍ତି, କେବଳ ନିର୍ବାଚନ ହାରିଯିବା ପରେ ଔଷଧ ବିକଳରେ ତାଟିଆ କାମୁଡିବା ସଦୃଶ। ସେମାନଙ୍କ କାର୍ଯ୍ୟକଳାପ ମୋର ଗୋଟିଏ କଥା କୌଣସି ବ୍ୟକ୍ତି ଦୁର୍ନୀତିରେ ଲିପ୍ତ ଥିବେ ସେମାନଙ୍କୁ ଛଡା ଯିବନି ଓଲଟି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜେନା କହିଛନ୍ତି।

## ୩ ଜିଲା ମୁଖ୍ୟ ଚିକିତ୍ସାଳୟ ବୁଲିଲେ ଉଚ୍ଚ ପ୍ରତିନିଧି ଦଳ

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

### ରୋଗୀଙ୍କୁ ଭେଟିଲେ, ସମସ୍ୟା ବୁଝିଲେ


ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ରୁପାରୋଶନ ସାହୁ, ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

ରାଜ୍ୟ ସରକାର ନିକଟରେ ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ବିଭିନ୍ନ ଡାକ୍ତରଖାନାର ମୁଖ୍ୟାଳୟକୁ ଗସ୍ତ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି। ଏହାସହିତ କାର୍ଯ୍ୟରେ ଅବହେଳା କରୁଥିବା ସରକାରୀ ଅଧିକାରୀଙ୍କ ବିରୋଧରେ କୌଣସି ଅଭିଯୋଗ ପ୍ରମାଣିତ ହେବା ମାତ୍ରେ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହାସହ ଯଦି କୌଣସି ଦୁର୍ନୀତି ଖୋର ଅଫିସରଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହେଉଛି ତାଙ୍କୁ ସଙ୍ଗେ ସଙ୍ଗେ ବାଧ୍ୟତାମୂଳକ ଅବସର ଦିଆଯାଉଛି। ଏପରି ସ୍ଥିତିରେ ରବିବାର ସୁନ୍ଦରଗଡର ସିଡିଏମ୍‌ଓ ଦାୟିତ୍ୱରେ ଥିବା ପଙ୍କଜ ପଟେଲଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ମୋ ସରକାର କାର୍ଯ୍ୟକ୍ରମକୁ ଠିକ୍ ଭାବରେ କାର୍ଯ୍ୟକାରୀ କରା ନ ଯିବା ନେଇ ସୁନ୍ଦରଗଡ ଜିଲାପାଳଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ସେହିପରି ଆଜି ରାଜ୍ୟର ଅନ୍ୟ ୩ଟି ଜିଲା ମୁଖ୍ୟ ଚିକିତ୍ସାଳୟକୁ ମଧ ରାଜ୍ୟ ସରକାରଙ୍କ ଭିନ୍ନ ଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀ ଅଚାନକ ପରିଦର୍ଶନରେ ଯାଇ ମୋ ସରକାର କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପରଖିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ୩ଟି ପ୍ରତିନିଧି ଦଳ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପୁରୀ, ଢେଙ୍କାନାଳ ଏବଂ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରିଛନ୍ତି। ଏହି ଗସ୍ତ କାଳରେ ଅଧିକାରୀମାନେ ରୋଗୀମାନଙ୍କଠାରୁ ଚିକିତ୍ସା ନେଇ ମିଳୁଥିବା ସୁବିଧା ଏବଂ ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହାସହ ସେଠାକାର ଡାକ୍ତରମାନଙ୍କ ସହ ମଧ ଆଲୋଚନା କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ କ'ଣ ଆବଶ୍ୟକ ସେ ନେଇ ମଧ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଡିଏସ୍ କୁଟ୍ଟେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ରୀତାରାଣୀ ମହାପାତ୍ର ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ସମସ୍ୟା ପରଖିବା ସାଙ୍ଗକୁ ମୋ ସରକାର କାର୍ଯ୍ୟକ୍ରମ କାର୍ଯ୍ୟକାରିତା ପରଖିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ରୁପାରୋଶନ ସାହୁ, ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ଯାମିନି ଷଡଙ୍ଗୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପ(ଡେପୁଟି) ସଚିବ ମନୋଜ ସ୍ୱାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରିଛନ୍ତି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଦିଲ୍ଲୀପ ମହାନ୍ତି, ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ପୁନମ୍ ଗୁହା କୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଆଦିତ୍ୟ ମହାପାତ୍ର ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରିଛନ୍ତି।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍

# ସମଲେଇ, ପାଟଣେଶ୍ୱରୀଙ୍କ ରାଜରାଜେଶ୍ୱରୀ ବେଶ

## ■ ସମଲେଇ ମନ୍ଦିରରେ ଲାଗିଲା ନୂଆ ପାଟଧ୍ୱଜା

**ସମ୍ବଲପୁର, ୧୩।୧୦ (ବ୍ୟୁରୋ)**

ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀ ରବିବାର ଭକ୍ତଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି । ଏଥିସହ ମନ୍ଦିରରେ ନୂତନ ପାଟଧ୍ୱଜା ରୋହଣ ନୀତି ସମ୍ପନ୍ନ ହୋଇଛି । ସମ୍ବଲପୁରୀ ପାଟବସ୍ତ୍ର, ସୁନାର ପଦ୍ମମୁଖ, କର୍ଣ୍ଣାଞ୍ଚଳ, ଢାଲ, କଙ୍କଣ, ମୁକୁଟ, ଲଲାଟପଟ୍ଟି, ବେଳପତ୍ରି, ନଥ, ଡଡ଼ିଁ, ଅର୍ଦ୍ଧଚନ୍ଦ୍ର, କିଆପତରି, ସୁନା ଛତ୍ର, ରୁପାର ସିଂକଟା, କିରୀଟ ଓ ଚୂଳରେ ସମଲେଇଙ୍କୁ ପୂଜକମାନେ ବିଭୂଷିତ କରିଥିଲେ । ଅପରାହ୍ନ ସାଢେ ୨ଟାରେ ଦେବୀଙ୍କୁ ସିନ୍ଦୂର ଲାଗି ନୀତି ପରେ ଅପରାହ୍ନ ୪ଟାରେ ଆଳତି ହୋଇଥିଲା । ସନ୍ଧ୍ୟା ୫ଟାରୁ ଭକ୍ତମାନେ ଦେବୀଙ୍କ ଏହି ମନଲୋଭା ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ରାତି ୭ଟାରେ ସାତଟି ମହାଦୀପକୁ ୭ ଥର ମନ୍ଦିର ପରିକ୍ରମା କରାଯାଇଥିଲା। ଏହାପରେ ମହାଦୀପ ମନ୍ଦିର ଶୀର୍ଷକୁ ନିଆଯାଇଥିଲା । ଘଣ୍ଟ, ଶଙ୍ଖ,





ରାଜରାଜେଶ୍ୱରୀ ବେଶରେ ମା' ସମଲେଇ (ବାମ)। ମା' ପାଟଣେଶ୍ୱରୀ।

ହରିବୋଲ, ହୁଳହୁଳି ଓ ପଞ୍ଚବାଦ୍ୟରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ମୁଣ୍ଡରେ ଚୁନରି ବାନ୍ଧି ରାତି ୯ଟାରେ ମନ୍ଦିର ଭିତରୁ ୮୨ବର୍ଷ ବୟସ୍କ ମହେଶ୍ୱର ସ୍ୱାଇଁ ନୂତନ ପାଟ ଧ୍ୱଜା ଧରି ବାହାରିଥିଲେ । ଭକ୍ତଙ୍କ ଭିଡରେ ମହେଶ୍ୱରଙ୍କଠାରୁ ତାଙ୍କ ପୁଅ ବିନୋଦ ଓ ବିଶ୍ୱଜିତ ଧ୍ୱଜାକୁ ମନ୍ଦିର ଶୀର୍ଷକୁ ନେଇଥିଲେ । ସୌରଭ କୁମାର ସ୍ୱାଇଁ ଓ ସଞ୍ଜୀବ ବରାଡ ସହଯୋଗ କରିଥିଲେ। ସମଲେଇଙ୍କ ଜୟଧ୍ୱନିରେ ଧ୍ୱଜା ମନ୍ଦିର ଶୀର୍ଷକୁ ନିଆଯାଇଥିଲା। ରଙ୍ଗିନ ଆତସବାଜିରେ ମୁକ୍ତାକାଶ ଝଲସି ଉଠିଥିଲା । ଭକ୍ତମାନେ ଭକ୍ତି ଭାବରେ ଧ୍ୱଜା ରୋହଣ ନୀତିକୁ ଅପେକ୍ଷା କରିଥିଲେ । ରାତି ୯ଟାରେ ନୂତନ ଧ୍ୱଜା ରୋହଣ କରାଯାଇଥିଲା । ପୁରୁଣା ପାଟଧ୍ୱଜା ନେବାକୁ ଭକ୍ତମାନେ ଧାଡିବାନ୍ଧି ଛିଡା ହୋଇଥିଲେ। ଅପରପକ୍ଷେ କଡକଡି ବାଦ୍ୟ ତାଳେ ତାଳେ ଯୁବକଙ୍କ ନିଆଁ ଖେଳ ଚକିତ କରିଥିଲା । ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅକ୍ଷୟ ରାୟ, ଅମିୟ ରାୟ, ବୃନ୍ଦାବନ ରାୟ, ଓକିଲ ରାୟ, ମନୋଜ ରାୟ, ସଗନ ରାୟ ପ୍ରମୁଖ ଧ୍ୱଜା ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ଟ୍ରଷ୍ଟବୋର୍ଡ ସଭ୍ୟ, ସମଲେଶ୍ୱରୀ ଦଶହରା ପୂଜା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ସହରର ଅନ୍ୟତମ ଆରାଧ୍ୟା ମା' ପାଟଣେଶ୍ୱରୀ ଦେବୀ ମଧ୍ୟ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବସରରେ ପାଟଣେଶ୍ୱରୀ ମନ୍ଦିରରେ ମଧ୍ୟ ନୂତନ ଧ୍ୱଜା ରୋହଣ ସମ୍ପନ୍ନ ହୋଇଛି ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବତୀ, ଯୁବକ ଗୁରୁତର

**ରେଢାଖୋଲ,୧୩।୧୦(ଡି.ଏନ.ଏ.)-** ସମ୍ବଲପୁର ଜିଲା ରେଢାଖୋଲ ଥାନା କୁକୁଡାବାହାଲିରେ ରବିବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ବିଜୟ ସାହୁ (୩୭) ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଅନ୍ୟପକ୍ଷେ ପ୍ରମୋଦା ପ୍ରଧାନ (୨୬) ନାମ୍ନୀ ଜଣେ ଯୁବତୀ ମଧ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ ଗ୍ରାମବାସୀ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ରବିବାର ଜହ୍ନିଓଷାର ଉଦ୍‌ଯାପନୀ ପୂଜା ପାଇଁ ଗ୍ରାମର ଯୁବତୀମାନେ ଏକତ୍ରିତ ହୋଇ ଉତ୍ସବ ମନାଉଥିଲେ। ଲାଇଟ, ସାଉଣ୍ଡ ସହ ସାଜସଜ୍ଜା ହୋଇଥିଲା। ଯୁବକ ଜଣକ ମାଇକ୍ ବଜାଇବାକୁ ବିଦ୍ୟୁତ ସଂଯୋଗ କରୁଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ଯୁବକ ଜଣକ ପ୍ରଥମେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଯୁବତୀ ଜଣକ ମଧ୍ୟ ଆହତ ହୋଇଥିଲେ।

### ଗାଧୋଇବାକୁ ଯାଇଥିବା ବେଳେ ପୋଖରୀରେ ବୁଡି ଯୁବକ ମୃତ

**ରେଙ୍ଗାଲି, ୧୩।୧୦ (ଡି.ଏନ.ଏ.)-** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଜଙ୍ଗଲା ଗ୍ରାମରେ ଗାଧୋଇବାକୁ ଯାଇଥିବା ବେଳେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସମୀର ବଗର୍ତ୍ତି (୨୪)। ରବିବାର ପୂର୍ବାହ୍ନ ୧୦ଟା ସମୟରେ ସେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡି ଯାଇଥିଲେ । ରେଙ୍ଗାଲି ଅଗ୍ନିଶମ ବିଭାଗ କର୍ମଚାରୀ ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ରେଙ୍ଗାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରେଙ୍ଗାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବୁର୍ଲା ଭିମସାର ପଠାଇଥିଲା।

### ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ

**ବାମରା, ୧୩।୧୦ (ଡି.ଏନ.ଏ.)-** ସମ୍ବଲପୁର ଜିଲା ବାମରା ବ୍ଲକ ରବଗା ପଞ୍ଚାୟତ ବିହାବାଲି ଛକଠାରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆଁପାଲି ଗ୍ରାମର ଶତ୍ରୁଘ୍ନ କରାଲିଙ୍କ ପୁଅ ସୁରେନ୍ଦ୍ର କରାଲି (୨୫) । ସେ କୁଟାରୀମାଲଠାରୁ ବାଇକ ଯୋଗେ ନୂଆଁପାଲି ଫେରୁଥିଲେ। ହେଲେ ବିହାବାଲି ଛକଠାରେ ଏକ ଅଜଣା ବୋଲେରୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ତାଙ୍କ ବାଇକ୍ (ଓଡି ୧୫ ଏଲ- ୯୫୫୫ ) ଚୂରମାର ହେବା ସହ ସେ ଗୁରୁତର ଆହତ ହୋଇଥିଲେ । ସାଙ୍ଗେ ସାଙ୍ଗେ ସ୍ଥାନୀୟ ଲୋକେ ତାଙ୍କୁ ଗଡପୋଷ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ନ ଥିବା କାରଣରୁ ବାମରା ଡାକ୍ତରଖାନାକୁ ଅଣା ଯାଇଥିଲା। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗୋବିନ୍ଦପୁର ଥାନା ପୋଲିସ ଏକ ମାମଲା ରୁଜୁ କରିଛି।

### କାନ୍ଥ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ରେଢାଖୋଲ, ୧୩।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ସହରର ଖନ୍ଦାଡିପ ସାହିର ଜୟନ୍ତୀ ଭିତିରିଆ ନାମ୍ନୀ ଜଣେ ବୃଦ୍ଧାଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଗତ ଦଶହରା ଦିନ ସେ ତାଙ୍କ ଘରେ ଶୋଇଥିବା ବେଳେ କାନ୍ଥ ଭାଙ୍ଗି ତାଙ୍କ ଉପରେ ପଡି ଯାଇଥିଲା। ଏହାପରେ ପରିବାର ଲୋକେ ଉଦ୍ଧାର କରି ତାଙ୍କୁ ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି।

### ଯୁବକଙ୍କ ବାଇକ୍ ଚୋରି

**ସମ୍ବଲପୁର,୧୩।୧୦(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ଗୋବିନ୍ଦତୋଲାର ଜଣେ ଯୁବକ ହରଡଯୋରକୁ ଗାଧୋଇବାଇକୁ ଯାଇଥିବା ସମୟରେ କେହି ଆସି ତାଙ୍କ ବାଇକ ଚୋରି କରି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିଛି। ଗୋବିନ୍ଦତୋଲାର ପ୍ରିତମ ପୂଜାରୀ ରବିବାର ଅପରାହ୍ନରେ ବାଇକ୍‌ରେ ହରଡଯୋରକୁ ଗାଧୋଇବାକୁ ଯାଇଥିଲେ। ସେ ବାଇକକୁ କୂଳରେ ରଖି ଯୋରକୁ ଯାଇଥିଲେ। ଫେରିବା ବେଳକୁ ତାଙ୍କ ବାଇକ ନ ଥିଲା। ଖୋଜାଖୋଜି କରି ନ ପାଇବାରୁ ଶେଷରେ ସେ ଥାନାରେ ଅଭିଯୋଗ କରିଛନ୍ତି।

# ପଶ୍ଚିମ ଓଡ଼ିଶା କଲ୍ୟାଣ ସମିତିର ନୂଆଁଖାଇ ଭେଟ

**ସମ୍ବଲପୁର,୧୩।୧୦ (ବ୍ୟୁରୋ)**

ବୁର୍ଲା ପଶ୍ଚିମ ଓଡିଶା କଲ୍ୟାଣ ସମିତି ପକ୍ଷରୁ ସ୍ଥାନୀୟ ଭାରତି କ୍ଲବ ପଡିଆରେ ନୂଆଁଖାଇ ଭେଟ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଗୀତାଞ୍ଜଳି ମହାପାତ୍ର, ପ୍ରଫେସର ସାଧୁଚରଣ ପଣ୍ଡା, ପ୍ରଫେସର ବିଶ୍ୱଜିତ ଶତପଥୀ, ଶ୍ୱେତ କୁମାର ପ୍ରଧାନ, ଦେବେନ୍ଦ୍ର ସାମନ୍ତରାୟ, ନିରାକାର ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ପୂର୍ବରୁ ଆୟୋଜିତ ଚିତ୍ରାଙ୍କ\ନ, ସାଧାରଣ ଜ୍ଞାନ, ହସ୍ତାକ୍ଷର, ଫ୍ୟାଶନ ଶୋ, ମ୍ୟୁଜିକ ଚେୟାର ଭଳି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପରସ୍କୃତ କରାଯାଇଥିଲା। ଦୁଲଦୁଲି କଳାପରିଷଦ, ରିମଝିମ, ମେଘା ସୋସାଇଟି ଓ ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନ ସଭାପତି ପ୍ରଶାନ୍ତ ପାଢୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।



ବୁର୍ଲାରେ ଆୟୋଜିତ ନୂଆଁଖାଇ ଭେଟରେ ଜଣେ କୃତୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।



ବୁଢ଼ାକଟା ଗଜଲକ୍ଷ୍ମୀ



ସହଯୋଗ ନଗର ଛକ

# ଧନଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା

**ସମ୍ବଲପୁର,୧୩।୧୦ (ବ୍ୟୁରୋ)**

ସମ୍ବଲପୁର ସହରର ମୁଦିପଡାରେ ପଞ୍ଚମୁଖୀ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳେ ବାଲିବନ୍ଧା ଘାଟରୁ କଳସ ଶୋଭାଯାତ୍ରା ବାହାରି ପୂଜା ସ୍ଥଳକୁ ଆସିଥିଲା। ଏଥିରେ ପଡାର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ପ୍ରମୋଦ ପାଣ୍ଡେ ଓ ତାଙ୍କ ସହଧର୍ମିଣୀ ଗୀତାଞ୍ଜଳି କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ବୁଢାକଟାରେ ମଧ୍ୟ ରବିବାରଠୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଆସନ୍ତା ୯ ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ରବିବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କେନାଲରୁ ପାଣି ଭର୍ତ୍ତିକରି ଶତାଧିକ ମହିଳା ପୁରୁଷ ଶୋଭାଯାତ୍ରାରେ ମଣ୍ଡପ ନିକଟକୁ ଆସିଥିଲେ। ଏହାପରେ ରିତିନୀତି ଅନୁସାରେ ମାଁଙ୍କ ପୂଜା ଆରମ୍ଭ ହୋଇଥିଲା। ମନୋଜ ବାରିକ, ଅରବିନ୍ଦ ସାହୁ, ମୁନା ପ୍ରଧାନ, କୁମଧ ପ୍ରଧାନ, ଗୋପାଳ ବାଗ, ଗୋବିନ୍ଦ ବାଗ, ବଳରାମ ସାହୁ କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି। ସୁସଜ୍ଜିତ ମେଢ ଓ ଆଲୋକମାଳା ମୁଖ୍ୟ ଆକର୍ଷଣ ରହିଛି । ପ୍ରତ୍ୟକ ଦିନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମର ଶତାଧିକ ଲୋକଙ୍କ ସମାଗମ ହୋଇଥିଲା । ପୂଜା କମିଟି ସଭାପତି ବିଶ୍ୱଜିତ ବାଗ, ପିଣ୍ଟୁ ପ୍ରଧାନ, ବନ ପ୍ରଧାନ, ମନରଞ୍ଜନ ପ୍ରଧାନ, ଶୁଭମ୍ ସାହୁ, ଠାକୁର ପ୍ରଧାନ, ଅଶ୍ୱିନୀ ବାରିକ, ତେଜ ସାହୁ, ପର୍ଶୁରାମ ସାହୁ, ମଣ୍ଟୁ ପ୍ରଧାନ, ଆଶୋକ ବାରିକ, ସରୋଜ ପ୍ରଧାନ, ଜୟଦେବ ପ୍ରଧାନଙ୍କ ସମେତ ସମସ୍ତ ଗ୍ରାମବସୀ ସହଯୋଗ କରିଥିଲେ।



ମୁଦିପଡାରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।

# ଗାଢ଼ାଖୋଲକୁ ହରାଇ ଲଦଲଦା ଚାମ୍ପିୟନ

## ପ୍ରେମଚାନ୍ଦ କ୍ଲବ ହକି ଟୁର୍ନାମେଣ୍ଟ

**ନାକଟିଦେଉଳ,୧୩।୧୦ (ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ପାଣିମୁରା ପଞ୍ଚାୟତର ସାହାଜବାହାଲ ଡାଙ୍ଗଟେକାର ପ୍ରେମଚାନ୍ଦ କ୍ଲବ ପକ୍ଷରୁ ଗତ ଗୁରୁବାରଠାରୁ ଚାଲିଥିବା ହକି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଏଥିରେ ସମୁଦାୟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ରେଢ଼ାଖୋଲ ବ୍ଲକ ମୋଟିବାହାଲ ପଞ୍ଚାୟତର ଲଦଲଦା ଏବଂ ନାକଟିଦେଉଳ ବ୍ଲକ ପାଣିମୁରା ପଞ୍ଚାୟତର ଗାଢ଼ାଖୋଲ ମଧ୍ୟରେ ଆୟୋଜିତ ହୋଇଥିଲା । ଏଥିରେ ଲଦଲଦା ୨–୦ ଗୋଲରେ ବିଜୟୀ ହୋଇଛି। ଟୁର୍ନାମେଣ୍ଟରେ ପ୍ରେମ ବାହାଲଙ୍କୁ ମ୍ୟାନ ଅଫ ଦି ସିରିଜ ଏବଂ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ନାକଟିଦେଉଳର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ଇଜଲୁସ ବିଜୟ କୁଲୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଲଦଲଦା ଏବଂ ରନର୍ସ ଅପ୍ ଗାଢ଼ାଖୋଲ ଟିମ୍‌କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ପାଣିମୁରା ସରପଞ୍ଚ ସନ୍ତୋଷିନୀ ସାହୁ ଏବଂ ବିଡିଓ ମେଥୋଡିୟୁସ ଲାକ୍ରା ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ପ୍ରକାଶ କୁମାର ସୋରେନ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟକୁ ନିମାସ ଲାକ୍ରା, ସରୋଜ କିଣ୍ଡୋ, ଆଶିଷ ଖାଲଖା, ଖ୍ରୀଷ୍ଟଫାର ସୋରେନ, ବିଜୟ କେର୍କେଟା ପ୍ରମୁଖ ପରିଚାଳନା କରିଥିଲେ। କମିଟି ସଦସ୍ୟ ଇଲିଆଜାର ମାଟର୍ଫା, ବିଜବେଲ ଲାକ୍ରା, ଆତୁଲ କିଣ୍ଡୋ, ଆଶିଷ ଲାକ୍ରା, ପିଣ୍ଟା ମହିତ ମିଞ୍ଜ ଏବଂ ଇଦ୍ରାସ ଖେସ ପ୍ରମୁଖ ସହଯୋଗ କରିଥିଲେ ।



ହକି ଟୁର୍ନାମେଣ୍ଟରେ ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ।

# ବାସ୍କେଟ ବଲ ଟୁର୍ନାମେଣ୍ଟ:ରାଉରକେଲା ଚାମ୍ପିୟନ, ଗୁଣପୁର ରନର୍ସଅପ୍

**ସମ୍ବଲପୁର, ୧୩।୧୦ (ବ୍ୟୁରୋ)**

୧୩ତମ ଫାଦର ଜନ ୱିଲିୟମ୍ ମିଞ୍ଜ ସ୍ମାରକୀ ବାସ୍କେଟ ବଲ ଟୁର୍ନାମେଣ୍ଟରେ ରାଉରକେଲା ଆଲଫା ପାଉଲିନ୍ସ ଚାମ୍ପିୟନ ଓ ଗୁଣପୁର ଜିଆଇଇଟି ରନର୍ସ ଅପ୍ ହୋଇଛି । ରବିବାର ଜ୍ୟୋତି ଭବନଠାରେ ଫାଇନାଲ ମ୍ୟାଚ ରାଉରକେଲା ବନାମ ଗୁଣପୁର ମଧ୍ୟରେ ସଂଘର୍ଷପୂର୍ଣ୍ଣ ଓ ଚିତ୍ତାକର୍ଷକ ହୋଇଥିଲା । ଶେଷରେ ରାଉରକେଲା ୪୫–୨୪ ପଏଣ୍ଟରେ ବିଜୟୀ ହୋଇଥିଲା । ରାଜେନ୍ଦ୍ର ବେହେରା, ଫିରୋଜ ବାରୁଆ ରେଫରି ଥିବା ବେଳେ ରାଜେନ୍ଦ୍ର କୁଜୁର, ଆଲବିନୁସ ମିଞ୍ଜ ଟେକ୍ନିକାଲ୍ ଟେବୁଲ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଟୁର୍ନାମେଣ୍ଟରେ ଗୁଣପୁର, ରାଉରକେଲା, ଭୁବନେଶ୍ୱର ସମେତ ସମ୍ବଲପୁରର ୧୨ଟି ବାସ୍କେଟ ବଲ ଦଳ ଭାଗ ନେଇଥିଲେ । ଫାଦର ଅନୀଲ କୁଜୁରଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ ମୁଖ୍ୟଅତିଥି, ଜେରମ କେର୍କଟା, ସୁବାଷ ମିଞ୍ଜ, ଉର୍ସେଲା ମିଞ୍ଜ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।



ଜ୍ୟୋତି ଭବନଠାରେ ଅତିଥିଙ୍କଠାରୁ ରାଉରକେଲା ଦଳ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି ।







ରବିବାର ସମଲେଇ ମନ୍ଦିରରେ ମା ସମଲେଇଙ୍କ ରାଜରାଜେଶ୍ୱରୀ ବେଶ ଓ ନୂତନ ଧ୍ୱଜା ବନ୍ଧନ ନୀତି ଦେଖିବାକୁ ଭକ୍ତଙ୍କ ଭିଡ (ବାମ) । ସମ୍ବଲପୁର ମୁଦିପଡା ଗଜଲକ୍ଷ୍ମୀପୂଜା ପାଇଁ କଳଶଯାତ୍ରା କରାଯାଉଛି (ମଝି) । ମହାନଗର ନିଗମ ବଡ଼ାକଟାରେ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା ।

### ପଶ୍ଚିମବଙ୍ଗରେ ଆରଏସ୍ଏସ୍ କର୍ମୀଙ୍କୁ ହତ୍ୟାର ପ୍ରତିବାଦ

## ସମ୍ବଲପୁରରେ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ

**ସମ୍ବଲପୁର, ୧୩।୧୦(ବ୍ୟୁରୋ)**

ପଶ୍ଚିମବଙ୍ଗର ପ୍ରକାଶ ପାଳ ଓ ତାଙ୍କ ସ୍ତ୍ରୀ, ପୁଅକୁ ହତ୍ୟା ଘଟଣାରେ ସମ୍ବଲପୁରରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାର ପ୍ରତିବାଦ କରି ଗୋଲବଜାର ଛକରେ ବଜରଙ୍ଗ ଦଳ ଓ ବାଗୱା ସେର ସାମାଜିକ ଅନୁଷ୍ଠାନ ପକ୍ଷରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବେନାର୍ଜୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏଥିରେ ବଜରଙ୍ଗଦଳ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର, ତପନ ପଟ୍ଟନାୟକ, ବିଶାଳ କୁମାର, ଚିନ୍ମୟ ଦାସ, ବରୁଣ କୁମାର, ତୁଳସୀ ରେଡ୍ଡି, ଭାଗୱା ସେର ଆଶିଷ ବାବୁ, ଗିରିଶ ପଟେଲ, ଶିବ ଅଗ୍ରୱାଲ, ବିଶ୍ୱ ହିନ୍ଦୁ ପରିଷଦର ପ୍ରଦୀପ ବହିଦାର, ସତ୍ୟନାରାୟଣ ପଣ୍ଡା, ସଞ୍ଜୟ ପଟ୍ଟନାୟକ, ପ୍ରଦୀପ କୁମାର ବେହେରା, ସରୋଜ ଘଡେଇ, ଟିଙ୍କୁ ସାହୁ, ସୋମେନ୍ଦ୍ର ଜତି, ଦେବାଶିଷ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଏଭଳି ଅମାନବୀୟ ଘଟଣାର ନିନ୍ଦା କରିଥିଲେ ।



ସମ୍ବଲପୁର ଗୋଲବଜାର ଛକରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।

## ଭଜନରେ ଝଙ୍କୃତ ହେଲା ପାଟଣେଶ୍ୱରୀ ମନ୍ଦିର

**ସମ୍ବଲପୁର, ୧୩।୧୦ (ବ୍ୟୁରୋ)**

ପାଟଣେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ରବିବାର ରାତିରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟିସରୋଜକୁମାର ଦାଶଙ୍କ ପରିଚାଳନା, ସଂଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀ ଏବଂ ବଭୁତିଭୂଷଣ ଦାଶଙ୍କ ସଂଯୋଜନାରେ ନବୀନ, ପ୍ରବୀଣ କଳାକାରମାନେ ମାଁ ସେରାବାଲି...., ମାଁ ଗୋ ମୋର ସମଲେଇ ମାଁ.... ପ୍ରଭୃତି ଗୀତ ଗାଇ ଥିଲେ। ସୁଶାନ୍ତ କୁଅଁର, ଶ୍ରୀକାନ୍ତ ବାରିକ, ସୁଭଶ୍ରୀ ବିଶ୍ୱାଳ, ସୁଶ୍ରୀତା ପାଣିଗ୍ରାହୀ, ସ୍ମୃତି ମିଶ୍ର, ପ୍ରଣତୀ ଦାଶ, ସୁଭାଗିନୀ ବାରିକ, ରାଜକୁମାର ଜାଲ ଗୀତ ଗାଇଥିଲେ । ବାଦ୍ୟଯନ୍ତ୍ରରେ ପ୍ରଶାନ୍ତ ବେସନ, ପ୍ରୟାଗରାଜ ବେହେରା ଓ ରାଜୁ ସହଯୋଗ କରିଥିଲେ।



ରବିବାର ପାଟଣେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ଭଜନ ସନ୍ଧ୍ୟାରେ କଳାକାରମାନେ ।

## ବସାଲଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଦେବଗଡ଼ ଚାମ୍ପିୟନ



ଫାଇନାଲ ମ୍ୟାଚରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ବାରକୋଟ, ୧୩।୧୦ (ଡି.ଏନ.ଏ.)**

ଦେବଗଡ ଜିଲା ବାରକୋଟ ବ୍ଲକ ବସାଲଇ ଖେଳ ପଡିଆଠାରେ ପଞ୍ଚାୟତ ଆଥେଲେଟିକ ଆସୋସିଶନ ବସାଲଇ ଏବଂ କଳାପରିଷଦ ବସାଲଇ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳର ମନୋରମା କ୍ଲବ ଦେବଗଡ ଚତୁର୍ଥ ଆଇଆରବିକୁ ଟାଇବ୍ରେକର ଜରିଆରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ୩ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ପ୍ରସନ୍ନ କୁମାର ବେହେରା ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫିସହ ନଗଦ ୧୦ ହଜାର ଏବଂ ରନର୍ସଅପ୍ ଦଳକୁ ୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଉତ୍ସବରେ ସମ୍ମାନୀତ ଅତିଥିଭାବେ ବସାଲଇ ସରପଞ୍ଚ ଦିଲ୍ଲୀପ କୁମାର ପଟ୍ଟନାୟକ, ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନ ଯୋଗଦେଇଥିଲେ । ଟୁର୍ଣ୍ଣାମେଣ୍ଟକୁ କଳାପରିଷଦ ସଭାପତି ସୁଦର୍ଶନ ସାମଲ, ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ, ଆଥେଲେଟିକ ଆସୋସିଏଶନ ସଭାପତି ଦିଲୀପ ପଟ୍ଟନାୟକ, ଭଜମନ ସାମଲ, ଲୋକନାଥ ସାମଲ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ୧୫୦ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ

**ସମ୍ବଲପୁର, ୧୩।୧୦ (ବ୍ୟୁରୋ)**

କୁଲୁଥକାନୀରେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପରଭେଜ ଅଲ୍ଲୀ ଖାନଙ୍କ ତତ୍ତ୍ୱାବଧାନରେ ଅଞ୍ଚଳର ୧୫୦ଜଣଙ୍କ ମଧୁମେହ, ରକ୍ତବର୍ଗ ଓ ହିମୋଗ୍ଲୋବିନ୍ ପରୀକ୍ଷା କରାଯାଇଥିଲା । ଡା. ଦୀପକ ପାଣିଗ୍ରାହୀ, ଡା. ମନୋରଞ୍ଜନ ସାହୁ, ଡା. ମୃଗେନ୍ଦ୍ର ସିଂଦେଓ, ଡା. ଅଦେଶ ତିୱାରୀ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ। କ୍ଲବ ସମ୍ପାଦକ ବିଲାଲ ମଲ୍ଲିକ, ପ୍ରଶାନ୍ତ ରଥ, ଘନଶ୍ୟାମ ମେହେର, ଭଗତ ସିଂ, ରବି ମିଶ୍ର, ସଞ୍ଜୟ ମିତ୍ତଲ, କ୍ରିଷ୍ଟା ବାଗ, ଉର୍ମିଳା ବେହେରା, ଦୀପକ ଦାଶ, ବିକ୍ରମାଦିତ୍ୟ ସିଂଦେଓ, ବଳଦେବ ପଣ୍ଡା ଓ ଡା. ଅଶୋକ ସିଂ ସହଯୋଗ କରିଥିଲେ ।




ରବିବାର ସମ୍ବଲପୁର କୁଲୁଥକାନୀଠାରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଉଛି ।

## ସାମୂହିକ ପୁଷ୍ପାଞ୍ଜଳି ସହ କଣ୍ଢେଳ ଗଜଲକ୍ଷ୍ମୀ ପୂଜା ଆରମ୍ଭ

**ବାରକୋଟ, ୧୩।୧୦ (ଡି.ଏନ.ଏ)**

ଦେବଗଡ ଜିଲା କଣ୍ଢେଳ ଗଜଲକ୍ଷ୍ମୀ ପୂଜା ରବିବାର ଆରମ୍ଭ ହୋଇଛି । ପ୍ରତିବର୍ଷ ପରି କଣ୍ଢେଳ ସ୍ଥାୟୀ ମଣ୍ଡପରେ ମାଁ ଗଜଲକ୍ଷ୍ମୀଙ୍କର ପୂଜା ଆରମ୍ଭ ହୋଇଥିଲା। ପୂଜକ ମତିଲାଲ ପୂଜାହାରୀ ପୂଜାମନ୍ତ୍ର ପାଠ କରିଥିବା ବେଳେ ଆୟୋଜକ ଅଗ୍ରଗତି ସଂଘର ସମସ୍ତ ସଭ୍ୟ ସମେତ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ଅପରାହ୍ନ ୨ଟାରେ ସାମୂହିକ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଆନନ୍ଦ ବଜାରରେ ଶତାଧିକ ଭକ୍ତ ଅନ୍ତପ୍ରସାଦ ସେବନ ସହ ମା'ଙ୍କ କୃପାଭିକ୍ଷା କରିଥିଲେ। ଚଳିତ ବର୍ଷ ମା' ଗଜଲକ୍ଷ୍ମୀଙ୍କର ପୂଜା ଓ ମେଳା ୧୦ ଦିନ ଧରି ଚାଲିବା ୨୩ ତାରିଖ ଦିନ ଭସାଣୀ ଉତ୍ସବ ପାଳିତ ହେବ । ମାଁ ଗଜଲକ୍ଷ୍ମୀଙ୍କ ଚତୁପାର୍ଶ୍ୱରେ ସଚେତନତାମୂଳକ କଳାକୃତୀ ସବୁ କଳାକୁଞ୍ଜ ମୃତ୍ତି ରୂପରେ ସଜ୍ଜିତ କରାଯାଇଛି । ଏହା ଦର୍ଶକଙ୍କୁ ବେଶ ଆକୃଷ୍ଟ କରିବ ବୋଲି ଆୟୋଜକ ଆଶା ବାନ୍ଧିଛନ୍ତି । ୧୫ ଲକ୍ଷ ବ୍ୟୟ ଅଟକଳରେ ଅନୁଷ୍ଠିତ ହେଉଥିବା ମେଳାରେ ଉଭୟ କଳା ସଂସ୍କୃତି ଓ ସାହିତ୍ୟକୁ ଗୁରୁତ୍ୱ ଦିଆଯାଇଥାଏ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ରାତିରେ ମେଲୋଡି ସହ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୨୦ ତାରିଖ ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଅନୁଷ୍ଠିତ ପାଇଁ କାର୍ଯ୍ୟସୂଚୀରେ ସ୍ଥାନ ପାଇଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୀନା ବଜାର, ଦୋଳି, ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବ। ସୂଚନାଥାଉକି, ଆୟୋଜକ ଅଗ୍ରଗତି ସଂଘ ଯୁବକ ସଂଘ ଦ୍ୱାରା ଦୀର୍ଘ ୪୭ବର୍ଷ ହେବ ଉଭୟ ଗଜଲକ୍ଷ୍ମୀ ପୂଜା ଏବଂ ମେଳା ଅନୁଷ୍ଠିତ ହୋଇଆସୁଛି । ପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦେବଗଡ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କମିଟି ସଭାପତି ବିରଞ୍ଚି ବେହେରା, ସମ୍ପାଦକ ପ୍ରଶ୍ନ କୁମାର ନାଏକ ଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବାକୁ ଲାଗି ପଡିଛନ୍ତି।



ବାରକୋଟ ବ୍ଲକ କଣ୍ଢେଳରେ ମା' ଗଜଲକ୍ଷ୍ମୀଙ୍କ ପଜାର୍ଚ୍ଚନା ଚାଲିଛି।

## କଳସ ଯାତ୍ରା ସହ ଆରମ୍ଭ ହେଲା ଗଜଲକ୍ଷ୍ମୀ ପୂଜା

**ଦେବଗଡ,୧୩।୧୦(ସ୍ୱ.ପ୍ର)**

କଳସ ଯାତ୍ରା ସହ ରବିବାର ଦେବଗଡ ସହର ଏବଂ ଜିଲାର ବିଭିନ୍ନ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ବଣିଆ ସାହି, ପୁରୁଣାଗଡର ଚଷା ସାହି, ପେଟ୍ରୋଲ ଟାଙ୍କି ଛକ, ଗାର୍ଲସ ହାଇସ୍କୁଲ ଛକର ନିଉ କଲୋନୀ ମଣ୍ଡପ, ହାତିଶାଳ ସାହି, ଯକ୍ତିପାଳି, ଖଡିଆ ସାହି ପୂଜା କମିଟି ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଲାଗି ପଡିଛନ୍ତି। ସମସ୍ତ ମଣ୍ଡପର ପ୍ରବେଶ ପଥରେ ଆକର୍ଷଣୀୟ ତୋରଣ, ବିଦ୍ୟୁତ ତୋରଣ ସହ ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି । ଏହି ସବୁ ପୂଜାମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ ବୋଲି ସୂଚନା ମିଳିଛି ।



ବଣିଆ ସାହି ପୂଜା ମଣ୍ଡପରେ ପୂଜିତ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତୀ।

## ଦେବଗଡ଼ରେ ପର୍ଯ୍ୟଟନ ପର୍ବ ଉଦ୍‌ଯାପିତ

**ଦେବଗଡ,୧୩।୧୦(ଡି.ଏନ.ଏ.)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଗତ ୨ ତାରିଖଠାରୁ ଦେବଗଡ ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ପାଳିତ ହେଉଥିବା ପର୍ଯ୍ୟଟନ ପର୍ବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଟାଉନହଲଠାରେ ଜିଲା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ହେମନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୀନସେଣ୍ଟ ପୁନମକାନ୍ତ ଏକ୍କା ଉଦ୍‌ଘାଟନ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସମ୍ବଲପୁର ଜିଲାର କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ଦେବଗଡ ଜିଲାର ନୃତ୍ୟଶିଳ୍ପୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।




ବୁର୍ଲାସ୍ଥିତ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟଠାରେ ରବିବାର ଆୟୋଜିତ ବନ ମହୋତ୍ସବରେ ଯୋଗଦେଇଥିବା ଅଧିକାରୀମାନେ ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୧୪ ଅକ୍ଟୋବର, ୨୦୧୯



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ନଦୀରେ ବୁଡି ଯୁବକ ମୃତ

ପଦ୍ମପୁର, ୧୩।୧୦ (ଡି.ଏନ.ଏ): ପଦ୍ମପୁର ନିକଟସ୍ଥ ଅଙ୍ଗ ନଦୀର ନାଗେନଧାରେ ରବିବାର ଗାଧୋଉଥିବା ବେଳେ ଭାସିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପଦ୍ମପୁର ଶାନ୍ତିନଗର ପଡାର ଶୁଭମ ସାହୁ(୨୩) । ମଧ୍ୟାହ୍ନ ୧୨ଟା ସମୟରେ ଦୁଇ ଭାଇ ଶୁଭମ ଓ ସୁବ୍ରତ ଅଙ୍ଗ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ପାଣିର ସ୍ରୋତରେ ଶୁଭମ ଭାସି ଯାଇ ନଦୀରେ ଥିବା ପଥର ମଧରେ ଫସି ରହିଥିଲେ। ଖବର ପାଇ ପଦ୍ମପୁର ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚି ଶୁଭମଙ୍କୁ ଉଦ୍ଧାର କରି ପଦ୍ମପୁର ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ପଦ୍ମପୁର ପୋଲିସ ଏକ ମାମଲା (ନଂ.୨୧/୧୯) ରୁଜୁ କରି ତଦନ୍ତ ଚଳାଇଛି ।



### ନାଏବ ସରପଞ୍ଚଙ୍କ ଧାରଣା ୧୮ ଦିନରେ ପହଞ୍ଚିଲା

ବୌଦ୍ଧ,୧୩।୧୦(ସ୍ୱପ୍ର): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତରେ ବିଭିନ୍ନ ଅନିୟମିତତାର ତଦନ୍ତ ଦାବି କରି ନାଏବ ସରପଞ୍ଚ ନିର୍ଗୁଣ ମହାକୁଡଙ୍କ ସମେତ କିଛି ୱାର୍ଡସଭ୍ୟ ଗତ ୨୫ ତାରିଖଠାରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଉଛନ୍ତି । ଏହି ଧାରଣାକୁ ୧୮ ଦିନ ବିତିଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀମାନେ ଧାରଣାସ୍ଥଳକୁ ପହଞ୍ଚି ନାହାନ୍ତି। ନାଏବ ସରପଞ୍ଚ ମହାକୁଡଙ୍କ ସହିତ ୱାର୍ଡସଭ୍ୟ ସଂକୀର୍ତ୍ତନ ମେହେର, ବିପିନ ବାଙ୍କ, ଲଛମନ ବେହେରା, ଜୟସେନ ହାତି ପ୍ରମୁଖ ଧାରଣାରେ ବସିଛନ୍ତି । ଏ ନେଇ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ପଚାରିବାରୁ ମୁଁ ତଦନ୍ତ କରିବା ପାଇଁ କହିଛି । ତଦନ୍ତ ପରେ ସରକାରଙ୍କୁ ରିପୋର୍ଟ ପଠାଯିବ ବୋଲି ପ୍ରକାଶ କରିଥିଲେ ।

### ବାଟମଙ୍ଗଳା ପୂଜା

ଘଣ୍ଟାପଡା, ୧୩।୧୦ (ଡି.ଏନ.ଏ): କନ୍ଧମାଳ ବ୍ଲକ ମନମୁଣ୍ଡା-ସିନ୍ଧୁଗୋରା ୪୧ନଂ ରାଜ୍ୟ ରାଜପଥର ଘଣ୍ଟାପଡା ଛକରେ ଥିବା ବାଟମଙ୍ଗଳା ମନ୍ଦିରରେ ରବିବାର ପୂଜା ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ଦେବେନ୍ଦ୍ର ନାଥ ରଣାଙ୍କ ତତ୍ତ୍ୱାବଧାନରେ ଏଠାରେ ପ୍ରତିବର୍ଷ ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ପୂଜା ଓ ଯାତ୍ରା ହୋଇଥାଏ । ନିଜର ମାନସିକ ପୂରଣ ନିମନ୍ତେ ଶତାଧିକ ଭକ୍ତ ଏହି ପୂଜାରେ ଯୋଗ ଦେଇଥାନ୍ତି । ଏଠାରେ କେବଳ ସାତ୍ତ୍ୱିକ ଭୋଗ ଲାଗି ହୋଇଥାଏ ।

### ତିନିମାସ ହେଲା ପାଣି ପମ୍ପ ଅଚଳ

ତଳଗାଁ,୧୩।୧୦(ଡି.ଏନ.ଏ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମହାଲିକପଡା ପଞ୍ଚାୟତ ସାତଖଣ୍ଡ ଗ୍ରାମରେ ପାଣି ସମସ୍ୟା ଦୂର କରିବା ପାଇଁ ଟାଟା ସୋଲାର ପାଣି ପମ୍ପ ନିର୍ମାଣ କରାଯାଇଛି। କିନ୍ତୁ ଆଜକୁ ତିନି ମାସ ହେବ ଏହି ପାଣି ପମ୍ପ ଅଚଳ ହୋଇଥିବାରୁ ଗ୍ରାମର ୫୦ ପରିବାର ପାଣି ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି । ଏ ନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିବାରୁ ଟାଟା ସୋଲାର ଦେଇଥିବା ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରନ୍ତୁ ବୋଲି କହିଥିଲେ। ସେହିପରି ବ୍ଲକ ଅଧୀନ ଛତରଙ୍ଗ ପଞ୍ଚାୟତର ଗୁଣ୍ଡୁରିସାହିରେ ମଧ୍ୟ ଦୀର୍ଘ ୬ ମାସ ହେଲା ପାଣି ପମ୍ପ ଅଚଳ ହୋଇପଡିଛି । ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜହ୍ନିଓଷା ପାଳିତ

ଘଣ୍ଟାପଡା, ୧୩।୧୦ (ଡି.ଏନ.ଏ) କନ୍ଧମାଳ ବ୍ଲକ ଘଣ୍ଟାପଡାଠାରେ ଗ୍ରାମର ଝିଅମାନେ ଏକତ୍ର ମିଶି ଜହ୍ନିଓଷା ପାଳନ କରିଛନ୍ତି । ଏଡି ଅବସରରେ କୁଆଁରି ଝିଅମାନେ ଦଳ ଦଳ ହୋଇ ତୁଳସୀ ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ସେମାନେ ପୂଜାରେ ଭୋଗ ଭାବେ ମୁଢ଼ି, ଲିଆ, ଚୁଡା, କଦଳୀ ଆଦି ଅର୍ପଣ କରିଥିବା ଦେଖାଯାଇଥିଲା ।

# ପେଟୁପାଲିରେ କଳାସୁର ରାଜ୍

**ଆଜିଠୁ ପେଟୁପାଲି ହେଲା ଜେନାବଳୀ ନଗରୀ**

ଘେଁସ,୧୩।୧୦(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ପେଟୁପାଲିଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ରବିବାର ଲକ୍ଷ୍ମୀଙ୍କ ପୂଜା ମଣ୍ଡପରେ ପୂଜାର୍ଚ୍ଚନା ସହ ସନ୍ଧ୍ୟାରେ ମହାଆଳତି ଯଥାରୀତି ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ପ୍ରବଳ ପ୍ରତାପୀ ମହାରାଜ କଳାସୁର ଏକ ସୁସଜ୍ଜିତ ବିମାନରେ ନିଜ ମନ୍ତ୍ରୀ ପାରିଷଦଙ୍କୁ ନେଇ ନଗର ଭ୍ରମଣରେ ବାହାରିଥିଲେ । ପ୍ରଜାମାନେ ମହାରାଜାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ । ମହାରାଜା ପ୍ରଜାଙ୍କ ସୁଖ ଦୁଃଖ ବୁଝିବା ସହ ଯେଉଁଠି ଭୁଲ ଦେଖୁଥିଲେ ପ୍ରଜାଙ୍କୁ ତାଗିଦ କରୁଥିବା ଦେଖିବାକୁ ମିଳିଥିଲା । କେତେକଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଥିଲେ ମହାରାଜା କଳାସୁର। ନଗରଭ୍ରମଣ ପରେ ସନ୍ଧ୍ୟାରେ କଳାସୁର ଦରବାର ଉଦଘାଟିତ ହୋଇଥିଲା । ରବିବାର କଳାସୁର ଦରବାରରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା ରାଜଅତିଥି ଭାବେ ଯୋଗ ଦେଇଥିଲେ । ଇନ୍ଦ୍ର ସଭାରେ



ମହାରାଜା କଳାସୁର ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରୁଛନ୍ତି ।

ପଦ୍ମଗନ୍ଧାଙ୍କ ସହିତ ଇନ୍ଦ୍ରଙ୍କ ମିଳନ, ମହାରାଜ କଳାସୁରଙ୍କ ବ୍ରହ୍ମାଙ୍କୁ ତପସ୍ୟା, ଶୁକ୍ରଗୁରୁଙ୍କ ପରାମର୍ଶକ୍ରମେ ପାତାଳପୁରର ଅସୁରମାନଙ୍କୁ ନିମନ୍ତ୍ରଣ, ଇନ୍ଦ୍ରପୁର ଆକ୍ରମଣ ଯୋଜନା, ଇନ୍ଦ୍ରଙ୍କୁ ପରାଜିତ କରି ରାଜାଭିଷେକ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା । ମହାରାଜା କଳାସୁରଙ୍କ ରାଜାଭିଷେକ ପରେ ପେଟୁପାଲି ଗ୍ରାମ ଜେନାବଳୀ ନଗରୀ ପାଲଟି ଯାଇଛି। କଳାସୁର ଭୂମିକାରେ ଆର୍ତତ୍ରାଣ ସୁନାନୀ, ରସକୈଟଭ-ତରଣୀସେନ ସିଂ ବରିହା, ଇନ୍ଦ୍ର-ଶଶୀଭୂଷଣ ମେହେର, ବଜ୍ରଦ୍ରଷ୍ଟ- ହିମାଂଶୁ ମେହେର, ବ୍ରହ୍ମା-ଶିବ ପ୍ରଧାନ, ମନ୍ତ୍ରୀ ଭୂମିକାରେ ଅମୃତ ବିଶି ଅଭିନୟ କରିଥିଲେ ।

## କାଳୀପୂଜା ଯୁଗାର ଯାତ୍ରା ପ୍ରସ୍ତୁତି

ଘେଁସ,୧୩।୧୦(ଡି.ଏନ.ଏ)

ସୋହେଲା ବ୍ଲକ କୁଟିପାଲିର ପ୍ରସିଦ୍ଧ କାଳିପୂଜା ଯୁଗାର ଯାତ୍ରା ଲାଗି ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସଦସ୍ୟ ଧନପତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମ୍ୟ କମିଟି ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସମେତ ବହୁ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପୂର୍ବ ବର୍ଷ ପୂଜା ମହୋତ୍ସବର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା । ପରେ ଚଳିତ ବର୍ଷ ପୂଜା ପାଇଁ ନୂତନ କର୍ମକର୍ତ୍ତା ମଣ୍ଡଳି ଗଠନ କରାଯାଇଥିଲା । ଏଥିରେ କୃଷ୍ଣଚନ୍ଦ୍ର ପଣ୍ଡା ସଭାପତି, ଗିରିଶ ଚନ୍ଦ୍ର ବିଶ୍ୱାଳ ସମ୍ପାଦକ ଏବଂ ଅଶ୍ୱିନୀ ପଧାନ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି। ସେହିପରି ନବୀନ କୁମାର ସାହୁ, ଲୋକେଶ୍ୱର ସିଂ ବରିହା, ରସିଦ ଖାଁ, ଶୁଶାନ୍ତ ବାରିକ, ଉପେନ୍ଦ୍ର ପଧାନ ପ୍ରମୁଖ ଉପଦେଷ୍ଟା ମଣ୍ଡଳିରେ ରହିଛନ୍ତି । ଚଳିତ ବର୍ଷ ପବିତ୍ର ବେହେରା ଏବଂ ତାଙ୍କ ସ୍ତ୍ରୀ ସୀମା ବେହେରା କର୍ତ୍ତା ଦାୟିତ୍ୱ ତୁଲାଇବେ ।

## ଗଜଲକ୍ଷ୍ମୀ ପୂଜା ଆରମ୍ଭ

ଘେଁସ,୧୩।୧୦(ଡି.ଏନ.ଏ)

ବରଗଡ ଜିଲା ସୋହେଲା ବ୍ଲକ ପେଟୁପାଲିର ଗଜଲକ୍ଷ୍ମୀ ପୂଜା ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ପୁରୁଷ ମାନସିକ ରଖି ନିକଟସ୍ଥ ବଡକଟାରେ ପହଞ୍ଚିଥିଲେ। ସେଠାରେ ପଣ୍ଡିତ ଅଶ୍ୱିନୀ ସାବତଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ହୋଇଥିଲା। ପରେ ଜଳପୂର୍ଣ୍ଣ କଳସ ଗୁଡିକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ୩୦୦ରୁ ଊର୍ଦ୍ଧ୍ୱ ମାନସିକ କଳସ ସ୍ଥାନ ପାଇଛି । ଧୂପ, ଦୀପ, ନୈବେଦ୍ୟ ମାଁଙ୍କୁ ଅର୍ପଣ କରାଯାଇ ପୂଜା ଆରମ୍ଭ ହୋଇଛି । ପଣ୍ଡିତ ଟିକେଶ୍ୱର ମହାପାତ୍ର, ରକ୍ମଣ ଶତପଥି, ଲୋକେଶ୍ୱର ସାବତଙ୍କ ପୌରୋହିତ୍ୟରେ ମାଁଙ୍କ ପୂଜାର୍ଚ୍ଚନା ଚାଲିଛି । ସୁବାଷ ଦିସ୍ରି ଏବଂ ତାଙ୍କ ସ୍ତ୍ରୀ ରଞ୍ଜିତା ଦିସ୍ରି କର୍ତ୍ତା ଦାୟତ୍ୱ ତୁଲାଉଛନ୍ତି । ଏହି ପୂଜା ମହୋତ୍ସବ ତିନି ଦିନ ଧରି ଚାଲିବ । କାର୍ଯ୍ୟକ୍ରମ ପରିଚାଳନାରେ ପୂଜା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି ।

## ବିଲାସପୁରରେ ମାହେଶ୍ୱରୀଙ୍କ ଆଶ୍ୱିନ ପୂର୍ଣ୍ଣିମା ଯାତ୍ରା

ମନମୁଣ୍ଡା, ୧୩।୧୦ (ଡି.ଏନ.ଏ)

ବୌଦ୍ଧ ଜିଲା ବିଲାସପୁରଠାରେ ଡୁମ୍ବାଳ ସମାଜ ତରଫରୁ ମାଁ ମାହେଶ୍ୱରୀଙ୍କ ଅଶ୍ୱିନ ପୂର୍ଣ୍ଣିମା ଯାତ୍ରା ରବିବାର ମହାସମାରୋହରେ ପାଳିତ ହୋଇଛି। ସକାଳେ ୨୫୦ଜଣ ମହିଳା କଳସ ଶୋଭାଯାତ୍ରାରେ ଯାଇଥିଲେ। ମାହେଶ୍ୱରୀ ମନ୍ଦିର ଦେହୁରୀ କୃଷ୍ଣଚନ୍ଦ୍ର ଏବଂ ବ୍ରାହ୍ମଣ ବାସୁଦେବ ହୋତା ପୂଜାକାର୍ଯ୍ୟ କରିଥିଲେ । ଏଥିରେ ବୌଦ୍ଧ ଡୁମ୍ବାଳ ସମାଜ ସଭାପତି ପୂର୍ଣ୍ଣଚନ୍ଦ୍ର ମହାକୁଡ ଏବଂ ବରିଷ୍ଠ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ପ୍ରତିନିଧି ସୁଦାମ ଚରଣ ଖମାରୀ, ସମ୍ପାଦକ ଶ୍ୟାମସୁନ୍ଦର ପ୍ରଧାନ, ଉପସଭାପତି ସପ୍ନେଶ୍ୱର ପ୍ରଧାନ, ସହ ସମ୍ପାଦକ ବୁଦ୍ଧଦେବ ଖଣ୍ଡଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା ସମ୍ପାଦନ ହୋଇଥିଲା । ବରିଷ୍ଠ ସଭ୍ୟ ବିଦ୍ୟାଧର ମହାକୁଡ, ଗୋପାଳ ପ୍ରଧାନ, ପରମାନନ୍ଦ ପ୍ରଧାନ, ମହାଦେବ ଖମାରୀ, ମାଗୁଣି ପ୍ରଧାନ, ପରମା ମହାକୁଡ ସହଯୋଗ କରିଥିଲେ। ଅଞ୍ଚଳର ହଜାର ହଜାର ଡୁମ୍ବାଳ ସମାଜର ମହିଳା, ପୁରୁଷ, ଛୁଆପିଲା ମାଁଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ ହୋଇଥିଲା ।



ମାହେଶ୍ୱରୀଙ୍କ ଆଶ୍ୱିନ ପୂର୍ଣ୍ଣିମା ଯାତ୍ରାରେ ଶ୍ରଦ୍ଧାଳୁମାନେ ସାମିଲ ହୋଇଛନ୍ତି ।

## ବାଉଁଶୁଣୀରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ବାଉଁଶୁଣୀ, ୧୩।୧୦ (ଡି.ଏନ.ଏ)

ବୌଦ୍ଧ ବ୍ଲକ ବାଉଁଶୁଣୀ ଛକ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ୭ମ ଗଜଲକ୍ଷ୍ମୀ ପୂଜା ରବିବାର ଆରମ୍ଭ ହୋଇଛି। ଏଥିରେ କର୍ତ୍ତା ଭାବେ ହୃଦାନନ୍ଦ ମେହେର, ପୂଜକ ବସନ୍ତ ତ୍ରିପାଠୀ, ସଭାପତି ଗୋପାଳ ମେହେର ଉପସ୍ଥିତ ଅଛନ୍ତି । ଏହି ଉପଲକ୍ଷେ କମିଟିର ସମସ୍ତ ସଦସ୍ୟ ବାଘନଦୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।



ବରଗଡ଼ ଜିଲା ସୋହେଲା ବ୍ଲକ ପେଟୁପାଲି ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଲାଗି କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି ।

## ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା

କନ୍ଧମାଳ,୧୩।୧୦(ଡି.ଏନ.ଏ)

ଧନଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ଗଜଲକ୍ଷ୍ମୀଙ୍କ ପୂଜାରମ୍ଭ ହୋଇଛି । ଏ ନେଇ ରବିବାର ସକାଳୁ କନ୍ଧମାଳ ବ୍ଲକ ଗୋପାଳମାଲ ପୂଜା କମିଟି ପକ୍ଷରୁ ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମହିଳାମାନେ ନିକଟସ୍ଥ ପଲସାଗୋରା ବଡବନ୍ଧରୁ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ପୂଜାମଣ୍ଡପରେ ସ୍ଥାପନା ପରେ ପୂଜାରମ୍ଭ ହୋଇଥିଲା । ପୂଜାରେ ବିଦୁ ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିବା ବେଳେ ସୁଜିତ ଖଟୁଆ ଓ ତାଙ୍କ ସ୍ତ୍ରୀ ରଶ୍ମିତା ଖଟୁଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଶୋଭାଯାତ୍ରାରେ ଝିଙ୍କରପାଲି, ପଥର୍ଲା, ଶଗଡାର ନାମ ସଂକୀର୍ତ୍ତନ ଦଳ ସହ ବରଗଡ ଜିଲା ସୋହେଲାର ବୀର ବଜରଙ୍ଗବଳୀ କଳାକାରଙ୍କ କଳାହାଣ୍ଡି ଆଦିବାସୀ ନୃତ୍ୟ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇଥିଲା । ପରେ ଝିଙ୍କରପାଲି ଓ ପଥର୍ଲା ଦଳ ମଧ୍ୟରେ ବୈଠକୀ ହୋଇଥିଲା । ସେହିପରି ସନ୍ଧ୍ୟାରେ ବଉଲପୁର, କସୁରବନ୍ଧ ଓ ରିସବନ୍ଧ ମଧ୍ୟରେ ନମୋଗୁରୁକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଉପଭୋଗ କରିଥିଲେ । ୩ଦିନ ଧରି ହେବାକୁ ଥିବା ମାଁ ଗଜଲକ୍ଷ୍ମୀ ପୂଜାରେ କମଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।



କଳସ ଶୋଭାଯାତ୍ରାରେ ସାଂସ୍କୃତିକ ଦଳ କଳା ପରିବେଷଣ କରୁଛନ୍ତି ।

# ଜମିଲା ବିଜେପୁର ଉପନିର୍ବାଚନ ପ୍ରଚାର

ବରଗଡ଼ ଅଫିସ୍/ବିଜେପୁର/ବରପାଲି/ଗାଇସିଲେଟ୍,୧୩।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ବରପାଲି ଏନଏସିରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ୱାର୍ଡ଼ ନଂ-୧ରୁ ପ୍ରଚାର ଆରମ୍ଭ କରି ବିଭିନ୍ନ ସ୍ଥାନରେ ହୋଇଥିବା ପଥପ୍ରାନ୍ତ ସଭା, କର୍ମୀ ସମାବେଶରେ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ଅଚ୍ୟୁତା ପଣ୍ଡା, ବନ୍ତ ସେଠ, ବିଜନ ଦାଶ, ହରିଶଙ୍କର ରାଉତ ପ୍ରମୁଖ ସାମିଲ ଥିଲେ । ସେହିପରି ପୂର୍ବତନ ଏମ୍ପି ବୈଜୟନ୍ତ ପଣ୍ଡା ଭାଜପା ପ୍ରାର୍ଥୀ ସନତ କୁମାର ଗଡ଼ତିଆଙ୍କ ପାଇଁ ବରପାଲି ଓ ବିଜେପୁର ବ୍ଲକ ମାନପୁରରେ ପ୍ରଚାର କରିଥିଲେ। ଏଠାରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ପ୍ରଦୀପ୍ତ ନାୟକ, ଜିଲା ସଭାପତି ଅରୂପାନନ୍ଦ ସାହୁ, ସୁକାନ୍ତ ଦାଶ, ଇରାସିସ୍ ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ । ସେହିପରି କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡା ସାଇପାଲି, ପୁଟୁକା, ପୁଟୁକିଗ୍ରୀଞ୍ଜେଲ, ବରକାନୀ, ରଙ୍ଗମାଟିଆ, ମହବେର୍ଣ୍ଣା, ଗଣ୍ଡିଆପାଲି ଆଦି ଗ୍ରାମରେ ପ୍ରଚାର କରିଥିଲେ। ତାଙ୍କ ସହିତ ସରୋଜ ମହାପାତ୍ର, ସୂର୍ଯ୍ୟ ପଟେଲ, ବିଜୟ ରାଉତ, ସଦାନନ୍ଦ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଗାଇସିଲେଟ୍‌ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବିଧାୟକ ରବି ନାଏକ, ଗୋବର୍ଦ୍ଧନ ଭୋଇ ପ୍ରମୁଖ ଭାଜପା ପ୍ରାର୍ଥୀ ସନତଙ୍କ ପ୍ରଚାର କରିଥିଲେ। ସେହିପରି ଅଭିନେତ୍ରୀ ଅନୁ ଚୌଧୁରୀ, ଏମ୍ପ ସଙ୍ଗୀତା ସିଂଦେଓ, ଭାରତୀ ମହାନନ୍ଦ, ମୁକ୍ତା ସାହୁ, ପ୍ରବୀଣ ପାଣିଗ୍ରାହୀ ପ୍ରମୁଖ ଗାଇସିଲେଟ୍, ଫିରିଙ୍ଗିମାଲ, କନ୍ଦାଗାଡ଼, ଜାମୁଟପାଲି, ଅଏଁଲାଭଟା ଗ୍ରାମରେ ସନତଙ୍କ ପାଇଁ ପ୍ରଚାର କରିଥିଲେ । ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ପୂର୍ଣ୍ଣାନନ୍ଦ ଠାକୁର ପ୍ରମୁଖ ଟେଙ୍ଗନାପାଲି, ବଡ଼ ସାହାଜବାହାଲ, ଜଗଲପାଟ, ଡାଙ୍ଗବାହାଲ ଗ୍ରାମରେ ଭାଜପା ପ୍ରାର୍ଥୀ ସନତଙ୍କ ପାଇଁ ପ୍ରଚାର କରିଥିଲେ ।




ବରପାଲିରେ ବିଧାୟକ ଦେବେଶ ଆଚାର୍ଯ୍ୟ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ।




କଟାପାଲିରେ କଂଗ୍ରେସ ପ୍ରାର୍ଥୀ ଦିଲୀପ ପଣ୍ଡାଙ୍କ ପ୍ରଚାର ।

## ବିଜେପୁର ଉପନିର୍ବାଚନ ଦିବ୍ୟାଙ୍ଗଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା

ବରଗଡ଼ ଅଫିସ୍,୧୩।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଆସନ୍ତା ୨୧ତାରିଖରେ ହେବ । ତେବେ ଉପନିର୍ବାଚନର ମତଦାନ ପାଇଁ ପ୍ରତ୍ୟେକ ଭୋଟ୍‌କେନ୍ଦ୍ରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଭୋଟ୍‌କେନ୍ଦ୍ରରେ ସୁଗମ ପ୍ରବେଶ ପାଇଁ ର୍‍ୟାମ୍ପ, ହ୍ୱିଲ ଚେୟାର, ଘରୁ ଭୋଟକେନ୍ଦ୍ରକୁ ଆସିବା ସକାଶେ ଗାଡ଼ି ବ୍ୟବସ୍ଥା କରାଯାଇଛି । ଏହା ସହିତ ସେମାନଙ୍କୁ ଭୋଟକେନ୍ଦ୍ରରେ ସହାୟତା କରିବା ପାଇଁ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି ବ୍ୟବସ୍ଥା ହୋଇଥିବାବେଳେ ଅଗ୍ରାଧିକାର ବ୍ୟବସ୍ଥାରେ ମତଦାନ ଓ ଭୋଟକେନ୍ଦ୍ରରେ ସେମାନଙ୍କ ବିଶ୍ରାମ ପାଇଁ ମଧ୍ୟ ବହିତ ବ୍ୟବସ୍ଥା ହୋଇଛି। ଦୃଷ୍ଟିହୀନ ଭୋଟରଙ୍କ ପାଇଁ ନିର୍ଦ୍ଦିଷ୍ଟ ଭୋଟକେନ୍ଦ୍ରରେ ବ୍ରେଲି ଲିପିରେ ଡମି ବାଲାଟ୍ ପେପର୍ ବ୍ୟବସ୍ଥା ହୋଇଛି । ଫଳରେ ସେମାନେ ସୁବିଧାରେ ନିଜ ମତଦାନ କରିପାରିବେ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ଜଣାଇଛନ୍ତି ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ
ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।
- ହୋମର



## ସଂକ୍ଷେପରେ



### ଘଣ୍ଟାପଡାରେ ଗଜଲକ୍ଷ୍ମୀ ପୂଜା

**ଘଣ୍ଟାପଡା, ୧୩।୧୦ (ଡି.ଏନ.ଏ)**
କଣ୍ଟାମାଳ ବ୍ଲକ ଘଣ୍ଟାପଡାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଏହି ପୂଜାରେ ପଣ୍ଡିତ ଚନ୍ଦ୍ରେଶ୍ୱର ପାଣିଗ୍ରାହୀ ଓ ଜିତେନ୍ଦ୍ର ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ । ଏହି ଉପଲକ୍ଷେ ମହିଳାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ହୋଇଥିଲା। ରମେଶ ପୋଢ଼ ଓ ତାଙ୍କ ସ୍ତ୍ରୀ ଧରିତ୍ରୀ ପୋଢ଼ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପୂଜା ମଣ୍ଡପରେ ମୋନାଲି ମହାପାତ୍ର ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାର ବିଭିନ୍ନ ଦିବସରେ ସଂକୀର୍ତ୍ତନ, ପାରାୟଣ, ସତସଙ୍ଗ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ପୂଜା କମିଟି ସଦସ୍ୟ ଦେବେନ୍ଦ୍ର ନାଥ ରଣା, ଅଜୟ ମହାପାତ୍ର, ପ୍ରଭାତ ସାହୁ, ପାଣ୍ଡବ ମହଲା, ଉଗ୍ରସେନ ପଟ୍ଟନାୟକ, ରାଜେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ଅଛନ୍ତି ।

■ ଯାଦବ ମହାସଭା ପକ୍ଷରୁ ଶାରଦୀୟ ପୂର୍ଣ୍ଣମୀ

# ସମାଜକୁ ସଂସ୍କାରଧର୍ମୀ କରିବାକୁ ଗୁରୁତ୍ୱ

**ସୋନପୁର, ୧୩।୧୦(ନି.ପ୍ର.)**
ସୁବର୍ଣ୍ଣପୁର ଜିଲା ଯାଦବ ମହାସଭା ପକ୍ଷରୁ ବାର୍ଷିକ ଶାରଦୀୟ ପୂର୍ଣ୍ଣମୀ ଅବସରରେ ବାର୍ଷିକ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଦବଙ୍କ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୂଜନୋତ୍ସବ ସ୍ଥାନୀୟ ସମଲେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଥିଲା। ସକାଳେ ବୁଢ଼ୀ ସମଲେଇ ମନ୍ଦିର ପ୍ରାଙ୍ଗଣରୁ ଯାଦବମାନେ ଏକ ବାଡି ଖେଳ ଶୋଭାଯାତ୍ରାରେ ବାହାରି ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ତପନ ଜୁଆଡି ସଭାରେ ଅଧ୍ୟକ୍ଷତା କରିଥିଲେ। ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯାଦବ ସମାଜର ଇତିବୃତ୍ତ ବର୍ଣ୍ଣନା କରିବା ସହ ଏହି ସମାଜ ଶ୍ରେଷ୍ଠ ବୋଲି କହିଥିଲେ। ସଭାରେ ବରଗଡ, ସମ୍ବଲପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲା ଯାଦବ ସମାଜର ସଭାପତି



ପଦ୍ମଶ୍ରୀ ହଳଧର ନାଗ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଓ ଉପସଭାପତିମାନେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସମାଜରେ ଥିବା କୁସଂସ୍କାରକୁ ଦୂର କରିବା ସହ ଅବହେଳିତ ପରିବାରକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନୀଳକଣ୍ଠ ବଗର୍ତ୍ତି ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ସଭାପତି ଓ ସମ୍ପାଦକଙ୍କ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଜିଲା ଯାଦବ ସମାଜର ପ୍ରଫୁଲ୍ଲ ନାଏକ, ରତ୍ନୁରାଜ ବାଘ, ପ୍ରକାଶ ହାତୀ, ରଞ୍ଜନ ଠେଲା, ସୁରେଶ ଷାଣ୍ଢ, ମନବୋଧ ନାଏକ ଓ କୃଷ୍ଣ କୁମାର ବାଘ ସହଯୋଗ କରିଥିଲେ।

# ସମାଜରୁ ହଜିଗଲାନ ନଚନିଆଁ ପରମ୍ପରା

**ଜାମଟିକ୍ରା, ୧୩।୧୦(ଡି.ଏନ୍.ଏ.)**
ନଚନିଆଁ ପରମ୍ପରା ପଶ୍ଚିମ ଓଡ଼ିଶାର ଗୁଟେ ପୁରାତନ ଲୋକ୍ କଳା। ବିହାବରୁ ଲେଖେଁ ଶୁଭ୍ କାଯ୍, ସାମାଜିକ କାଯ୍, ସାଂସ୍କୃତିକ୍ କାଯ୍‌କରମରେ ନଚନିଆଁ ନାଇଁହେଲେ କାଯ୍‌କରମ ଆଗ୍‌ନେ ନାଇଁ ବଢୁଥିଲା। ଇ କଳାକରମାନେ ଚଉପଦୀ, ଲୋକ୍‌ଗୀତ ଗାଏବାର ସଂଗେ ଢୋଲ, ନିଶାନ, ତାସା, ମୁହୂରୀର ତାଲେ ତାଲେ ନାଚୁଥିଲେ। ନାଚ୍ ଆର ଗୀତ୍ ଦେଖିବାର ଲାଗି ଗାଁଖୁଲି ପୂରି ଯାଉଥିଲା। ଇ ପରମ୍ପରାରେ ୨ରୁ ୪ ଝନ୍ ତକ୍ କଳାକାର ସାମିଲ ହେଉଥିଲେ। ଇଥିରେ ଝନେ ଗୀତ ଗାଉଥିଲାବେଲେ ବାକିମାନେ ପାଲିଆ ଧରୁଥିଲେ। ମୁଖିଆ ଗାହାକ୍‌କେ ଶିରି ଗାହାକ୍ ଆର ଉନିଆମାନକୁ ପାଲିଆ କହୁଥିଲେ। ଇ ନଚ୍‌ନିଆଁମାନକର ପିଁଧନ୍‌ଉଢ଼ନ୍ ବି ଥିଲା ଖାସ୍। ନଚ୍‌ନିଆଁମାନକର ଅଁଟାଥି ରଂଗୀନ ଘେର, ଦିହେ ଜରିଲଗା ଢିଲା, ମୁଡ଼େ ମୟୂର ପର ଲଗା ପଗଡ଼ି ଶୋଭା ପାଉଥିଲା। ଇତାର ବାହାରେ କପାଲେ ସେଁଦୁର ଚଁଦନ୍, ଆଏଁଖିଥି କଜଲ, କାନେ କୁଣ୍ଡଳ, ବାହାରେ ବାହୁଟି, ବେଁକେ ମାଲା, ଗୁଡ଼େ ଘୁଂଗୁର, ପାଦେ ଅଲତା, ଆଂଗ୍‌ଠିରେ ମୁଦି, ଡେବ୍‌ରି ହାତେ ଚାମର ଆର ଭୁଜନି ହାତେ ରୁମାଲ ଧରି ଇମାନେ ନାଚ୍ ପରିବେଷନ୍ କରୁଥିଲେ। ହେଲେ ଏହେଦେ ସମିଆର ପରିବରତନ ସଂଗେ ଇ ସବୁ ଲୋକ୍ ନାଚଗୀତ ସମାଜରୁ ହଜିଯିବାକେ ବସଲାନ। ଏହେଦେ ଗାଁଗଁଡ଼ାନୁ ସହର ତକ୍ ଲୋକ୍ ଶୁଭ୍ କାଯ୍ ହେଉ କି ସାଂସ୍କୃତିକ୍ କାଯ୍ ସବୁଥି ଡିଜେ, ବ୍ୟାଣ୍ଡପାର୍ଟିକେ ଖୁଜୁଛନ୍। ଯେନ୍‌ଥିରଲାଗି ଦିନୁଦିନ୍‌କେ ଇ ନଚ୍‌ନିଆଁ ପରମ୍ପରା ସମାଜରୁ ହଜିଯିବାକେ ବସଲାନ। ଦିନ୍‌ଥିଲା ଅତାବିରା ଅଂଚଲରେ ଗାଁଗାଁରେ ନଚନିଆଁ କଳାକାରମାନେ ଭରି ରହିଥିଲେ। ସେମାନେ ବିହାବରୁ ଲେଖେଁ ଶୁଭ୍‌କାଯ୍‌ମାନକେ ନଚନିଆଁ କଳାକାରମାନେ କିଛି ଟଁକା ନେଇ ନାଚ୍‌ଗୀତ ପରିବେଷନ୍ କରୁଥିଲେ। ପାଖାପାଖି ୩୦ରୁ ୩୫ ବଛର ହେଲା ଇ ପରମ୍ପରା ଅଂଚଲରୁ ଲୋପ୍ ପାଇଗଲାନ। ଯେନ୍‌ମାନେ ଇ କଳା, ପରମ୍ପରାକେ ବଁଚେଇ ରଖିଥିଲେ ସେମାନେ ବି ପେଟ୍‌ପଟନାର ଲାଗି ଉନିଆ କାମ୍‌ଧଁଦାକେ ଆପ୍‌ନେଇ ନେଲେନ। ଅଂଲର ଅନେକ ନଚ୍‌ନିଆଁ କଳାକାର ସରକାରଙ୍କର କଳାକାର ଭତାରୁବି ବଁଚିତ୍ ଥିବାର ଜନାଯାଇଛେ ।

■ ଦେବୀ ଗୌରୀଙ୍କ ଆଗମନ

# ଆରମ୍ଭ ହେଲା ପ୍ରସିଦ୍ଧ ହରଗୌରୀ ଯାତ୍ରା

**ସୋନପୁର, ୧୩।୧୦(ନି.ପ୍ର.)**
ପୂଜା ମଣ୍ଡପକୁ ଶନିବାର ବିଳମ୍ବିତ ରାତିରେ ଦେବୀ ଗୌରୀଙ୍କ ଆଗମନ ପରେ ସୁବର୍ଣ୍ଣପୁରରେ ଆରମ୍ଭ ହୋଇଛି ପରମ୍ପରା ଓ ଦେବାଙ୍ଗ ସଂସ୍କୃତିର ମହାପାର୍ବଣ ପ୍ରସିଦ୍ଧ ହରଗୌରୀ ଯାତ୍ରା(ବୁଢୀମାଁ ଯାତ୍ରା)। ଜିଲାର ଇଷ୍ଟଦେବତା ସୁବର୍ଣ୍ଣମେରୁଙ୍କ ନିଜସ୍ୱ ଜମିରୁ ଧାନ ଗଛକୁ ଗୌରୀ ରୂପରେ ବରଣ କରାଯାଇଥିଲା। ପୂଜାର୍ଚ୍ଚନା ପରେ ପରମ୍ପରା ଅନୁଯାୟୀ ବିରାଟ ପଟୁଆରରେ ଘଣ୍ଟ, ଶଙ୍ଖ, ଭେରୀ, ତୁରୀ ଓ ବିଭିନ୍ନ ବାଦ୍ୟ ସହ ଢେରାପଡାର ଯୁବକ ପ୍ରକାଶ ପାତ୍ର ଏକ ବଡ ଥାଳରେ ଦେବୀଙ୍କୁ ସ୍ଥାପନ କରି ମୁଣ୍ଡରେ ମା'ଙ୍କୁ ପରିକ୍ରମଣ କରିଥିଲେ। ଗୌରୀଙ୍କୁ ବୁଢୀମାଁ ମନ୍ଦିର ପ୍ରାଙ୍ଗଣରେ ଥିବା ପୂଜା ମଣ୍ଡପକୁ ଆଣିବା ସମୟରେ ସହରର ବହୁ ଶ୍ରଦ୍ଧାଳୁ ଭକ୍ତମାନେ ନିଜ ନିଜ ଘର ସମ୍ମୁଖରେ କଳସ ଓ ଜାଗର ଜାଳି ଦେବୀଙ୍କୁ ସ୍ୱାଗତ କରିଥିଲେ । ପୂଜା ମଣ୍ଡପରେ ଦେବୀ ଗୌରୀଙ୍କ ବିଜେ ପରେ ଆନୁଷ୍ଠାନିକ ଭାବରେ ପୂଜା ଆରମ୍ଭ ହୋଇଛି। ଏଥିପାଇଁ ଢେରାପଡାର ସମସ୍ତ



ଧାନ ଗଛକୁ ଗୌରୀ ରୂପରେ ବରଣ କରାଯାଇ ପୂଜା ମଣ୍ଡପକୁ ନିଆଯାଉଛି।

ସାହିକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ରବିବାର କୁମାର ପୂର୍ଣ୍ଣିମା ଅବସରରେ ସାହିର ସମସ୍ତଙ୍କ ଘରୁ ମା'ଗୌରୀଙ୍କୁ ପ୍ରଥମ ଅର୍ଘ୍ୟ ସ୍ୱରୂପ ପରମ୍ପରା ଅନୁଯାୟୀ ଖିରୀ ଓ ପିଠା ଭୋଗ ଲାଗି କରାଯାଇଥିଲା। ଏହି ଯାତ୍ରା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ପାଳନ କରାଯାଉଥିବା ଯାନିଯାତ୍ରାମାନଙ୍କ ମଧ୍ୟରୁ ଏହି ଯାତ୍ରାର ଏକ ବିଶେଷତ୍ୱ ରହିଛି। ଏହି ଯାତ୍ରାକୁ ଗୌରାମ୍ମା ସାମ୍ରାଲୁ ମଧ କୁହାଯାଏ । ଦକ୍ଷିଣ ଭାରତୀୟ ପରମ୍ପରାକୁ ବିଶ୍ୱାସ ରଖୁଥିବା ଦେବଙ୍ଗାଲୁ(ଢେରା) ସମ୍ପ୍ରଦାୟର ଜନସାଧାରଣ ଏହି ଯାତ୍ରାକୁ ଆୟୋଜନ କରିଥାନ୍ତି। ତେବେ ପ୍ରଥମେ ଅତି ସ୍ୱଳ୍ପ ବଜେଟ୍‌ରେ ଆରମ୍ଭ ହୋଇ ଆସୁଥିବା ଏହି ଯାତ୍ରା ପାଳନ ପାଇଁ ଏବେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ଆଞ୍ଚଳିକସ୍ତରରେ ହେଲେ ବି ଏହି ଯାତ୍ରା ଓ ପୂଜନୋତ୍ସବ ମଧ୍ୟରେ ଜାତୀୟ ସଂହତି ଓ ବିଶ୍ୱ ଭାତୃତ୍ୱର ସୂତ୍ର ନିହିତ ଅଛି ଏହା ସ୍ୱୀକାର୍ଯ୍ୟ ।

# ଚୂଡ଼ାଖାଇ ଡଙ୍ଗର ଲୋକମହୋତ୍ସବ ଉଦ୍‌ଯାପିତ

**ତରଭା, ୧୩।୧୦(ଡି.ଏନ.ଏ.)**
ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ତୁଲୁଣ୍ଡା ପଞ୍ଚାୟତସ୍ଥିତ ଚୂଡାଖାଇ ଡଙ୍ଗର ପାଦଦେଶରେ ତିନିଦିନ ଧରି ଚାଲିଥିବା ଚୂଡାଖାଇ ଡଙ୍ଗର ଲୋକ ମହୋତ୍ସବ-୧୯ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଲୋକ ମହେତ୍ସବ ଆବାହକ ତଥା ବିଡିଓ ନିହାର ରଞ୍ଜନ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବାଣିଜ୍ୟ, ପରିବହନ ଓ ଯୋଜନା ଏବଂ ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା, ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଚୂଡାଖାଇ ଡଙ୍ଗର ଉନ୍ନୟନ କମିଟି ସଭାପତି ତଥା ସରଗଜ ସରପଞ୍ଚ ଦଶରଥ ସାହୁ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ, ଜିଲା ପରିଷଦ ସଭ୍ୟ ସରୋଜ କମ୍ପ, ସାମାଜିକ କର୍ମୀ ଅଶ୍ୱିନୀ ବିଶି, ତୁଲୁଣ୍ଡା ସରପଞ୍ଚ ଦୟାନିଧି ସୁନାଙ୍କ ସମେତ



ଚୂଡାଖାଇ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ସରପଞ୍ଚ ଓ ସମିତି ସଭ୍ୟ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବିଡିଓ କହଁର ପରିଚାଳନା କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଏହି ମହୋତ୍ସବକୁ କିପରି ଆହୁରି ଲୋକାଭିମୁଖୀ କରାଯାଇପାରିବ ସେଥିପାଇଁ ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଅର୍ଥମନ୍ତ୍ରୀ ପୂଜାରୀ ତାଙ୍କର ବକ୍ତବ୍ୟରେ ପର୍ଯ୍ୟଟନୀ ସ୍ଥଳର ମାନ୍ୟତା ପାଇଥିବା ଚୂଡାଖାଇ ପାହାଡର ଉନ୍ନୟନ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ କରିବେ ବୋଲି ପ୍ରକାଶ କରିଥିଲେ। ଏଥିସହିତ ଆଗାମୀ କିଛିଦିନ ମଧ୍ୟରେ ୧କୋଟି ଟଙ୍କା ବ୍ୟୟ ଅଟକଳରେ ପାହାଡ ପାଦଦେଶରୁ ଶୀର୍ଷ ପର୍ଯ୍ୟନ୍ତ ପାହାଚ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ । ସ୍ୱତନ୍ତ୍ର ମୁଖ୍ୟ ଅତିଥି ମନ୍ତ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଚୂଡାଖାଇ ଡଙ୍ଗର ଉନ୍ନୟନ କମିଟି ସଭାପତି ଦଶରଥ ସାହୁ, ଅଭେଲ କୁଅଁର, ଆଇଆଇସି ଡୋଳାମଣୀ ଭୋଇ,ତରଭା ଥାନାର ପୂର୍ବତନ ଆଇଆଇସି ସୁରୁବାବୁ ଛତ୍ରିଆ, ପ୍ରତାପ କୁମାର ବେହେରା, ବିଦେଶୀ ନାଏକ, ଡ.କ୍ଷେତ୍ରବାସୀ ମାନସେଠ, ଇଞ୍ଜିନିୟର ସଞ୍ଜୟ ପଣ୍ଡା, ବିଡିଓ ନିହାର ରଞ୍ଜନ କହଁର ଓ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାସ ପ୍ରମୁଖଙ୍କୁ ଉନ୍ନୟନ କମିଟି ତରଫରୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସ୍ମରଣୀକା 'ସ୍ୱର୍ଗାସନି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ।

### ଗାଁ ମାଟିରେ ଲିପିକାଙ୍କୁ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍,୧୩।୧୦**
ଋଷିଆର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ (୫୬୪୨ମିଟର) ଉପରକୁ ସଫଳତାର ସହିତ ଆରୋହଣ କରି ସେଠାରେ ଜାତୀୟ ପତାକା ତ୍ରିରଙ୍ଗା ଉଡ଼ାଇଥିବା ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଡାଲବର ଝିଅ ଲିପିକା ସେଟ୍ ରବିବାର ନିଜ ଘରକୁ ଫେରିଛନ୍ତି। ସେ ଫେରିବା ବାଟରେ ସମ୍ବଲପୁର, ଲକ୍ଷ୍ମୀଡୁଙ୍ଗୁରୀ, ଗୋଡ଼ଭଗା, କାଦୋବାହାଲ, ବରାହମୁଣ୍ଡା ସମେତ ନିଜ ଗାଁ ମାଟିରେ ତାଙ୍କୁ ଶୁଭେଚ୍ଛୁମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଲିପିକା ତାଙ୍କ ମା' ଅନୁସୂୟା ଏବଂ ଶୁଭେଚ୍ଛୁ ବରଗଡ଼ ବ୍ଲକ ଖୁଣ୍ଟପାଲି ଗ୍ରାମର ଦିବାକର ମାଝିଙ୍କ ସହିତ ଘରକୁ ଫେରିବା ବାଟରେ ବିଭିନ୍ନ ସ୍ଥାନରେ ଲିପିକାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇଥିଲେ।

### ଫଟୋଗ୍ରାଫି କର୍ମଶାଳା

**ପଦ୍ମପୁର, ୧୩।୧୦ (ଡି.ଏନ.ଏ)**
ପଦ୍ମପୁରଠାରେ ରାଜବୋଡାସମ୍ବର ଫଟୋଗ୍ରାଫରମାନଙ୍କର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଫଟୋ ଗ୍ରାଫର ସଂଘର ସମ୍ପାଦକ ତ୍ରିବିକ୍ରମ ପ୍ରଧାନ, କୋଷାଧ୍ୟକ୍ଷ ରାଜେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫୁଜି ଫିଲ୍ମ ତରଫରୁ ରାଜ ଶର୍ମା, ଅନିଲୋ ବାସୁ କ୍ୟାମେରା ପରିଚାଳନା ଓ ସ୍ଥିର ଫଟୋଚିତ୍ର ଉତ୍ତୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାୟ ୯୦ଜଣ ଫଟୋଗ୍ରାଫର ଯୋଗଦାନ କରିଥିଲେ। ଶେଷରେ ସୁଧାଂଶୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

■ ଇସ୍‌ଲାମାବାଦକୁ ଆମେରିକାର ତାଗିଦ

# ଲଶ୍କର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

**ୱାଶିଂଟନ,୧୩।୧୦**
ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରବିବାର ଇସ୍‌ଲାବାଦକୁ ଆମେରିକା ତାଗିଦ କରିଛି। ଆସନ୍ତା ସପ୍ତାହରେ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଫାଇନାନ୍ସିଆଲ ଆକ୍ସନ୍ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ। ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିବା ପାକିସ୍ତାନକୁ ଏଫ୍‌ଏଟିଏଫ୍ କଳାତାଲିକାଭୁକ୍ତ କରିପାରେ। ଏଥିଲାଗି ନିକଟରେ ଗିରଫ ହୋଇଥିବା ଲଶ୍କର ଆତଙ୍କବାଦୀମାନଙ୍କୁ ଆଇନର କାଠଗଡ଼ାକୁ ଟାଣି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପାକିସ୍ତାନକୁ ହ୍ୱାଇଟ୍‌ହାଉସ୍ କହିଛି। ଲଶ୍କର ପକ୍ଷରୁ କରାଯାଇଥିବା ଆକ୍ରମଣରେ ନିହତଙ୍କ ପରିବାର ଲୋକେ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚାହାଁନ୍ତି। ଏନେଇ ଆମେରିକା ପରରାଷ୍ଟ୍ର ବିଭାଗ ଦକ୍ଷିଣ ଓ କେନ୍ଦ୍ରୀୟ ଏସିଆ ବ୍ୟୁରୋ ମୁଖ୍ୟ ଆଲିସ୍ ୱେଲ୍ସ ରବିବାର ଟୁଇଟ୍ କରିଛନ୍ତି।

# ଏପିଏରେ କଶ୍ମୀର ପ୍ରସଙ୍ଗ ଉଠାଇଥିବାରୁ ପାକ୍‌କୁ ନିନ୍ଦାକଲେ ଥରୁର

**ନୂଆଦିଲ୍ଲୀ,୧୩।୧୦**
ସର୍ବିଆ ରାଜଧାନୀ ବେଲ୍‌ଗ୍ରେଡ୍‌ରେ ଏସିଆନ୍ ପାର୍ଲାମେଣ୍ଟାରି ଆସେମ୍ବ୍ଲି (ଏପିଏ)ରେ କଶ୍ମୀର ପ୍ରସଙ୍ଗ ଉଠାଇଥିବାରୁ ରବିବାର ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ପାକିସ୍ତାନକୁ ନିନ୍ଦା କରିଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଏକ ସଂସଦୀୟ ପ୍ରତିନିଧି ମଣ୍ଡଳୀ ବେଲ୍‌ଗ୍ରେଡ୍ ଗସ୍ତରେ ଅଛନ୍ତି। ୧୭ ତାରିଖ ଯାଏ ଚାଲିବାକୁ ଥିବା ଇଣ୍ଟର ପାର୍ଲାମେଣ୍ଟାରି ୟୁନିୟନ୍ (ଆଇପିୟୁ)ର ୧୪୧ତମ ସଭାରେ ଏହି ପ୍ରତିନିଧି ଦଳ ଯୋଗଦେବାର କାର୍ଯ୍ୟକ୍ରମ



ରହିଛି। ଏଥିରେ ସାମିଲ ଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର କହିଛନ୍ତି, କଶ୍ମୀର ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଏପିଏ ସଭାରେ ଅନାବଶ୍ୟକ ଭାବେ ଏହି ପ୍ରସଙ୍ଗ ଉଠାଇବା ନିନ୍ଦନୀୟ।

### ଚିତାବାଘ ବୁଲୁଥିବା ଭିଡିଓ ଭାଇରାଲ

**ସଇଁତଲା,୧୩।୧୦(ଡି.ଏନ୍.ଏ.)**
ବଲାଙ୍ଗୀର ଜିଲା ସଇଁତଲା ନିକଟସ୍ଥ ଗୋଳାବାରୁଦ କାରଖାନା ଅଞ୍ଚଳରେ ଗୋଟିଏ ଚିତାବାଘ ବୁଲୁଥିବା ଏକ ଭିଡିଓ ଭାଇରାଲ ହେବା ପରେ କର୍ମଚାରୀମାନେ ଭୟଭୀତ ହୋଇପଡିଛନ୍ତି। ସୂଚନାଯୋଗ୍ୟ, ବଡ଼ମାଳ ଗୋଳାବାରୁଦ କାରଖାନା ଅଞ୍ଚଳରେ ଥିବା ଜଙ୍ଗଲରେ ବନ୍ୟ ଜୀବଜନ୍ତୁ ରହୁଛନ୍ତି। ରବିବାର ସନ୍ଧ୍ୟାରେ ଏକ ଚିତାବାଘ କାରଖାନା କର୍ମଚାରୀମାନେ ରହୁଥିବା ଅଞ୍ଚଳରେ ବୁଲାବୁଲି କରୁଥିଲା। କେହି ଜଣେ ଏହାର ଭିଡିଓ କରିଛନ୍ତି। ଉକ୍ତ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ବନ ବିଭାଗର କୌଣସି କର୍ମଚାରୀ କାରଖାନାର ଅଞ୍ଚଳ ପରିଦର୍ଶନ କରି ନ ଥିବା ଜଣାପଡିଛି। ବାଘ ବୁଲୁଥିବା ଖବର ପାଇ କର୍ମଚାରୀମାନେ ଘରୁ ବାହାରକୁ ବାହାରୁ ନ ଥିବା ଜଣାପଡିଛି। ଉଲ୍ଲେଖ ଯୋଗ୍ୟ, ଗତ କିଛି ମାସ ତଳେ କାରଖାନା ପରିସରରେ ଏକ ଚିତାବାଘର ମୃତଦେହ ମିଳିଥିଲା। ଚିତାବାଘର ମୃତ୍ୟୁ କେଉଁ ପରିସ୍ଥିତିରେ ହୋଇଥିଲା ତାହା ଜଣାପଡି ନ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବା ଜଣାପଡିଛି। ପୁଣି ଗୋଳାବାରୁଦ କାରଖାନା ଅଞ୍ଚଳରେ ଏକ ଚିତା ବାଘ ବୁଲୁଥିବା ଭିଡିଓ ଭାଇରାଲ ହେବା ଘଟଣା ବନ କର୍ମଚାରୀଙ୍କୁ ଅଡୁଆରେ ପକାଇଛି। ବନ ବିଭାଗ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଚୂଡ଼ାନ୍ତ ପର୍ଯ୍ୟାୟରେ ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ, ୧୩।୧୦ :** ଅଯୋଧ୍ୟା ଜମି ବିବାଦର ଚୂଡ଼ାନ୍ତ ଶୁଣାଣି ସୋମବାରଠାରୁ ପୁଣି ଆରମ୍ଭ କରାଯିବ। ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ରାଜନୈତିକ ଦୃଷ୍ଟିକୋଣରୁ ବେଶ୍ ସମ୍ବେଦନଶୀଳ ହୋଇଥିବାରୁ ଦଶହରା ଛୁଟି ପରେ ସିଜେଆଇ ରଂଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଏହାର ଶୁଣାଣି କରିବେ। ଅକ୍ଟୋବର ୧୭ରେ ଶୁଣାଣି ଶେଷ ହେବାକୁ ଦିନଧାର୍ଯ୍ୟ କରାଯାଇଛି।



# ଚାଇନାକୁ ବିଭାଜନ ଉଦ୍ୟମ କଲେ ଦଳି ଦିଆଯିବ

■ ନେପାଳକୁ ୫୬ ବିଲିୟନ୍ ଟଙ୍କା ସହାୟତା ଘୋଷଣା କଲେ ଜିନ୍‌ପିଙ୍ଗ୍

**କାଠମାଣ୍ଡୁ,୧୩।୧୦(ପି.ଟି.)**
କୌଣସି ଶକ୍ତି ଚାଇନାକୁ ବିଭାଜନ ଉଦ୍ୟମ କଲେ ତାକୁ ଦଳି ଦିଆଯିବ ବୋଲି ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ରବିବାର ଚେତାବନୀ ଦେଇଛନ୍ତି।

ଦୁଇଦିନିଆ ଭାରତ ଗସ୍ତ ଶେଷ କରି ଜିନ୍‌ପିଙ୍ଗ୍ ନେପାଳ ଯାଇଛନ୍ତି। ସେ ସେଠାରେ ନେପାଳର ଶୀର୍ଷ ନେତୃତ୍ୱଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହାସହ ହିମାଳୟ ରେଲୱେ ଲାଇନ୍ ପ୍ରତିଷ୍ଠା ସମେତ ଭିତ୍ତିଭୂମି ପ୍ରକଳ୍ପ ନେଇ ୨୦ଟି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଜିନ୍‌ପିଙ୍ଗ୍ ନେପାଳ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀଙ୍କୁ ସାକ୍ଷାତ୍ କରି ୫୬ ବିଲିୟନ ନେପାଳୀ ଟଙ୍କାର ସହାୟତା ଘୋଷଣା କରିଛନ୍ତି।



ଆସନ୍ତା ଦୁଇବର୍ଷ ମଧ୍ୟରେ ବେଜିଂ ଏହି ସହାୟତା ପ୍ରଦାନ କରିବ। ୨୩ ବର୍ଷ ମଧ୍ୟରେ ଚାଇନାର କୌଣସି ରାଷ୍ଟ୍ରପତି ନେପାଳ ଗସ୍ତ କରିବାରେ ଏହା ପ୍ରଥମ।

## ଏକାଗ୍ରତା ବଢ଼ାଏ ସୋସିଆଲ ମିଡିଆ

ଆଜିକାଲି ସୋସିଆଲ ମିଡିଆର ବହୁ ଚାହିଦା ରହିଛି। କେବଳ ଛାତ୍ରୀଛାତ୍ର ନୁହନ୍ତି, ଯୁବପିଢ଼ି ହୁଅନ୍ତୁ ଅବା ବୟସ୍କ ପ୍ରାୟ ସମସ୍ତେ ଏହି ମାୟାରେ ପଡ଼ିଛନ୍ତି। କାରଣ ଏହା ବିଭିନ୍ନ ତଥ୍ୟରେ ପରିପୂର୍ଣ୍ଣ ଏବଂ ଯୋଗାଯୋଗର ଅନ୍ୟତମ ପ୍ରମୁଖ ମାଧ୍ୟମ। ଏହାର ସୁପ୍ରଭାବ ବିଷୟରେ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ଏକ ସର୍ଭେ କରାଯାଇଥିଲା। ଏଥିରୁ ଏକ କୌତୂହଳପୂର୍ଣ୍ଣ ତଥ୍ୟ ଜଣାପଡ଼ିଛି। ସଦ୍ୟ ପ୍ରକାଶିତ ରିପୋର୍ଟରେ ସେମାନେ ଏ ନେଇ ଉଲ୍ଲେଖ କରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ 'ସୋସିଆଲ ମିଡିଆର ସୁପ୍ରଭାବ' ନାମକ ବିଷୟବସ୍ତୁକୁ ନେଇ ଏକ ସର୍ଭେ କରିଥିଲେ। ଏହାର ପରସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକାଂଶ ସମୟ ସୋସିଆଲ ମିଡିଆ ସହ ନିଜକୁ ଜଡ଼ିତ ରଖୁଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ଏକାଗ୍ରତା ଆହୁରି ଦୃଢ଼ ହେଉଥିବା ଜଣାପଡ଼ିଥିଲା।



## ଉପକାରୀ ସାଲାଡ

ଟଟକା ଫଳମୂଳରେ ପ୍ରସ୍ତୁତ ସାଲାଡ ଖାଇବାକୁ କିଏ ବା ଭଲ ନ ପାଏ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ। ଆଜିକାଲି ଅନେକେ ଏହାକୁ ଦୈନନ୍ଦିନ ବ୍ରେକ୍‌ଫାଷ୍ଟ ତାଲିକାରେ ସାମିଲ କରିଛନ୍ତି। କୌଣସି ଭୋଜିରେ ସାଲାଡକୁ ଏପରି ସଜାଇ ରଖାଯାଇଥାଏ ଯେ, ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣକରେ। କେବଳ ସେତିକି ନୁହେଁ, ତାହା ମଧ୍ୟ ସାଲାଡ ଖାଇବା ଆଶାକୁ ଦ୍ୱିଗୁଣିତ କରିଥାଏ। ଆପଣ ନିଜର କ୍ୟାଲୋରିକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ନିୟମିତ ସାଲାଡ ଖାଆନ୍ତୁ। ଏହା ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିଥାଏ। ଡାଇବେଟିସ୍ ରୋଗୀ ଏହାକୁ ଖାଇବା ଦ୍ୱାରା ସେମାନଙ୍କର ରକ୍ତରେ ସୁଗାର ପରିମାଣ ସନ୍ତୁଳିତ ରହିଥାଏ। ଆଜିକାଲି ଅନେକେ ମେଦବହୁଳତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଦି ସେମାନେ ପ୍ରତିଦିନ ସାଲାଡ ଖାଆନ୍ତି ତେବେ ତାହା ଓଜନ କମାଇବାରେ ସହାୟକ ହୋଇଥାଏ। ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ ସାଲାଡ। ଏହାକୁ ଖାଇବା ଦ୍ୱାରା ଅସ୍ଥି ଏବଂ ମାଂସପେଶୀ ଦୃଢ଼ ହୋଇଥାଏ। ପ୍ରତିଦିନ ସାଲାଡ ଖାଇବା ଦ୍ୱାରା ହୃତ୍‌ପିଣ୍ଡ (ହାର୍ଟ) ସୁସ୍ଥ ରହିଥାଏ। ଏହା ଶରୀରରେ ଭିଟାମିନ୍- ବି, ସି, ଇ ଅଭାବ ପୂରଣ କରିଥାଏ।



## ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିବ ସୋଫା

ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିବାର ଏକ ସରଳ ଉପାୟ ରହିଛି। ବେଶ୍ କିଛି ବର୍ଷ ଗବେଷଣା କରିବା ପରେ ଚାଇନାର ଏକ କମ୍ପାନୀ ଏପରି ଏକ ହାଇଟେକ୍ ସୋଫା ପ୍ରସ୍ତୁତ କରିଛି। ଏହାକୁ 'ବ୍ଲଡ୍ ସର୍କୁଲେଟୋରି ମେଶିନ' (ବିସିଏମ୍) ନାମରେ ନାମିତ କରାଯାଇଛି। ଉକ୍ତ ପ୍ରସ୍ତୁତକାରୀ କମ୍ପାନୀ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଏହି ସୋଫାକୁ ଅତିକମ୍‌ରେ ୧୫ ମିନିଟ୍ ବ୍ୟବହାର କରନ୍ତି ତେବେ ତାଙ୍କର ରକ୍ତ ସଞ୍ଚାଳନ ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଡାଇବେଟିସ୍ ରୋଗୀ ମଧ୍ୟ ଏହାକୁ ବ୍ୟବହାର କରିପାରିବେ, ଯାହାଦ୍ୱାରା ସେମାନଙ୍କର ରକ୍ତରେ ସୁଗାର (ଶର୍କରା) ପରିମାଣ ସନ୍ତୁଳିତ ରହିପାରିବ। ଏହାକୁ ବ୍ୟବହାର କରିବା ପୂର୍ବରୁ ଏଥିପାଇଁ ଉଦ୍ଦିଷ୍ଟ ନିୟମାବଳୀକୁ ଭଲ ଭାବରେ ପଢ଼ି ବୁଝିନେବା ଆବଶ୍ୟକ।





ଡା. ନିତ୍ୟାନନ୍ଦ ସ୍ୱାଇଁ

### ନୋବେଲ ପୁରସ୍କାର ଚିକିତ୍ସା ବିଜ୍ଞାନ-୨୦୧୯

# ଅମ୍ଳଜାନର ପରିମାଣକୁ ବାରି ଜୀବକୋଷରେ ପରିବର୍ତ୍ତନ

ଜୀବନଧାରଣ ପାଇଁ ଅମ୍ଳଜାନ ଅପରିହାର୍ଯ୍ୟ। ମାତ୍ର ଶରୀରର ଜୀବକୋଷମାନ ଅମ୍ଳଜାନର ପରିମାଣରେ ବିଭିନ୍ନତାକୁ କିପରି ବାରିପାରନ୍ତି ଓ କିପରି ଏହା ସହ ଖାପଖୁଆଇ ନିଜ ଭିତରେ ଆବଶ୍ୟକ ପରିବର୍ତ୍ତନ କରିପାରନ୍ତି, ତାହା ବହୁଦିନ ଧରି ଅଜଣା ରହି ଆସିଥିଲା । ଏ ସଂକ୍ରାନ୍ତ ଆବିଷ୍କାର ପାଇଁ ଚଳିତ ୨୦୧୯ ମସିହାରେ ଶରୀରତତ୍ତ୍ୱ ଏବଂ ଭେଷଜ ବିଜ୍ଞାନ ନୋବେଲ ପୁରସ୍କାର ପାଇଁ ତିନି ଜଣ ଭେଷଜ ବିଜ୍ଞାନୀଙ୍କୁ ମନୋନୀତ କରାଯାଇଛି। ସେମାନେ ହେଲେ ଉଇଲିୟମ୍ ଜି. କାଏଲିନ୍ ଜୁନିୟର, ସାର୍ ପିଟର ଜେ.ର୍‍ୟାଟ୍‌କ୍ଲିଫ୍ ଏବଂ ଗ୍ରେଗ୍ ଏଲ୍. ସେମେଞ୍ଜା ।

୬୨ ବର୍ଷ ବୟସ୍କ ପ୍ରଫେସର କାଏଲିନ୍ ଜଣେ ଆମେରିକୀୟ ଏବଂ ଭେଷଜ ଓ କର୍କଟ ରୋଗ ବିଶେଷଜ୍ଞ । ଏବେ ସେ ଆମେରିକାର ଡାନା ଫାର୍ବର କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍ ଓ ହାର୍ଭାର୍ଡ ହ୍ୟୁଗ୍ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍‌ରେ ଗବେଷଣାରତ ।

ବ୍ରିଟିଶ ନାଗରିକ ପ୍ରଫେସର ର୍‍ୟାଟ୍‌କ୍ଲିଫଙ୍କ ବୟସ ୬୫ ଓ ସେ ଜଣେ ବୃକ୍‌କ ରୋଗ ବିଶେଷଜ୍ଞ। ସେ ସମ୍ପ୍ରତି ରହିଛନ୍ତି ଲଣ୍ଡନସ୍ଥିତ ଫ୍ରାନ୍‌ସିସ୍ କ୍ରିକ୍ ଇନ୍‌ଷ୍ଟିଚ୍ୟୁଟରେ କ୍ଲିନିକାଲ ରିସର୍ଚ୍ଚ ଶାଖାର ନିର୍ଦ୍ଦେଶକ ।

ଆମେରିକୀୟ ବୈଜ୍ଞାନିକ ପ୍ରଫେସର ସେମେଞ୍ଜା ଜଣେ ଶିଶୁରୋଗ ବିଶେଷଜ୍ଞ । ୬୩ବର୍ଷ ବୟସ୍କ ପ୍ରଫେସର ସେମେଞ୍ଜା ବିଗତ ୧୬ ବର୍ଷ ଧରି ଆମେରିକାର ଜନ୍‌ସ ହପ୍‌କିନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସେଲ୍ ଇଞ୍ଜିନିୟରିଂର ରକ୍ତନଳୀ ଗବେଷଣା କାର୍ଯ୍ୟକ୍ରମର ନିର୍ଦ୍ଦେଶକ ରହି ଆସିଛନ୍ତି।

ପ୍ରକାଶ ଥାଉକି ଏହି ତିନିଜଣଯାକ ନୋବେଲ ବିଜେତା ହେଉଛନ୍ତି ଚିକିତ୍ସା ବିଜ୍ଞାନୀ । ନୋବେଲ ପୁରସ୍କାର ବାବଦକୁ ଏମାନେ ପ୍ରତ୍ୟେକ ପାଇବେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣପଦକ, ନୋବେଲ ଡିପ୍ଲୋମା ବା ପୁରସ୍କାର ପାଇଥିବାର ପ୍ରମାଣପତ୍ର ଏବଂ ୩୦୬ ହଜାର ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୨କୋଟି୧୮ଲକ୍ଷ ଟଙ୍କା) ପରିମିତ ଅର୍ଥ । ପୁରସ୍କାର ପ୍ରଦତ୍ତ ହେବ ଡିସେମ୍ବର ୧୦ ତାରିଖରେ ଅନୁଷ୍ଠିତ ନୋବେଲ ଦିବସରେ । ଏହି ତାରିଖରେ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲ ପରଲୋକ ଗମନ କରିଥିଲେ।



ଉଇଲିୟମ୍ ଜି. କାଏଲିନ୍ ଜୁନିୟର



ସାର୍ ପିଟର ଜେ.ର୍‍ୟାଟ୍‌କ୍ଲିଫ୍



ଗ୍ରେଗ୍ ଏଲ୍. ସେମେଞ୍ଜା

"ଜୀବନଧାରଣ ପାଇଁ ଅମ୍ଳଜାନ ଅପରିହାର୍ଯ୍ୟ। ମାତ୍ର ଶରୀରର ଜୀବକୋଷମାନ ଅମ୍ଳଜାନର ପରିମାଣରେ ବିଭିନ୍ନତାକୁ କିପରି ବାରିପାରନ୍ତି ଓ କିପରି ଏହା ସହ ଖାପଖୁଆଇ ନିଜ ଭିତରେ ଆବଶ୍ୟକ ପରିବର୍ତ୍ତନ କରିପାରନ୍ତି, ତାହା ବହୁ ଦିନ ଧରି ଅଜଣା ରହି ଆସିଥିଲା । ଏହି ସଂକ୍ରାନ୍ତ ଆବିଷ୍କାର ପାଇଁ ଚଳିତ ୨୦୧୯ ମସିହାରେ ଶରୀରତତ୍ତ୍ୱ ଏବଂ ଭେଷଜ ବିଜ୍ଞାନ ନୋବେଲ ପୁରସ୍କାର ପାଇଁ ତିନିଜଣ ଭେଷଜ ବିଜ୍ଞାନୀଙ୍କୁ ମନୋନୀତ କରାଯାଇଛି । ସେମାନେ ହେଲେ ଉଇଲିୟମ୍ ଜି. କାଏଲିନ୍ ଜୁନିୟର, ସାର୍ ପିଟର ଜେ.ର୍‍ୟାଟ୍‌କ୍ଲିଫ୍ ଏବଂ ଗ୍ରେଗ୍ ଏଲ୍. ସେମେଞ୍ଜା ।"

### ଆବିଷ୍କାରର ରୂପରେଖ

ଅମ୍ଳଜାନର ସ୍ୱଳ୍ପତାକୁ ବିଜ୍ଞାନର ଭାଷାରେ 'ହାଇପୋକ୍ସିଆ' ବୋଲି କହନ୍ତି । ରକ୍ତରେ ଅମ୍ଳଜାନର ପରିମାଣ କମିଗଲେ ବେକର ଦୁଇପଟରେ ଥିବା କାରୋଟିଡ୍ ଧମନୀର କାରୋଟିଡ୍ ବଡିସ୍ଥିତ ସ୍ୱତନ୍ତ୍ର ରାସାୟନିକ ଅଭିଗ୍ରାହକ ବା କେମୋରିସିପ୍ଟର ଉଦ୍ଦୀପିତ ହୋଇପଡ଼ନ୍ତି। ଏହାର ପ୍ରଭାବରେ ମସ୍ତିଷ୍କର ଶ୍ୱାସକେନ୍ଦ୍ର ଉତ୍ତେଜିତ ହୋଇ ଶ୍ୱାସକ୍ରିୟାର ହାର ବଢ଼ିଯାଏ । ଫଳରେ ଅମ୍ଳଜାନର ଅଭାବ ଭରଣା ହୋଇ ସ୍ୱାଭାବିକ ଅବସ୍ଥା ଫେରିଆସେ।

ଏହା ବ୍ୟତୀତ ଅମ୍ଳଜାନ ସ୍ୱଳ୍ପତାର ନିୟନ୍ତ୍ରଣ ନିମନ୍ତେ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟ ରହିଛି । ଯେପରିକି ଅମ୍ଳଜାନର ପରିମାଣ କମିଗଲେ ରକ୍ତରେ 'ଏରିଥ୍ରୋପଏଟିନ୍' ନାମକ ହର୍‌ମୋନର ମାତ୍ରା ବଢ଼ିଯାଏ । ଏରିଥ୍ରୋପଏଟିନ୍‌ର ପ୍ରଭାବ ଯୋଗୁ ବୃଦ୍ଧି ପାଇଯାଏ ଅମ୍ଳଜାନ ବହନକରି ନେଉଥିବା ଲୋହିତ ରକ୍ତକୋଷିକାର ସଂଶ୍ଲେଷଣ । ହେଲେ ଏରିଥ୍ରୋପଏଟିନ୍ ସଂଶ୍ଲେଷକ ତଥା ଆନୁଷଙ୍ଗିକ ପ୍ରକ୍ରିୟାମାନ ପୁଣି ନିୟନ୍ତ୍ରିତ ହୋଇଥାଏ କିପରି ?

ଏହି ରହସ୍ୟକୁ ଉନ୍ମୋଚନ କରିଦେଲା ଗ୍ରେଗ୍ ସେମେଞ୍ଜା ଓ ପିଟର ର୍‍ୟାଟ୍‌କ୍ଲିଫ୍‌ଙ୍କ ଗବେଷଣା। ଏ ଦୁହେଁ ଏରିଥ୍ରୋପଏଟିନ୍‌ର ଜିନ୍ ନିୟନ୍ତ୍ରଣ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ । ଏମାନେ ସାବ୍ୟସ୍ତକରି ଦେଲେ ଯେ ଅମ୍ଳଜାନର ଅଭାବ ପ୍ରତି ଜୀବକୋଷଗୁଡ଼ିକର ସମ୍ବେଦନଶୀଳତା ସମସ୍ତ ତନ୍ତୁକୋଷିକାରେ କ୍ରିୟାଶୀଳ ହୋଇଥାଏ। ଏହି ସମ୍ବେଦନଶୀଳତା ପାଇଁ ଦାୟୀ ଏକ ପ୍ରୋଟିନ କମ୍ପ୍ଲେକ୍ସକୁ ଆବିଷ୍କାର କରିଥିଲେ ସେମେଞ୍ଜା । ସେ ପ୍ରୋଟିନ କମ୍ପ୍ଲେକ୍ସଟିର ନାଁ ରଖିଥିଲେ ହାଇପୋକ୍ସିଆ-ଇଣ୍ଡ୍ୟୁସିବଲ ଫ୍ୟାକ୍ଟର ବା ଏଚ୍‌ଆଇଏଫ୍ ଏବଂ ଏହାର ଜିନ୍‌କୁ ମଧ୍ୟ ଚିହ୍ନଟ କରିଥିଲେ । ଦୁଇଟି ପୃଥକ୍ ଡିଏନ୍‌ଏ ବାଇଣ୍ଡିଂ ପ୍ରୋଟିନକୁ ନେଇ ଏଚ୍‌ଆଇଏଫ୍ ଅଣୁ ଗଠିତ । ଗୋଟିକର ନାମ ଏଚ୍‌ଆଇଏଫ୍-୧ ଆଲ୍‌ଫା ଏବଂ ଅନ୍ୟଟିର ନାମ ଏଆର୍‌ଏନ୍‌ଟି।

କ୍ୟାନ୍‌ସର ଗବେଷକ ଉଇଲିୟମ କାଏଲିନ୍ ଭନ୍ ହିପ୍ପେଲ-ଲିଣ୍ଡାଉ ରୋଗ ବା 'ଭିଏଚ୍‌ଏଲ୍ ଡିଜିଜ' ନାମକ ଏକ ଅନୁବଂଶୀୟ ବ୍ୟାଧି ଉପରେ ଗବେଷଣା କରୁଥିଲେ । ସେ ଦର୍ଶାଇ ଦେଲେ ଯେ, ଭିଏଚ୍‌ଏଲ୍ ଜିନ୍ ସଂଶ୍ଲେଷଣ କରୁଥିବା ଭିଏଚ୍‌ଏଲ୍ ନାମକ ପ୍ରୋଟିନ ଉପାଦାନଟି ହାଇପୋକ୍ସିଆ ବା ଅମ୍ଳଜାନ ସ୍ୱଳ୍ପତାର ପ୍ରଭାବକୁ ନିୟନ୍ତ୍ରଣ କରିବା ସହ ସମ୍ପୃକ୍ତ।

ଏଆଇଏଫ୍-୧ ଆଲ୍‌ଫା ଓ ଭିଏଚ୍‌ଏଲ୍ ମଧ୍ୟରେ ସଂଘଟିତ ପାରସ୍ପରିକ କ୍ରିୟା ଜୀବକୋଷରେ ଅମ୍ଳଜାନର ପରିମାଣକୁ ନିୟନ୍ତ୍ରିତ କରିଥାଏ । ମାତ୍ର କିପରି ? ଜୀବକୋଷରେ ଅମ୍ଳଜାନର ଅଭାବ ଅନୁଭୂତ ହେଲେ ଏଚ୍‌ଆଇଏଫ୍ ଜିନ୍ ସକ୍ରିୟ ହୋଇପଡ଼େ ଓ ଏଚ୍‌ଆଇଏଫ୍-୧ ଆଲ୍‌ଫା ସହ ଭିଏଚ୍‌ଏଲ୍ ସମ୍ପୃକ୍ତ ହୋଇ ପାରେନି । ଏଚ୍‌ଆଇଏଫ୍ ଜୀବକୋଷରେ ଜମି ଯାଇ ଡିଏନ୍‌ଏକୁ ସକ୍ରିୟ କରି ବୃଦ୍ଧି କରିଦିଏ ଏରିଥ୍ରୋପଏଟିନ୍ ହର୍‌ମୋନର ସଂଶ୍ଲେଷଣ । ଏହାର ପରିଣାମରେ ଲୋହିତ ରକ୍ତକଣିକାଗୁଡିକର ସଂଶ୍ଲେଷଣ ବୃଦ୍ଧି ପାଇ ଜୀବକୋଷଗୁଡିକୁ ଆବଶ୍ୟକ ପରିମାଣର ଅମ୍ଳଜାନ ଯୋଗାଇଦେଇ ପରିସ୍ଥିତିକୁ ସୁଧାରିଦିଏ।

ଅନ୍ୟପକ୍ଷରେ ଜୀବକୋଷରେ ଅମ୍ଳଜାନର ମାତ୍ରା ସ୍ୱାଭାବିକ ଥିଲେ ଏଚ୍‌ଆଇଏଫ୍-୧ ଆଲ୍‌ଫା ସହ ଭିଏଚ୍‌ଏଲ୍ ସଂଯୁକ୍ତ ହୋଇ ଏଚ୍‌ଆଇଏଫ୍-୧ ଆଲ୍‌ଫାକୁ ନଷ୍ଟ କରିଦିଏ । ଫଳରେ ଜୀବକୋଷ ଭିତରେ ଏଚ୍‌ଆଇଏଫ୍-୧ ଆଲ୍‌ଫା ଜମି ରହେ ନାହିଁ। କାଏଲିନ୍, ର୍‍ୟାଟ୍‌କ୍ଲିଫ୍ ଓ ସେମେଞ୍ଜାଙ୍କ ଅସାଧାରଣ ଆବିଷ୍କାର ଯଥେଷ୍ଟ ଆଲୋଡ଼ନ ସୃଷ୍ଟି କରିପାରିଛି। ଅମ୍ଳଜାନର ଅଭାବକୁ ଜୀବକୋଷମାନ ସହଜରେ ବାରିପାରନ୍ତି ଓ ସେହି ଅନୁସାରେ ନିଜ ଅଭ୍ୟନ୍ତରରେ ସମ୍ପାଦିତ ଚୟାପଚୟ ପ୍ରକ୍ରିୟାକୁ ପରିବର୍ତ୍ତିତ କରିପାରନ୍ତି। ଉଦାହରଣ ସ୍ୱରୂପ, ବ୍ୟାୟାମ କରିବା ସମୟରେ ମାଂସପେଶୀ କୋଷରେ ଜାତ ହୋଇପଡ଼େ ଅମ୍ଳଜାନର ଅଭାବ। ଏଭଳି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ପେଶୀକୋଷମାନ ଗ୍ଲୁକୋଜ୍‌ର ଚୟାପଚୟ ପ୍ରକ୍ରିୟାକୁ ପରିବର୍ତ୍ତିତ କରିଦେଇ ଜାତ କରିଥାନ୍ତି କମ୍ ପରିମାଣର ଶକ୍ତି। ସେହିପରି ଅମ୍ଳଜାନର ଅଭାବ ପରିଲକ୍ଷିତ ହେଲେ (ଯେପରିକି ସମୁଦ୍ର ପତ୍ତନଠାରୁ ବହୁ ଉଚ୍ଚରେ ବାସ କରୁଥିବା ଲୋକମାନଙ୍କଠାରେ) ନୂଆ ନୂଆ ରକ୍ତନଳୀମାନ ସୃଷ୍ଟି ହୋଇପଡ଼ିବା ସଙ୍ଗେ ସଙ୍ଗେ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଶ୍ଲେଷଣ ହାର ମଧ୍ୟ ବଢ଼ିଯାଏ। ଏହାଛଡ଼ା ଆମ ଶରୀରର ପ୍ରତିରକ୍ଷା ତନ୍ତ୍ର ଏବଂ ଅନ୍ୟ କେତେକ ଶାରୀରିକ କ୍ରିୟା ଅମ୍ଳଜାନର ଅଭାବକୁ ବାରିନେଇ ସେହି ଅନୁସାରେ ବିଭିନ୍ନ ଜୈବ ରାସାୟନିକ କ୍ରିୟାକୁ ନିୟନ୍ତ୍ରଣ କରିଦେଇପାରନ୍ତି। ମାଆ ଗର୍ଭରେ ଭ୍ରୂଣର ବିକାଶ ସମୟରେ ଅମ୍ଳଜାନ ଅପରିହାର୍ଯ୍ୟ ବିବେଚିତ ହୋଇଥାଏ। କାରଣ ତାହା ଭ୍ରୂଣଠାରେ ରକ୍ତନଳୀ ଓ ପ୍ଲାସେଣ୍ଟା ବା ଗର୍ଭଫୁଲର ବିକାଶକୁ ନିୟନ୍ତ୍ରଣ କରିଥାଏ।

ଅମ୍ଳଜାନର ପରିମାଣକୁ ଚିହ୍ନଟ କରିପାରିବା ପ୍ରକ୍ରିୟା ମଧ୍ୟ ଅନେକ ବ୍ୟାଧିରେ ବେଶ୍ ଗୁରୁତ୍ୱପୂର୍ଣ୍ଣ। ରକ୍ତହୀନତା, କ୍ୟାନ୍‌ସର, ହାର୍ଟ ଆଟାକ୍, ଷ୍ଟ୍ରୋକ୍ ବା ବ୍ରେନ୍ ଆଟାକ୍, ବିଭିନ୍ନ ପ୍ରକାର ପ୍ରଦାହ, କ୍ଷତ ଅବସ୍ଥା ଆଦି ରୋଗର ଚିକିତ୍ସା ପାଇଁ ବିଭିନ୍ନ ଔଷଧ ତିଆରି କରିବା ନିମନ୍ତେ ଅମ୍ଳଜାନ-ନିୟନ୍ତ୍ରିତ ପ୍ରକ୍ରିୟାର ବିନିଯୋଗ ଉପରେ ସମ୍ପ୍ରତି ଅଗ୍ରାଧିକାର ଦିଆଯାଉଛି। ଏଥିମଧ୍ୟରେ ରୋକ୍‌ସାଡୁଷ୍ଟାଟ୍ ଓ ଡାପ୍‌ରୋଡୁଷ୍ଟାଟ୍ ନାମକ ଔଷଧ ରକ୍ତହୀନତାର ଚିକିତ୍ସାରେ ବ୍ୟବହୃତ ହେଲାଣି।

-ଅଭୀପ୍‌ସା, ସେକ୍ଟର-୬,
୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ : ୮୩୨୮୯୭୫୧୧୮

"ନ୍ୟୁରୋଲୋଜିକାଲ ଆଘାତ ପରେ ସାଧାରଣ ଅବସ୍ଥାକୁ ଫେରିବା ପ୍ରାୟ କଷ୍ଟକର । ବୟସ୍କମାନଙ୍କ ମଧ୍ୟରେ ବିକଳାଙ୍ଗତାର ମୁଖ୍ୟ କାରଣ ହେଉଛି ଷ୍ଟ୍ରୋକ୍। ଅଧାରୁ ଅଧିକ ଲୋକ ଯେଉଁମାନେ ତୀବ୍ର ଷ୍ଟ୍ରୋକ୍‌ରେ ବଞ୍ଚିଛନ୍ତି ସେମାନେ ଚାଲିବା ପାଇଁ ସକ୍ଷମ ନୁହନ୍ତି ଓ କାର୍ଯ୍ୟକରିବା ସ୍ତରକୁ ଆସିବା ସହଜ କଥା ନୁହେଁ। ସେଥିପାଇଁ ଚାଲିବା ଢଙ୍ଗରେ ପରିବର୍ତ୍ତନ ଦରକାର। ଏଥିପାଇଁ ବିଭିନ୍ନ ଟେକ୍‌ନିକର ଆବଶ୍ୟକତା ରହିଛି।"

-ଡା. ସୁପ୍ରିୟା ସୁଦର୍ଶିନୀ

## ସମର୍ଥିତ ଆମ୍ବୁଲେଶନ ପ୍ରଶିକ୍ଷଣ

ନ୍ୟୁରୋଲୋଜିକାଲ ଆଘାତ ପରେ ସାଧାରଣ ଅବସ୍ଥାକୁ ଫେରିବା ପ୍ରାୟ କଷ୍ଟକର । ବୟସ୍କମାନଙ୍କ ମଧ୍ୟରେ ବିକଳାଙ୍ଗତାର ମୁଖ୍ୟ କାରଣ ହେଉଛି ଷ୍ଟ୍ରୋକ୍। ଅଧାରୁ ଅଧିକ ଲୋକ ଯେଉଁମାନେ ତୀବ୍ର ଷ୍ଟ୍ରୋକ୍‌ରେ ବଞ୍ଚିଛନ୍ତି ସେମାନେ ଚାଲିବା ପାଇଁ ସକ୍ଷମ ନୁହନ୍ତି ଓ କାର୍ଯ୍ୟକରିବା ସ୍ତରକୁ ଆସିବା ସହଜ କଥା ନୁହେଁ। ସେଥିପାଇଁ ଚାଲିବା ଢଙ୍ଗରେ ପରିବର୍ତ୍ତନ ଦରକାର। ଏଥିପାଇଁ ବିଭିନ୍ନ ଟେକ୍‌ନିକର ଆବଶ୍ୟକତା ରହିଛି।

ବର୍ତ୍ତମାନର ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ସେମାନଙ୍କ ପାଇଁ ବେଶ୍ ଲାଭପ୍ରଦ ହୋଇଛି। ଏହି ନୂଆ ଟେକ୍ନୋଲୋଜି ଏବେ ଆମକୁ ଉତ୍ତମ ରୂପେ ରୋଗୀକୁ ସେବା ଦେବା ପାଇଁ ସକ୍ଷମ କରୁଛି ଯେପରି ପଛରେ କୌଣସି ପ୍ରକାର ଅସୁବିଧା ନ ହେବ। ଉକ୍ତ ଉନ୍ନତ ପ୍ରଣାଳୀ ହେଲା 'ସମର୍ଥିତ ଆମ୍ବୁଲେଶନ ପ୍ରଶିକ୍ଷଣ' । ସମର୍ଥିତ ଆମ୍ବୁଲେଶନ ସିଷ୍ଟମ ପ୍ରଶିକ୍ଷଣରେ ରୋଗୀକୁ ଅତି ସହଜ ଉପାୟରେ ଚାଲିବା ପ୍ରଶିକ୍ଷଣ ଦିଆଯାଇଥାଏ। ଏହି ସିଷ୍ଟମର ସାହାଯ୍ୟରେ ପୋଷ୍ଟ ନ୍ୟୁରୋଲୋଜିକାଲ ରୋଗୀ ସହଜରେ ଚାଲିବା କାର୍ଯ୍ୟକୁ ସମ୍ପାଦିତ କରିବା ପାଇଁ ସକ୍ଷମ ହୋଇଥାଏ। କାରଣ ଓଜନର କିଛି ଅଂଶ ସିଷ୍ଟମ ଦ୍ୱାରା ସମର୍ଥିତ ଥିବା ଯୋଗୁ ସେ ନିଜକୁ ହାଲୁକା ମନେକରେ। ଏହି ଆମେରିକାନ ପ୍ରଯୁକ୍ତିବିଦ୍ୟା ଏବେ ଓଡ଼ିଶାରେ ଉପଲବ୍ଧ। ଅନୁସନ୍ଧାନ ଅନୁସାରେ ସର୍ବୋତ୍ତମ ପରିଣାମ ପ୍ରାପ୍ତ କରିବା ପାଇଁ ରୋଗୀକୁ ଯେତେଶୀଘ୍ର ଡାକ୍ତରଖାନାରେ ଭର୍ତ୍ତି କରିବାର ପ୍ରଥମ ସପ୍ତାହ ଭିତରେ ନାମ ପଞ୍ଜୀକରଣ କରିବାକୁ ପଡ଼ିଥାଏ। ଏହି ପ୍ରଶିକ୍ଷଣର ସମୟ ଅବଧି ଏକରୁ ଦୁଇ ସପ୍ତାହ। ଏହା ମାତ୍ର ୨୦-୪୦ ମିନିଟ୍ ଭିତରେ ଶେଷ ହୁଏ। ପ୍ରଶିକ୍ଷଣ ଓ ଅବଧି ରୋଗୀର କ୍ଷମତା ଉପରେ ଆଧାରିତ । ସହାୟକ ଆମ୍ବୁଲେଶନ ପ୍ରଶିକ୍ଷଣ ଅନେକ ସମୟରେ ପରମ୍ପରାଗତ ଫିଜିଓଥେରାପି ସହ ସଂଶ୍ଳିଷ୍ଟ। ଏଇ ଆମେରିକୀୟ ପ୍ରଯୁକ୍ତିବିଦ୍ୟା ମଧ୍ୟ ପଡ଼ିଯିବାର ଆଶଙ୍କାକୁ କମ୍ କରିବା ପାଇଁ ଉପକାରୀ ବୋଲି ପ୍ରମାଣିତ ହୋଇଛି। ବୟସବୃଦ୍ଧି ପଡ଼ିଯିବା ଆଶଙ୍କାକୁ ଅଧିକ କରିଥାଏ। ବୃଦ୍ଧମାନଙ୍କ ମଧ୍ୟରେ ପଡ଼ିଯିବା ଡାକ୍ତରଖାନାରେ ଭର୍ତ୍ତି ହେବାର ସାଧାରଣ କାରଣ। ପଡ଼ିଯିବା କାରଣରୁ ହାଡ଼ ଭାଙ୍ଗିଯାଏ ଓ ମୁଣ୍ଡରେ ଆଘାତ ଲାଗିଥାଏ। ସମର୍ଥିତ ଆମ୍ବୁଲେଶନ ପ୍ରଶିକ୍ଷଣ ସନ୍ତୁଳିତ ଅଭ୍ୟାସ ସହ ଶିଖାଯାଏ ଓ ଏଥିରୁ ପଡ଼ିଯିବା ଆଶଙ୍କା କମ୍ ହୋଇଯାଏ ଓ ସ୍ୱାସ୍ଥ୍ୟର ଯତ୍ନ ପାଇଁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ କମ୍ ହୋଇଥାଏ।



-ପିଟି, ଏମ୍‌ପିଟି, ଏମ୍‌ଆଇଏପି,
କନ୍‌ସଲଟାଣ୍ଟ,
କେୟାର ହସ୍ପିଟାଲ, ଭୁବନେଶ୍ୱର

## ସଫ୍ଟୱେର ଚିହ୍ନଟ କରିବ ଫୁସ୍‌ଫୁସ୍ କ୍ୟାନ୍‌ସର



ଏଣିକି ଫୁସ୍‌ଫୁସ୍ କ୍ୟାନ୍‌ସରକୁ ସହଜରେ ଚିହ୍ନଟ କରିହେବ। ଦୀର୍ଘବର୍ଷର ଗବେଷଣା ପରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ବିଶେଷଜ୍ଞମାନେ ଏଥିରେ ସଫଳ ହୋଇଛନ୍ତି । ସେମାନେ ଏପରି ଏକ ସଫ୍ଟୱେର ପ୍ରସ୍ତୁତ କରିଛନ୍ତି, ଯାହାକୁ ବ୍ୟବହାର କରି ଫୁସ୍‌ଫୁସ୍ କ୍ୟାନ୍‌ସର ସମ୍ପର୍କରେ ସୂଚନା ମିଳିପାରିବ। ଏହି ନୂଆ ପ୍ରଣାଳୀ କମ୍ପ୍ୟୁଟର ଟମୋଗ୍ରାଫିଠାରୁ ବେଶ୍ ସରଳ। ଏହି ସଫ୍ଟୱେର ଟୁଲ୍‌ରେ ଏକ ସରୁ ଛୁଞ୍ଚ ସଂଯୋଗ କରାଯାଇଛି। ଏହାକୁ ବ୍ୟବହାରକରି ଫୁସ୍‌ଫୁସ୍ କ୍ୟାନ୍‌ସର ସମ୍ପର୍କରେ ଜାଣିହେବ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କେବଳ ସେତିକି ନୁହେଁ, କେତେକ ଫୁସ୍‌ଫୁସ୍ କ୍ୟାନ୍‌ସର ରୋଗୀଙ୍କଠାରେ ପରୀକ୍ଷାମୂଳକ ଭାବରେ ଏହାକୁ ବ୍ୟବହାର କରାଯାଇ ସଫଳତା ମିଳିଛି ବୋଲି ରିପୋର୍ଟରୁ ଜଣାପଡ଼ିଛି।

## ସକାରାତ୍ମକ ମାନସିକତା ଓ କାର୍ଯ୍ୟଦକ୍ଷତା

ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜର ମାନସିକତାକୁ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କେତେକେ ଏଥିପ୍ରତି ସଚେତନ ଥିବା ବେଳେ ଅଧିକାଂଶ ଟେନ୍‌ସନ ଏବଂ ଅବସାଦରୁ ମୁକୁଳିବାର ବାଟ ଖୋଜିଥାଆନ୍ତି। ମାନସିକତା ଯଦି ନକାରାତ୍ମକ ରହେ ତେବେ ଏହାର ପ୍ରଭାବ ଜୀବନଶୈଳୀ ଉପରେ ପଡ଼ିଥାଏ। ଏହା ମନକୁ ଚିନ୍ତାଗ୍ରସ୍ତ କରିବା ସହ କାର୍ଯ୍ୟ ପ୍ରତି ଅରୁଚି ଭାବ ସୃଷ୍ଟି କରିଥାଏ। ତେବେ ମନକୁ କିପରି ସକାରାତ୍ମକ ପରିବେଶରେ ରଖିବେ ତାହାର କେତୋଟି ସରଳ ଉପାୟ ରହିଛି। କୌଣସି ସମସ୍ୟାର ସମ୍ମୁଖୀନ ହେଲେ ସେଥିରେ ବ୍ୟତିବ୍ୟସ୍ତ ନ ହୋଇ ତାହାର ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ନିଜର ସାମର୍ଥ୍ୟ ଅନୁସାରେ କାମ କରନ୍ତୁ। ଅଯଥା ଗୁଡ଼ାଏ କାମକୁ ଆବୋରି ବସି ତାହାକୁ ତୁଲାଇ ନ ପାରିଲେ ମନ ଭାରାକ୍ରାନ୍ତ ଲାଗିବା ସ୍ୱାଭାବିକ। ତେଣୁ ସବୁବେଳେ ଯୋଜନାବଦ୍ଧ ଭାବରେ କାମ କଲେ ମନ ସକାରାତ୍ମକ ରହିଥାଏ। ଯେତେ ସମ୍ଭବ ନିଜକୁ ଖୁସିର ମାହୋଲ ଭିତରେ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ ।



"ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଖରେ ସମୟ ଅଛି କିନ୍ତୁ କର୍ଣାଟକ ବନ୍ୟାକ୍ଲିଷ୍ଟଙ୍କ ଲାଗି ନାହିଁ।

-ସିଦ୍ଧାରମୈୟା
ବରିଷ୍ଠ କଂଗ୍ରେସ ନେତା



ଗାନ୍ଧୀନଗରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ହୀରାବାଙ୍କୁ ତାଙ୍କ ବାସଭବନରେ ଭେଟୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।



ଅମୃତସରର ସ୍ୱର୍ଣ୍ଣମନ୍ଦିରରେ ଚତୁର୍ଥ ଶିଖ୍ ଗୁରୁ ଗୁରୁ ରାମଦାସଙ୍କ ୪୮୫ତମ ଜୟନ୍ତୀ ପାଳନ ଅବସରରେ ଗର୍ଭଗୃହକୁ ସଜାଇବା ପାଇଁ ଜଣେ ଶ୍ରଦ୍ଧାଳୁ ଏକ ଡଙ୍ଗାରେ ଫୁଲ ନେଉଛନ୍ତି।



ନୂଆଦିଲ୍ଲୀରେ ବାଲ୍ମୀକି ଜୟନ୍ତୀ ପାଳନ ଅବସରରେ ବାଲ୍ମୀକି ରଥଯାତ୍ରାର ଉଦ୍‌ଘାଟନ ସମାରୋହରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଆତଙ୍କବାଦ ପ୍ରସଙ୍ଗରେ ଇମ୍ରାନ୍‌ଙ୍କୁ ରାଜନାଥଙ୍କ ଚେତାବନୀ

# ପାକିସ୍ତାନକୁ ସେନା ପଠାଇବୁ



**କର୍ନାଲ, ୧୩।୧୦**

**■କଶ୍ମୀର ଉପରେ କହିବା ବନ୍ଦ କରନ୍ତୁ ଇମ୍ରାନ୍**

**■ପାକିସ୍ତାନ ନ ବଦଳିଲେ ଖଣ୍ଡବିଖଣ୍ଡିତ ହେବ**

ପାକିସ୍ତାନ ଯଦି ଆତଙ୍କବାଦ ବିରୋଧରେ ଲଢ଼େଇ କରିବା ପାଇଁ ଗମ୍ଭୀର ତେବେ ଆମେ ସହଯୋଗ କରିବାକୁ ପ୍ରସ୍ତୁତ ଅଛୁ। ଭାରତୀୟ ସେନାକୁ ପାକିସ୍ତାନ ପଠାଇପାରିବୁ ବୋଲି ରବିବାର ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କୁ ଚେତାଇଦେଇଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

ହରିୟାଣାର କର୍ନାଲରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଇମ୍ରାନ୍‌ଙ୍କୁ ଏକ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି, ପାକିସ୍ତାନ ଆତଙ୍କବାଦୀଙ୍କୁ ନିପାତ କରିବାକୁ ସତରେ ଚାହୁଁଥିଲେ ଆମେ ସହଯୋଗ କରିବା ପାଇଁ ପ୍ରସ୍ତୁତ। ତୁମେ ଯଦି ଆମଠାରୁ ସାମରିକ ସହାୟତା ଚାହିଁବ ତାହାଲେ ଆମେ ପାକିସ୍ତାନକୁ ଆମ ସେନା ପଠାଇବୁ। ରାଜନାଥ ଆହୁରି କହିଛନ୍ତି, କଶ୍ମୀରକୁ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟର କିଛି ଓଜନ ନାହିଁ। ଗତ ମାସରେ ସେ ଜାତିସଂଘ ସାଧାରଣ ସଭାରେ ଭାଷଣ ଦେବାବେଳେ ଭାରତକୁ ଆଣବିକ ଯୁଦ୍ଧର ଚେତାବନୀ ଦେବା ସହ ଏହାର ପରିଣାମ ସାରା ବିଶ୍ୱ ଭୋଗିବ ବୋଲି କହିଥିଲେ। ହେଲେ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଭାଷଣରେ ବିଶ୍ୱର ବିକାଶ ଓ ଶାନ୍ତି ଉପରେ ଗୁରୁତ୍ୱ ଦେଇଥିଲେ। କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ ପାଇଁ ଉଦ୍ୟମ ଚଳାଇଥିବା ଇମ୍ରାନ୍ କଶ୍ମୀର କଥା ଭୁଲି ଯାଆନ୍ତୁ। ସେ କଶ୍ମୀର ବିଷୟରେ ପଦୁଟିଏ ବି କହିବା ବନ୍ଦ କରନ୍ତୁ। ସେ ଏହି ପ୍ରସଙ୍ଗ ଯେତେ ଉଠାଇଲେ ବି କିଛି ହେବନାହିଁ। ଆମ ଉପରେ କେହି ଚାପ ପକାଇପାରିବେ ନାହିଁ। ୧୯୪୭ରେ ଦୁଇରାଷ୍ଟ୍ର ସିଦ୍ଧାନ୍ତ ଅନୁସାରେ ତୁମେ ଭାରତକୁ ଦୁଇଭାଗ କରିଦେଲ। କିନ୍ତୁ ୧୯୭୧ରେ ତୁମ ଦେଶ ପୁଣି ଦୁଇଖଣ୍ଡ ହୋଇଗଲା। ଏହି ସ୍ଥିତି ଲାଗି ରହିଲେ ପାକିସ୍ତାନକୁ ଖଣ୍ଡବିଖଣ୍ଡିତ ହେବାରେ କୌଣସି ଶକ୍ତି ରୋକିପାରିବେ ନାହିଁ ବୋଲି ରାଜନାଥ ଚେତାବନୀ ଦେଇଛନ୍ତି।

## ହରିୟାଣା ନିର୍ବାଚନ ପାଇଁ ଭାଜପାର ଇସ୍ତାହାର

# କୃଷିଋଣ ଛାଡ଼ ଘୋଷଣା ନାହିଁ

**ଚଣ୍ଡିଗଡ଼, ୧୩।୧୦(ପି.ଟି.)**

ଆସନ୍ତା ୨୧ରେ ହେବାକୁ ଥିବା ହରିୟାଣା ବିଧାନସଭା ନିର୍ବାଚନ ପାଇଁ ଭାଜପା ପକ୍ଷରୁ ରବିବାର ଇସ୍ତାହାର ଜାରି କରାଯାଇଛି। ୨୫ ପୃଷ୍ଠା ସମ୍ବଳିତ ଏହି ସଂକଳ୍ପପତ୍ରକୁ ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସମେତ ଦଳର ବରିଷ୍ଠନେତାମାନେ ଉନ୍ମୋଚନ କରିଛନ୍ତି। 'ମାରେ ସପ୍‌ନେକା ହରିୟାଣା' ଶୀର୍ଷକ ଘୋଷଣାପତ୍ରରେ କୃଷକ ଓ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇଥିବା ଦଳ କହିଛି। ଭାଜପା ପୁନଃ କ୍ଷମତାସୀନ ହେଲେ କୃଷକ ଓ ତଫସିଲଭୁକ୍ତ ଜାତି (ଏସ୍‌ସି) ବର୍ଗଙ୍କ ପାଇଁ ସହଜ ଋଣ, ଗରିବ ପରିବାରର ଝିଅଙ୍କୁ ମାଗଣାରେ ଶିକ୍ଷା ଏବଂ ୨୫ ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦିଆଯିବ ବୋଲି ଏଥିରେ କୁହାଯାଇଛି। ତେବେ କୃଷିଋଣ ଛାଡ଼ କିମ୍ବା ମହିଳାଙ୍କ ପାଇଁ ନିଯୁକ୍ତିରେ ସଂରକ୍ଷଣ ସମ୍ପର୍କରେ ଏଥିରେ କିଛି ପ୍ରତିଶ୍ରୁତି ଦିଆଯାଇ ନ ଥିବା କଂଗ୍ରେସ ସମାଲୋଚନା କରିଛି। ଏହା ପୂର୍ବରୁ କଂଗ୍ରେସ ପକ୍ଷରୁ ଜାରି ଇସ୍ତାହାରରେ କ୍ଷମତାକୁ ଆସିବାର ୨୪ ଘଣ୍ଟା ମଧ୍ୟରେ କୃଷିଋଣ ଛାଡ଼ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ପ୍ରକାଶ ଯେ, ୨୦୧୪ ହରିୟାଣା ବିଧାନସଭା ନିର୍ବାଚନରେ ୯୦ ଆସନ ମଧ୍ୟରୁ ଭାଜପା ୪୭ ସିଟ୍ ଦଖଲ କରିଥିଲା। କଂଗ୍ରେସକୁ ୧୫ ଆସନରେ ସଫଳତା ମିଳିଥିବାବେଳେ ଇଣ୍ଡିଆନ୍ ନ୍ୟାଶନାଲ ଲୋକ୍ ଦଳ(ଆଇଏନ୍‌ଏଲ୍‌ଡି) ୧୯ ଆସନରେ ବିଜୟୀ ହୋଇଥିଲା। ଅନ୍ୟ ଆଞ୍ଚଳିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ଅବଶିଷ୍ଟ ଆସନ ଦଖଲ କରିଥିଲେ। ଗତ ଲୋକ ସଭା ନିର୍ବାଚନରେ ହରିୟାଣାର ୧୦ ଆସନରୁ ୭ଟିରେ ଭାଜପା ବିଜୟୀ ହୋଇଥିଲା।



## ମାରିଅମ ଥ୍ରେସିଆ ସନ୍ଥ ଘୋଷିତ

**ଭାଟିକାନ୍ ସିଟି, ୧୩।୧୦**



ଭାରତୀୟ ନନ୍ ମାରିଅମ୍ ଥ୍ରେସିଆ ଓ ଅନ୍ୟ ୪ ଜଣଙ୍କୁ ପୋପ୍ ଫ୍ରାନ୍ସିସ୍ ସନ୍ଥ ଭାବେ ଘୋଷଣା କରିଛନ୍ତି। ରବିବାର ଭାଟିକାନ୍ ସିଟିରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ କେରଳ ଜନ୍ମିତ ସିଷ୍ଟର ମାରିଅମ୍‌ଙ୍କ ସହ ଇଂଲଣ୍ଡର ଜନ୍ ହେନ୍‌ରୀ ନିଉମାନ୍, ସ୍ୱୀଜରଲାଣ୍ଡର ମାର୍ଗୁରାଇଟ ବେଜ୍, ବ୍ରାଜିଲର ଡୁଲ୍‌ସ ଲୋପେସ୍ ଓ ଇଟାଲୀର ସିଷ୍ଟର ଗ୍ୟୁସେପି଼ନା ଭାନିନାଙ୍କୁ ସନ୍ଥ ଉପାଧିରେ ଭୂଷିତ କରାଯାଇଛି।

## ଭାଜପା ନେତାଙ୍କୁ ଗୁଳିକରି ହତ୍ୟା

**ଶାହାରନ୍‌ପୁର, ୧୩।୧୦**

**ସପ୍ତାହରେ ଗଡ଼ିଲାଣି ୩ ମୁଣ୍ଡ**



ଉତ୍ତରପ୍ରଦେଶରେ ଶନିବାର ଜଣେ ଭାଜପା ନେତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଭାଜପା କର୍ପୋରେଟର ଧରା ସିଂ(୪୭) ଦେଓବନ୍ଦରୁ ଆସୁଥିବାବେଳେ କେତେକ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଗୁଳିମାଡ଼ କରିଥିଲେ। ରଣଖଣ୍ଡି ରେଲୱେ କ୍ରସିଂ ନିକଟରେ ଦୁଇ ବାଇକ୍ ଆରୋହୀ ଏଭଳି କାଣ୍ଡ ରଚିଥିବା କୁହାଯାଉଛି। ଘଟଣାସ୍ଥଳରେ ହିଁ ସିଂଙ୍କ ମୃତ୍ୟୁ ହୋଇଥିଲା। ସିଂ ସ୍ଥାନୀୟ ଚିନିକଳରେ ସେକ୍ଟର ଇନ୍‌ଚାର୍ଜ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ଏହାକୁ ମିଶାଇ ଗତ ସପ୍ତାହକ ମଧ୍ୟରେ ୩ ମୁଣ୍ଡ ଗଡ଼ିଥିବାବେଳେ ପୋଲିସ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଶାହରନ୍‌ପୁର ଏସ୍‌ଏସ୍‌ପି ଦୀନେଶ୍ କୁମାର କହିଛନ୍ତି, ଆହତ ଅବସ୍ଥାରେ ସିଂଙ୍କୁ କମ୍ୟୁନିଟି ହେଲ୍ଥ ସେଣ୍ଟରକୁ ଅଣାଯାଇଥିଲେ ହେଁ ସୁଫଳ ମିଳି ନ ଥିଲା। ତାଙ୍କ ମରଶରୀରକୁ ବ୍ୟବଚ୍ଛେଦ ଲାଗି ପଠାଯାଇଥିବା ସେ ପ୍ରକାଶ କରିଛନ୍ତି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଅପରାଧିଙ୍କୁ ଧରିବା ଲାଗି ପୋଲିସ ପଦକ୍ଷେପ ଗ୍ରହଣ କରିଥିବା କୁମାର କହିଛନ୍ତି। ପ୍ରକାଶଥାଉ କି, ଗତ ୮ ତାରିଖରେ ଭାଜପା ନେତା ଚୌଧରୀ ଯଶ୍‌ପାଲ ସିଂଙ୍କୁ ଦେଓବନ୍ଦଠାରେ ହତ୍ୟା କରାଯାଇଥିଲା। ତା'ର ଦୁଇଦିନ ପୂର୍ବରୁ ଭାଜପା ନେତା ତଥା ପୂର୍ବତନ ଛାତ୍ରନେତା କବିର ତିୱାରୀଙ୍କୁ ବସ୍ତିରେ ହତ୍ୟା କରାଯାଇଥିଲା। ଏହା ବିରୋଧରେ ଛାତ୍ର ସଙ୍ଗଠନ ପକ୍ଷରୁ ବ୍ୟାପକ ପୋଡ଼ାଜଳା କରାଯାଇଥିଲା। ପରେ ବସ୍ତି ଏସ୍‌ପି ପଙ୍କଜ କୁମାରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା। ଭାଜପା ନେତାମାନଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଥିବାବେଳେ ସପ୍ତାହକରେ ୩ ମୁଣ୍ଡ ଗଡ଼ିବା ଆଇନଶୃଙ୍ଖଳା ପରିସ୍ଥିତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ମଦକୁ ନେଇ ଝଗଡ଼ା: ସ୍ୱାମୀଙ୍କୁ ପିଟି ମାରିଦେଲେ

**ନୂଆଦିଲ୍ଲୀ, ୧୩।୧୦(ପି.ଟି.:** ଦିଲ୍ଲୀର ନରେଲାରେ ରବିବାର ମଦ୍ୟପାନକୁ କେନ୍ଦ୍ରକରି ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ପିଟି ମାରିଦେବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ୩୫ ବର୍ଷୀୟ ଜାଭେଦଙ୍କ ମଦ ପିଇବାର ଅଭ୍ୟାସ ଥିଲା। ଏହାକୁ ନେଇ ତାଙ୍କ ସ୍ତ୍ରୀ ସାଲ୍‌ମାଙ୍କ ସହ ଝଗଡ଼ା ହେଉଥିଲା। ଜାଭେଦ ଶନିବାର ମଦ୍ୟପାନ କରି ଘରକୁ ଫେରିବା ପରେ ସାଲ୍‌ମା ତାଙ୍କୁ ମାଡ଼ ମାରିଥିଲେ। ଜାଭେଦ ମାଡ଼ ଖାଇ ବିଛଣାକୁ ଶୋଇବାକୁ ଗଲେ। ତାଙ୍କର ମୃତ୍ୟୁ ଘଟିଥିବା ରବିବାର ସକାଳେ ଜଣାପଡ଼ିଥିବା ପୋଲିସ କହିଛି।

## ଭାଜପା ଟି-ଶାର୍ଟ ପିନ୍ଧି ଆତ୍ମହତ୍ୟା କଲେ କୃଷକ

**ବୁଲ୍‌ଧାନା, ୧୩।୧୦(ଆଇଏଏନ୍‌ଏସ୍):** ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନକୁ ଆଉ ସପ୍ତାହେ ବାକି ଥିବାବେଳେ ଶାସକ ଭାଜପା ପାଇଁ ଲଜ୍ଜାଜନକ ସ୍ଥିତି ଉପୁଜିଛି। ବୁଲ୍‌ଧାନା ଜିଲାର ଜଣେ ଚାଷୀ ଭାଜପାର ନିର୍ବାଚନୀ ପ୍ରଚାର ପାଇଁ ଉଦ୍ଦିଷ୍ଟ ଟି-ଶାର୍ଟ ପିନ୍ଧି ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ୩୮ ବର୍ଷୀୟ ରାଜୁ ତଲୱାରଙ୍କ ଝୁଲନ୍ତା ମୃତଦେହ ଖଟଖେଡ୍ ଗ୍ରାମର ଏକ ଗଛରୁ ରବିବାର ସକାଳ ୮ଟା ୩୦ରେ ଉଦ୍ଧାର କରାଯାଇଛି। ତାଙ୍କ ଟି-ଶାର୍ଟରେ ଭାଜପାର ପଦ୍ମଚିହ୍ନ ରହିଛି। ଏହାସହ ସେଥିରେ 'ଆମ ସରକାରକୁ ପୁନଃ ନିର୍ବାଚିତ କରିବା' ବୋଲି ସ୍ଲୋଗାନ ଲେଖାଯାଇଛି। ଆସନ୍ତା ୨୧ରେ ମତଦାନ ଥିବାବେଳେ ଦଳ ପକ୍ଷରୁ ଏପରି ଶାର୍ଟ ବଣ୍ଟନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମହାରାଷ୍ଟ୍ରକୁ ନିର୍ବାଚନୀ ପ୍ରଚାରରେ ଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସଙ୍କ ବିଦର୍ଭ ଅଞ୍ଚଳରେ ଏହା ଦେଖିବାକୁ ମିଳିଛି।




## ସୀମାପାର ଗୁଳିରେ ଯବାନ ଶହୀଦ

**ଶ୍ରୀନଗର, ୧୩।୧୦(ପି.ଟି.)**

ଜମ୍ମୁ-କଶ୍ମୀରର ବାରାମୁଲା ଜିଲା ସଂଲଗ୍ନ ନିୟନ୍ତ୍ରଣରେଖାରେ ରବିବାର ପାକିସ୍ତାନ ପୁଣିଥରେ ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ପାକିସ୍ତାନୀ ସେନାର ଗୁଳିମାଡ଼ରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଉରି ସେକ୍ଟରରେ ଗୁଳିମାଡ଼ରେ ଗୁରୁତର ହୋଇଥିବା ଯବାନଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ସେ ଆଖିବୁଜି ଦେଇଛନ୍ତି। ଶତ୍ରୁପକ୍ଷକୁ ମୁହଁତୋଡ଼ ଜବାବ ଦିଆଯାଉଥିବା ସେନା ପକ୍ଷରୁ କୁହାଯାଇଛି।

### ଇତିହାସର ଆଇନାରେ

**ଅକ୍ଟୋବର ୧୪ର ପ୍ରମୁଖ ଘଟଣା**

୨୦୧୫ ଅକ୍ଟୋବର ୧୪ରେ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ଆତ୍ମଘାତୀ ବିସ୍ଫୋରଣ କରାଯିବାରୁ ଏଥିରେ ୭ଜଣ ପ୍ରାଣ ହରାଇଥିଲେ ଓ ୧୫ ଆହତ ହୋଇଥିଲେ। ପାକିସ୍ତାନ ମୁସ୍‌ଲିମ୍ ଲିଗ୍‌ର ଜଣେ ନେତାଙ୍କ କାର୍ଯ୍ୟାଳୟରେ ଏହି ବିସ୍ଫୋରଣ କରାଯାଇଥିଲା।

୨୦୧୭ ଅକ୍ଟୋବର ୧୪ରେ ସୋମାଲିଆର ରାଜଧାନୀ ମୋଗାଡିସୁରେ ୨ଟି ଟ୍ରକ ବୋମା ବିସ୍ଫୋରଣ ଘଟି ୩୫୮ ଲୋକଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଆହତ ମଧ୍ୟ ହୋଇଥିଲେ। ହୋଡାନର ଏକ ହୋଟେଲ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିଲା।

# ଜାପାନରେ 'ହେଜିବିସ୍' ତାଣ୍ଡବ: ୩୩ ମୃତ

**ଟୋକିଓ, ୧୩।୧୦**

ଭୟଙ୍କର ସାମୁଦ୍ରିକ ଝଡ଼ 'ହେଜିବିସ୍' ଜାପାନକୁ ବହୁଳ କ୍ଷତି ପହଞ୍ଚାଇଛି। ଶନିବାର ରାତିରୁ ହୋନ୍‌ସୁ ଦ୍ୱୀପରେ ଏହାର ପ୍ରକୋପ ଦେଖାଦେଇଥିବାବେଳେ ରବିବାର ତାଣ୍ଡବ ରଚିଛି। ଘଣ୍ଟାପ୍ରତି ୨୧୬ କି.ମି. (୧୩୪ ମାଇଲ) ବେଗରେ ପବନ ବହିବା ସହ ଲଗାଣ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ ଏ ପର୍ଯ୍ୟନ୍ତ ୩୩ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି। ଶତାଧିକ ଆହତ ହୋଇଛନ୍ତି। ଝଡ଼ବର୍ଷା ସହ ଭୂସ୍ଖଳନ ଓ ବନ୍ୟା ପରିସ୍ଥିତିକୁ ଗମ୍ଭୀର କରିପକାଇଛି। ଅନେକ ଘର ଭାଙ୍ଗିଯାଇଥିବା ଜଣାପଡ଼ିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ୩୧ ହଜାର ସେନା ଓ ଲକ୍ଷାଧିକ ଉଦ୍ଧାରକାରୀଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ବ୍ୟାପକ କ୍ଷୟକ୍ଷତି ଯୋଗୁ ରଗ୍‌ବି ବିଶ୍ୱକପର ତୃତୀୟ ମ୍ୟାଚ ରଦ୍ଦ କରାଯାଇଛି। ରାଜଧାନୀ ଟୋକିଓ ଓ ଏହାର ଆଖପାଖ ଅଞ୍ଚଳ ବିଶେଷ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ସରକାରୀ ଭାବେ ମୃତ୍ୟୁସଂଖ୍ୟା ୧୪ ଦର୍ଶାଯାଇଥିବାବେଳେ ୧୧ ନିଖୋଜ ଥିବା ଜଣାପଡ଼ିଛି। ହେଲେ ମିଡିଆ ରିପୋର୍ଟରେ ଏହା ୩୩ ବୋଲି କୁହାଯାଇଛି। କେନ୍ଦ୍ରୀୟ ଜାପାନର ନଗାନୋ ଅଞ୍ଚଳ ଚିକୁମା ନଦୀର ବନ୍ୟାଜଳ ଦ୍ୱାରା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଇୱାକି, ଫୁକୁସୀମାରେ ବହୁ ଲୋକ ଛାତ ଓ ବାଲ୍‌କୋନୀ ଉପରେ ଆଶ୍ରୟ ନେଉଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ବାଟ ଦ୍ୱାରା ବନ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କୁ ଉଦ୍ଧାର କରାଯାଇଛି। ପ୍ରପୀଡ଼ିତଙ୍କୁ ଉଦ୍ଧାର ଓ ରିଲିଫ ଲଗି ସମସ୍ତ ସହଯୋଗ କରାଯାଉଥିବା ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ କହିଛନ୍ତି। ଲକ୍ଷାଧିକ ଘରେ ବିଜୁଳି ନ ଥିବାବେଳେ ଏବେ ବି ୧.୩୫ ଲକ୍ଷ ଲୋକ ଆଶ୍ରୟ ସ୍ଥଳରେ ଥିବା ଜଣାପଡ଼ିଛି। ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାପାନ ପ୍ରପୀଡ଼ିତଙ୍କ ଲାଗି ସମବେଦନା ଜଣାଇଛନ୍ତି।



**ଝଡ଼ବାତ୍ୟା ପରେ ବନ୍ୟାର କୋପ**





ଫିଲ୍ମ 'ୱାର'ର ସଫଳତା ପରେ ବାପା ରାକେଶ ରୋସନ 'କ୍ରିସ-୪' ଲାଗି ମୋତେ ଉତ୍ସାହିତ କରିଛନ୍ତି।

-ହ୍ରିତିକ ରୋସନ, ବଲିଉଡ୍ ଅଭିନେତା



# ବଞ୍ଚିବାର ମାନ ବଢ଼ାଏ
# ବିଶ୍ୱ ମାନକ ଦିବସ

ଆନ୍ତର୍ଜାତିକ ମାନକ ବିକାଶ କରିଥିବା ବିଶେଷଜ୍ଞମାନଙ୍କ ପାରସ୍ପରିକ ତଥା ମହତ୍ତ୍ୱପୂର୍ଣ୍ଣ ପ୍ରଚେଷ୍ଟାକୁ ସମ୍ମାନ ଦେବା ପାଇଁ ଏହି ଦିବସ ପାଳନ କରାଯାଉଛି। ବିଶ୍ୱସ୍ତରରେ ଏକକ ମାନକୀକରଣ ସ୍ଥିର କରିବା ଏହି ଦିବସର ଲକ୍ଷ୍ୟ। ଏହାକୁ ପାଳନ କରୁଥିବା ଦେଶଗୁଡିକ ବଞ୍ଚିବା ପାଇଁ ବିଶ୍ୱକୁ ଏକ ସୁନ୍ଦର ସ୍ଥାନ କରିବାକୁ ଚାହିଁଥାନ୍ତି। ସେମାନେ ବିଶ୍ୱସ୍ତରର ମାନକ ଅନୁଯାୟୀ ସ୍ମାର୍ଟ ସହରଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ଏକ ଭଲ ବ୍ୟବସ୍ଥା କରିବାକୁ ଚାହାନ୍ତି। ବିଶ୍ୱର ଅର୍ଥ ବ୍ୟବସ୍ଥା ପାଇଁ ମାନକୀକରଣର ଆବଶ୍ୟକତା ଉପରେ ଜନଜାଗରଣ ଆଣିବାରେ ବି ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ। ବିଶ୍ୱ ମାନକ ଦିବସ ପାଳନ କରାଯିବା ପାଇଁ ତିଥି ୧୯୪୬ରେ ଲଣ୍ଡନରେ ହୋଇଥିଲ। ବିଭିନ୍ନ ଦେଶର ୨୫ ପ୍ରତିନିଧି ଏକାଠି ମାନକୀକରଣରେ ସହଯୋଗ ପାଇଁ ଏକ ଆନ୍ତର୍ଜାତିକ ସଂଗଠନ ଗଠନ କରିବା ଲାଗି ସହମତି ପ୍ରକାଶ କରିଥିଲେ । କିନ୍ତୁ ଏହାର ବହୁ ବର୍ଷ ପରେ ୧୯୭୦ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଭାରତରେ ରାଷ୍ଟ୍ରୀୟ ମାନକ ନିର୍ଦ୍ଧାରଣ କରିବା ଲାଗି ଭାରତୀୟ ମାନକ ବ୍ୟୁରୋ ବି ଗଠନ କରାଯାଇଛି। ଏହି ସଂସ୍ଥା କୌଣସି ବସ୍ତୁ ବା ପ୍ରକ୍ରିୟା ସମ୍ବନ୍ଧରେ ମାନକ ନିର୍ଦ୍ଧାରଣ କରିଥାଏ। ଯେଉଁ ମାନକ ନିର୍ଦ୍ଧାରଣ କରାଯାଏ ତାହାକୁ ଆବଶ୍ୟକ ପଡିଲେ ଉପଭୋକ୍ତା, ନିର୍ମାତା,ସରକାର ନିୟାମକ ସଂସ୍ଥା,ଶିଳ୍ପପତି, ବୈଜ୍ଞାନିକ ଓ ପରୀକ୍ଷଣ ପ୍ରୟୋଗଶାଳାକୁ ସାମିଲ କରି ସମିତି ଗଠନ କରି ତା' ମାଧ୍ୟମରେ ବିଚାର ବିମର୍ଶ ପ୍ରକ୍ରିୟାରେ ସୁଧାର,ସଂଶୋଧନ କିମ୍ବା ରଦ୍ଦ କରିଥାଏ। ବିଶ୍ୱ ମାନକ ଦିବସ ଅବସରରେ ଏକ ପୋଷ୍ଟର ପ୍ରତିଯୋଗିତାର ଆୟୋଜନ କରାଯାଏ ଏଥିରେ ବିଶ୍ୱ ମାନକ ଦିବସକୁ ସବୁଠୁ ଭଲଭାବେ ଆଙ୍କିଥିବା ପୋଷ୍ଟରକୁ ଚୟନ କରାଯାଏ। ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ, କର୍ମଶାଳା, ସମ୍ମିଳନୀ, ଟିଭି ଓ ରେଡିଓ ସାକ୍ଷାତକାର ମଧ୍ୟ ଆୟୋଜନ କରାଯାଏ।

ପ୍ରତିବର୍ଷ ଅକ୍ଟୋବର ୧୪ରେ ଦି ଇଣ୍ଟରନ୍ୟାଶନାଲ ଇଲେକ୍ଟ୍ରୋ-ଟେକ୍ନିକାଲ କମିଶନ(ଆଇଇସି) ବା ଆନ୍ତର୍ଜାତିକ ବିଦ୍ୟୁତ-ବୈଷୟିକ ଆୟୋଗ, ଦି ଇଣ୍ଟରନ୍ୟାଶନାଲ ଟେଲିକମ୍ୟୁନିକେଶନ ୟୁନିୟନ(ଆଇଟିୟୁ)ବା ଆନ୍ତର୍ଜାତିକ ଦୂରସଂଚାର ସଂଘ ଓ ଦି ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍




ଷ୍ଟାଣ୍ଡାର୍ଡାଇଜେଶନ(ଆଇଏସଓ) ବା ଆନ୍ତର୍ଜାତିକ ମାନକୀକରଣ ସଂଗଠନର ସଦସ୍ୟ ରାଷ୍ଟ୍ରଗୁଡିକ ଦ୍ୱାରା ବିଶ୍ୱ ମାନକ ଦିବସ ପାଳନ କରାଯାଉଛି। ଟେକନିକାଲ ଷ୍ଟାଣ୍ଡାର୍ଡର ବିକାଶ କରାଯାଇଛି ଓ ତାହାକୁ ମାନକୀକରଣ ମାଧ୍ୟମରେ ଉପଯୋଗ ମଧ୍ୟ କରାଯାଉଛି। ଏହାର ଗୁରୁତ୍ୱ ସମ୍ପର୍କରେ ସଚେତନତା ଆଣିବା ପାଇଁ ଏହି ଦିବସ ପାଳନ କରାଯାଉଛି। ପ୍ରଯୁକ୍ତି କୌଶଳ ଉପଯୋଗ କରି ସ୍ୱେଚ୍ଛାକୃତ ଭାବେ

## ମଦ ପାଇଁ ଅଭିନୟ ଛାଡ଼ିଥିଲେ
# ଶ୍ରୁତି



**ମୁମ୍ବାଇ:** ଦକ୍ଷିଣ ଭାରତ ଫିଲ୍ମ ଇଣ୍ଡଷ୍ଟ୍ରିର ସଫଳ ତଥା ଚର୍ଚ୍ଚିତ ଅଭିନେତ୍ରୀ ଶ୍ରୁତି ହାସନ। ସେ ବଲିଉଡ୍ ସିନେମାରେ ମଧ୍ୟ କାମ କରିସାରିଛନ୍ତି। ବିଗତ କିଛି ଦିନ ହେବ ଶ୍ରୁତି ବ୍ୟକ୍ତିଗତ ଜୀବନକୁ ନେଇ ଖୁବ୍ ଚର୍ଚ୍ଚାରେ। ନିକଟରେ ଶ୍ରୁତି ଏମିତି କିଛି କହିଛନ୍ତି, ଯାହା ଶୁଣି ସିନେପ୍ରେମୀ ତଥା ତାଙ୍କ ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏକଦା ଶ୍ରୁତିଙ୍କର ମଦ ପିଇବା ଅଭ୍ୟାସରେ ପରିଣତ ହୋଇଥିଲା। ଏହାର ପ୍ରଭାବ ତାଙ୍କ ଅଭିନୟ କ୍ୟାରିୟର ଉପରେ ମଧ୍ୟ ପଡିଥିଲା। ଏତେ ମାତ୍ରାରେ ସେ ମଦ ପିଉଥିଲେ ଯେ, ଅସୁସ୍ଥ ହୋଇ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। ତେଣୁ ସେ କିଛି ଦିନ ପର୍ଯ୍ୟନ୍ତ ଅଭିନୟରୁ ଦୂରେଇ ଯାଇଥିଲେ। ଗତ ବର୍ଷଠାରୁ ସେ ସମ୍ପୂର୍ଣ୍ଣଭାବେ ମଦଠାରୁ ଦୂରେଇ ଅଛନ୍ତି। ମଦକୁ ଛୁଇଁ ନ ଥିବା ଶ୍ରୁତି କହିଛନ୍ତି।

# କୋଷ୍ଠକାଠିନ୍ୟ ଦୂରକରେ ଗୁଡ଼



ନୂଆଦିଲ୍ଲୀ: ଗୁଡ଼ ଅନେକ ପୋଷକ ତତ୍ତ୍ୱରେ ଭରପୁର। ପ୍ରତିଦିନ ରାତ୍ରଭୋଜନ ପରେ ଅଭ୍ୟାସ କରି ଫାଳେ ଗୁଡ଼ ଖାଇଲେ ବହୁ ଫାଇଦା ମିଳିଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଏହା ଡାଇବେଟିସ୍‌ରୁ ଦୂରେଇ ରଖିବା ସହିତ ରକ୍ତରେ କୋଲେଷ୍ଟରଲ ମାତ୍ରାକୁ ନିୟନ୍ତ୍ରିତ କରେ। ଫଳରେ ହାର୍ଟଆଟାକ୍ ଭଳି ବଡ଼ ସମସ୍ୟାରୁ ମୁକ୍ତି ମିଳିଥାଏ। ତେଣୁ ଗୁଡ଼କୁ ସୁପରଫୁଡ୍ ମଧ୍ୟ କୁହାଯାଏ । ଏହା ମିଠା ଲାଗୁଥିଲେ ମଧ୍ୟ ଏଥିରେ ଶର୍କରାର ମାତ୍ରା ବହୁତ କମ୍ ରହିଥାଏ । ଏହା ସହିତ ଏହା ବିଭିନ୍ନ ଖଣିଜ ପଦାର୍ଥରେ ଭରପୁର। ଗୁଡ଼ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ। ସୁସ୍ଥ ନିରାମୟ ଜୀବନଯାପନ ପାଇଁ ଅଭ୍ୟାସ କରି ଗୁଡ଼ ଖାଇବାକୁ ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି।

## ସାମୋଥରାକୀ ଦ୍ୱୀପ ଶ୍ରୀହୀନ
# ସବୁଜ ବନାନୀ ଚରିଗଲେ ଜଙ୍ଗଲୀ ଛେଳି

**ଏଥେନ୍ସ:** ଶ୍ରୀହୀନ ସାମୋଥରାକୀ ଦ୍ୱୀପ। ଔଷଧୀୟ ଗୁଳ୍ମ ଏବଂ ସବୁଜ ବନାନୀ ଲାଗି ପ୍ରସିଦ୍ଧି ଅର୍ଜନ କରିଥିବା ପ୍ରାଚୀନ ଗ୍ରୀସର ଏହି ଆଇସ୍‌ଲ୍ୟାଣ୍ଡ ଏବେ ଖାଁ ଖାଁ। ଏପରି ଦୁର୍ଦ୍ଦିନ ପଛର କାରଣ ମନୁଷ୍ୟ ନୁହନ୍ତି ବରଂ ଜଙ୍ଗଲୀ ଛେଳି। ଏକଦା ଏହି ଦ୍ୱୀପ ସବୁଜ ବର୍ଣ୍ଣାଳୀରେ ଭର୍ତ୍ତି ହୋଇଥିଲା। ଏହାର ସୌନ୍ଦର୍ଯ୍ୟ ହଜାର ହଜାର ପର୍ଯ୍ୟଟକଙ୍କୁ ଟାଣି ଆଣୁଥିଲା। ହେଲେ ଏବେ ପରିସ୍ଥିତି ବଦଳିଯାଇଛି। ଏଠାରେ ଏବେ ରାଜୁତି କରୁଛନ୍ତି ୫୦ ହଜାରରୁ ଊର୍ଦ୍ଧ୍ୱ ଜଙ୍ଗଲୀ ଛେଳି। ସେମାନେ ସମ୍ପୂର୍ଣ୍ଣ ଦ୍ୱୀପକୁ ଚରିଗଲେଣି। ଏଠାକାର ଜଳବାୟୁ, ପରିବେଶ ଯୋଗୁ ଏହାକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ମାନ୍ୟତା ଦିଆଯିବାକୁ ଦାବି କରାଯାଉଥିଲା, ଯାହା ଏବେ ମୂଲ୍ୟହୀନ ବୋଲି ପରିବେଶବିତ୍‌ମାନେ କହିଲେଣି। ଅନ୍ୟପଟେ ଦ୍ୱୀପ ନିଜର ଆକର୍ଷଣ ହରାଇଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇଛି। ଏହାର ସିଧାସଳଖ ପ୍ରଭାବ ପଡ଼ିଛି ସ୍ଥାନୀୟ ଆର୍ଥିକ ବ୍ୟବସ୍ଥା ଉପରେ।

ଦ୍ୱୀପରେ ରହୁଥିବା ମନୁଷ୍ୟଙ୍କ ତୁଳନାରେ ଛେଳିଙ୍କ ସଂଖ୍ୟା ୧୫ ଗୁଣା ଅଧିକ। ସ୍ଥାନୀୟ ବାସିନ୍ଦା ଏବଂ ବିଶେଷଜ୍ଞମାନେ ଦୀର୍ଘ ୧୦ ବର୍ଷ ହେଲା ଏହାର ସମାଧାନର ସୂତ୍ର ବାହାର କରିବାକୁ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଅଞ୍ଚଳବାସୀଙ୍କ କହିବା କଥା, ଜଙ୍ଗଲୀ ଛେଳି ସମଗ୍ର ଦ୍ୱୀପକୁ ଉଜାଡ଼ିଦେଇଛନ୍ତି। ଛେଳିଙ୍କ ପାଇଁ ଗଛଲତା ଶେଷ ହୋଇଗଲାଣି। ସେମାନଙ୍କ ଆଖି ଆଗରେ ଯାହା ପଡୁଛି ସବୁ ଖାଇଯାଉଛନ୍ତି। ଘରେ ଥିବା ଫୁଲକୁଣ୍ଡ ବି ବର୍ତ୍ତୁନି। ବୃକ୍ଷଶୂନ୍ୟ ହୋଇପଡ଼ିଥିବାରୁ ଦ୍ୱୀପରେ ମୃତ୍ତିକା କ୍ଷୟ ସଙ୍କଟ ଚରମ ସୀମାରେ ପହଞ୍ଚିଛି। ସାମାନ୍ୟ ବର୍ଷାରେ ରାସ୍ତାଘାଟ ଧୋଇଯାଉଛି। ଅପରପକ୍ଷେ ଛେଳିଙ୍କୁ ସୁଷମ ଖାଦ୍ୟ ମିଳୁ ନ ଥିବାରୁ ସେମାନେ ରୋଗିଣା ହୋଇଗଲେଣି। ସେମାନଙ୍କୁ ଖାଦ୍ୟ ଯୋଗାଇବା କାଠିକର ପାଠ ହେଲାଣି। ମାଂସର ଗୁଣବତ୍ତା କମୁଥିବାରୁ ଏହାର ପ୍ରଭାବ ସ୍ଥାନୀୟ ବଜାର ଏବଂ ବ୍ୟବସାୟୀଙ୍କ ଉପରେ ପଡ଼ିଛି। ଏଠାରେ ବାସ କରୁଥିବା ଅଧିକାଂଶ କୃଷକ ଏବଂ ବ୍ୟକ୍ତିଙ୍କ ଆର୍ଥିକ ବ୍ୟବସ୍ଥା ଛେଳି ଉପରେ ନିର୍ଭରଶୀଳ। ଆଗାମୀ ଦିନରେ ଦ୍ୱୀପବାସୀ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ଆଶଙ୍କାରେ ଅନ୍ୟବୃତ୍ତି ଆଡ଼କୁ ମୁହାଁଇଲେଣି।





# ଛତିଶଗଡ଼ରେ ହେବ ମଦ୍ୟପଙ୍କ ଗଣନା

**ରାୟପୁର:** ସରକାର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବର୍ଗର ଲୋକମାନଙ୍କୁ ଜନ କଲ୍ୟାଣକାରୀ ଯୋଜନାରେ ସାମିଲ କରିବା ପାଇଁ ଗଣନା କରନ୍ତି । କିନ୍ତୁ କେବେ ଶୁଣିଛନ୍ତି କି ମଦ୍ୟପ ଗଣନା କଥା। ଏମିତି ଗଣନା ହେବାକୁ ଯାଉଛି ଛତିଶଗଡ଼ରେ। ଏଠାରେ ସରକାର ମଦ ବନ୍ଦ କରିବା ପୂର୍ବରୁ ପ୍ରଥମେ ମଦ୍ୟପଙ୍କୁ ଗଣିବାକୁ ଅଣ୍ଟାଭିଡିଛନ୍ତି। ରାଜ୍ୟରେ ଏଥିପାଇଁ ଏକ ପ୍ରଶାସନିକ କମିଟି ମଧ୍ୟ ଗଡ଼ାଯାଇଛି। ମଦ ବନ୍ଦ କରିବା ପୂର୍ବରୁ ଏହି କମିଟିର ବୈଠକରେ ପ୍ରଥମେ ମଦ୍ୟପଙ୍କୁ ଗଣନା କରାଯିବା ଲାଗି ପ୍ରସ୍ତାବ ଦିଆଯାଇଛି। ସମିତିରେ ଉପସ୍ଥିତ କିଛି ସଦସ୍ୟ କହିଛନ୍ତି ଯେ, ରାଜ୍ୟରେ କେତେ ଲୋକ ମଦ ପିଉଛନ୍ତି ତା'ର ତାଲିକା ଅବକାରୀ ବିଭାଗ ପାଖରେ ରହିବା ଦରକାର। ସେମାନଙ୍କ ଉପରେ ସମ୍ପୃକ୍ତ ବିଭାଗ ନଜର ରଖିବା ଆବଶ୍ୟକ। ପ୍ରଥମେ ମଦ ବନ୍ଦ ଲାଗି ଜନଜାଗରଣ ଅଭିଯାନ ଚାଲିବ ଓ ଏହାପରେ କେତେ ଲୋକ ମଦ ଛାଡ଼ିଛନ୍ତି ତା'ର ତାଲିକା ବି ପ୍ରସ୍ତୁତ କରାଯିବ। ମଦ ବନ୍ଦ କରିବା ଲାଗି ଆଦିବାସୀ ଅଞ୍ଚଳରେ ଗାଁ କମିଟିକୁ ଦାୟିତ୍ୱ ଦିଆଯିବ ବୋଲି କୁହାଯାଇଛି। କେବଳ ଏତିକି ନୁହେଁ ସରକାରଙ୍କୁ ଆର୍ଥିକ କ୍ଷତିର ଭୟ ରହିଥିବାରୁ ତିନୋଟି କମିଟି ମଧ୍ୟ ଗଢାଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରଶାସନିକ ତଥା ରାଜନୈତିକ କିମଟି ମଧ୍ୟ ଗଢାଯାଇଛି। କିନ୍ତୁ ସାମାଜିକ କମିଟି ଏବେ ଯାଏ ହୋଇନି। ତଥାପି ପ୍ରଶାସନିକ କମିଟିର ଦ୍ୱିତୀୟ ବୈଠକରେ ଏହାର କାର୍ଯ୍ୟକାରିତା ଉପରେ ଚର୍ଚ୍ଚା କରାଯିବା ପାଇଁ ସ୍ଥିର କରାଯାଇଛି।

# ରାତିରେ ଜନ୍ମ ହେଉଥିବା ଶିଶୁଙ୍କ ସ୍ମରଣଶକ୍ତି ଅଧିକ

**ଓହିଓ:** ସାଧାରଣତଃ କୁହାଯାଏ କିଏ କେତେବେଳେ ଜନ୍ମ ହେବ ତାହା କେବଳ ଭଗବାନଙ୍କ ନିର୍ଦ୍ଦେଶରେ ହିଁ ହୋଇଥାଏ। ଆଜିର ବିଜ୍ଞାନ ଯୁଗରେ ଆଧୁନିକ ଚିକିତ୍ସା ପଦ୍ଧତି ଆଗେଇ ଯାଇଥିଲେ ମଧ୍ୟ ଜନ୍ମର ନିର୍ଦ୍ଦିଷ୍ଟ ସମୟ କହିବା ଅସମ୍ଭବ। ତେବେ ରାତିରେ ଜନ୍ମ ହେଉଥିବା ଶିଶୁଙ୍କର ମନେରଖିବା ଶକ୍ତି ଅଧିକ ରହିଥାଏ ବୋଲି ଓହିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ଶିଶୁମାନେ ବଡ଼ ହୋଇ ଅଧିକ ଶକ୍ତି ସମ୍ପନ୍ନ ହୋଇଥାନ୍ତି । ରାତିର ପରିବେଶ ନିର୍ଜନ ଏବଂ ଶାନ୍ତ ରହିଥାଏ। ତେଣୁ ଏହାର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଫଳରେ ଏହି ଶିଶୁଙ୍କ ମନେରଖିବା ଶକ୍ତି ବଢ଼ିଯାଇଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି । ସେମାନଙ୍କଠାରେ ସହନଶୀଳତା ଏବଂ ଯେକୌଣସି ପରିସ୍ଥିତିକୁ ବୁଝିବା ଭଳି ଶକ୍ତି ରହିଥାଏ। ଏମାନଙ୍କୁ ରାତ୍ରି ସମୟରେ ଅନିଦ୍ରା ରହି କାର୍ଯ୍ୟ କରିବାକୁ ଭଲ ଲାଗେ। ସେମାନଙ୍କ ଶରୀରରେ ଚିନ୍ତା ସୃଷ୍ଟି କରୁଥିବା ହରମୋନ ସୃଷ୍ଟି ହୋଇ ନ ଥାଏ। ତେଣୁ ଜୀବନରେ ସେମାନେ ଚିନ୍ତାମୁକ୍ତ ରହିଥାନ୍ତି। ପ୍ରତି ପରିସ୍ଥିତିରେ ସତର୍କ ରହିବା ସେମାନଙ୍କର ସହଜାତ ପ୍ରବୃତ୍ତି ରହିଥାଏ ବୋଲି ଏହି ଗବେଷଣା ରିପୋର୍ଟରେ କୁହାଯାଇଛି।



## ପରଦାରେ 'ଦ ସ୍କାଏ ଇଜ୍ ପିଙ୍କ'
# କନ୍ଦାଉଛି ପ୍ରିୟଙ୍କା-ଫରହାନଙ୍କ କାହାଣୀ

**ମୁମ୍ବାଇ:** ପରଦାରେ ପ୍ରିୟଙ୍କା ଚୋପ୍ରା ଏବଂ ଫରହାନ୍ ଅଖ୍‌ତର ଅଭିନୀତ ଫିଲ୍ମ 'ଦ ସ୍କାଇ ଇଜ୍ ପିଙ୍କ'। ଫିଲ୍ମ ଜରିଆରେ ପିସି ଅନେକ ଦିନ ପରେ ବଲିଉଡ୍‌କୁ ଫେରୁଛନ୍ତି। ଏହାକୁ ନେଇ ସେ ବେଶ୍ ଉତ୍ସାହିତ ଥିଲେ। ରିଲିଜ ପରେ ଫିଲ୍ମଟି ସମସ୍ତଙ୍କର ହୃଦୟ ଜିଣିବାରେ ସଫଳ ହୋଇଛି। ଉଭୟଙ୍କ ଅଭିନୟକୁ ଭୂରି ଭୂରି ପ୍ରଶଂସା କରାଯାଉଛି। ପିସି, ଫର୍‌ହାନଙ୍କ ବ୍ୟତିତ ଜାଏରା ବସୀମ ଏବଂ ରୋହିତ ଶରାଫଙ୍କ ଅଭିନୟକୁ ମଧ୍ୟ ପ୍ରଶଂସା କରାଯାଉଛି। 'ଦ ସ୍କାଏ ଇଜ୍ ପିଙ୍କ' ଆଏଶା ଚୌଧୁରୀ ନାମକ ଜଣେ ଝିଅର କାହାଣୀ ଦେଖାଉଛି। ବାପା-ମା' ହିସାବରେ ଫର୍‌ହାନ-ପିସିଙ୍କ ଚରିତ୍ର ହୃଦୟକୁ ଛୁଉଁଛି। ଝିଅର ରୋଗକୁ ଭଲ କରିବାକୁ ଯାଇ ଉଭୟେ କେଉଁ କେଉଁ ସୋପାନ ଦେଇ ଗତି କରୁଛନ୍ତି ତାହା ଚଳଚ୍ଚିତ୍ରକୁ ଦେଖିଲେ ଜାଣିପାରିବେ।



## ସଂକ୍ଷେପରେ

### ବ୍ୟାଙ୍କ ସିଇଓଙ୍କୁ ଆଜି ଭେଟିବେ ସୀତାରାମନ

**ନୂଆଦିଲ୍ଲୀ,୧୩-୧୦:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓଙ୍କୁ ଭେଟିବେ। ଅର୍ଥନୀତିରେ ସୁଧାର ଆଣିବା ଲାଗି ବ୍ୟାଙ୍କଗୁଡ଼ିକର କାର୍ଯ୍ୟଧାରାକୁ ସେ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ସ୍ଥିତି ଭଳି ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ସ୍ଥାନ ପାଇବ। ଏମ୍ଏସ୍ଏମ୍ଇ ଏବଂ ଏନ୍‌ବିଏଫସିକୁ ପ୍ରଦାନ କରାଯାଉଥିବା ଋଣର ସମୀକ୍ଷା ହେବା ନେଇ ଆଶା କରାଯାଉଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ବ୍ୟାଙ୍କଗୁଡିକ କ୍ରେଡିଟ ଗ୍ୟାରେଣ୍ଟି ସ୍କିମ୍‌ରେ ସେମାନଙ୍କ ରିପୋର୍ଟ କାର୍ଡ ପ୍ରଦାନ କରିପାରନ୍ତି। ପୁଞ୍ଜି ବୃଦ୍ଧି ଲାଗି ବଜାରରୁ ଋଣ ଉଠାଣ ବ୍ୟବସ୍ଥା ନେଇ କିଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ସେ ପ୍ରସଙ୍ଗ ମଧ ଉଠିପାରେ। ସେହିଭଳି ପ୍ରଥମ ପର୍ଯ୍ୟାୟରେ ଦେଶର ୨୨୬ ଜିଲାରେ ଅନୁଷ୍ଠିତ ହୋଇଥିବା ବ୍ୟାଙ୍କଗୁଡିକର ଋଣ ଯୋଗାଣ ଶିବିର ସମ୍ପର୍କରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ଗୋଟିଏ ମାସ ମଧ୍ୟରେ ସୀତାରାମନ ବ୍ୟାଙ୍କ ମୁଖ୍ୟଙ୍କୁ ଦ୍ୱିତୀୟ ଥର ଲାଗି ଭେଟୁଛନ୍ତି। ପ୍ରଥମ ପର୍ଯ୍ୟାୟ ଋଣ ମେଳାରେ କୃଷି, ଯାନବାହନ, ବାସଗୃହ, ଏମ୍ଏସ୍ଏମ୍ଇ, ଶିକ୍ଷା ଏବଂ ବ୍ୟକ୍ତିଗତ ଋଣ ପ୍ରଦାନକୁ ଗୁରୁତ୍ୱ ଦିଆଯାଇଥିବା ବ୍ୟାଙ୍କଗୁଡ଼ିକ କହିଛନ୍ତି। ଏହା ଅକ୍ଟୋବର ୭ରେ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଚଳିତ ମାସ ୨୧ରୁ ୨୫ ଯାଏ ଅନୁଷ୍ଠିତ ହେବ।

### ଶିବାଜୀରାଓ ସମବାୟ ବ୍ୟାଙ୍କରେ ୩୦୦ କୋଟିର ଋଣ ଠକେଇ

**ନୂଆଦିଲ୍ଲୀ,୧୩-୧୦:** ପଞ୍ଜାବ ଏବଂ ମହାରାଷ୍ଟ୍ର କୋଅପରେଟିଭ(ପିଏମ୍‌ସି) ବ୍ୟାଙ୍କରେ ଋଣ ଠକେଇ ପରେ ଏବେ ମହାରାଷ୍ଟ୍ରର ଆଉ ଏକ ବ୍ୟାଙ୍କରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଶିବାଜୀ ରାଓ ଭୋସଲେ ସମବାୟ ବ୍ୟାଙ୍କରେ ପ୍ରାୟ ୩୦୦ କୋଟି ଟଙ୍କାର ଋଣ ଠକେଇ ମାମଲା ନଜରକୁ ଆସିବା ପରେ ମହାରାଷ୍ଟ୍ର ସରକାର ବ୍ୟାଙ୍କ ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କୁ ବରଖାସ୍ତ କରିଛନ୍ତି। ବ୍ୟାଙ୍କର ପରିଚାଳନା ଲାଗି ନୂଆ ଆଡମିନିଷ୍ଟ୍ରେଟର ନିଯୁକ୍ତ କରାଯାଇଛି। ଭୂତ ଜମାକାରୀଙ୍କୁ ଋଣ ପ୍ରଦାନ କରାଯିବା ଫଳରେ ବ୍ୟାଙ୍କର ସ୍ଥିତି ବର୍ତ୍ତମାନ ସଙ୍କଟଜନକ ହୋଇଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏନ୍‌ସିପି ଏମ୍ଏଲ୍ଏ ଅନିଲ ଶିବାଜୀରାଓ ଭୋସଲେ ଏହାର ପ୍ରମୋଟର ରହିଛନ୍ତି। ବ୍ୟାଙ୍କର ଏଭଳି ସ୍ଥିତି ଯୋଗୁ ପ୍ରାୟ ୧ ଲକ୍ଷ ଜମାକାରୀ ସେମାନଙ୍କ ଅର୍ଥ ଉଠାଣ କରିପାରୁନାହାନ୍ତି। ୨୦୧୯ ଏପ୍ରିଲରେ ରିଜର୍ଭ ବ୍ୟାଙ୍କକୁ ଅଡିଟ କରିବା ପରେ ପରିଚାଳନାରେ ଅନିୟମିତତା ଜଣାପଡିଥିଲା। ମହାରାଷ୍ଟ୍ରର ସମବାୟ କମିଶନର ରିଜର୍ଭ ବ୍ୟାଙ୍କର ପରାମର୍ଶ ନେବା ପରେ ବୋର୍ଡକୁ ବରଖାସ୍ତ କରାଯାଇଛି।



ବର୍ତ୍ତମାନ ପର୍ଯ୍ୟନ୍ତ ୧.୪ ଲକ୍ଷ କୋଟି ଟଙ୍କାର ଋଣ ଶୁଝିଛୁ। ବଳକା ୧୦-୧୫% ଋଣ ଆଗାମୀ ତ୍ରୈମାସରେ ପଇଠ ନେଇ ବ୍ୟବସ୍ଥା କରାଯାଉଛି।
– ପ୍ରଶାନ୍ତ ରୁଇଆ, ଏସାର କ୍ୟାପିଟାଲ ନିର୍ଦ୍ଦେଶକ



ଓୟୋ ଟାଉନ ହାଉସ ଅଭିଜ୍ଞତା ଭୁବନେଶ୍ୱର ଗ୍ରାହକଙ୍କ ଲାଗି ଉପଲବ୍ଧ କରାଇ ଅତ୍ୟନ୍ତ ଖୁସି ଅନୁଭବ କରୁଛୁ। ଉକ୍ତ ବ୍ରାଣ୍ଡ ଆଦୃତି ଲାଭ କରୁଥିବା ବେଳେ ସର୍ବଦା ଉନ୍ନତ ଫିଡବ୍ୟାକ ପାଉଛୁ।
– ଅଙ୍କିତ ଟଣ୍ଡନ, ସିଓଓ, ଓୟୋ ହୋଟେଲ୍ସ

# ଅଭିବୃଦ୍ଧି ଆକଳନ ୬%କୁ ହ୍ରାସ କଲା ବିଶ୍ୱବ୍ୟାଙ୍କ




ୱାଶିଂଟନ,୧୩-୧୦

ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ପୂର୍ବାନୁମାନ ବିଶ୍ୱବ୍ୟାଙ୍କ ୬କୁ ହ୍ରାସ କରିଛି। ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଦେଶର ଅଭିବୃଦ୍ଧି ଆକଳନକୁ କମ୍ କରିଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ୭.୫% ରହିବ ବୋଲି ଏପ୍ରିଲରେ ବିଶ୍ୱ ବ୍ୟାଙ୍କ ପୂର୍ବରୁ କରିଥିବା ଆକଳନରେ କହିଥିଲା। ଏପଟେ ବିଶ୍ୱବ୍ୟାଙ୍କ ପକ୍ଷରୁ ଏହାର ଦକ୍ଷିଣ ଏସିଆ ଇକୋନୋମିକ ଫୋକସର ସଦ୍ୟତମ ସଂସ୍କରଣ ରିପୋର୍ଟରେ କହିଛି ଯେ, ୨୦୨୧ରେ ଭାରତ ଏହାର ଅଭିବୃଦ୍ଧି ଧାରାକୁ ୬.୯%କୁ ନେବାରେ ସକ୍ଷମ ହେବ। ସେହିଭଳି ୨୦୨୨ରେ ଅଭିବୃଦ୍ଧି ହାର ୭.୨% ରହିବ ବୋଲି ଆକଳନ କରାଯାଇଛି। ଲଗାତର ଭାବେ ଦ୍ୱିତୀୟ ବର୍ଷ ଲାଗି ଭାରତର ଅଭିବୃଦ୍ଧି ହାର ହ୍ରାସ ହେଉଛି। ଏହା ୨୦୧୮-୧୯ରେ ୬.୮% ଏବଂ ୨୦୧୭-୧୮ରେ ୭.୨% ରହିଥିଲା। ମାନ୍ଦାବସ୍ଥା ଦେଶର ଆର୍ଥିକ କ୍ଷେତ୍ରକୁ ଆହୁରି କ୍ଷତିଗ୍ରସ୍ତ କରିବ ବୋଲି ରିପୋର୍ଟରେ କୁହାଯାଇଛି।

ଏସିଆର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା ଭାବେ ପରିଗଣିତ ଭାରତର ଜିଡ଼ିପି ଅଭିବୃଦ୍ଧି ହାର ୬ ବର୍ଷର ସର୍ବନିମ୍ନ ସ୍ତରରେ ରହିଛି। ଏପ୍ରିଲ-ଜୁନ ତ୍ରୈମାସରେ ଏହା ୫%କୁ ଖସି ଆସିଛି। ସରକାରଙ୍କ ଖର୍ଚ୍ଚ ଏବଂ ଖାଉଟି ଚାହିଦା କମିଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି। ଅପରପକ୍ଷରେ ଅଗଷ୍ଟରେ ଶିଳ୍ପକ୍ଷେତ୍ର ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ସରକାର ମାନ୍ଦାବସ୍ଥାକୁ ରୋକିବା ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ବେଳେ ମାନ୍ଦାବସ୍ଥାର ପ୍ରଭାବ ଅଧିକ ରହିଥିବାରୁ ଏହା ପର୍ଯ୍ୟାପ୍ତ ହେଉନାହିଁ। ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଚଳିତ ବର୍ଷ ୫ଥର ରେପୋ ହ୍ରାସ କରିଛି। ସେହିଭଳି କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଏହାର ଅଭିବୃଦ୍ଧି ଆକଳନକୁ ୬.୯%ରୁ ୬.୨% କରିଛି।

ଗତ ସପ୍ତାହରେ ରେଟିଂ ଏଜେନ୍ସି ମୁଡିସ ଇନଭେଷ୍ଟର୍ସ ସର୍ଭିସ ଭାରତର ଅଭିବୃଦ୍ଧି ଅନୁମାନକୁ କମ୍ କରିବା ସହ ୬.୨%କୁ ୫.୮%କୁ ଆଣିଛି। ଦୀର୍ଘ ସମୟ ଧରି ଅଭିବୃଦ୍ଧିରେ ମାନ୍ଦାବସ୍ଥା ସରକାରଙ୍କ ବିତ୍ତୀୟ ଯୋଜନାକୁ ପ୍ରଭାବିତ କରିବ ବୋଲି ଏହା ପ୍ରକାଶ କରିଛି। ଅପରପକ୍ଷରେ ବିଶ୍ୱବ୍ୟାଙ୍କ ମଧ ଭାରତର ଅଭିବୃଦ୍ଧି ମନ୍ଥରତା ଏବଂ ସରକାରଙ୍କ କର୍ପୋରେଟ ଟିକସ ହ୍ରାସକୁ ନେଇ ଆଶଙ୍କା ପ୍ରକଟ କରିଛି। ସରକାରଙ୍କ କର୍ପୋରେଟ ଟିକସ ହ୍ରାସ ନିଷ୍ପତ୍ତି ଦ୍ୱାରା ରାଜକୋଷ ଉପରେ ପ୍ରାୟ ୧.୪୫ ଲକ୍ଷ କୋଟି ଟଙ୍କାର ବୋଝ ପଡିବ। ଏପଟେ ବ୍ୟାଙ୍କ କହିଛି ଯେ, ଅଭିବୃଦ୍ଧି ହ୍ରାସ, ଟିକସ ସଂଗ୍ରହ କମିଲେ ଏହା ବିତ୍ତୀୟ ଧାରା ଉପରେ ଗଭୀର ପ୍ରଭାବ ପକାଇବା ସ୍ୱାଭାବିକ। ମାତ୍ର ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ ସରକାରଙ୍କ ଯୁକ୍ତିକୁ ଏହା ବିରୋଧାଭାସ କରୁଛି।

### ଭାରତ ଏବେ ବି ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି



ଭାରତ ବିଶ୍ୱ ମାନ୍ଦାବସ୍ଥା ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ ମଧ ଏବେ ବି ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇ ରହିଛି। ୨୦୧୯ ଲାଗି ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ୬%କୁ ହ୍ରାସ କରାଯାଇଥିଲେ ମଧ ଭାରତ ନିକଟରେ ଅଭିବୃଦ୍ଧିର ବିପୁଳ ସମ୍ଭାବନା ଏବେ ବି ରହିଛି ବୋଲି ବିଶ୍ୱ ବ୍ୟାଙ୍କର ଦକ୍ଷିଣ ଏସିଆ ଅର୍ଥନୀତିଜ୍ଞ ହଂସ ଟିମର ରବିବାର କହିଛନ୍ତି। ୨୦୨୧ ଏବଂ ୨୦୨୨ରେ ଭାରତର ଅଭିବୃଦ୍ଧି ଉନ୍ନତ ସ୍ଥିତିକୁ ଫେରିବ। ବିଶ୍ୱ ମାନ୍ଦାବସ୍ଥା ଦ୍ୱାରା ଭାରତର ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେବା ସହ ନିବେଶ ଚାହିଦା କମିଯାଇଛି। ୨୦୧୬ରେ ଅଭିବୃଦ୍ଧି ହାର ୮.୨% ରହିଥିବା ବେଳେ ଏହା ୨ ବର୍ଷରେ ବର୍ତ୍ତମାନ ୨.୨% କମିଥିବା ଟିମର ମତ ରଖିଛନ୍ତି। ବର୍ତ୍ତମାନର ହ୍ରାସ ଏତେ ବଡ ନୁହେଁ। ୨୦୦୯ ଏବଂ ୨୦୧୨ର ମାନ୍ଦାବସ୍ଥା ସହ ତୁଳନା କଲେ ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ଜଟିଳ ରହିଥିବା ସେ ସ୍ପଷ୍ଟ କରିଛନ୍ତି।

### ଆର୍ଥିକ ସଂସ୍କାରରୁ ଅସୁବିଧା

ଭାରତରେ ଲାଗୁ ହୋଇଥିବା ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଏବଂ ବିମୁଦ୍ରୀକରଣର ଅସୁବିଧା ବଜାର ଉପରେ ଏବେ ମଧ ରହିଥିବା ବିଶ୍ୱବ୍ୟାଙ୍କ ପ୍ରକାଶ କରିଛି। ଏହାଦ୍ୱାରା ଗ୍ରାମାଞ୍ଚଳ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି। ସେହିଭଳି ସହରାଞ୍ଚଳ ନିଯୁକ୍ତି କ୍ଷେତ୍ରରେ ଏହାର ନକାରାତ୍ମକ ପ୍ରଭାବ ଦେଖାଯାଇଛି। ଏଭଳି ବିଭିନ୍ନ ପ୍ରସଙ୍ଗ ଗରିବ ପରିବାରଗୁଡିକର ଅଡୁଆକୁ ଆହୁରି ବଢାଇବାର ସମ୍ଭାବନା ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଗ୍ରାମାଞ୍ଚଳ ଆୟରେ ମନ୍ଥର ଅଭିବୃଦ୍ଧି, ବଜାରରେ ଚାହିଦା ହ୍ରାସ ଯୋଗୁ ଅଟୋମୋବାଇଲ ସମେତ ଏଫ୍ଏମ୍‌ସିଜି କ୍ଷେତ୍ର ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ଅପରପକ୍ଷରେ ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡିକ କ୍ଷତିଗ୍ରସ୍ତ ସ୍ଥିତିରେ ରହିଥିବାରୁ ଚାହିଦା ଏତେ ଶୀଘ୍ର ଫେରୁ ନାହିଁ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

### ଭାରତ ତୁଳନାରେ ବାଂଲାଦେଶ, ନେପାଳର ଦ୍ୱରିତ ଅଭିବୃଦ୍ଧି

ଭାରତ ତୁଳନାରେ ବାଂଲାଦେଶ ଏବଂ ନେପାଳ ଉନ୍ନତ ଅଭିବୃଦ୍ଧି ହାସଲ କରିବେ। ସମଗ୍ର ଦକ୍ଷିଣ ଏସିଆର ଅଭିବୃଦ୍ଧି ମଧ ଏତେଟା ଉନ୍ନତ ହେବ ନାହିଁ ବୋଲି ବିଶ୍ୱବ୍ୟାଙ୍କ ରିପୋର୍ଟରେ କୁହାଯାଇଛି। ଏହି ସମୟରେ ପାକିସ୍ତାନର ଅଭିବୃଦ୍ଧି ୨.୪%କୁ ଖସିବ। ଦକ୍ଷିଣ ଏସିଆର ଅଭିବୃଦ୍ଧି ୧.୧% ହ୍ରାସ ଘଟି ୫.୯%କୁ ଖସିଯିବ ବୋଲି ଆକଳନ କରାଯାଇଛି। ଗତ ତ୍ରୈମାସରେ ଭାରତର ଘରୋଇ ଚାହିଦା ୩.୧%କୁ ଖସିଛି। ଏହା ଗତ ବର୍ଷ ସମାନ ସମୟରେ ୭.୩% ଥିଲା। ସେହିଭଳି ମାନୁଫାକଚରିଂ ଅଭିବୃଦ୍ଧି ୧% ତଳକୁ ଖସି ଆସିଛି। ଏହା ଗୋଟିଏ ବର୍ଷ ତଳେ ୧୦%ରୁ ଊର୍ଦ୍ଧ୍ୱ ରହିଥିଲା। ବାଂଲାଦେଶର ଅଭିବୃଦ୍ଧି ୮.୧% ରହିବ ବୋଲି ଆକଳନ କରାଯାଇଛି। ଏହି ଆକଳନ ୨୦୧୮ରେ ୭.୯% ରହିଥିଲା। ସେହିଭଳି ନେପାଳ ୨୦୨୦ରେ ୭.୨% ଏବଂ ୨୦୨୧ରେ ୭.୨% ଅଭିବୃଦ୍ଧି ହାସଲ କରିବ ବୋଲି ପୂର୍ବାନୁମାନ କରାଯାଇଛି। ଏହି ସମୟରେ ନେପାଳର ଜିଡିପି ଅଭିବୃଦ୍ଧି ୬.୫% ରହିବ। ସେହିଭଳି ଆଫଗାନିସ୍ତାନ ୩%, ଭୁଟାନ ୭.୪% ଏବଂ ଶ୍ରୀଲଙ୍କାର ଅଭିବୃଦ୍ଧି ୨.୭% ରହିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି।

## ମାନ୍ଦାବସ୍ଥା ମନ୍ତବ୍ୟକୁ ନେଇ ଟ୍ରୋଲ୍ ହେଲେ ରବିଶଙ୍କର

ନୂଆଦିଲ୍ଲୀ,୧୩-୧୦

ଅର୍ଥନୀତିରେ ମାନ୍ଦାବସ୍ଥା ନ ଥିବାରୁ ଗୋଟିଏ ଦିନରେ ରିଲିଜ ହୋଇଥିବା ୩ ସିନେମା ୧୨୦ କୋଟି ଟଙ୍କା ବ୍ୟବସାୟ କରିଥିବା କହି ସୋସିଆଲ ମିଡିଆରେ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ରବିବାର ଟ୍ରୋଲ ହୋଇଛନ୍ତି। ଅର୍ଥନୀତି ନେଇ ଦେଇଥିବା ଏଭଳି ମନ୍ତବ୍ୟ ଲାଗି ବିଭିନ୍ନ ମହଲରୁ ସମାଲୋଚନା ଶିକାର ହେବା ପରେ ସେ ତାଙ୍କ ବୟାନକୁ ପ୍ରତ୍ୟାହାର କରିନେଇଛନ୍ତି। ଏହାବାଦ ଏନ୍ଏସ୍ଏସ୍‌ଓର ନିଯୁକ୍ତି ଡାଟା ଏବଂ ଆଇଏମ୍ଏଫ୍‌ର ମାନ୍ଦାବସ୍ଥା ରିପୋର୍ଟକୁ ସେ ଖଣ୍ଡନ କରିବା ସହ ଅର୍ଥ ବ୍ୟବସ୍ଥାରେ କୌଣସି ଅସୁବିଧା ନ ଥିବା କହିଥିଲେ। ଯାହାକୁ ନେଇ ଜନସାଧାରଣରେ ଗଭୀର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ତାଙ୍କୁ ଲୋକମାନେ ଅନ୍‌ଲାଇନରେ ସମାଲୋଚନା କରିଛନ୍ତି।

■ ମନ୍ତବ୍ୟ ପ୍ରତ୍ୟାହାର କଲେ



ଟୁଇଟରେ ସେ କହିଛନ୍ତି, ଜଣେ ସମ୍ବେଦନଶୀଳ ବ୍ୟକ୍ତି ଭାବେ ଏଭଳି ମନ୍ତବ୍ୟକୁ ସେ ପ୍ରତ୍ୟାହର କରୁଛନ୍ତି। ତାଙ୍କ କଥାକୁ ଭିନ୍ନ ଢଙ୍ଗରେ ଏବଂ ଅଲଗା ଅର୍ଥ ବାହାର କରାଯାଇ ଏଭଳି କରାଯାଇଥିବାରୁ ଏହାକୁ ନେଇ ଦୁଃଖିତ। ଗୋଟିଏ ଦିନରେ ୩ ସିନେମା ୧୨୦ କୋଟି ବ୍ୟବସାୟ କରିବା ତଥ୍ୟ ସମ୍ପୂର୍ଣ୍ଣ ଠିକ୍। ଦେଶର ସିନେମା ରାଜଧାନୀ ମୁମ୍ବାଇରେ ରହିଥିବାରୁ ଏଭଳି ଏକ ମନ୍ତବ୍ୟ ପ୍ରଦାନ କରିଥିବା ସେ କହିଛନ୍ତି। ସିନେମା ଶିଳ୍ପକୁ ନେଇ ଗର୍ବିତ । ଏହା ଅନେକ ଲୋକଙ୍କୁ ନିଯୁକ୍ତି ଦେବା ସହ ଦେଶର ଅର୍ଥ ବ୍ୟବସ୍ଥାକୁ ଯୋଗଦାନ ରଖୁଛି। ଏହାବାଦ ସରକାର ସାଧାରଣ ଲୋକଙ୍କ ସମସ୍ୟାକୁ ଧ୍ୟାନରେ ରଖୁଥିବା ସେ କହିଛନ୍ତି। ସୋସିଆଲ ମିଡିଆରେ ସେ ଦେଇଥିବା ମନ୍ତବ୍ୟର ସମ୍ପୂର୍ଣ୍ଣ ଭିଡିଓ ରହିଛି। ମାତ୍ର ଏଥିରୁ କିଛି ଭାଗ କାଟି ଏହାକୁ ଭୁଲ ଅର୍ଥରେ ଦର୍ଶାଯାଇଥିବାରୁ ଜଣେ ସମ୍ବେଦନଶୀଳ ବ୍ୟକ୍ତି ଭାବେ ଅତ୍ୟନ୍ତ ଦୁଃଖିତ ବୋଲି ସେ ମତ ରଖିଛନ୍ତି।

## ଜିଏସ୍‌ଟି ରାଜସ୍ୱରେ ଉନ୍ନତି ଲାଗି କମିଟି ବୈଠକ ମଙ୍ଗଳବାର

ନୂଆଦିଲ୍ଲୀ,୧୩-୧୦

ଜିଏସ୍‌ଟି ରାଜସ୍ୱରେ ଉନ୍ନତି ଆଣିବା ଲାଗି ସରକାର ଗଠନ କରିଥିବା ନୂଆ ଉଚ୍ଚ ସ୍ତରୀୟ କମିଟିର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହେବ। ସରକାର ଗତ ସପ୍ତାହରେ ଏହି କମିଟି ଗଠନ କରିଥିଲେ। ଜିଏସ୍‌ଟି ସଂଗ୍ରହରେ ଉନ୍ନତି ଆଣିବା ଲାଗି ଉକ୍ତ କମିଟି ସରକାରଙ୍କୁ ବିଭିନ୍ନ ଆନୁଷଙ୍ଗିକ ପ୍ରସଙ୍ଗରେ ପ୍ରସ୍ତାବ ଦେବ ବୋଲି ଜଣାପଡିଛି। ଜିଏସ୍‌ଟି ଠକେଇ ରୋକିବା, ପରୋକ୍ଷ ଟିକସ ପରିସର ବୃଦ୍ଧି ଉପରେ ବୈଠକରେ ଆଲୋଚନା କରାଯିବ। ଚଳିତ ବର୍ଷ ସେପ୍ଟେମ୍ବରରେ ଜିଏସ୍‌ଟି ସଂଗ୍ରହ ୧୯ ମାସର ସର୍ବନିମ୍ନ ସ୍ତରକୁ ଖସି ୯୧,୯୧୬ କୋଟି ଟଙ୍କା ରହିଛି। ଅକ୍ଟୋବର ୧୫ରେ ଏ ନେଇ ଉଚ୍ଚସ୍ତରୀୟ କମିଟି ବୈଠକ ହେବ ବୋଲି ଜିଏସ୍‌ଟି କାଉନସିଲର ସ୍ୱତନ୍ତ୍ର ସଚିବ ରାଜୀବ ରଞ୍ଜନ କହିଛନ୍ତି।


## CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |




ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154




Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287944770

Hi-Tech Tower Company
(୧୨୪୦ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679




ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ଅଷ୍ଟମ / ଦଶମ ପାସ୍
ମହିଳା / ପୁରୁଷ / ଦୋକାନୀ
୨ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନିଅନ୍ତୁ
୧% ସୁଧ ୨୫% ରିହାତି
୧୦ ବର୍ଷରେ ଫେରସ୍ତ
8586970773
9717483267
Add: 22/14, Sec.1, Andheri, Mumbai

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901
8859983504

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ



"ଦ୍ୱିତୀୟ ଟେଷ୍ଟରେ ଇନିଂସ ବିଜୟ ସତ୍ତ୍ୱେ ଆମେ ୩ୟ ମ୍ୟାଚ୍‌କୁ ହାଲ୍‌କା ଭାବେ ନେବୁ ନାହିଁ। ଆମେ ୩-୦ରେ ସିରିଜ ଜିତିବା ଲକ୍ଷ୍ୟରେ ରହିଛୁ।
– ବିରାଟ କୋହଲି, ଭାରତୀୟ ଦଳର ଅଧିନାୟକ



"ଆମେ ଡେଲ୍ ଷ୍ଟେଇନ, ମୋର୍ନେ ମୋର୍କେଲ, ହାସିମ ଆମଲା ଓ ଏବି ଡି ଭିଲର୍ସଙ୍କ ରୂପରେ ୪ଜଣ ଅଭିଜ୍ଞ ଖେଳାଳିଙ୍କୁ ହରେଇଛୁ। ସେମାନଙ୍କ ବଦଳ ଖେଳାଳି ରାତାରାତି ଦଳକୁ ମିଳିବା ସମ୍ଭବ ନୁହେଁ।
– ଫାଫ୍ ଡୁ ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ

### ଡଚ୍ ଓପନ୍ ବ୍ୟାଡମିଣ୍ଟନ: ଲକ୍ଷ୍ୟଙ୍କୁ ଟାଇଟଲ



**ଅଲମେର,୧୩।୧୦(ପି.ଟି.):** ଉଦୀୟମାନ ବ୍ୟାଡମିଣ୍ଟନ ତାରକା ଭାରତର ଲକ୍ଷ୍ୟ ସେନ ଆଉ ଏକ ବିଶ୍ୱସ୍ତରୀୟ ସଫଳତା ଅର୍ଜନ କରିଛନ୍ତି। ନେଦରଲାଣ୍ଡସର ଅଲମେରଠାରେ ଖେଳାଯାଇଥିବା ଡଚ୍ ଓପନ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ସେ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ୧୮ ବର୍ଷୀୟ ଲକ୍ଷ୍ୟ ୧୫-୨୧, ୨୧-୧୪, ୨୧-୧୫ରେ ବିଶ୍ୱର ୧୬୦ ନମ୍ବର ଖେଳାଳି ଜାପାନର ୟୁସୁକ ଓନୋଡେରାଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ବିଜୟୀ ହେବା ପାଇଁ ତାଙ୍କୁ ୬୩ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଏଥିସହିତ ଲକ୍ଷ୍ୟ କ୍ୟାରିୟରର ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଟାଇଟଲ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଏହି ଇଭେଣ୍ଟ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ସୁପର ୧୦୦ ବିବେଚିତ ହେଉଛି। ପ୍ରଥମ ଗେମ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଲକ୍ଷ୍ୟ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ଓ ତୃତୀୟ ଗେମ୍‌କୁ ହାତେଇ ନେଇଥିଲେ। ଲକ୍ଷ୍ୟ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗର ୭୨ତମ ସ୍ଥାନରେ ରହିଛନ୍ତି। ଗତମାସ ସେ ବେଲଜିଆନ ଓପନ ଟାଇଟଲ ହାସଲ କରିଥିଲେ। ସେ ମଧ୍ୟ ଏସିଆନ ଜୁନିୟର ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଥିଲେ। ଯୁବ ଅଲିମ୍ପିକ୍ସ ଗେମ୍ସରେ ସେ ରୌପ୍ୟ ପଦକ ଜିତିଥିଲେ। ସେହିପରି ଗତବର୍ଷ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ସେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ।



କଳିଙ୍ଗ ଷ୍ଟାଡ଼ିୟମରେ ହେବାକୁ ଥିବା ଜାତୀୟ କ୍ୟାମ୍ପ ଲାଗି ରବିବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିବା ଭାରତୀୟ ମହିଳା ହକି ଖେଳାଳି।

## ସୁଲତାନ ଜୋହର କପ୍ ହକି
# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

**ଜୋହର ବାହରୁ,୧୩।୧୦(ପି.ଟି.)**

ଏଠାରେ ଚାଲିଥିବା ସୁଲତାନ ଜୋହାର କପ୍ ହକି ଟୁର୍ନାମେଣ୍ଟରେ ଭାରତୀୟ ଜୁନିୟର ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶନିବାର ପ୍ରଥମ ମ୍ୟାଚ୍‌ରେ ଭାରତ ଆୟୋଜକ ମାଲେସିଆକୁ ୪-୨ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ରବିବାର ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଜବରଦସ୍ତ ଖେଳ ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡକୁ ୮-୨ ଗୋଲରେ ହରାଇଛି। ଓଡ଼ିଆ ଖେଳାଳି ୩ଟି ଗୋଲସ୍କୋର କରି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତ ତରଫରୁ ସଞ୍ଜୟ ଦୁଇଟି ଗୋଲ ସ୍କୋର କରିଥିଲେ। ସଞ୍ଜୟ ୧୭ ଓ ୨୨ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ। ତେବେ ଦିଲପ୍ରୀତ ସିଂ ଷଷ୍ଠ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଭାରତ ପାଇଁ ଖାତା ଖୋଲିଥିଲେ। ସେହିପରି ଓଡ଼ିଆ ତାରକା ଶିଳାନନ୍ଦ ଲାକ୍ରା ୧୪ତମ ମିନିଟ୍‌ରେ ଗୋଲ ଦେଇଥିବା ବେଳେ ଅଧିନାୟକ ମନଦୀପ ମୋର ୨୨ତମ ମିନିଟ୍ ସ୍କୋର କରିଥିଲେ। ଅନ୍ୟତମ ଓଡ଼ିଆ ଖେଳାଳି ସୁମନ ବେକ୍ ଓ ସୁଦୀପ ଚିର୍ମାକୋ ଯଥାକ୍ରମେ ୪୫ ଓ ୫୧ତମ ମିନିଟ୍ ଗୋଲ ସ୍କୋର କରିଥିଲେ। ତେବେ ନ୍ୟୁଜିଲାଣ୍ଡ ପାଇଁ ଡାଇଲାନ ଥୋମାସ ୨୮ ଓ ୪୪ତମ ମିନିଟରେ ଦୁଇଟି ଗୋଲ ସ୍କୋର କରି ପରାଜୟ ବ୍ୟବଧାନ କମାଇଥିଲେ। ମଙ୍ଗଳବାର ଭାରତ ତା'ର ପରବର୍ତ୍ତୀ ରାଉଣ୍ଡ ରବିନ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଜାପାନକୁ ଭେଟିବ। ସାରା ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ପ୍ରଭାବ ବିସ୍ତାର କରି ଖେଳିଥିଲା। ଭାରତୀୟ ଖେଳାଳିମାନେ ନ୍ୟୁଜିଲାଣ୍ଡ ଡିଫେନ୍ସ ଦୁର୍ବଳତାର ଫାଇଦା ଉଠାଇଥିଲେ।

# ଦୁଇ ଘଣ୍ଟାରୁ କମ୍ ସମୟରେ ମାରାଥନ ଦୌଡ଼ିଲେ କିପଚୋଗେ

ଭିଏନା,୧୨।୧୦(ଏଏଫ୍‌ପି)

କେନିଆର ଅଭିଜ୍ଞ ଧାବକ ଇଲିଉଡ କିପଚୋଗେ ଇତିହାସ ସୃଷ୍ଟି କରିଛନ୍ତି। ଶନିବାର ଦୁଇ ଘଣ୍ଟାରୁ କମ୍ ସମୟ ନେଇ ସେ ମାରାଥନ (୪୨.୨ କି.ମି.) ଦୌଡ଼ିଛନ୍ତି। ବୃହତ୍ ଭିଏନା ପାର୍କରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା କୋର୍ସରେ ୩୪ ବର୍ଷୀୟ କିପଚୋଗେ ଏକ ଘଣ୍ଟା ୫୯ ମିନିଟ ଓ ୪୦ ସେକେଣ୍ଡ ସମୟ ନେଇ ମାରାଥନ ଦୌଡ଼ ପୂରା କରିଛନ୍ତି। ଏହା ଓପନ୍ କମ୍ପିଟିଶନ ନ ଥିଲା। ତେଣୁ ଏହା ଆନୁଷ୍ଠାନିକ ରେକର୍ଡ ଭାବେ ଗଣାହେବନାହିଁ। ପୁଣି ସେ ରୋଟେଟିଂ ପେସମେକର୍ସର ସାହାଯ୍ୟ ନେଇଥିଲେ। ଦୌଡ଼ ଅବସରରେ ତାଙ୍କୁ ୪୨ ପେସମେକର୍ସ ସହାୟତା ପ୍ରଦାନ କରିଥିଲେ। ଧଳା ଜର୍ସି ପିନ୍ଧି ଏହି ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନ ଐତିହାସିକ ପ୍ରଦର୍ଶନ କରିଥିଲେ। ପୂରା ଦୌଡ଼ ଅବସରରେ କିପଚୋଗେଙ୍କ କୋଚ୍ ତାଙ୍କୁ ଜେଲ୍ ଓ ପାଣି ଦେଉଥିଲେ। ତାଙ୍କୁ ସହାୟତା କରିଥିବା ୪୨ଜଣ ପେସମେକର୍ସଙ୍କ ମଧ୍ୟରେ ୧୫୦୦ ମି. ଅଲିମ୍ପିକ ଚାମ୍ପିୟନ ମାଥ୍ୟୁ ସେଣ୍ଟ୍ରୋବିଜ୍, ଅଲିମ୍ପିକ ୫୦୦୦ମି. ରୌପ୍ୟ ପଦକ ବିଜେତା ପାଲ ଚିଲମୋ ଓ ଅନ୍ୟ ଅଭିଜ୍ଞ ଧାବକ ସାମିଲ ରହିଥିଲେ। ପୂର୍ବରୁ ୨ ଘଣ୍ଟା ୧ ମିନିଟ ୩୯ ସେକେଣ୍ଡ ସମୟ ନେଇ ପୁରୁଷ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଏହା ସେ ୨୦୧୮ ସେପ୍ଟେମ୍ବର ୧୬ ବର୍ଲିନ ମାରାଥାନରେ ହାସଲ କରିଥିଲେ। ୨୦୧୭ ମେ'ରେ ସେ ଇଟାଲୀର ମୋଞ୍ଜା ନ୍ୟାଶନାଲ ଅଟୋଡ୍ରମ ରେସିଂ ସର୍କିଟ୍‌ରେ ଦୁଇ ଘଣ୍ଟ ବ୍ୟାରିୟର ବା ସୀମାକୁ ଭଙ୍ଗ କରିବାକୁ ପ୍ରୟାସ କରିଥିଲେ। ତେବେ ସେ ଏଥିରେ ୨ ଘଣ୍ଟା ୨୫ ସେକେଣ୍ଡ ସମୟ ନେଇ ଅଳ୍ପକେ ରେକର୍ଡ ହାସଲରୁ ବଞ୍ଚିତ ହୋଇଥିଲେ।

# ଜାତୀୟ ହକି ପ୍ରଶିକ୍ଷଣ ଶିବିରରେ ୨ ଓଡ଼ିଆ

ନୂଆଦିଲ୍ଲୀ,୧୩।୧୦(ପି.ଟି.)

ଆସନ୍ତା ନଭେମ୍ବର ୧ ଓ ୨ ତାରିଖରେ ଭୁବନେଶ୍ୱରରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର ପାଇଁ ହକି ଇଣ୍ଡିଆ ରବିବାର ୨୨ ଖେଳାଳିଙ୍କୁ ନେଇ ଏକ ତାଲିକା ଘୋଷଣା କରିଛି। ସୋମବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଖେଳାଳିମାନେ ହେଡ୍ କୋଚ୍ ଗ୍ରାହମ ରେଡ୍‌ଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ଆସନ୍ତା ମାସ ଏହି ଅଲିମ୍ପିକ କ୍ୱାଲିଫାୟର୍ସରେ ଭାରତ ଦୁଇଟି ମ୍ୟାଚ୍‌ରେ ରୁଷିଆକୁ ଭେଟିବ। ଗତ ବେଲଜିୟମ ଗସ୍ତରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଥିଲା। ବିଶ୍ୱ ଚାମ୍ପିୟନ ବେଲଜିୟମକୁ ଭାରତ ୩ଟି ମ୍ୟାଚ୍‌ରେ ଯଥାକ୍ରମେ ୨-୦, ୨-୧ ଓ ୫-୧ରେ ପରାସ୍ତ କରିଥିଲା। ଏହାପରେ ଭାରତ ସ୍ପେନ୍‌କୁ ମଧ୍ୟ ଦୁଇଟି ମ୍ୟାଚ୍‌ରେ ୬-୧ ଓ ୫-୧ ଗୋଲରେ ହରାଇଥିଲା। ପ୍ରଥମଥର ପାଇଁ କୌଣସି ଗସ୍ତରେ ଭାରତୀୟ ଦଳ ସବୁ ମ୍ୟାଚ୍ ଜିତି ଏକ ବିରଳ ସଫଳତା ହାସଲ କରିଥିଲା। ଏହି ସଫଳ ଗସ୍ତର ପ୍ରଭାବ ଭାରତୀୟ ଦଳ ଉପରେ ପଡିବ ଓ ଦଳର ଆତ୍ମ ବିଶ୍ୱାସ ବଢିବ। ରୁଷିଆର ଚ୍ୟାଲେଞ୍ଜକୁ ପ୍ରତିହତ କରିବାକୁ ଭାରତ ପ୍ରସ୍ତୁତ ରହିଛି ବୋଲି କୋଚ୍ ରେଡ କହିଛନ୍ତି। ଗତ ୟୁରୋପ ଗସ୍ତରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଥିଲା ଓ ଏହା ଭାରତ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ସେ କହିଛନ୍ତି। ଭାରତୀୟ ଖେଳାଳିମାନେ ଫିଲ୍ଡ ଗୋଲ କରିବା ସହ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ ମଧ୍ୟ ସଫଳ ହୋଇଥିଲେ। ବେଲଜିୟମ ଓ ସ୍ପେନ ଭଳି କ୍ୱାଲିଟି ଦଳ ବିପକ୍ଷରେ ସବୁ ମ୍ୟାଚ୍‌ରେ ବିଜୟୀ ହେବା ଏକ ବଡ଼ ସଫଳତା। ଶିବିରରେ ଖେଳାଳିମାନେ ପରିବେଶ ସହ ଅଭ୍ୟସ୍ତ ହେବା ସହ ମୁମେଣ୍ଟମ ଉପରେ ଧ୍ୟାନ ଦେବେ ବୋଲି ରେଡ୍ କହିଛନ୍ତି।



ବୀରେନ୍ଦ୍ର ଲାକ୍ରା



ଅମିତ୍ ରୋହିଦାସ

**ଘୋଷିତ ଦଳ**

ପି.ଆର. ଶ୍ରୀଜେସ (ଗୋଲ କିପର), କ୍ରିଷ୍ଣନ ବାହାଦୂର ପାଠକ (ଗୋଲ କିପର), ହରମନପ୍ରୀତ ସିଂ, ବରୁଣ କୁମାର, ସୁରେନ୍ଦର କୁମାର, ବୀରେନ୍ଦ୍ର ଲାକ୍ରା, ରୁପିନ୍ଦର ପାଲ ସିଂ, ଗୁରିନ୍ଦର ସିଂ, ଅମିତ ରୋହିଦାସ, କୋଥାଜିତ ସିଂ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ସିମରନଜିତ ସିଂ, ଆକାଶଦୀପ ସିଂ, ରମନଦୀପ ସିଂ, ଏସ୍‌ଭି ସୁନୀଲ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଗୁରସାହାବଜିତ ସିଂ ଓ ଶମଶେର ସିଂ।

# ବୋଟାସଙ୍କୁ ଷଷ୍ଠ ବିଶ୍ୱ ଟାଇଟଲ



ସୁଜୁକା,୧୩।୧୦(ଏଏଫ୍‌ପି)

ଫିନ୍‌ଲାଣ୍ଡର ମର୍ସିଡିଜ୍ ଡ୍ରାଇଭର ଭାଲଟେରୀ ବୋଟାସ ଜାପାନିଜ ଗ୍ରାଁପି ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ରେସ୍‌ରେ ସେ ୧:୩୧:୫୨:୯୪୨ ସେକେଣ୍ଡ ସମୟ ନେଇ ବିଜୟୀ ହୋଇଛନ୍ତି। ଚଳିତ ସେସନ୍‌ରେ ବୋଟାସଙ୍କ ଏହା ଦ୍ୱିତୀୟ ବିଜୟ। ରେସ୍‌ରେ ବୋଟାସ ନିଜ ଦଳୀୟ ସାଥୀ ତଥା ୫ଥର ବିଶ୍ୱ ଚାମ୍ପିୟନ ହୋଇଥିବା ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ବାଜି ମାରିଛନ୍ତି। ଏହି ରେସ୍‌ରେ ଫେରାରିର ସେବାଷ୍ଟିଆନ ଭେଟେଲ ତୃତୀୟ, ରେଡ୍‌ବୁଲର ମ୍ୟାକ୍ସ ଭେର୍ଷ୍ଟାପେନ ଚତୁର୍ଥ ଓ ଫେରାରି ଚାର୍ଲ୍ସ ପଞ୍ଚମ ସ୍ଥାନରେ ରହିଛନ୍ତି। ସେ ୬ ମାସ ପରେ ସେ ଚଳିତ ବର୍ଷ ତାଙ୍କର ତୃତୀୟ ଟାଇଟଲ ଜିତିଛନ୍ତି। ଏହା ପୂର୍ବରୁ ସେ ଅଷ୍ଟ୍ରେଲିଆରେ ସିଜନର ପ୍ରଥମ ଓ ଏପ୍ରିଲ୍‌ରେ ଆଜରବୈଜାନରେ ଗ୍ରାଣ୍ଡପ୍ରିକ୍ସ ଟାଇଟଲ ହାସଲ କରିଥିଲେ। ନିଜ ପ୍ରଦର୍ଶନରେ ସେ ଖୁସି ଜାହିର କରିଛନ୍ତି। ସେ ତୃତୀୟ ପୋଜିଶନରୁ ରେସ୍ ଆରମ୍ଭ କରିଥିଲେ। ସେ ମର୍ସିଡିଜ ପାଇଁ ଷଷ୍ଠ ଟାଇଟଲ ହାସଲ କରିଛନ୍ତି।

# ଓଡ଼ିଶାର ଲଜ୍ଜାଜନକ ପରାଜୟ

## ବିଜୟ ହଜାରେ ଟ୍ରଫି

କଟକ ଅଫିସ,୧୩।୧୦

ବିଜୟ ହଜାରେ ଟ୍ରଫି ଲିଗ୍ ପର୍ଯ୍ୟାୟରେ ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ବରୋଦାଠାରୁ ଓଡ଼ିଶା ଲଜ୍ଜାଜନକ ଭାବେ ପରାସ୍ତ ହୋଇଛି। ଭଦୋଦରାର ମୋତିବାଗ୍ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୭୩ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଘରୋଇ ବରୋଦା ୯ ଉଇକେଟ ବାକି ରଖି ଘରୋଇ ବିଜୟ ଲକ୍ଷ୍ୟ ହାସଲ କରିଛି। ଆସନ୍ତା ୧୬ରେ ଟୁର୍ନାମେଣ୍ଟର ଅନ୍ତିମ ମ୍ୟାଚରେ ଓଡ଼ିଶା ଉତ୍ତରପ୍ରଦେଶକୁ ଭେଟିବ। ଏଲିଟ ଗ୍ରୁପ-ଏ ଆଣ୍ଡ ବିରେ ସ୍ଥାନିତ ଓଡ଼ିଶା ୯ଟି ମ୍ୟାଚ୍‌ରୁ ୩ଟି ଲେଖାଏ ବିଜୟ, ପରାଜୟ ଓ ଅମୀମାସିଂତ ଫଳାଫଳରୁ ୧୮ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ୨୪ ପଏଣ୍ଟ ଲେଖାଏ ହାସଲ କରି କର୍ଣ୍ଣାଟକ ଓ ପଞ୍ଜାବ ଏହି ଗ୍ରୁପର ଶୀର୍ଷରେ ରହିଛନ୍ତି। ଓଡ଼ିଶାର ରନରେଟ୍ ମଧ୍ୟ -୦.୮୧୧ ଅଛି। ଯାହା ଶ୍ରେଷ୍ଠ ୧୦ ଦଳ ମଧ୍ୟରେ ସବୁଠାରୁ ନିମ୍ନ। ଏଣୁ ଚଳିତ ସଂସ୍କରଣ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି ବୋଲି କୁହାଯାଇପାରେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶାର ଦୁର୍ବଳ ବ୍ୟାଟିଂ ଦେଖିବାକୁ ମିଳିଥିଲା। ୨୫ ଓଭରରେ ଓଡ଼ିଶା ମାତ୍ର ୭୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅଲରାଉଣ୍ଡର ଅଭିଷେକ ରାଉତ ୩୨ ରନ କରି ଅନ୍ତିମ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟ ୧୦ଜଣ ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଓପନର ସନ୍ଦୀପ ପଟ୍ଟନାୟକ ୫, ଦେବାଶିଷ ସାମନ୍ତରାୟ ୬, ଶାନ୍ତନୁ ମିଶ୍ର ୧, ଗୋବିନ୍ଦ ପୋଦ୍ଦାର ୦, ଉଇକେଟକିପର ସୁଜିତ ଲେଙ୍କା ୪, ପ୍ରୟାସ ସିଂ ୭, ରାଜେଶ ମହାନ୍ତି ୦, ଦେବବ୍ରତ ପ୍ରଧାନ ୨ ଓ ପପୁ ରାୟ ୧ ରନରେ ଆଉଟ ହୋଇଥିଲେ। ପ୍ରତିଯୋଗିତାରେ ଦମ୍‌ଦାର ଫର୍ମରେ ରହିଥିବା ଅଧିନାୟକ ଶୁଭ୍ରାଂଶୁ ସେନାପତି (୫ ରନ)ମଧ୍ୟ ବିଫଳ ହୋଇଥିଲେ। ବରୋଦାର ଡାହାଣହାତୀ ମିଡ଼ିୟମ ପେସର ସୋଏବ ସୋପାରିଆ ଓ ବାମହାତୀ ସ୍ପିନର ସ୍ୱପ୍ନିଲ ସିଂ ୮ରନ ଲେଖାଏ ବ୍ୟୟରେ ଯଥାକ୍ରମେ ୩ଟି, ୪ଟି ଉଇକେଟ ଅକ୍ତିଆର କରିଥିଲେ। ଭାର୍ଗବ ଭଟ୍ଟଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ଦୀପକ ହୁଡ଼ାଙ୍କ ନେତୃତ୍ୱାଧୀନ ବରୋଦା ଗୋଟିଏ ଉଇକେଟ ହରାଇ ବିଜୟୀ ହୋଇଛି। ଓପନର କେଦାର ଦେବଧର ୪ ରନରେ ଦେବବ୍ରତ ପ୍ରଧାନଙ୍କ ଦ୍ୱାରା ଆଉଟ ହୋଇଥିବା ବେଳେ ଆଦିତ୍ୟ ୱାଘମୋଡେ(୪୭ ରନ) ଓ ବିଷ୍ଣୁ ସୋଲାଙ୍କି(୧୬ ରନ) ଅପରାଜିତ ରହି ଦଳକୁ ଜିତାଇଥିଲେ।

### ଶେଷ ୫ ବର୍ଷରେ ଶ୍ରେଷ୍ଠ ପ୍ରଦର୍ଶନ

ଟୁର୍ନାମେଣ୍ଟରୁ ଓଡ଼ିଶା ବାଦ୍ ପଡ଼ିଥିଲେ ସୁଦ୍ଧା ଚଳିତ ବର୍ଷର ପ୍ରଦର୍ଶନ ଗତ ୫ ବର୍ଷ ମଧ୍ୟରେ ଶ୍ରେଷ୍ଠ ରହିଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ୩ ମ୍ୟାଚ୍‌ରେ ବିଜୟୀ ହୋଇ ସାରିଲାଣି। ଆଉ ଗୋଟିଏ ମ୍ୟାଚ ମଧ୍ୟ ବାକି ଅଛି। ଗତ ଦୁଇ ସଂସ୍କରଣରେ ଓଡ଼ିଶା ୨ଟି ଲେଖାଏ ମ୍ୟାଚ୍ ଜିତିଥିଲା। ଏହାର ପୂର୍ବ ୨ ସଂସ୍କରଣରେ ଗୋଟିଏ ଲେଖାଏ ମ୍ୟାଚ୍ ଓଡ଼ିଶା ବିଜୟୀ ହୋଇଥିଲା।

# ୧୧.୧୫ ଟାଇମିଂ ମୂଳ ଲକ୍ଷ୍ୟ: ଦୂତୀ

## ଶ୍ରେଷ୍ଠ ଆଥଲେଟ୍ ପୁରସ୍କାର

ଭୁବନେଶ୍ୱର୧୩।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ତାରକା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ରାଞ୍ଚିରେ ଚାଲିଥିବା ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଶ୍ରେଷ୍ଠ ଆଥଲେଟ ବିବେଚିତ ହୋଇଛନ୍ତି। ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରି ସେ ପୁରସ୍କୃତ ହୋଇଛନ୍ତି। ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ଅଧ୍ୟକ୍ଷ ଆଦିଲ ସୁମରିୱାଲ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ୨୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ



ହାସଲ କରି ପୁଣି ଥରେ ନିଜର ଶ୍ରେଷ୍ଠତ୍ୱ ଜାହିର କରିଛନ୍ତି। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ୨୦୦ ମିଟର ଫାଇନାଲ ରେସ୍‌ରେ ସେ ତାଙ୍କ ସେମି ପ୍ରଦର୍ଶନରେ ଉନ୍ନତି ଆଣି ୨୩.୧୭ ସେକେଣ୍ଡ ନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ତାମିଲନାଡୁର ଅର୍ଚ୍ଚନା ସୁସେନ୍ଦ୍ରନ ୨୩.୪୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ରେଲୱେର ଚନ୍ଦ୍ରଲେଖା ଆନନ୍ଦନ ୨୩.୭୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ଦୂତୀ ନିଜ ପ୍ରଦର୍ଶନରେ ସନ୍ତୋଷ ପ୍ରକଟ କରିଛନ୍ତି। ଏବର୍ଷ ମୋର ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ହୋଇଛି ବୋଲି ଦୂତୀ କହିଛନ୍ତି। ୨୦୧୬ରେ ମୋର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୧୧.୨୪। ଏହା ଆଲମାଟିରେ ହାସଲ କରିଥିଲି। ତେବେ ୨୦୧୭/୧୮ରେ ମୋର ପ୍ରଦର୍ଶନରେ ସେଭଳି ଉନ୍ନତି ହୋଇ ନ ଥିଲା। ୨୦୧୯ରେ ପ୍ରଦର୍ଶନ ଭଲ ରହିଲା। ଏବେ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ପ୍ରସ୍ତୁତି ଚଳାଇଛି। ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ୧୧.୧୫ ଟାର୍ଗେଟ ରଖାଯାଇଛି। ଏବେ ଏହାକୁ ହାସଲ କରିବା ମୋର ମୂଳ ଲକ୍ଷ୍ୟ ବୋଲି ଦୂତୀ କହିଛନ୍ତି। ଦୋହାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ କରିପାରି ନ ଥିଲି ଓ ନିରାଶ ହୋଇଥିଲି। ଏହି ମେଗା ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିପାରି ନ ଥିଲି ଓ ମେଡାଲ ମଧ୍ୟ ହାସଲ କରିପାରି ନ ଥିଲି। ଏହାପରେ ଭାବିଥିଲି ପ୍ରଦର୍ଶନରେ ଆଉ ଉନ୍ନତି ଆସିବ ନାହିଁ। ଏବେ ମୁଁ ସ୍ପେଶାଲ ଟ୍ରେନିଂ କରୁଛି। କୋଚ, ଆସିଷ୍ଟାଣ୍ଟ କୋଚ୍, ଫିଜିଓ, ଟ୍ରେନରଙ୍କ ସହାୟତାରେ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ କରୁଛି। ଯଦି ଟ୍ରେନିଂ ପାଇଁ ବିଦେଶ ଯିବାକୁ ହୁଏ ତାହାଲେ ଯିବି ବୋଲି ସେ କହିଛନ୍ତି।




ଅତିଥିଙ୍କ ଗହଣରେ ବେଲ୍ଟ ଗ୍ରେଡିଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କରାଟେକାମାନେ।

# କରାଟେ ଗ୍ରେଡିଂ ପରୀକ୍ଷାରେ ୫୨ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୧୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍କଳ କରାଟେ ସ୍କୁଲର ବାଲୁଗାଁ ଶାଖାଠାରେ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ୍ ୫୨ଜଣ କରାଟେକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବେଲ୍ଟ ପାଇଛନ୍ତି। ପରୀକ୍ଷାର ମୁଖ୍ୟ ପରିଚାଳକ ତଥା ବାଲୁଗାଁ ଶାଖାର ମୁଖ୍ୟ ସେନ୍‌ସେଇ ଦୀପକ କୁମାର ସାମନ୍ତରାଙ୍କ ସହ ଅନ୍ୟ ପ୍ରଶିକ୍ଷକ ଏସ୍.କେ. ହକ୍, ରଞ୍ଜନ ସାମନ୍ତରା, କ୍ରିଷ୍ଣା ଶିକାରୀ, ଦୀପକ ମୁଦୁଲି, ସୌସମ୍ୟ ରଞ୍ଜନ ନାୟକ, ଦେବରାଜ ଡାଲି, ପୀତବାସ ମାନସିଂ, ସଂଗ୍ରାମ ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ପ୍ରତାପ କେଶରୀ ଜେନା, ଦୁର୍ଯ୍ୟୋଧନ ମାନସିଂହ, ଡି. ମୁରଲୀ, ଏ. ଗୋପାଳ କ୍ରିଷ୍ଣା ଏଥିରେ ସହଯୋଗ କରିଥିଲେ।

### ଭାରତ-ବାଂଲାଦେଶ ମ୍ୟାଚ୍ ଡ୍ର'

ଥିମ୍ପୁ(ଭୁଟାନ),୧୩।୧୦(ପିଟି)- ଚଳିତ ୧୫ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତ ଓ ବାଂଲାଦେଶ ମଧ୍ୟରେ ରବିବାର ଖେଳାଯାଇଥିବା ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଆମୀମାଂସିତ ଭାବ ଶେଷ ହୋଇଛି। ଭାରତ ପାଇଁ ଅମିଶା ବାକ୍ସଲା (୨୪ତମ ମିନିଟ୍) ଗୋଲ ଦେଇଥିଲେ। ବାଂଲାଦେଶ ଲାଗି ସପ୍ନା ରାଣୀ (୨୬ତମ) ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ପଏଣ୍ଟ ଭାଗ ହେବାରୁ ଉଭୟ ଦଳ ନିକଟରେ ଏବେ ୭ ପଏଣ୍ଟ ରହିଛି। କିନ୍ତୁ ଅଧିକ ଗୋଲ ଯୋଗୁ ଭାରତ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ମଙ୍ଗଳବାର ଖେଳାଯିବାକୁ ଥିବା ଫାଇନାଲରେ ଉଭୟ ଦଳ ପୁଣି ଥରେ ପରସ୍ପରକୁ ଭେଟିବେ।

## ସଂକ୍ଷେପରେ



### ମଞ୍ଜୁ ରାଣୀଙ୍କୁ ରୌପ୍ୟ ପଦକ

ଉଲାନ-ଉଡେ(ରୁଷିଆ), ୧୩।୧୦(ପି.ଟି.): ଭାରତୀୟ ବକ୍ସର ମଞ୍ଜୁ ରାଣୀଙ୍କ ପ୍ରଥମ ବିଶ୍ୱ ଚାମ୍ପିୟନଶିପ୍ ଅଭିଯାନ ରୌପ୍ୟ ପଦକ ସହ ଶେଷ ହୋଇଛି। ରବିବାର ଅନୁଷ୍ଠିତ ୪୮ କେଜି ଓଜନ ବର୍ଗର ଫାଇନାଲରେ ମଞ୍ଜୁ ରୁଷିଆର ଇକାଟେରିନା ପାଲଟ୍‌ସେଭାଙ୍କଠାରୁ ପରାସ୍ତ ହୋଇଛନ୍ତି। ଦ୍ୱିତୀୟ ସିଡ୍ ଘରୋଇ ବକ୍ସର ଇକାଟେରିନା ୪-୧ ବ୍ୟବଧାନରେ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ଶନିବାର ୨୦ ବର୍ଷରେ ପାଦ ଥାପିଥିବା ରାଣୀ ଏକମାତ୍ର ଭାରତୀୟ ବକ୍ସର ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଚଳିତ ପ୍ରତିଯୋଗିତାରେ ଛ'ଥର ବିଶ୍ୱ ଚାମ୍ପିୟନ ଏମ୍.ସି. ମେରୀକମ୍(୫୧ କେଜି), ଯମୁନା ବୋରୋ (୫୪ କେଜି) ଓ ଲଭଲିନା ବରଗୋହେନ (୬୯ କେଜି) ବ୍ରୋଞ୍ଜ ପଦକ ଜିତିଛନ୍ତି।

### ମେଡ୍‌ଭେଡେଭଙ୍କୁ ସାଂଘାଇ ମାଷ୍ଟର୍ସ ଟାଇଟଲ



ସାଂଘାଇ,୧୩।୧୦(ଏଏଫ୍‌ପି): ଡାନିଲ ମେଡ୍‌ଭେଡେଭ ଚଳିତ ବର୍ଷ ୪ର୍ଥ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୬-୪, ୬-୧ ସେଟ୍‌ରେ ଆଲେକ୍ସଜାଣ୍ଡର ଜେଭରେଭଙ୍କୁ ହରାଇ ଦେଇଛନ୍ତି। ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ମାତ୍ର ୭୪ ମିନିଟ୍ ଲାଗିଥିଲା। ୨୩ ବର୍ଷୀୟ ରୁଷିଆ ଖେଳାଳି ମେଡ୍‌ଭେଡେଭଙ୍କ ଲାଗି ଏହା ଥିଲା କ୍ରମାଗତ ୬ଷ୍ଠ ଟୁର୍ନାମେଣ୍ଟ ଫାଇନାଲ। ଜର୍ମାନୀର ଜେଭ୍‌ରେଭଙ୍କ ବିପକ୍ଷରେ ମେଡ୍‌ଭେଡେଭଙ୍କ ଏହା ଥିଲା ପ୍ରଥମ ବିଜୟ। ଏଥିପୂର୍ବରୁ ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ୪ଥର ମୁକାବିଲା ହୋଇଥିଲେ ହେଁ ଜେଭ୍‌ରେଭ ସମସ୍ତ ଥର ବିଜୟୀ ହୋଇଥିଲେ।

# ଇନିଂସ ବିଜୟ ସହ ସିରିଜ ଜିତିଲା ଭାରତ



ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ଖେଳାଳି ।

- କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍
- ଘରୋଇ ମାଟିରେ ଭାରତର ରେକର୍ଡ କ୍ରମାଗତ ୧୧ତମ ସିରିଜ୍ ବିଜୟ

ପୁଣେ,୧୩।୧୦(ପି.ଟି.)

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଟେଷ୍ଟ ଫର୍ମାଟ୍‌ରେ ତା'ର ପ୍ରଭୁତ୍ୱ ଜାରି ରଖିଛି। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ରବିବାର ଚତୁର୍ଥ ଦିନରେ ଏକ ଇନିଂସ ଓ ୧୩୭ ରନରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଏଥିସହିତ ଭାରତ ଘରୋଇ ମାଟିରେ କ୍ରମାଗତ ୧୧ତମ ସିରିଜ ବିଜୟ ହାସଲ କରି ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ଅଷ୍ଟ୍ରେଲିଆକୁ ପଛରେ ପକାଇଛି। ପୂର୍ବରୁ ଅଷ୍ଟ୍ରେଲିଆ ଘରୋଇ ପରିବେଶରେ କ୍ରମାଗତ ସର୍ବାଧିକ ୧୦ଟି ଟେଷ୍ଟ ସିରିଜ୍ ଜିତି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲା। ପ୍ରଥମ ଇନିଂସରେ ୨୫୪ର ଅପରାଜିତ ଦ୍ୱିଶତକୀୟ ପାଳି ଖେଳିଥିବା ଭାରତୀୟ ଅଧିନାୟକ ବିରାଟ କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ଦମ୍‌ଦାର ବିଜୟ ସହ ଭାରତ ୪୦ ପଏଣ୍ଟ ହାସଲ କରି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ତାଲିକାର ଶୀର୍ଷରେ ରହିଛି। ଭାରତ ଏବେ ମୋଟ ୨୦୦ ପଏଣ୍ଟ ହାସଲ କରି ୧ ନମ୍ବର ସ୍ଥାନରେ ରହିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ୧୪୦ ପଏଣ୍ଟ ପଛରେ ଥାଇ ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବରୁ ବେଙ୍ଗାଲୁରୁରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତ ୨୦୩ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ଆସନ୍ତା ୧୯ ତାରିଖରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ରାଞ୍ଚିରେ ଆୟୋଜନ ହେବ।

ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୧୫୬.୩ ଓଭରରେ ୫ ଉଇକେଟ ହରାଇ ୬୦୧ ରନ ସଂଗ୍ରହ କରି ଇନିଂସ ଘୋଷଣା କରିଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ୧୦୫.୪ ଓଭରରେ ୨୭୫ ରନ କରି ଅଲଆଉଟ ହେବା ସହ ୩୨୬ ରନ ପଛରେ ପଡିଥିଲା। ଫଳରେ ଦକ୍ଷିଣ ଆଫ୍ରିକାକୁ ଫଲୋଅନ ଦେଇଥିଲା। ଫଲୋଅନ୍ ହେବା ପରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଆରମ୍ଭ କରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ରବିବାର ଚତୁର୍ଥ ଦିବସ ଚା'ପାନ ବିରତି ପରେ ୬୭.୨ ଓଭରରେ ୧୮୯ ରନ କରି ଅଲଆଉଟ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ଏକ ଇନିଂସ ଓ ୧୩୭ ରନରେ ପରାସ୍ତ ହୋଇ ଏକପ୍ରକାର ଆତ୍ମସମର୍ପଣ କରିଥିଲା।

ଶନିବାର ଅନ୍ତିମ ସେସନରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସର ପରିସମାପ୍ତି ଘଟିଥିଲା ଓ ଏହାପରେ ଖେଳ ଶେଷ ହୋଇଥିଲ। ଫଲୋଅନ ହେବା ପରେ ଦକ୍ଷିଣ ଆଫ୍ରିକା ରବିବାର ସକାଳୁ ଦ୍ୱିତୀୟ ଇନିଂସ ଆରମ୍ଭ କରି ସବୁଥର ଭଳି ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୭୯ରେ ୫ ଉଇକେଟ ହରାଇଥିଲା। ଓପନର ଡିନ୍ ଏଲଗାର ୪୮, ଟେମ୍ବା ବଭୁମା ୩୮, ଭର୍ନନ ଫିଲାଣ୍ଡର ୩୭, କେଶବ ମହାରାଜ ୨୨ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ପ୍ରାୟ ସବୁ ଭାରତୀୟ ବୋଲର ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଇନିଂସ ଆରମ୍ଭରୁ ଘରୋଇ ବୋଲରମାନେ ଗୋଟିଏ ପରେ ଗୋଟିଏ ଉଇକେଟ ଝଡାଇବାରେ ଲାଗିଥିଲେ। ଓପନର ଏଡେନ ମାରକ୍ରାମ ଖାତା ଖୋଲିବା ପୂର୍ବରୁ ଈଶାନ୍ତ ଶର୍ମାଙ୍କ ଦ୍ୱାରା ଆଉଟ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିବା ପରେ ଥେଉନିସ ଡି ବ୍ରୁଇନ୍ ୮ ରନ କରିଥିବା ବେଳେ ଉମେଶ ଯାଦବଙ୍କ ବଲ୍‌ରେ ଉଇକେଟକିପର ରିଦ୍ଧିମାନ ଶାହାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପ୍ରଥମ ଇନିଂସରେ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଅଧିନାୟକ ଫାଫ୍ ଡୁପ୍ଲେସି ମାତ୍ର ୫ ରନକରି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ରିଦ୍ଧିମାନଙ୍କୁ କ୍ୟାଚ୍ ଦେଇଥିଲେ। ଲଢୁଆ ବ୍ୟାଟିଂ କରି କ୍ରିଜ୍‌ରେ ଜମିଆସୁଥିବା ଅନ୍ୟତମ ଓପନର ଡିନ୍ ଏଲଗାର ଅଶ୍ୱିନଙ୍କ ବଲ୍‌ରେ ଉମେଶ ଯାଦବଙ୍କୁ ମିଡ୍ ଅଫ୍‌ରେ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ ଓ ଦୁଇ ରନ ପାଇଁ ଅର୍ଦ୍ଧଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଏହାପରେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ୫ ରନ କରିଥିବା ବେଳେ ଜାଡେଜାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ବଭୁମା ଅଜିଙ୍କ୍ୟ ରାହାନେଙ୍କୁ କ୍ୟାଚ୍ ଦେଇ ରବୀନ୍ଦ୍ର ଜାଡେଜାଙ୍କ ପ୍ରଥମ ଶିକାର ହୋଇଥିଲେ। ସେନୁରାନ ମୁଥୁସାମି ୯ ରନ କରି ମହମ୍ମଦ ସାମିଙ୍କ ବଲ୍‌ରେ ରୋହିତ ଶର୍ମାଙ୍କୁ କ୍ୟାଚ୍ ଦେଇଥିଲେ। ପ୍ରଥମ ଇନିଂସ ଭଳି କେଶବ ମହାରାଜ ଓ ଫିଲାଣ୍ଡର ଦୃଢ ବ୍ୟାଟିଂ କରିବାକୁ ପ୍ରୟାସ କରିଥିଲେ। ଅଷ୍ଟମ ଉଇକେଟରେ ଏହି ଦୁଇ ଟେଲଏଣ୍ଡର ୫୬ ରନ ସଂଗ୍ରହ କରିଥିଲେ ଓ ୧୨୮ଟି ବଲ୍ ଖେଳି ବୋଲରଙ୍କୁ ହତାସ କରିବା ସହ ଭାରତର ବିଜୟକୁ ବିଳମ୍ବିତ କରିଥିଲେ। ଏହି ସ୍ଥିତିରେ ଉମେଶ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଫିଲାଣ୍ଡର ୩୭ ରନ କରିଥିବା ବେଳେ ଉମେଶଙ୍କ ବଲ୍‌ରେ ରିଦ୍ଧିମାନଙ୍କୁ କ୍ୟାଚ ଦେଇଥିଲେ। ଏହାପରେ ବାକି ଦୁଇଟି ଉଇକେଟର ଶୀଘ୍ର ପତନ ହୋଇଥିଲା। ପ୍ରଥମ ଇନିଂସରେ ୭୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ମହାରାଜ ୨୨ ରନ କରିଥିବା ବେଳେ ଜାଡେଜାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଶେଷରେ କାଗିସୋ ରାବାଡ଼ା ୪ ରନ କରିଥିବା ବେଳେ ରୋହିତଙ୍କୁ କ୍ୟାଚ୍ ଦେଇ ଉମେଶଙ୍କ ତୃତୀୟ ଶିକାର ହୋଇଥିଲେ। ବୋଲିଂରେ ଭାରତ ପକ୍ଷରୁ ଉମେଶ ଓ ଜାଡେଜା ୩ଟି ଲେଖାଏ, ଅଶ୍ୱିନ ୨, ଈଶାନ୍ତ ଓ ସାମି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭାରତ ପ୍ରଥମ ଇନିଂସରେ କୋହଲିଙ୍କ ଅପରାଜିତ ଦ୍ୱିଶତକ ଓ ଓପନର ମୟଙ୍କ ଅଗ୍ରୱାଲଙ୍କ ଶତକ ମୁଖ୍ୟ ଘଟଣା ଥିଲା।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୧୫୬.୩ ଓଭରରେ ୬୦୧/୫ ଇନିଂସ ଘୋଷଣା।
- ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୧୦୫.୪ ଓଭରରେ ୨୭୫ ଅଲଆଉଟ
- ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ (ଫଲୋଅନ)- ୬୭.୨ ଓଭରରେ ୧୮୯ ଅଲଆଉଟ (ଏଲଗାର- ୪୮, ବଭୁମା- ୩୮, ଫିଲାଣ୍ଡର- ୩୭, ମହାରାଜ- ୨୨, ଉମେଶ- ୩/୨୨, ଜଡେଜା- ୩/୫୨, ଅଶ୍ୱିନ- ୨/୪୫, ଇଶାନ୍ତ- ୧/୧୭, ସାମି- ୧/୩୪)।

### ପ୍ରଥମ ୫୦ ଟେଷ୍ଟରେ ଅଧିନାୟକ ଭାବେ ସର୍ବାଧିକ ବିଜୟ

| | |
|---|---|
| ୩୭ | ଷ୍ଟିଭ ୱ |
| ୩୫ | ରିକି ପଣ୍ଟିଂ |
| ୩୦* | ବିରାଟ କୋହଲି |
| ୨୭ | ଭିଭିଆନ ରିଚାର୍ଡ୍ସ |

### ଭାରତର ଗତ ୧୧ ଘରୋଇ ସିରିଜ ବିଜୟ

| ସେସନ | ବିପକ୍ଷ | ଟେଷ୍ଟ | ବିଜୟ | ପରାଜୟ | ଅଧିନାୟକ |
|---|---|---|---|---|---|
| ୨୦୧୨/୧୩ | ଅଷ୍ଟ୍ରେଲିଆ | ୪ | ୪ | ୦ | ଏମ୍.ଏସ. ଧୋନୀ |
| ୨୦୧୩/୧୪ | ୱେଷ୍ଟଇଣ୍ଡିଜ | ୨ | ୨ | ୦ | ଏମ୍.ଏସ. ଧୋନୀ |
| ୨୦୧୫/୧୬ | ଦକ୍ଷିଣ ଆଫ୍ରିକା | ୪ | ୩ | ୦ | ବିରାଟ କୋହଲ |
| ୨୦୧୬/୧୭ | ନ୍ୟୁଜିଲାଣ୍ଡ | ୩ | ୩ | ୦ | ବିରାଟ କୋହଲି |
| ୨୦୧୬/୧୭ | ଇଂଲଣ୍ଡ | ୫ | ୪ | ୦ | ବିରାଟ କୋହଲି |
| ୨୦୧୬/୧୭ | ବାଂଲାଦେଶ | ୧ | ୧ | ୦ | ବିରାଟ କୋହଲି |
| ୨୦୧୬/୧୭ | ଅଷ୍ଟ୍ରେଲିଆ | ୪ | ୨ | ୧ | ବିରାଟ କୋହଲି |
| ୨୦୧୭/୧୮ | ଶ୍ରୀଲଙ୍କା | ୩ | ୧ | ୦ | ବିରାଟ କୋହଲି |
| ୨୦୧୮ | ଆଫଗାନିସ୍ତାନ | ୧ | ୧ | ୦ | ଅଜିଙ୍କ୍ୟ ରାହାନେ |
| ୨୦୧୮/୧୯ | ୱେଷ୍ଟଇଣ୍ଡିଜ | ୨ | ୨ | ୦ | ବିରାଟ କୋହଲି |
| ୨୦୧୯/୨୦ | ଦକ୍ଷିଣ ଆଫ୍ରିକା | ୨* | ୨ | ୦ | ବିରାଟ କୋହଲି |

### ଘରୋଇ ମାଟିରେ ସର୍ବାଧିକ କ୍ରମାଗତ ସିରିଜ ବିଜୟ

| | | |
|---|---|---|
| ୧୧ | ଭାରତ | ୨୦୧୨/୧୩ରୁ ଏପର୍ଯ୍ୟନ୍ତ |
| ୧୦ | ଅଷ୍ଟ୍ରେଲିଆ | ୧୯୯୪/୯୫ରୁ ୨୦୦୦/୦୧ |
| ୧୦ | ଅଷ୍ଟ୍ରେଲିଆ | ୨୦୦୪ରୁ ୨୦୦୮/୦୯ |
| ୦୮ | ୱେଷ୍ଟଇଣ୍ଡିଜ୍ | ୧୯୭୫/୭୬ରୁ ୧୯୮୫/୮୬ |
| ୦୭ | ଦକ୍ଷିଣ ଆଫ୍ରିକା | ୧୯୯୭/୯୮ରୁ ୨୦୦୧/୦୨ |
| ୦୭ | ଇଂଲଣ୍ଡ | ୨୦୦୮ରୁ ୨୦୧୨ |

### ବିଦେଶରେ ଦକ୍ଷିଣ ଆଫ୍ରିକାର ସର୍ବାଧିକ କ୍ରମାଗତ ପରାଜୟ

| | |
|---|---|
| ୧୦ | ଫେବୃୟାରୀ ୧୯୧୧ରୁ ଅଗଷ୍ଟ ୧୯୨୪ ମଧ୍ୟରେ |
| ୬ | ଜୁଲାଇ ୨୦୧୭ରୁ ଏପର୍ଯ୍ୟନ୍ତ |
| ୫ | ନଭେମ୍ବର ୧୯୩୧ରୁ ୧୯୩୨ |

## ରାଞ୍ଚି ଟେଷ୍ଟରୁ ମହାରାଜ ବାଦ୍

ପୁଣେ,୧୩।୧୦

ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଆଗୁଆ ହାରିସାରିଥିବା ଦକ୍ଷିଣ ଆଫ୍ରିକାକୁ ଏକ ବଡ଼ ଝଟକା ଲାଗିଛି। ସ୍ପିନର କେଶବ ମହାରାଜ ଆହତ ସମସ୍ୟା ଯୋଗୁ ସିରିଜ୍‌ର ତୃତୀୟ ତଥା ଅନ୍ତିମ ଟେଷ୍ଟ ଖେଳିପାରିବେ ନାହିଁ। ତାଙ୍କ ବଦଳ ଖେଳାଳି ଭାବେ ଜର୍ଜ ଲିଣ୍ଡେଙ୍କୁ ଦଳରେ ସାମିଲ କରାଯାଇଛି। ପୁଣେ ଟେଷ୍ଟର ଦ୍ୱିତୀୟ ଦିନରେ ମହାରାଜ ଫିଲ୍ଡିଂ କରୁଥିବାବେଳେ ଆହତ ହୋଇଥିଲେ। ତାଙ୍କ ଏମ୍‌ଆରଆଇ ସ୍କାନରୁ ଜଣାପଡ଼ିଛି, ସେ ତୃତୀୟ ଟେଷ୍ଟ ପୂର୍ବରୁ ଫିଟ୍ ହୋଇପାରିବେ ନାହିଁ। ଭାରତୀୟ ଦଳ ଦ୍ୱିତୀୟ ଟେଷ୍ଟକୁ ଏକ ଇନିଂସ ଓ ୧୩୭ ରନ୍‌ରେ ଜିତିବା ପରେ ମହାରାଜଙ୍କ ସମ୍ପର୍କରେ କ୍ରିକେଟ ଦକ୍ଷିଣ ଆଫ୍ରିକା ସୂଚନା ଦେଇଛି।

## ବାର୍ବାଡସ ଟ୍ରାଇଡେଣ୍ଟକୁ ଦ୍ୱିତୀୟ ସିପିଏଲ୍ ଟାଇଟଲ

ତ୍ରିନିଦାଦ୍,୧୩।୧୦

ଚଳିତ କାରିବିୟନ ପ୍ରିମିୟର ଲିଗ୍ (ସିପିଏଲ୍ )ରେ ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ବାର୍ବାଡସ ଟ୍ରାଇଡେଣ୍ଟ ଚାମ୍ପିୟନ ହୋଇଛି। ଏହା ଦଳର ଦ୍ୱିତୀୟ ସିପିଏଲ ଟାଇଟଲ। ଏଠାରେ ଶନିବାର ରାତିରେ ଖେଳାଯାଇଥିବା ଫାଇନାଲରେ ବାର୍ବାଡସ ଟ୍ରାଇଡେଣ୍ଟ ଦଳ ୨୭ ରନ୍‌ରେ ଗୁୟାନା ଆମାଜନ ୱାରିଅର୍ସକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟ୍ରାଇଡେଣ୍ଟ ଦଳ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୭୧ ରନ୍ କରିଥିଲା। ଦଳ ପାଇଁ ଜୋନାଥନ କାର୍ଟର ଅପରାଜିତ ୫୦, ଜନସନ ଚାର୍ଲସ ୩୯ ଓ ଆଲେକ୍ସ ହେଲ୍ସ ୨୮ ରନ୍ କରିଥିଲେ। ବୋଲିଂରେ ଆମାଜନ ୱାରିୟର୍ସ ପକ୍ଷରୁ ଇମ୍ରାନ ତାହିର, ବେନ ଲାଫଲିନ ଓ କିମୋ ପଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବା ଯୋଗୁ ଆମାଜନ ୱାରିଅର୍ସ ବିଜୟଠାରୁ ବହୁ ଦୂରରେ ରହିଯାଇଥିଲା। ଦଳ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୯ ଉଇକେଟ କ୍ଷତିରେ ୧୪୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ବ୍ରାଣ୍ଡନ କିଙ୍ଗ୍ ୪୩, କିମୋ ପଲ ୨୫ ଓ ନିକୋଲାସ ପୁରାନ ୨୪ ରନ୍ କରିଥିଲେ।


୭ମ ଜନ୍ମଦିନ ଶୁଭେଚ୍ଛା



ସ୍ୱୀପା ସଂସ୍କୃତି (ପରୀ)
ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଭବିଷ୍ୟ ଉଜ୍ଜ୍ୱଳମୟ ହେଉ ।
ଶୁଭେଚ୍ଛାସହ : ରାଜା ପୁଅ
ମୋ : ୮୧୧୨୧୨୧୮୧୧
ଧ-୧୪୭୬୪

ଦୁର୍ଗାପୂଜା ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା



ପବିତ୍ର ଦଶହରା ଅବସରରେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ମାଁ ଜଗତ୍‌ଜନନୀଙ୍କ ଅପାର କୃପାରୁ ଏହି ପାର୍ବଣ ଋତୁ ପ୍ରତ୍ୟେକ ଘରକୁ ଶାନ୍ତି ଓ ସମୃଦ୍ଧିରେ ଭରିଦେଉ।
ନାରାୟଣ ଠେମରିଆ — ସରପଞ୍ଚ
ମୌଜାଲାଲ ଡନସନା — କାର୍ଯ୍ୟନିର୍ବାହୀ ଅଧିକାରୀ
ଟିକିଲିପଡ଼ା ଗ୍ରାମପଞ୍ଚାୟତ



KOSHAL ANM & GNM TRAINING SCHOOL
Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar
ADMISSION OPEN
A.N.M. Duration 2 Years — Eligibility: +2 in any Stream or its equivalent; Age: 17 to 30 Years
G.N.M. Duration 3 Years — Eligibility: +2 Arts, Science & Commerce; Age: Both Male & Female Students of 17 to 30 years
Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ



ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍®
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

ଫୌଲାଦୀ ପୁରୁଷତ୍ୱର ଅନୁଭୂତି ପାଆନ୍ତୁ...
ପ୍ରେମମୟ ସମ୍ପର୍କକୁ ସୁଦୃଢ଼ କରନ୍ତୁ...
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ



ସୌଖୀନ ବ୍ୟକ୍ତି ଥରେ ନିଶ୍ଚୟ ଆପଣାନ୍ତୁ
Only Effect No Side Effect
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ପ୍ଲେ-ୱିନ୍® କ୍ୟାପ୍‌ସୁଲ
ଏକ୍ସଟ୍ରା ଟାଇମିଂ ପାଇଁ
ନୂଆ ବିଶ୍ୱାସ ଭରପୂର ଶକ୍ତି ଏବଂ ମଜାଦାର ବୈବାହିକ ଜୀବନ ପାଇଁ ଇନ୍ଦ୍ରିୟ ଖରାପ ହେବା, ଶୀଘ୍ରପତନ ଦୂର କରିବା, ନପୁଂସକତା ଦୂର କରିବା, ମନ ଚାହୁଁଥିବା ସମୟ ପ୍ରାପ୍ତ କରିବା, ଉଦ୍ଦୀପନାକୁ ପୁନଃ ଜାଗ୍ରତ କରାଇବା, ଅନ୍ୟାନ୍ୟ ତତ୍ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
ତେଲ | କ୍ୟାପ୍‌ସୁଲ
Play Win Capsule | Play Win Oil
A Quality Product by Rajnish Wellness Limited
ଜୋଶ୍, ଶକ୍ତି ଓ ଏକ୍ସଟ୍ରା ଟାଇମିଂ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
www.playwincapsule.com
SS : Mahendra Pharma / ODD
Trade Enquiry : 8657520093 / 8291288119

ମନେ ପଡ଼ନ୍ତି

୫ମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ସ୍ମୃତି ପ୍ରକାଶ ସ୍ୱାଇଁ (ଗୁଡୁ)
ବେଣୁଧର ଭବନ, କାକଟପୁର, ପୁରୀ
ଆବିର୍ଭାବ: ୧୪।୦୨।୧୯୯୬
ତିରୋଧାନ: ୦୯।୧୦।୨୦୧୪
(କାର୍ତ୍ତିକ ପ୍ରତିପଦା ତିଥି)
ଧନରେ, ତୁ ଆମ ଗହଣରୁ ଚାଲିଯିବା ପାଞ୍ଚବର୍ଷ ବିତିଗଲାଣି। ଜମାରୁ ବିଶ୍ୱାସ ହେଉନି, ଯେଉଁଠି ଥା ଭଲରେ ଥା। ତୋ ଆତ୍ମା ସଦ୍‌ଗତି ଲାଭକରୁ ଏତିକି ମା' ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବାପା: ଅଭୟ କୁମାର ସ୍ୱାଇଁ, ବୋଉ: ଜ୍ୟୋସ୍ନାରାଣୀ, ସୌମ୍ୟପ୍ରକାଶ (ଚିକୁ), ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ି, ମଉସା, ମାଉସୀ, ପିଉସା, ପିଉସୀ, ଅଜା, ଆଈ, ମାମୁ, ମାଈଁ, ଭଉଣୀ, ଭିଣୋଇ, ଭାଇ, ଭଉଣୀ, ଭଣଜା, ଭାଣିଜି, ବନ୍ଧୁ ଓ ବାନ୍ଧବମାନେ।
ଧ-୧୪୭୭୭

ତୃତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱ ଲତିକା ଦାସ
ଏ/ଏମ୍-୨୦, ଭୀମଟାଙ୍ଗୀ ହାଉସିଂବୋର୍ଡ଼, ଭୁବନେଶ୍ୱର
ଆବିର୍ଭାବ : ୧୭.୦୩.୧୯୩୦
ତିରୋଧାନ : ୧୭.୧୦.୨୦୧୬
(ସୋମବାର, ଗର୍ଭଣା ସଂକ୍ରାନ୍ତି)
ତୃତୀୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନାରେ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ପ୍ରାର୍ଥନା।
ପୁତ୍ର : ଚିଣ୍ଟୁ, ରଞ୍ଜନ, ଜନ୍ଟୁ, ତନ୍ଟୁ, ବାବୁ ଓ ଫକୁନା, ବୋହୂ : ବୀଣା, ବୁଚୁ, ଟିକିଲି, ବିନ୍ଦୁ, ଗୋଲି ଓ ଫେନ୍ସୁ, ନାତି : ରାଜନ, ଲିଜନ, ନାତୁଣୀ : ମନିଆ, ଚାଇନା, ଶିବାନୀ, ଶାଲିନୀ, ରୂପାନୀ, ହିମାନୀ, ସିଲ୍‌କୀ ଓ ମାନୁ, ନାତୁଣିଜ୍ୱାଇଁ : ବବ୍ଲୁ, ପଶା, ବାପୁ, ବିକ୍ରମ ଓ ରାଜୀବ
ଧ-୧୪୭୬୮

୯ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଗାଧୁ ଚନ୍ଦ୍ର ଦାଶ
(ଅବସରପ୍ରାପ୍ତ ଶିକ୍ଷକ)
ପାରିବାସୁଦେଇପୁର,ଭିଙ୍ଗାରପୁର ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ: ୦୨।୦୭।୧୯୩୫
ତିରୋଧାନ: ୨୩।୧୦।୨୦୧୦
(ପହିଲି କାର୍ତ୍ତିକ)
ଆପଣଙ୍କ ଅମରଆତ୍ମା ଚିରଶାନ୍ତି ଲଭୁ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୭୦୮୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୃଷ୍ଣଚନ୍ଦ୍ର ଖଟୁଆ
ଦାମୋଦରପୁର କଟକ
ଆବିର୍ଭାବ: ୩୦।୦୯।୨୦୩୧
ତିରୋଧାନ: ୦୪।୧୦।୨୦୧୯
(ଆଶ୍ୱିନ ଶୁକ୍ଳପକ୍ଷ ଷଷ୍ଠୀ)
ସମୟର ସ୍ରୋତରେ ଆପଣଙ୍କ ପାର୍ଥିବ ଶରୀର ନଥିଲେ ମଧ୍ୟ ଆପଣ ଅମର। ଆପଣ ଆମରି ଭିତରେ ପ୍ରତି ନିଃଶ୍ୱାସରେ, ବିଶ୍ୱାସରେ, ମନରେ, ହୃଦୟରେ! ମାତ୍ର ଅଦୃଶ୍ୟରେ ସର୍ବଦା ସ୍ମରଣୀୟ। ଆଜିର ଏହି ପୁଣ୍ୟ ଏକାଦଶ ତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଧର୍ମପତ୍ନୀ, ପୁତ୍ରଗଣ, ପୁତ୍ରବଧୂ, ନାତି ନାତୁଣୀ, ନାତୁଣୀବୋହୂ, ପୁତୁରା, କନିଷ୍ଠ ଭ୍ରାତାଗଣ ଓ ଆତ୍ମୀୟ ସ୍ୱଜନ।
ଧ-୧୪୫୭୦

ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଲକ୍ଷ୍ମୀଧର ବାଗସିଂହ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ, ପରିବାରବର୍ଗ।
ଧ-୬୬୭୯୯




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


MARUTI SUZUKI ARENA
S-PRESSO
Live it up
S-PRESSO
Scan to unlock S-PRESSO
Here's how: goo.gle/Lens
BS6 compliant
ଡାୟନମିକ୍ ସେଣ୍ଟର କନ୍ସୋଲ୍
କେବିନ୍‌ରେ ଅଧିକ ଜାଗା
ହାଇ ଗ୍ରାଉଣ୍ଡ କ୍ଲିୟରାନ୍ସ
SUV-ଇନ୍‌ସପାୟର୍ଡ ବୋଲ୍ଡ ଫ୍ରଣ୍ଟ ଫେସିଆ
କମାଣ୍ଡିଙ୍ଗ ହାଇ-ଭିଉ
10+ ସେଫ୍‌ଟି ଫିଚର୍ସ
• ଷ୍ଟିୟରିଙ୍ଗ ମାଉଣ୍ଟେଡ୍ ଅଡ଼ିଓ କଣ୍ଟ୍ରୋଲ୍
• ରିଭର୍ସ ପାର୍କିଂ ସେନ୍ସର୍
• ଅଟୋ ଗିୟର ସିଫ୍ଟ
• ସି ସେପ୍ଡ ରିୟର କମ୍ବିନେସନ୍ ଲ୍ୟାମ୍ପସ
S-PRESSO
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in
SKY AUTOMOBILES
BERHAMPUR: CALL: 7381261000.
ORBIT MOTORS
ROURKELA: CALL: 9040404444, 9040404333. SUNDARGARH: CALL: 9437049161. DEOGARH: CALL: 9437492369.
LEGEND CARS
JEYPORE: CALL: 7894442915. BHAWANIPATNA: CALL: 7894442907.
ODYSSEY MOTORS
SAMBALPUR: CALL: 9439018805. BOLANGIR: CALL: 9438068327. BARGARH: CALL: 8895094616. NUAPADA: CALL: 8895094633. SONEPUR: CALL: 9437421356. JHARSUGUDA: CALL: 9439892153. BOUDH: CALL: 8594908009.
Parts and accessories shown may not be a part of standard equipment. Colours shown may vary from actual body colour due to printing on paper. Images used for illustration purposes only. DRLs, Front Grille Garnish and Roof End Garnish are a part of a separate accessory package.


HONDA
The Power of Dreams
ହୋଣ୍ଡା
ଆନନ୍ଦୋତ୍ସବ
2019
ଏହି ଉତ୍ସବରେ ଘରକୁ ଆଣନ୍ତୁ ହୋଣ୍ଡାର ଯେକୌଣସି ଦୁଇ ଚକିଆ ବାହନ
ସ୍କ୍ରାଚ୍ କରନ୍ତୁ ଆଉ ସୁନିଶ୍ଚିତ ଉପହାର ପାଆନ୍ତୁ ।
ହୋଣ୍ଡା ଫେଷ୍ଟିଭାଲ ଧମାକା
ଲାଭ ₹11,000# ପର୍ଯ୍ୟନ୍ତ
ଆକର୍ଷଣୀୟ ଫାଇନାନ୍ସ
₹8,900^ ପର୍ଯ୍ୟନ୍ତ ସଂଚୟ
FREE joyclub
ଲାଭ ₹2,100## ପର୍ଯ୍ୟନ୍ତ
ନ୍ୟୁନ
ଡାଉନ୍ ପେମେଣ୍ଟ
₹1,100*
Paytm CASHBACK
Get benefits worth up to ₹7000^^
Scan & Book!
ଅଗ୍ରଣୀ ଥିବା କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଉପରେ EMI+
EMI Powered by Pine Labs
ଜିତନ୍ତୁ
₹6.5 କୋଟି++
ଠାରୁ ଅଧିକ ସୁନିଶ୍ଚିତ ଉପହାର
BEST DEAL HONDA Buy. Sell. Exchange
ALWAYS WEAR A HELMET WHILE RIDING
Also available:
Annual Maintenance Contract**
Road Side Assistance**
Engine Health Assurance**
Follow us on
HDFC BANK We understand your world
IndusInd Bank
IDFC FIRST Bank
L&T Financial Services
ହୋଣ୍ଡା ହିଁ HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
^Conditions apply, Rs 8,900 Savings calculated against the general market finance scheme considering the certain loan amount & may vary on the actual condition. ##Honda Joy Club Program is a paid loyalty program and only members can avail mentioned benefits with respect to program terms and conditions. For further details visit www.hondajoyclub.com or call 1800-532-2555 (Monday to Friday 9.30 am to 6.30 pm). #Benefits up to Rs 11,000 is the sum total of the savings on the finance scheme in row one and the Joy Club Benefits. *Rs 1,100 Low Down Payment Scheme is subject to financier policy and is available through preferred Finance partners at their sole discretion. ++Only 1 Scratch Coupon will be applicable against each product purchase. The model, type & variant of the gift may vary subject to availability. ^^Paytm cashback offer is subject to Paytm and respective dealers terms and conditions at their sole discretion. +Contact your local HMSI dealership for details on EMI on leading credit & debit cards Powered by Pine Labs. The same is subject to availability at select dealerships. Multiple schemes & offers cannot be clubbed together, all the attached schemes and offers are applicable for a limited time period and can be withdrawn from the market without prior notice. All the schemes and offers are applicable on selected models or their variants. All the schemes and offers are available on selected dealerships. All disputes arising due to above shall be subject to exclusive jurisdiction of Gurugram, Haryana. Product shown in the picture may vary from the actual product available in the market. Accessories shown in the picture are not a part of the standard fitment. **Conditions Apply.
Honda Exclusive Authorized Dealerships: ATTABIRA: TS Motors - 06682-221001, 9178653139, T.S. Honda - 9178653139, 9438771477; BARGARH: Aashirbad Honda - 06646-246066, 9438024339; BARPALI: Abhishek Honda - 9437056675; BELPAHAR: Bharat Honda - 8018157547; BHAWANIPATNA: Mahesh Honda - 8456818116, 06670-235633; BOLANGIR: Amarnath Honda - 8895255855, 8895258555; BRAJRAJNAGAR: JaiswaL Honda - 977747788; JHARSUGUDA: Gajraj Honda - 9337645411; JUNAGARH: Jaga Janani Honda - 9583794900; KHARIAR ROAD (NUAPADA): Ambika Honda - 9938061333, 9737643030; KUCHINDA: Krishna Honda - 06642-220346, 7894277470; PADAMPUR: Bindhyabasini Honda - 9437051078, 9937788078; RAJGANGPUR: Naisha Honda - 7008614081, 06624220051; RAJKHARIAR: Shree Shyamji Honda- 9178999997; RENGALI: BP Honda - 7377777362; ROURKELA: Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; SAMBALPUR: Jas Honda - 0663-2115817, 9238364199; SONEPUR: Meher Honda - 09937771704, 06654220200; SUNDARGARH: MaaSamaleswari Honda - 9938198641, 8984873500; TITLAGARH: Tanishta Honda - 09437037314; KANTABANJI: Ajay Honda - 8260211111; DHARAMGARH: Bharat Honda - 7008606855; KESINGA: Jagadamba Honda - 7978581295.
For Bulk/Institutional enquiries, please write us at: institutionalsales@honda2wheelersindia.com



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଭାଇଜିଉଁନ୍ତିଆ, ଜହ୍ନିଓଷା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

**କଲମପୁର,୧୩।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ କୋଟାଗାଁଠାରେ ଭାଇଜିଉଁନ୍ତିଆ ଓ ଜହ୍ନିଓଷା ଉପଲକ୍ଷେ କୋଟାଗାଁର ଯୁବଗୋଷ୍ଠୀଙ୍କ ସହଯୋଗକ୍ରମେ ଶନିବାର ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗୀତାରେ ୧୨ଟି ନୃତ୍ୟ ପ୍ରତିଯୋଗୀ ଅଂଶ ଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଗଡ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ରମେଶ ଚନ୍ଦ୍ର ଛତ୍ରିଆ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟାଙ୍କ କର୍ମଚାରୀ ବ୍ୟାସଦେବ ପାଲ, ସମ୍ମାନିତ ଅତିଥି ଭାବରେ ତ୍ରିଲୋଚନ ପାଲ, ପୂର୍ଣ୍ଣ ଛତ୍ରିଆ, ଜୟ ପାଲ, ଶଙ୍କର ପାଲ, ଯୌବନ ଦୀପ, ଅଭୟ ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗୀତାର ବିଚାରପତି ଭାବେ ବାବୁଲା ପ୍ରସାଦ ତାଣ୍ଡି, ଲିଙ୍ଗରାଜ ଦୀପ, ପୁରନ୍ଦର ପାଲ, ଭୁବନେ ପାଲ କାର୍ଯ୍ୟ ତୁଲାଇଥିବା ବେଳେ କାହ୍ନୁଚରଣ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ । କୋଟାଗାଁ ଯୁବ ଗୋଷ୍ଠୀ ସଭାପତି ଅଲେଖ ଛତ୍ରିଆ ଏବଂ ସହଯୋଗୀ କର୍ଣ୍ଣ କର, ମଣ୍ଟୁ ପାଲ, ରଞ୍ଜିତ ଛତ୍ରିଆ, ସଞ୍ଜୀବ ପାଲ, କୈଳାଶ ପାଲ, ରୁପେସ ଛତ୍ରିଆ, ପ୍ରଦୀପ ପାଲ ପ୍ରମୁଖ ସହଯୋଗ କରିଥିଲେ ।

■ କାନପୁର ଅଶିନ୍ ପୁନି ଯାତ୍ରା

# ଦେମୁଲ ପଡ଼ିଆରେ ପୂଜା ପାଇଲେ ମାହେଶ୍ୱରୀ

**ଅମରପାଲି, ୧୩।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କାନପୁର ମାହେଶ୍ୱରୀ ପୀଠରେ ଅଶିନ ପୁନି ଯାତ୍ରା ଆଡମ୍ବର ସହକାରେ ପାଳନ ହେଉଛି। ଉକ୍ତ ପୀଠରେ ହେଉଥିବା ଯାତ୍ରା ଅଞ୍ଚଳର ସବୁଠାରୁ ପୁରାତନ। ରାଜରାଜୁଡା ଅମଳରୁ ହେଉଥିବା ଉକ୍ତ ଯାତ୍ରାରେ ଶନିବାର ଅପରାହ୍ନରେ ଦେବୀ ମାହେଶ୍ୱରୀଙ୍କୁ ମନ୍ଦିର ଗମ୍ଭୀରାରୁ ବାହାର କରି ସମ୍ମୁଖରେ ଥିବା ମଣ୍ଡପରେ ବିଜେ କରାଯାଇଥିଲା। ପାରମ୍ପରିକ ଢ଼ୋଲ, ନିଶାନ, ମହୁରୀ ସହିତ ହରିବୋଲ ହୁଳହୁଳିରେ ଉତ୍ସବ ମୁଖର ହୋଇ ଉଠିଥିଲା ପୀଠସ୍ଥଳ। ତିନିଦିନ ଧରି ପୂଜା ହୋଇଥାଏ ଉକ୍ତ ପୀଠରେ। ଯାତ୍ରାର ଦ୍ୱିତୀୟ ଦିବସ ରବିବାର ଅପରାହ୍ନରେ ମନ୍ଦିର ସମ୍ମୁଖ ମଣ୍ଡପରେ ପାରମ୍ପାରିକମତେ ମାହେଶ୍ୱରୀ ଦେବୀଙ୍କ ପୂଜା କରାଯାଇଥିଲା। ସନ୍ଧ୍ୟାବେଳେ ଏକ ବିରାଟ ଶୋଭାଯାତ୍ରାରେ ଦେବୀଙ୍କୁ ଦେମୁଳ ପଡିଆକୁ ନିଆଯାଇଥିଲା। ଶୋଭାଯାତ୍ରାରେ ଢ଼ୋଲ, ନିଶାନ, ବାଦ୍ୟ, ବିକଳପୁରର ଘଣ୍ଟବାଦ୍ୟ ଓ କାନୁପୁରର ବାଡିଖେଳ ପ୍ରଦର୍ଶନ କରାଯାଇଥିଲା। ଦେମୁଳ ପଡିଆରେ ସନ୍ଧ୍ୟାରେ ପୁଣିଥରେ ବିଧିମତେ ପୂଜାର୍ଚ୍ଚନା କରାଯାଇଥିଲା। ଦେବୀ ମାହେଶ୍ୱରୀଙ୍କ ଶୋଭାଯାତ୍ରାରେ ନେଲାବେଳେ ଆଲମ, ଛତିଛତ୍ର, ବାନା, ବଇରଖ ଆଦି ଧରି ଛେରାପହଁରା କରି ଦେମୁଲ (ଡିମଲ) ପଡିଆକୁ ନିଆଯାଇଥିଲା। ଏଠାରେ ଯାତ୍ରାରେ ଦେବୀଙ୍କ ପାରମ୍ପରିକ ପୂଜା ସହିତ ବାଡିଖେଳ ପାଇଁ ପ୍ରସିଦ୍ଧ । ବାଡି ଖେଳରେ ବିଭିନ୍ନ ରକମର ବାଡିରେ ଖେଳ, ଶାରୀରିକ ଶକ୍ତି ପ୍ରଦର୍ଶନ ଆଦି ପରିବେଷଣ କରାଯାଏ। ମଧ୍ୟରାତ୍ରିରେ ଆଶ୍ୱିନ ପୂର୍ଣ୍ଣମୀର ଉଜଳ ଜହ୍ନ ଆଲୁଅରେ ପୂଜାର୍ଚ୍ଚନା ହୋଇଥାଏ । ଏହି ଅବସରରେ ରାତିତମାମ ଚାଲେ ସାଂସ୍କୃତିକ କାର୍ଯ୍ୟକ୍ରମ। ସୋମବାର ସକାଳୁ ଦେମୁଳ ପଡିଆରୁ ପୁଣି ଏକ ଶୋଭାଯାତ୍ରାରେ ମାହେଶ୍ୱରୀ ଆସନ୍ତି ଗ୍ରାମର ଗଉଁନ୍ତିଆଙ୍କ ଘରକୁ । ସେଠାରେ ଦେବୀଙ୍କୁ ବନ୍ଦାପନା କରାଯାଇଥାଏ। ସେଠାରୁ ପୁଣି ମନ୍ଦିର ସମ୍ମୁଖ ମଣ୍ଡପକୁ ଅଣାଯାଇ ସେଠାରେ ପୂଜାର୍ଚ୍ଚନା ଓ ଆଳତୀ ଦିଆଯାଇ ସନ୍ଧ୍ୟାରେ ମନ୍ଦିର ଗମ୍ଭୀରାକୁ ଦେବୀଙ୍କୁ ପୁଣି ନିଆଯାଇଥାଏ। ଏଥିପାଇଁ ମନ୍ଦିର ସମେତ ଦେମୁଳ ପଡିଆକୁ ସୁନ୍ଦର ଭାବରେ ସଜ୍ଜିତ କରାଯାଇଛି ରଙ୍ଗୀନ ଆଲୋକରେ। ଶନିବାର ଏହି ଅବସରରେ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ରବିବାର ରାତିରେ ସମ୍ବଲପୁରୀ ମେଲୋଡି, କୃଷ୍ଣଗୁରୁ ଭଜନ ଆଦି ପରିବେଷଣ ହୋଇଛି। ସୋମବାର ରାତିରେ ପୁଣି ଦଣ୍ଡନୃତ୍ୟ ପରିବେଷଣ ହେବାର ସ୍ଥିର ହୋଇଛି। ଉକ୍ତ ପୀଠର ଯାତ୍ରା ଦେଖିବାକୁ ସହସ୍ରାଧିକ ଦର୍ଶକଙ୍କ ସମାପନ ହେଉଥିବା ଦେଖିବାକୁ ମିଳୁଛି ।



କାନପୁର ଅଶିନ ପୁନି ଯାତ୍ରାରେ ଦେବୀଙ୍କୁ ଦେମୁଳ ପଡିଆକୁ ନିଆଯାଉଛି ।

ରାସ୍ତାରେ ବୁଲା ଗୋରୁ, ଲୋକେ ଅତିଷ୍ଠ

# ହଜିଗଲାଣି କାଞ୍ଜିଆହୁଦା

**ସିନାପାଲି,୧୩।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ସହରରେ ବୁଲାଗୋରୁଙ୍କ ଦୌରାତ୍ମ୍ୟରେ ଜନସାଧାରଣ ଅତିଷ୍ଠ ହୋଇପଡିଲେଣି । ସିନାପାଲି ବସଷ୍ଟାଣ୍ଡ, ତହସିଲ ଅଫିସ ଛକ, ଜଗନ୍ନାଥ ଛକ, ନାକା ଛକ, କାପସି ଛକ ଓ ବ୍ଲକ ଛକ ନିକଟରେ ଗାଈଗୋରୁମାନଙ୍କ ଆଡ୍ଡାସ୍ଥଳି ପାଲଟିଛି । ରାସ୍ତାରେ ଅହରହ ଚଳପ୍ରଚଳ ହେଉଥିବା ବେଳେ ରାତ୍ରିରେ ବିଶ୍ରାମସ୍ଥଳ ପାଲଟିଛି । ଫଳରେ ଯାତାୟାତ ଏବଂ ଯାନବାହାନ ଯିବା ଆସିବା କଷ୍ଟକର ହୋଇପଡିଛି । ବିଶେଷ କରି ରାତ୍ରିକାଳୀନ ବସ ଓ ଟ୍ରକ ତଥା ୪ ଚକିଆ ଯାନବାହନ ପାଇଁ ବିଶେଷ ଅସୁବିଧା ହେଉଛି । ରାସ୍ତା ଉପରେ ଗାଈ ଗାରୁ ମଳତ୍ୟାଗ କରିବା ପରେ ଯାନବାହନ ଯିବା ସମୟରେ ପଥଚାରୀମାନଙ୍କ ଉପରେ ଛିଟିକି ପଡୁଛି। ଗାଈଗୋରୁ ମାଲିକମାନଙ୍କ ବାରମ୍ବାର ତାଗିତ କଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ । ଏହାକୁ ନେଇ ସିନାପାଲି ପଞ୍ଚାୟତ ଗ୍ରାମ ସଭାରେ ମଧ୍ୟ କେତେକ ସଚେତନ ଯୁବକ ଉପସ୍ଥାପନ କରି ପଞ୍ଚାୟତ ସରପଞ୍ଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। ସକାଳୁ ସକାଳୁ ଗାଈମାନଙ୍କୁ ନେଇ ଦୁଗ୍ଧ ସଂଗ୍ରହ ପରେ ଛାଡି ଦେଉଛନ୍ତି ଓ ମାଲିକମାନେ ଆରାମରେ ବୁଲୁଛନ୍ତି ବୋଲି ଜନସାଧାରଣରେ ଅଭିଯୋଗ ହେଉଛି । ଏପରି କି ସେମାନେ ବିଲରେ ଚାଷ ମଧ୍ୟ ନଷ୍ଟ କରୁଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି । ଏଭଳି ପରିସ୍ଥିତିରେ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଏ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହେଉଛି । ଏ ସମ୍ପର୍କରେ ସିନାପାଲି ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରେମଲାଲ ନାଏକଙ୍କୁ ପଚାରିବାରୁ ଏହା ଉପରେ ଆଲୋଚନା କରାଯାଇଛି ।



ରାସ୍ତାରେ ଗୋରୁ ଶୋଇ ରହିଛନ୍ତି ।

# ଗାଁ ମାଟିରେ ଲିପିକାଙ୍କୁ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍,୧୩।୧୦**

ଋଷିଆର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରସ (୫୬୪୨ମିଟର) ଉପରକୁ ସଫଳତାର ସହିତ ଆରୋହଣ କରି ସେଠାରେ ଜାତୀୟ ପତାକା ତ୍ରିରଙ୍ଗା ଉଡ଼ାଇଥିବା ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଡାଲବର ଝିଅ ଲିପିକା ସେଟ୍ ରବିବାର ନିଜ ଘରକୁ ଫେରିଛନ୍ତି। ସେ ଫେରିବା ବାଟରେ ସମ୍ବଲପୁର, ଲକ୍ଷ୍ମୀଡୁଙ୍ଗୁରୀ, ଗୋଡ଼ଭଗା, କାଦୋବାହାଲ, ବରାହମୁଣ୍ଡା ସମେତ ନିଜ ଗାଁ ମାଟିରେ ତାଙ୍କୁ ଶୁଭେଚ୍ଛୁମାନେ ଉଚ୍ଛସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଲିପିକା ତାଙ୍କ ମା' ଅନୁସୂୟା ଏବଂ ଶୁଭେଚ୍ଛୁ ବରଗଡ଼ ବ୍ଲକ ଖୁଣ୍ଟପାଲି ଗ୍ରାମର ଦିବାକର ମାଝିଙ୍କ ସହିତ ଘରକୁ ଫେରିବା ବାଟରେ ବିଭିନ୍ନ ସ୍ଥାନରେ ଲିପିକାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇଥିଲେ।



ଲିପିକାଙ୍କୁ ତାଙ୍କ ଗାଁ ମାଟିରେ ସମ୍ବର୍ଦ୍ଧନା ଦିଆଯାଉଛି ।

# ନଦୀପଡ଼ାରେ ଗଜଲକ୍ଷ୍ମୀ ପୂଜା

**ବରଗଡ଼ ଅଫିସ୍,୧୩।୧୦**

ବରଗଡ଼ ସହର ଉପକଣ୍ଠ ଡାଙ୍ଗ ନଦୀପଡ଼ାରେ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି । ଏହି ଅବସରରେ ଦେବୀ ଲକ୍ଷ୍ମୀଙ୍କ ମହାସ୍ନାନ ଉପଚାର ସମାପନ ହୋଇଥିବାବେଳେ ସନ୍ଧ୍ୟାରେ ଭଜନ ସମାରୋହ ହୋଇଥିଲା । ବଲାଙ୍ଗୀର ଜିଲା ଛେଲିଆପାଟ ଭଜନ ପାର୍ଟି ଭଜନ ପରିବେଷଣ କରିଥିଲେ । କଂଗ୍ରେସ ନେତା ନିପନ କୁମାର ଦାଶ ଅତିଥି ଭାବେ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ସାଗର ବେହେରା, ରବି ମହାପାତ୍ର, ରମେଶ ଧରୁଆ, ବିବି ଭୁଏ, ରାଜକୁମାର ବନଛୋର, ସବିତା ମହଲା, ବାସମତୀ ବନଛୋର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ସମାଜରୁ ହଜିଗଲାନ ନଚନିଆଁ ପରମ୍ପରା

**ଜାମଟିକ୍ରା, ୧୩।୧୦(ଡି.ଏନ୍.ଏ.):** ନଚନିଆଁ ପରମ୍ପରା ପଶ୍ଚିମ ଓଡ଼ିଶାର ଗୁଟେ ପୁରାତନ ଲୋକ୍ କଲା। ବିହାବରୁ ଲେଖେଁ ଶୁଭ୍ କାଯ୍, ସାମାଜିକ କାଯ୍, ସାଂସ୍କୃତିକ୍ କାଯ୍‌କରମରେ ନଚନିଆଁ ନାଇଁହେଲେ କାଯ୍‌କରମ ଆଗ୍‌ନେ ନାଇଁ ବଢୁଥିଲା। ଇ କଲାକରମାନେ ଚଉପଦୀ, ଲୋକ୍‌ଗୀତ ଗାଏବାର ସଂଗେ ଢୋଲ, ନିଶାନ, ତାସା, ମୁହୁରୀର ତାଲେ ତାଲେ ନାଚୁଥିଲେ। ନାଚ୍ ଆର ଗୀତ୍ ଦେଖିବାର ଲାଗି ଗାଁଖୁଲି ପୂରି ଯାଉଥିଲା। ଇ ପରମ୍ପରାରେ ୨ରୁ ୪ ଝନ୍ ତକ୍ କଲାକାର ସାମିଲ ହେଉଥିଲେ। ଇଥିରେ ଝନେ ଗୀତ ଗାଉଥିଲାବେଲେ ବାକିମାନେ ପାଲିଆ ଧରୁଥିଲେ। ମୁଖିଆ ଗାହାକ୍‌କେ ଶିରି ଗାହାକ୍ ଆର ଉନିଆମାନକୁ ପାଲିଆ କହୁଥିଲେ। ଇ ନଚ୍‌ନିଆଁମାନକର ପିଁଧନ୍‌ଓଢ଼ନ୍ ବି ଥିଲା ଖାସ୍। ନଚ୍‌ନିଆଁମାନକର ଅଁଟାଥି ରଂଗୀନ ଘେର, ଦିହେ ଜରିଲଗା ଢିଲା, ମୁଡ଼େ ମୟୂର ପର ଲଗା ପଗଡ଼ି ଶୋଭା ପାଉଥିଲା। ଇତାର ବାହାରେ କପାଲେ ସେଁଦୁର ଚଁଦନ୍, ଆଏଁଖିଥି କଜଲ, କାନେ କୁଣ୍ଡଲ, ବାହାରେ ବାହୁଟି, ବେଁକେ ମାଲା, ଗୁଡ଼େ ଘୁଂଗୁର, ପାଦେ ଅଲତା, ଆଂଗୁଠିରେ ମୁଦି, ଡେବ୍‌ରି ହାତେ ଚାମର ଆର ଭୁଜନି ହାତେ ରୁମାଲ ଧରି ଇମାନେ ନାଚ୍ ପରିବେଷନ୍ କରୁଥିଲେ। ହେଲେ ଏହେଦେ ସମିଆର ପରିବରତନ ସଂଗେ ଇ ସବୁ ଲୋକ୍ ନାଚଗୀତ ସମାଜରୁ ହଜିଯିବାକେ ବସଲାନ। ଏହେଦେ ଗାଁଗଁଡ଼ାନୁ ସହର ତକ୍ ଲୋକ୍ ଶୁଭ୍ କାଯ୍ ହେଉ କି ସାଂସ୍କୃତିକ୍ କାଯ୍ ସବୁଥି ଡିଜେ, ବ୍ୟାଣ୍ଡପାର୍ଟିକେ ଖୁଜୁଛନ୍। ଯେନ୍ଥିରଲାଗି ଦିନୁଦିନ୍‌କେ ଇ ନଚ୍‌ନିଆଁ ପରମ୍ପରା ସମାଜରୁ ହଜିଯିବାକେ ବସଲାନ। ଦିନ୍‌ଥିଲା ଅତାବିରା ଅଂଚଲରେ ଗାଁଗାଁରେ ନଚନିଆଁ କଲାକାରମାନେ ଭରି ରହିଥିଲେ। ସେମାନେ ବିହାବରୁ ଲେଖେଁ ଶୁଭ୍‌କାଯ୍‌ମାନକେ ନଚନିଆଁ କଲାକାରମାନେ କିଛି ଟଁକା ନେଇ ନାଚ୍‌ଗୀତ ପରିବେଷନ୍ କରୁଥିଲେ। ପାଖାପାଖି ୩୦ରୁ ୩୫ ବଛର ହେଲା ଇ ପରମ୍ପରା ଅଂଚଲରୁ ଲୋପ୍ ପାଇଗଲାନ। ଯେନ୍‌ମାନେ ଇ କଲା, ପରମ୍ପରାକେ ବଁଚେଇ ରଖିଥିଲେ ସେମାନେ ବି ପେଟ୍‌ପଟନାର ଲାଗି ଉନିଆ କାମ୍‌ଧଁଦାକେ ଆପ୍‌ନେଇ ନେଲେନ। ଅଂଚଲର ଅନେକ ନଚ୍‌ନିଆଁ କଲାକାର ସରକାରକଁର କଲାକାର ଭତାରୁ ବି ବଁଚିତ୍ ଥିବାର ଜନାଯାଇଛେ ।

# ରକ୍ତରଞ୍ଜିତ ହେଲା ସୁନାଦେଈ ପୀଠ

**ନୂଆପଡା ଅଫିସ/କୋମନା, ୧୩।୧୦ (ଡି.ଏନ.ଏ.)**



ସୁନାଦେଈଙ୍କ ଛତର ବସ୍ତି ପରିକ୍ରମା କରୁଛି ।

■ ମା' ସୁନାଦେଈଙ୍କ କରୁଣା ଭିକ୍ଷାକଲେ ଆଦିବାସୀ

■ ଅଭୟାରଣ୍ୟ ମଧରେ ଭୋଜିଭାତ

ପଶ୍ଚିମ ଓଡିଶାର ପ୍ରସିଦ୍ଧ ସୁନାବେଡା ଅଭୟାରଣ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଈଙ୍କ ଛତର ଯାତ୍ରା ସମ୍ପନ୍ନ ହୋଇଥିବାବେଳେ ରକ୍ତରଞ୍ଜିତ ହୋଇଛି ସୁନାଦେଈ ପୀଠ। ଏଥିରେ ନୂଆପଡା ସମେତ ବରଗଡ, ବଲାଙ୍ଗୀର ଏବଂ ପଡୋଶୀ ଛତିଶଗଡରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା ରବିବାର ପୂର୍ବାହ୍ନ ୯ଟାରେ ସୁନାବେଡା ବସ୍ତିର ମଝିରେ ଥିବା ସୁନାଦେଈ ପୀଠରେ ପୂଜାର୍ଚ୍ଚନା ପରେ ଦେବୀ ପ୍ରସନ୍ନ ହୋଇଥିଲେ। ଠିକଣା ସମୟରେ ବଳି ଆରମ୍ଭ ହୋଇଥିଲା। ପୂଜାରେ ଆସିଥିବା ବୋଦା, କୁକୁଡା ଆଦିଙ୍କୁ ବଳି ଦିଆଯାଇଥିଲା। ପରେ ୧୧ଟାରେ ଦେବୀଙ୍କ ଛତର ବାହାରି ଲିଙ୍ଗଭଟାକୁ ଯାଇଥିଲା। ଦେବୀଙ୍କ ଗସ୍ତ ସମୟରେ ମଧ୍ୟ ରାଜରାସ୍ତାରେ ଶତାଧିକ ବଳି ପଡିଥିଲା। ରକ୍ତର ନଦୀ ବୋହିଯାଇଥିଲା। ପରେ ଗୋଟାଏ ବେଳେ ଲିଙ୍ଗଭଟାରେ ଛତର ଫେରିଥିଲା। ତାଙ୍କ ପ୍ରତ୍ୟାବର୍ତ୍ତନ ବେଳେ ସୁନାବେଡାର ସମସ୍ତ ପରିବାର ବନ୍ଦପନା କରି ପୂଜା କରିଥିଲେ । ଏହିଭଳି ଦେବୀ ପିଣ୍ଡକୁ ଫେରିଥିଲେ । ଅଭୟାରଣ୍ୟବ୍ୟାପି ଭୋଜିଭାତର ଆସର ଜମିଥିଲା। ସୂଚନାଯୋଗ୍ୟ ଯେ ଆଜିକୁ ପନ୍ଦର ଦିନ ତଳେ ଏଠାରେ ଦେବୀଙ୍କ ପୀଠରେ ଦୀପ ଜଳାଇ ରଖି ପୂଜାର୍ଚ୍ଚନା କରାଯାଉଥିଲା। କୁମାର ପୂର୍ଣ୍ଣିମା ତିଥିରେ ବିଧି ମୁତାବକ ପୂଜା କରି ଛତର ଯାତ୍ରା ହୋଇଥିଲା। ଏଥିରେ ସୁନାବେଡା ଅଭୟାରଣ୍ୟର ୫୨ଟି ଜନବସତିରୁ ଭକ୍ତମାନେ ଯୋଗଦେଇଥାନ୍ତି। ସୁନାବେଡାବାସୀଙ୍କ ସୁରକ୍ଷାର ଦେବୀ ଭାବରେ ଅଭିହିତ କରାଯାଇଥାଏ । ସେହିଭଳି ଦେବୀ ପୀଠରେ ମନୋକାମନା ପୂରଣ ହେଲେ ବଳି ଦିଆଯାଇଥାଏ । ଏହାକୁ ସୁନାବେଡାର ଯୁବକ ସଂଘ ପରିଚାଳନା କରିଥିବାବେଳେ ପରିଚାଳନାରେ ଭୁଜବଳ ମାଝି, କଳିରାମ ସୁଆର,ବିଶରାମ ଛତ୍ରିଆ, କଂସୀରାମ ମାଝି, ରଜନ ସିଂ ଛତ୍ରିଆ, ଶେତରାମ ବର୍ଗେ, ସଂଜିତ ମାଝି, ବନଜିତ ମାଝି, ଧନୀରାମ ସୁଆର, ଯୁବରାମ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଲୋକେ ଅହୋରାତ୍ର ଉପଭୋଗ କରିଥିଲେ । ଏଥିସକାଶେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

# ମା' ଡୋକରୀ ଦେବୀଙ୍କ ଝାମୁଯାତ୍ରା

**କୁନାଗଡ/ଦାସିଗାଁ, ୧୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମରେ ମା' ଡୋକରୀ ଦେବୀଙ୍କ ଝାମୁଯାତ୍ରା ରବିବାର ଶାନ୍ତିଶୃଙ୍ଖଳା ସହ ପାଳିତ ହୋଇଯାଇଛି। ପ୍ରତିବର୍ଷଭଳି ଚଳିତବର୍ଷ ମଧ୍ୟ କର୍ଲାପାଟରୁ ମାଳ ଅଣାଯିବା ପରେ ସ୍ଥାନୀୟ ଡୋକରୀପୀଠରେ ପୂଜାର୍ଚ୍ଚନା କରାଯାଇ ଝାମୁଯାତ୍ରା ଆରମ୍ଭ କରାଯାଇଥିଲା। ଅପରାହ୍ନରେ ପୀଠ ପରିସରରେ କରାଯାଇଥିବା ନିଆଁରେ ମା' ଡୋକରୀ ଦେବୀ ଓ ବୁଢାରଜା ବେଶରେ କାଳିଶି ଚାଲିବା ଏଠାରେ ମୁଖ୍ୟ ଆକର୍ଷଣ ରହିଥିଲା। ତାଙ୍କ ସହ ପୂଜକ ମଧ୍ୟ ନିଆଁରେ ଚାଲିଥିଲେ। ଏହି ଝାମୁଯାତ୍ରାରେ ମା' ଡୋକରୀ ଦେବୀଙ୍କ କାଳଶି ବେଶରେ ଶଙ୍କର ପୂଝାରୀ ଓ ବୁଢାରଜା ଭାବେ ଅଭିରାମ ବାଗ ପୂଜା ପାଇଥିଲେ। ପ୍ରତିବର୍ଷ ଏଠାରେ ଆଶା ଓ ବିଶ୍ୱାସରେ ମା' ଡୋକରୀଙ୍କ ଝାମୁଯାତ୍ରା ଚାଲିଛି। ଝାମୁଯାତ୍ରା ଦେଖିବା ପାଇଁ ଅଞ୍ଚଳର ହଜାର ହଜାର ଲୋକଙ୍କ ଜନସମାଗମ ହୋଇଥିଲା। ସେହିପରି ପୂଜାରେ ମୁଖ୍ୟ ପୂଜକ ଭାବେ କମଳା କାନ୍ତ ଓ ପ୍ରମୋଦ ପୂଝାରୀ ଦାୟିତ୍ୱ ନେଇଥିଲେ। ଝାମୁଯାତ୍ରା କମିଟି ସଭାପତି ଭାବେ ଦିଲୀପ ଗୁରୁ, ଉପସଭାପତି ଶୟନ ମାଝି, ସମ୍ପାଦକ ଦୁଷ୍ମନ୍ତ ଠେଲା ଓ କୋଷାଧ୍ୟକ୍ଷ ଜଗତ ମୋହନ ବାଗ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଝାମୁଯାତ୍ରା ଅବସରରେ ରାତିରେ ମେଲୋଡି, ସାମାଜିକ ନାଟକ ଓ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହେବ ।



ଝାମୁଯାତ୍ରାରେ ମା' ଡୋକରୀ ଓ ବୁଢାରଜାଙ୍କ କାଳିଶି ନିଆଁରେ ଚାଲୁଛନ୍ତି।

# ସମଲେଇ, ପାଟଣେଶ୍ୱରୀଙ୍କ ରାଜରାଜେଶ୍ୱରୀ ବେଶ

■ ସମଲେଇ ମନ୍ଦିରରେ ଲାଗିଲା ନୂଆ ପାଟଧ୍ୱଜା

**ସମ୍ବଲପୁର, ୧୩।୧୦ (ବ୍ୟୁରୋ)**

ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀ ରବିବାର ଭକ୍ତଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି । ଏଥିସହ ମନ୍ଦିରରେ ନୂତନ ପାଟଧ୍ୱଜା ରୋହଣ ନୀତି ସମ୍ପନ୍ନ ହୋଇଛି । ସମ୍ବଲପୁରୀ ପାଟବସ୍ତ୍ର, ସୁନାର ପଦ୍ମମୁଖ, କର୍ଣ୍ଣାଞ୍ଚଳ, ଢାଲ, କଙ୍କଣ, ମୁକୁଟ, ଲଲାଟପଟ୍ଟି, ବେଳପତ୍ରି, ନଥ, ଡଉଁ, ଅର୍ଦ୍ଧଚନ୍ଦ୍ର, କିଆପତରି, ସୁନା ଛତ୍ର, ରୂପାର ସିଂକଟା, କିରଟି ଓ ଚୂଳରେ ସମଲେଇଙ୍କୁ ପୂଜକମାନେ ବିଭୂଷିତ କରିଥିଲେ । ଅପରାହ୍ନ ସାଢେ ୨ଟାରେ ଦେବୀଙ୍କୁ ସିନ୍ଦୂର ଲାଗି ନୀତି ପରେ ଅପରାହ୍ନ ୪ଟାରେ ଆଳତି ହୋଇଥିଲା। ସନ୍ଧ୍ୟା ୫ଟାରୁ ଭକ୍ତମାନେ ଦେବୀଙ୍କ ଏହି ମନଲୋଭା ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ରାତି ୭ଟାରେ ସାତଟି ମହାଦୀପ ୭ ଥର ମନ୍ଦିର ପରିକ୍ରମା କରାଯାଇଥିଲା। ଏହାପରେ ମହାଦୀପ ମନ୍ଦିର ଶୀର୍ଷକୁ ନିଆଯାଇଥିଲା । ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଓ ପଞ୍ଚବାଦ୍ୟରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ମୁଣ୍ଡରେ ଚୁନରି ବାନ୍ଧି ରାତି ୯ଟାରେ ମନ୍ଦିର ଭିତରୁ ୮୨ବର୍ଷ ବୟସ୍କ ମହେଶ୍ୱର ସ୍ୱାଇଁ ନୂତନ ପାଟ ଧ୍ୱଜା ଧରି ବାହାରିଥିଲେ । ଭକ୍ତଙ୍କ ଭିଡରେ ମହେଶ୍ୱରଙ୍କଠାରୁ ତାଙ୍କ ପୁଅ ବିନୋଦ ଓ ବିଶ୍ୱଜିତ ଧ୍ୱଜାକୁ ମନ୍ଦିର ଶୀର୍ଷକୁ ନେଇଥିଲେ । ସୌରଭ କୁମାର ସ୍ୱାଇଁ ଓ ସଞ୍ଜୀବ ବରାଡ ସହଯୋଗ କରିଥିଲେ। ସମଲେଇଙ୍କ ଜୟଧ୍ୱନୀରେ ଧ୍ୱଜା ମନ୍ଦିର ଶୀର୍ଷକୁ ନିଆଯାଇଥିଲା। ରଙ୍ଗୀନ ଆତସବାଜିରେ ମୁକ୍ତାକାଶ ଝଲସି ଉଠିଥିଲା । ଭକ୍ତମାନେ ଭକ୍ତି ଭାବରେ ଧ୍ୱଜା ରୋହଣ ନୀତିକୁ ଅପେକ୍ଷା କରିଥିଲେ । ରାତି ୯ଟାରେ ନୂତନ ଧ୍ୱଜା ରୋହଣ କରାଯାଇଥିଲା । ପୁରୁଣା ପାଟଧ୍ୱଜା ନେବାକୁ ଭକ୍ତମାନେ ଧାଡିବାନ୍ଧି ଛିଡା ହୋଇଥିଲେ । ଅପରପକ୍ଷେ କଡକଡି ବାଦ୍ୟ ତାଳେ ତାଳେ ଯୁବକଙ୍କ ନିଆଁ ଖେଳ ଚକିତ କରିଥିଲା । ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅକ୍ଷୟ ରାୟ, ଅମିୟ ରାୟ, ବୃନ୍ଦାବନ ରାୟ, ଓକିଲ ରାୟ, ମନୋଜ ରାୟ, ସଗନ ରାୟ ପ୍ରମୁଖ ଧ୍ୱଜା ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ଟ୍ରଷ୍ଟବୋର୍ଡ ସଭ୍ୟ, ସମଲେଶ୍ୱରୀ ଦଶହରା ପୂଜା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ସହରର ଅନ୍ୟତମ ଆରାଧ୍ୟା ମା' ପାଟଣେଶ୍ୱରୀ ଦେବୀ ମଧ୍ୟ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବସରରେ ପାଟଣେଶ୍ୱରୀ ମନ୍ଦିରରେ ମଧ୍ୟ ନୂତନ ଧ୍ୱଜା ରୋହଣ ସମ୍ପନ୍ନ ହୋଇଛି ।





ରାଜରାଜେଶ୍ୱରୀ ବେଶରେ ମା' ସମଲେଇ (ବା)। ମା' ପାଟଣେଶ୍ୱରୀ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ
ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।
- ହୋମର



## ସଂକ୍ଷେପରେ



### ଘଣ୍ଟାପଡାରେ ଗଜଲକ୍ଷ୍ମୀ ପୂଜା

**ଘଣ୍ଟାପଡା, ୧୩।୧୦ (ଡି.ଏନ.ଏ)** କଣ୍ଟାମାଲ ବ୍ଲକ ଘଣ୍ଟାପଡାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଏହି ପୂଜାରେ ପଣ୍ଡିତ ଚନ୍ଦ୍ରେଶ୍ୱର ପାଣିଗ୍ରାହୀ ଓ ଜିତେନ୍ଦ୍ର ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ । ଏହି ଉପଲକ୍ଷେ ମହିଳାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ହୋଇଥିଲା। ରମେଶ ପୋଢ଼ ଓ ତାଙ୍କ ସ୍ତ୍ରୀ ଧରିତ୍ରୀ ପୋଢ଼ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପୂଜା ମଣ୍ଡପରେ ମୋନାଲି ମହାପାତ୍ର ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାର ବିଭିନ୍ନ ଦିବସରେ ସଂକୀର୍ତ୍ତନ, ପାରାୟଣ, ସତସଙ୍ଗ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ପୂଜା କମିଟି ସଦସ୍ୟ ଦେବେନ୍ଦ୍ର ନାଥ ରଣା, ଅଜୟ ମହାପାତ୍ର, ପ୍ରଭାତ ସାହୁ, ପାଣ୍ଡବ ମହଲା, ଉଗ୍ରସେନ ପଟ୍ଟନାୟକ, ରାଜେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ଅଛନ୍ତି ।

■ ଯାଦବ ମହାସଭା ପକ୍ଷରୁ ଶାରଦୀୟ ପୂର୍ଣ୍ଣମୀ

# ସମାଜକୁ ସଂସ୍କାରଧର୍ମୀ କରିବାକୁ ଗୁରୁତ୍ୱ

**ସୋନପୁର, ୧୩।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଯାଦବ ମହାସଭା ପକ୍ଷରୁ ବାର୍ଷିକ ଶାରଦୀୟ ପୂର୍ଣ୍ଣମୀ ଅବସରରେ ବାର୍ଷିକ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଦବଙ୍କ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୂଜନୋତ୍ସବ ସ୍ଥାନୀୟ ସମଲେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଥିଲା। ସକାଳେ ବୁଢୀ ସମଲେଇ ମନ୍ଦିର ପ୍ରାଙ୍ଗଣରୁ ଯାଦବମାନେ ଏକ ବାଡି ଖେଳ ଶୋଭାଯାତ୍ରାରେ ବାହାରି ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ତପନ ଜୁଆଡି ସଭାରେ ଅଧ୍ୟକ୍ଷତା କରିଥିଲେ। ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯାଦବ ସମାଜର ଇତିବୃତ୍ତ ବର୍ଣ୍ଣନା କରିବା ସହ ଏହି ସମାଜ ଶ୍ରେଷ୍ଠ ବୋଲି କହିଥିଲେ। ସଭାରେ ବରଗଡ, ସମ୍ବଲପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲା ଯାଦବ ସମାଜର ସଭାପତି



ପଦ୍ମଶ୍ରୀ ହଳଧର ନାଗ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଓ ଉପସଭାପତିମାନେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସମାଜରେ ଥିବା କୁସଂସ୍କାରକୁ ଦୂର କରିବା ସହ ଅବହେଳିତ ପରିବାରକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନୀଳକଣ୍ଠ ବଗର୍ତ୍ତି ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ସଭାପତି ଓ ସମ୍ପାଦକଙ୍କ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଜିଲା ଯାଦବ ସମାଜର ପ୍ରଫୁଲ୍ଲ ନାଏକ, ଋତୁରାଜ ବାଘ, ପ୍ରକାଶ ହାତୀ, ରଞ୍ଜନ ଠେଲା, ସୁରେଶ ଷାଣ୍ଢ, ମନବୋଧ ନାଏକ ଓ କୃଷ୍ଣ କୁମାର ବାଘ ସହଯୋଗ କରିଥିଲେ।



ଚାନ୍ଦିନୀ ଭାଙ୍ଗି ଯାଇଥିବା ନଳକୂପ।

# ନଳକୂପ ଚାନ୍ଦିନୀ ମରାମତି ହେଉନି

**ବିନିକା, ୧୩।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଇଁତରା ଧୁବାପଡାରେ ୨ଶହରୁ ଅଧିକ ଲୋକ ବାସ କରନ୍ତି। ପଡାରେ ବହୁବର୍ଷ ପୂର୍ବେ ଏକ ନଳକୂପ ଖନନ ହୋଇଥିଲା। ଏଥିରୁ ଲୋକେ ଜଳ ସଂଗ୍ରହ କରି ପାନୀୟ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିଲେ । ମାତ୍ର ଗତ ବର୍ଷେ ହେବ ନଳକୂପ ଚାନ୍ଦନୀ ଭାଙ୍ଗିରୁଜି ଯାଇଛି। ଏନେଇ ପଡାବାସୀ ସ୍ଥାନୀୟ ପଞ୍ଚାୟତ ଅଫିସଠାରୁ ଆରମ୍ଭ କରି ବିନିକା ଜଳଯୋଗାଣ ବିଭାଗକୁ ବାରମ୍ବାର ଜଣାଇଲେ ମଧ୍ୟ ନଳକୂପ ଚାନ୍ଦିନୀ ମରାମତି କରାଯାଉନାହିଁ। ପଡାବାସୀ ବଡ କଷ୍ଟରେ ପାଣି ସଂଗ୍ରହ କରୁଛନ୍ତି। ଅନେକ ପାଣି ସଂଗ୍ରହ କରିବା ସମୟରେ ଭଙ୍ଗା ଚାନ୍ଦିନୀରେ ଖସି ପଡି ଆହତ ହୋଇ ସାରିଲେଣି। ନିକଟରେ ପଡାର ସାବିତ୍ରୀ ସେଠ୍ ନାମକ ଜନୈକ ବୃଦ୍ଧା ପାଣି ସଂଗ୍ରହ ସମୟରେ ଗଳି ପଡି ଗୁରୁତର ଆହତ ହୋଇଥିଲେ। ଏଣୁ ତୁରନ୍ତ ନଳକୂପ ଚାନ୍ଦିନୀ ମରାମତି କରିବାକୁ ପଡାର ଜଙ୍ଗଲୁ ବିଶି, ବଳରାମ ସେଠ୍, ମୁନି ସା, ଶଶୀ ହୋତା ପ୍ରମୁଖ ଦାବି କରିଛନ୍ତି।

■ ଦେବୀ ଗୌରୀଙ୍କ ଆଗମନ

# ଆରମ୍ଭ ହେଲା ପ୍ରସିଦ୍ଧ ହରଗୌରୀ ଯାତ୍ରା

**ସୋନପୁର, ୧୩।୧୦(ନି.ପ୍ର.)**

ପୂଜା ମଣ୍ଡପକୁ ଶନିବାର ବିଳମ୍ବିତ ରାତିରେ ଦେବୀ ଗୌରୀଙ୍କ ଆଗମନ ପରେ ସୁବର୍ଣ୍ଣପୁରରେ ଆରମ୍ଭ ହୋଇଛି ପରମ୍ପରା ଓ ଦେବାଙ୍ଗ ସଂସ୍କୃତିର ମହାପାର୍ବଣ ପ୍ରସିଦ୍ଧ ହରଗୌରୀ ଯାତ୍ରା(ବୁଢୀମାଁ ଯାତ୍ରା)। ଜିଲାର ଇଷ୍ଟଦେବତା ସୁବର୍ଣ୍ଣମେରୁଙ୍କ ନିଜସ୍ୱ ଜମିରୁ ଧାନ ଗଛକୁ ଗୌରୀ ରୂପରେ ବରଣ କରାଯାଇଥିଲା। ପୂଜାର୍ଚ୍ଚନା ପରେ ପରମ୍ପରା ଅନୁଯାୟୀ ବିରାଟ ପଟୁଆରରେ ଘଣ୍ଟ, ଶଙ୍ଖ, ଭେରୀ, ତୁରୀ ଓ ବିଭିନ୍ନ ବାଦ୍ୟ ସହ ଢେରାପଡାର ଯୁବକ ପ୍ରକାଶ ପାତ୍ର ଏକ ବଡ ଥାଳରେ ଦେବୀଙ୍କୁ ସ୍ଥାପନ କରି ମୁଣ୍ଡରେ ମା'ଙ୍କୁ ପରିକ୍ରମଣ କରିଥିଲେ। ଗୌରୀଙ୍କୁ ବୁଢୀମାଁ ମନ୍ଦିର ପ୍ରାଙ୍ଗଣରେ ଥିବା ପୂଜା ମଣ୍ଡପକୁ ଆଣିବା ସମୟରେ ସହରର ବହୁ ଶ୍ରଦ୍ଧାଳୁ ଭକ୍ତମାନେ ନିଜ ନିଜ ଘର ସମ୍ମୁଖରେ କଳସ ଓ ଜାଗର ଜାଳି ଦେବୀଙ୍କୁ ସ୍ୱାଗତ କରିଥିଲେ । ପୂଜା ମଣ୍ଡପରେ ଦେବୀ ଗୌରୀଙ୍କ ବିଜେ ପରେ ଆନୁଷ୍ଠାନିକ ଭାବରେ ପୂଜା ଆରମ୍ଭ ହୋଇଛି। ଏଥିପାଇଁ ଢେରାପଡାର ସମସ୍ତ



ଧାନ ଗଛକୁ ଗୌରୀ ରୂପରେ ବରଣ କରାଯାଇ ପୂଜା ମଣ୍ଡପକୁ ନିଆଯାଉଛି।

ସାହିକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ରବିବାର କୁମାର ପୂର୍ଣ୍ଣମା ଅବସରରେ ସାହିର ସମସ୍ତଙ୍କ ଘରୁ ମା'ଗୌରୀଙ୍କୁ ପ୍ରଥମ ଅର୍ଘ୍ୟ ସ୍ୱରୂପ ପରମ୍ପରା ଅନୁଯାୟୀ ଖିରୀ ଓ ପିଠା ଭୋଗ ଲାଗି କରାଯାଇଥିଲା। ଏହି ଯାତ୍ରା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ପାଳନ କରାଯାଉଥିବା ଯାନିଯାତ୍ରାମାନଙ୍କ ମଧ୍ୟରୁ ଏହି ଯାତ୍ରାର ଏକ ବିଶେଷତ୍ୱ ରହିଛି। ଏହି ଯାତ୍ରାକୁ ଗୌରାମ୍ମା ସାମ୍ରାଲୁ ମଧ୍ୟ କୁହାଯାଏ । ଦକ୍ଷିଣ ଭାରତୀୟ ପରମ୍ପରାକୁ ବିଶ୍ୱାସ ରଖୁଥିବା ଦେବଙ୍ଗାଲୁ(ଢେରା) ସମ୍ପ୍ରଦାୟର ଜନସାଧାରଣ ଏହି ଯାତ୍ରାକୁ ଆୟୋଜନ କରିଥାନ୍ତି। ତେବେ ପ୍ରଥମେ ଅତି ସ୍ୱଳ୍ପ ବଜେଟ୍‌ରେ ଆରମ୍ଭ ହୋଇ ଆସୁଥିବା ଏହି ଯାତ୍ରା ପାଳନ ପାଇଁ ଏବେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ଆଞ୍ଚଳିକସ୍ତରରେ ହେଲେ ବି ଏହି ଯାତ୍ରା ଓ ପୂଜନୋତ୍ସବ ମଧ୍ୟରେ ଜାତୀୟ ସଂହତି ଓ ବିଶ୍ୱ ଭାତୃତ୍ୱର ସୂତ୍ର ନିହିତ ଅଛି ଏହା ସ୍ୱୀକାର୍ଯ୍ୟ ।

# ଚୂଡ଼ାଖାଇ ଡଙ୍ଗର ଲୋକମହୋତ୍ସବ ଉଦ୍‌ଯାପିତ

**ତରଭା, ୧୩।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ତୁଲୁଣ୍ଡା ପଞ୍ଚାୟତସ୍ଥିତ ଚୂଡାଖାଇ ଡଙ୍ଗର ପାଦଦେଶରେ ତିନିଦିନ ଧରି ଚାଲିଥିବା ଚୂଡାଖାଇ ଡଙ୍ଗର ଲୋକ ମହୋତ୍ସବ-୧୯ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଲୋକ ମହୋତ୍ସବ ଆବାହକ ତଥା ବିଡିଓ ନିହାର ରଞ୍ଜନ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବାଣିଜ୍ୟ, ପରିବହନ ଓ ଯୋଜନା ଏବଂ ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା, ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଚୂଡାଖାଇ ଡଙ୍ଗର ଉନ୍ନୟନ କମିଟି ସଭାପତି ତଥା ସରଗଜ ସରପଞ୍ଚ ଦଶରଥ ସାହୁ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ, ଜିଲା ପରିଷଦ ସଭ୍ୟ ସରୋଜ କମ୍ପ, ସାମାଜିକ କର୍ମୀ ଅଶ୍ୱିନୀ ବିଶି, ତୁଲୁଣ୍ଡା ସରପଞ୍ଚ ଦୟାନିଧି ସୁନାଙ୍କ ସମେତ




ଚୂଡାଖାଇ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ସରପଞ୍ଚ ଓ ସମିତି ସଭ୍ୟ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବିଡିଓ କହଁର ପରିଚାଳନା କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଏହି ମହୋତ୍ସବକୁ କିପରି ଆହୁରି ଲୋକାଭିମୁଖୀ କରାଯାଇପାରିବ ସେଥିପାଇଁ ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଅର୍ଥମନ୍ତ୍ରୀ ପୂଜାରୀ ତାଙ୍କର ବକ୍ତବ୍ୟରେ ପର୍ଯ୍ୟଟନୀ ସ୍ଥଳର ମାନ୍ୟତା ପାଇଥିବା ଚୂଡାଖାଇ ପାହାଡର ଉନ୍ନୟନ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ କରିବେ ବୋଲି ପ୍ରକାଶ କରିଥିଲେ। ଏଥିସହିତ ଆଗାମୀ କିଛିଦିନ ମଧ୍ୟରେ ୧କୋଟି ଟଙ୍କା ବ୍ୟୟ ଅଟକଳରେ ପାହାଡ ପାଦଦେଶରୁ ଶୀର୍ଷ ପର୍ଯ୍ୟନ୍ତ ପାହାଚ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ । ସ୍ୱତନ୍ତ୍ର ମୁଖ୍ୟ ଅତିଥି ମନ୍ତ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଚୂଡାଖାଇ ଡଙ୍ଗର ଉନ୍ନୟନ କମିଟି ସଭାପତି ଦଶରଥ ସାହୁ, ଅଭେଲ କୁଅଁର, ଆଇଆଇସି ଡୋଳାମଣୀ ଭୋଇ,ତରଭା ଥାନାର ପୂର୍ବତନ ଆଇଆଇସି ସୁରୁବାବୁ ଛତ୍ରିଆ, ପ୍ରତାପ କୁମାର ବେହେରା, ବିଦେଶୀ ନାଏକ, ଡ.କ୍ଷେତ୍ରବାସୀ ମାନସେଠ, ଇଞ୍ଜିନିୟର ସଞ୍ଜୟ ପଣ୍ଡା, ବିଡିଓ ନିହାର ରଞ୍ଜନ କହଁର ଓ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାସ ପ୍ରମୁଖଙ୍କୁ ଉନ୍ନୟନ କମିଟି ତରଫରୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସ୍ମରଣୀକା 'ସ୍ୱର୍ଗାସନି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ।

### ଜ୍ୟୋତିର୍ବିଦ୍ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ପରଲୋକ

**ବିନିକା, ୧୩।୧୦(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କମିରା ଗ୍ରାମର ବାସିନ୍ଦା ତଥା ଜ୍ୟୋତିର୍ବିଦ୍ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ରବିବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୯୫ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ବିନିକା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଅପରାହ୍ନ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ଶିବପ୍ରସାଦ ମିଶ୍ର ମୁଖାଗ୍ନି ଦେଇଥିଲେ। ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଓ ଜ୍ଞାତି କୁଟୁମ୍ବ ଶବାଧାରରେ ସାମିଲ ହୋଇଥିଲେ।



### ଫଟୋଗ୍ରାଫି କର୍ମଶାଳା

**ପଦ୍ମପୁର, ୧୩।୧୦ (ଡି.ଏନ.ଏ)**

ପଦ୍ମପୁରଠାରେ ରାଜବୋଡାସମ୍ବର ଫଟୋଗ୍ରାଫରମାନଙ୍କର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଫଟୋ ଗ୍ରାଫର ସଂଘର ସମ୍ପାଦକ ତ୍ରିବିକ୍ରମ ପ୍ରଧାନ, କୋଷାଧ୍ୟକ୍ଷ ରାଜେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫୁଜି ଫିଲ୍ମ ତରଫରୁ ରାଜ ଶର୍ମା, ଅନିଲୋ ବାସୁ କ୍ୟାମେରା ପରିଚାଳନା ଓ ସ୍ଥିର ଫଟୋଚିତ୍ର ଉତ୍ତୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାୟ ୯୦ଜଣ ଫଟୋଗ୍ରାଫର ଯୋଗଦାନ କରିଥିଲେ। ଶେଷରେ ସୁଧାଂଶୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# କଳସ ଯାତ୍ରା, ଆରମ୍ଭ ହେଲା ଗଜଲକ୍ଷ୍ମୀ ପୂଜା

### ପୂଜା ସହ ନାନାବିଧ ସାଂସ୍କୃତିକ କାର୍ଯ୍ୟକ୍ରମ

**ଉଲୁଣ୍ଡା, ୧୩।୧୦ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଲକ୍ଷ୍ମୀନଗରଠାରେ ରବିବାର ପାରମ୍ପରିକ ରୀତିନୀତି ଅନୁଯାୟୀ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏହି ଦ୍ୱିତୀୟତମ ଗଜଲକ୍ଷ୍ମୀ ପୂଜା ସକାଶେ ଶନିବାର ଏକ ଶୋଭାଯାତ୍ରା ସହ ନିକଟ ଜଳାଶୟ କଉଡିଆକଟାରୁ ଜଳ ଅଣାଯାଇ କଳସ ସ୍ଥାପନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନ ସଭାପତି ଶ୍ରବଣ କୁମାର ପୁରୋହିତଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ପୂଜନୋତ୍ସବରେ ନରେନ୍ଦ୍ର ପାଣିଗ୍ରାହୀ ଓ ସରସ୍ୱତୀ ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଲୋକନାଥ ପୁରୋହିତ ମୁଖ୍ୟପୂଜକ ଦାୟିତ୍ୱରେ ରହିଛନ୍ତି। ଏହି ଅବସରରେ ଅନୁଷ୍ଠାନ ତରଫରୁ ପ୍ରତ୍ୟେହ ହେବାକୁ ଥିବା ଗୋପଲୀଳା ପାରାୟଣ ବ୍ୟାସ ଅନନ୍ତ ନାରାୟଣ ପଣ୍ଡାଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ସେହିପରି ସନ୍ଧ୍ୟାରେ ସବିତା ପଣ୍ଡା ନିଜ ସହଯୋଗୀଙ୍କ ସହ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ। ମହେଶ ରଞ୍ଜନ ପୁରୋହିତଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା' ଗଜଲକ୍ଷ୍ମୀଙ୍କ ଦର୍ଶନ କରିବା ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦୀପକ ପାଣିଗ୍ରାହୀ, ବାପୁନ ପୁରୋହିତ, ଶୁସିଲ ଥାଟି, ବିଶ୍ୱଜିତ ପାତ୍ର, ପ୍ରଦୀପ ପୁରୋହିତ, ସୁଦାମ ମହାକୁର, ତଥାଗତ ମହାକୁର ପ୍ରମୁଖ ସହଯୋଗ କରିଥିଲେ।

### ମୁର୍ଷୁଣୀ : ଢୋଲ, ନିଶାନରେ କମ୍ପିଲା ଗାଁଦାଣ୍ଡ

**ଅମରପାଲି, ୧୩।୧୦ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣୀରେ ହେବାକୁ ଥିବା ୩୭ତମ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ରବିବାର ହୋଇଯାଇଛି । ଗ୍ରାମର ପୋଖରୀରେ ପୂଜାର୍ଚ୍ଚନା ପରେ ୧୦୮ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଗାଁ ପୋଖରୀରୁ ଜଳପୂର୍ଣ୍ଣ କଳସୀକୁ ପୂଜାମଣ୍ଡପକୁ ଅଣାଯାଇଥିଲା। ଶୋଭାଯାତ୍ରାରେ ଢୋଲ, ନିଶାନ, ମହୁରୀ ଆଦି ପଞ୍ଚବାଦ୍ୟ, ସଂକୀର୍ତ୍ତନ୍ୟ ଦଳ, ବ୍ୟାଣ୍ଡପାର୍ଟି, ଘଣ୍ଟବାଦ୍ୟ ଆଦି ପରିବେଷଣ କରାଯାଇଥିଲା। ବସ୍ତି ପରିକ୍ରମା ସହିତ ଗ୍ରାମର ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଜଳପୂର୍ଣ୍ଣ କଳସୀକୁ ଲକ୍ଷ୍ମୀପୂଜା ମଣ୍ଡପ, ପାରାୟଣ ମଣ୍ଡପ ଓ ହନୁମାନ ମଣ୍ଡପରେ ସ୍ଥାପନ କରାଯାଇଥିଲା । ଲକ୍ଷ୍ମୀପୂଜା ମଣ୍ଡପ ପାଇଁ ବିଦ୍ୟାଧର ଖୁର୍ଡିଆ ଓ ସୁନିତା ବାଘ କର୍ତ୍ତା ହୋଇଥିଲେ। ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣୀ, ରାଜଗୋପାଳ ପାଣିଗ୍ରାହୀ, କୁଶ କୁମାର ସାହୁ, ମନୋଜ ନାଏକ, ବିଦ୍ୟାଧର ଗୁଡିଆ, ଧନଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ରବିବାର ଖଣ୍ଡହତାଠାରେ ହେଉଥିବା ୧୧ତମ ଗଜଲକ୍ଷ୍ମୀ ପୂଜା ପାଇଁ ହେଉଥିବା ମୁରାସୁର ରାଜ ଆରମ୍ଭ ହୋଇଛି ।

### ରାମପୁର, ସାଲେପାଲି ଚଳଚଞ୍ଚଳ

**ଡୁଙ୍ଗୁରିପାଲି, ୧୩।୧୦(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ମେହେର ପଡା ଅନନ୍ତ କ୍ଲବରେ ଗଜଲକ୍ଷ୍ମୀ ପୂଜା ସକାଶେ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋଟି ବନ୍ଧରୁ ପୂର୍ଣ୍ଣ ଜଳ କଳସ ଆଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। କର୍ତ୍ତାଭାବେ ସୁମନ୍ତ ମେହେର କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । କଳସ ସ୍ଥାପନ ପରେ ମାଁ ଗଜଲକ୍ଷ୍ମୀ ପୂଜା ବିଧିବଦ୍ଧଭାବେ ଆରମ୍ଭ ହୋଇଛି। ଏଠାରେ ଚଳିତ ବର୍ଷ ୩୦ବର୍ଷରେ ପଦାର୍ପଣ କରିଥିବା ପୂଜା ଚଳିତ ବର୍ଷ ଆଠଦିନ ଧରି ଅନୁଷ୍ଠିତ ହେବ। ପୂଜନୋତ୍ସବରେ ବୁଧବାର ବାଘହାଣ୍ଡି ମହିଳା କୀର୍ତ୍ତନ ଦଳ ପୂଜା ମଣ୍ଡପ ସମ୍ମୁଖରେ କୀର୍ତ୍ତନ ପରିବେଷଣ କରିବ। ଗୁରୁବାର ସନ୍ଧ୍ୟାରେ ଡଭଲାର ସୁଶ୍ରୀ ବନ୍ଦିତା ନାୟକ ସୁନ୍ଦରାକାଣ୍ଡ ପାରାୟଣ, ଶୁକ୍ରବାର ବରଗଡ଼ ତୋରା ଗାଁର କୃଷ୍ଣଗୁରୁ ଭଜନ ଆର୍କେଷ୍ଟା କାର୍ଯ୍ୟକ୍ରମ ଏବଂ ରବିବାର ମାଁ ଙ୍କ ବିସର୍ଜନ ପର୍ବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ପ୍ରକାଶ ଅଗ୍ରୱାଲ ପ୍ରକାଶ କରିଛନ୍ତି । ସେହିପରି ସାଲେପାଲିରେ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ପାଇଁ ଅପରାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୯ ବର୍ଷରେ ପହଞ୍ଚ ଥିବା ଏହି ଗଜଲକ୍ଷ୍ମୀ ପୂଜା ପାଇଁ ସ୍ଥାନୀୟ କେନାଲରୁ ଶ୍ରଦ୍ଧାଳୁମାନେ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । କର୍ତ୍ତା ଭାବେ ମୁରଲୀ ଖମାରୀ ଓ ଦେବେନ୍ଦ୍ର ଖମାରୀ ଦାୟିତ୍ୱ ନିର୍ବାହ କରିଥିଲେ। ସାତ ଦିନ ଧରି ହେବାକୁ ଥିବା ଏହି ଗଜଲକ୍ଷ୍ମୀ ପୂଜାରେ ରବିବାର ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ସେହିପରି ବିଭିନ୍ନ ଦିନରେ ନାନାବିଧ କାର୍ଯ୍ୟକ୍ରମ ରହିଥିବା କମିଟି ସୂତ୍ରରୁ ଜଣାପଡିଛି।

### ଦ୍ୱାଦଶବର୍ଷରେ ବାଉଁଶୁଣୀ ଗଜଲକ୍ଷ୍ମୀ ପୂଜା

**ବିନିକା, ୧୩।୧୦(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଦ୍ୱାଦଶବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ରବିବାର ସକାଳେ ଏକ କ୨ଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଘଣ୍ଟଘଣ୍ଟା ଓ କୀର୍ତ୍ତନରେ ଫାଟି ପଡିଥିଲା ଗାଁ ଦାଣ୍ଡ। ସୃଷ୍ଟି ହୋଇଥିଲା ଏକ ଆଧ୍ୟାତ୍ମିକ ପରିବେଶ। ବାଉଁଶୁଣୀ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ନୀଳାଞ୍ଚଳ ଷାଣ୍ଢଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗାଁ ପୁଷ୍କରିଣୀ ମାଟିବନ୍ଧରୁ ଜଳ ଆଣି ପୂଜାସ୍ଥଳୀରେ ସ୍ଥାପନ କରାଯାଇଥିଲା। ଚଳିତବର୍ଷ ସୁରେଶ ଚନ୍ଦ୍ର ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।







ବିନିକା ବ୍ଲକ ବାଉଁଶୁଣୀ ଗଜଲକ୍ଷ୍ମୀ ପୂଜା ଅବ୍ୟବହିତ ପୂର୍ବରୁ ବାହାରିଥିବା କଳସ ଶୋଭାଯାତ୍ରା(ବାମ)। ଡୁଙ୍ଗୁରିପାଲି ବ୍ଲକ ରାମପୁର ଗଜଲକ୍ଷ୍ମୀ ପୂଜା ପାଇଁ ରବିବାର ହୋଇଥିବା କଳସ ଶୋଭାଯାତ୍ରା(ମଝି)। ବୀରମହାରାଜପୁର ବ୍ଲକ ମୁର୍ଷୁଣୀ ଗଜଲକ୍ଷ୍ମୀ ପାଇଁ କଳସ ଶୋଭାଯାତ୍ରା ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ
ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।
- ହୋମର



**ସଂକ୍ଷେପରେ**

## ୨୯ ପ୍ୟାକେଟ ଛତୁଆ ଜବତ

**ବଲାଙ୍ଗୀର ଅଫିସ, ୧୩।୧୦:** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଅନ୍ତପାଲି ଗାଁରେ ଜଣେ କ୍ରେତାଙ୍କଠାରୁ ୨୯ ପ୍ୟାକେଟ୍ ଛତୁଆ ଜବତ କରାଯାଇଛି। ଗ୍ରାମର ଯୁବକ ଓ ଜନସାଧାରଣ ଛତୁଆ ଜବତ କରିଥିବା ଜଣାପଡିଛି। ରେଙ୍ଗଟାସିଲ ଗ୍ରାମର ଗୁରଦାଲ ବରିହା ନାମକ ଜଣେ ବେପାରୀ ଛତୁଆ ବଦଳରେ ଲୁଣ, ସାବୁନ୍, ସର୍ଫ ବିକ୍ରି କରୁଥିଲେ। ଅଙ୍ଗନୱାଡି ସେଣ୍ଟରରୁ ବେପାରୀ ଜଣକ ଛତୁଆ କିଣି ନେଉଥିବା ସନ୍ଦେହ କରି ଅନ୍ତପାଲି ଗ୍ରାମର ଲୋକମାନେ ବେପାରୀ ବରିହାଙ୍କୁ ଘେରି ବିଭାଗୀୟ ଅଧିକାରୀଙ୍କୁ ଖବର ଦେଇଥିଲେ। ହେଲେ କୌଣସି ବିଭାଗୀୟ ଅଧିକାରୀ ଆସି ନ ଥିଲେ। ଏପରିସ୍ଥିତିରେ ଦୁଇ ମାସ ହେଲା ଛତୁଆ ପାଇ ନ ଥିବା ତବଲବାଞ୍ଜି ଗ୍ରାମର ମହିଳାମାନେ ଅନ୍ତପାଲି ଆସି ଧାରଣାରେ ବସିଥିଲେ। ଏପରି କି ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଥିଲେ। ଖବର ପାଇ ମାଗୁରବେଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକେ ଜବତ କରିଥିବା ୨୯ ପ୍ୟାକେଟ୍ ଛତୁଆ ଥାନାକୁ ଆଣିଥିବା ଜଣାପଡିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୫୧/୨୦୧୯) ରୁଜୁ ହୋଇଛି।

### ବସାଲଇ ଫୁଟ୍‌ବଲ ଟୁର୍ନାମେଣ୍ଟ

# ଦେବଗଡ଼ ଚାମ୍ପିୟନ

**ବାରକୋଟ, ୧୩।୧୦ (ଡି.ଏନ.ଏ.)**

ଦେବଗଡ ଜିଲା ବାରକୋଟ ବ୍ଲକ ବସାଲଇ ଖେଳ ପଡିଆଠାରେ ପଞ୍ଚାୟତ ଆଥେଲେଟିକ ଆସୋସିଶନ ବସାଲଇ ଏବଂ କଳାପରିଷଦ ବସାଲଇ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳର ମନୋରମା କ୍ଲବ ଦେବଗଡ ଚତୁର୍ଥ ଆଇଆରବିକୁ ଟାଇବ୍ରେକର ଜରିଆରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ୩ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ମୋଟ ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ପ୍ରସନ୍ନ କୁମାର ବେହେରା ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫିସହ ନଗଦ ୧୦ ହଜାର ଏବଂ ରନର୍ସଅପ୍ ଦଳକୁ ୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଉତ୍ସବରେ ସମ୍ମାନୀତ ଅତିଥିଭାବେ ବସାଲଇ ସରପଞ୍ଚ ଦିଲ୍ଲୀପ କୁମାର ପଟ୍ଟନାୟକ, ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନ ଯୋଗଦେଇଥିଲେ । ଟୁର୍ନାମେଣ୍ଟକୁ କଳାପରିଷଦ ସଭାପତି ସୁଦର୍ଶନ ସାମଲ, ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ, ଆଥେଲେଟିକ ଆସୋସିଏଶନ ସଭାପତି ଦିଲୀପ ପଟ୍ଟନାୟକ, ଭଜମନ ସାମଲ, ଲୋକନାଥ ସାମଲ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ଫାଇନାଲ ମ୍ୟାଚରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।



କରୁଆଁଝରରେ ଗଜଲକ୍ଷ୍ମୀପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି।

## ମା' ଗଜଲକ୍ଷ୍ମୀଙ୍କ ପୂଜାରେ କଳସ ଶୋଭାଯାତ୍ରା

**ଦେଓଗାଁ,୧୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅଧୀନ କରୁଆଁଝରରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନବଜୀବନ ପାଠାଗାର ଆନୁକୂଲ୍ୟରେ ଅନୁଷ୍ଠିତ ପୂଜାରେ ରବିବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ସହ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ପୂଜା କର୍ତ୍ତା ଭାବେ ଶବର କାଲସାଏ ଓ ମାଧବୀ କାଲସାଏ ଦାୟିତ୍ୱରେ ରହିଥିବା ବେଳେ ସୋମବାର ଓ ମଙ୍ଗଳବାର ହେବାକୁ ଥିବା ରାମାୟଣ ପାରାୟଣରେ କର୍ତ୍ତା ଭାବେ ତ୍ରୀପୁରାରୀ ଭୋଇ ଓ ପ୍ରଫୁଲ୍ଲ ଭୋଇ ରହିଛନ୍ତି। ବ୍ୟାସ ଭାବେ ଚୋରମରା ଗ୍ରାମର ସୁନୀଲ କୁମାର ମିଶ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି। ବୁଧବାର ମା'ଙ୍କ ପୂର୍ଣ୍ଣାହୂତୀ ସହ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। ସେହିପରି ଦେଓଗାଁ କଛାରପାଲିରେ ରବିବାର ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏଥିରେ କର୍ତ୍ତା ଭାବେ ଜଗଦୀଶ ସାହୁ ଓ ଚନ୍ଦ୍ରକାନ୍ତୀ ସାହୁ ଦାୟିତ୍ୱରେ ରହିଛନ୍ତି। ପୂଜକ ଭାବେ ବାଳକୃଷ୍ଣ କର ରହିଥିବା ବେଳେ ପରିଚାଳନା କମିଟି ସଭାପତି ସୁମନ୍ତ ସାହୁ, ସମ୍ପାଦକ ଶେଷଦେବ ମେର୍ଲ୍ଲି, କୋଷାଧ୍ୟକ୍ଷ ରମେଶ ସାହୁଙ୍କ ସହ କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ଏହି ଅବସରରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।।

## ଅସହାୟଙ୍କୁ ସାହାଯ୍ୟ କରିବା ମାରୱାଡି ଯୁବା ମଞ୍ଚର ଲକ୍ଷ୍ୟ

**ଗୁଡଭେଲା,୧୩।୧୦(ଡି.ଏନ୍.ଏ.)**

ସମାଜର ଉନ୍ନତି ସହ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ମାରୱାଡି ଯୁବ ମଞ୍ଚର ଲକ୍ଷ୍ୟ ବୋଲି ମତ ପ୍ରକାଶ କରିଛନ୍ତି ମାରୱାଡି ଯୁବା ମଞ୍ଚର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଅଗ୍ରୱାଲ। ରବିବାର ତୁଷୁରା ମାରୱାଡି ଯୁବା ମଞ୍ଚ ଓ ଜାଗୃତି ଶାଖାର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ନେଇ ଅଧ୍ୟକ୍ଷ ଅଗ୍ରୱାଲ ରବିବାର ତୁଷୁରା ଗସ୍ତରେ ଆସିଥିଲେ। ଏହି ଅବସରରେ ତୁଷୁରା ମାରୱାଡି ଯୁବା ମଞ୍ଚ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସ୍ଥାନୀୟ ଅଗ୍ରସେନ ଭବନରେ ତୁଷୁରା ଯୁବା ମଞ୍ଚ ଅଧ୍ୟକ୍ଷ ମନୋଜ ଜୈନଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାନ୍ତୀୟ ଅଧ୍ୟକ୍ଷ ମନୀଷ ଅଗ୍ରୱାଲ, ମଣ୍ଡଳ ଉପାଧ୍ୟକ୍ଷ ଆଶିଷ ଚୌଧୁରୀ, ରାଷ୍ଟ୍ରୀୟ ଖେଳକୁଦ ସଂଯୋଜକ ଦୀପକ ଛାପଡିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଜୁ ଜୈନ, ସୋନମ କେଡିଆ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ପୂଜା ଜୈନ ମଞ୍ଚ ପରିଚାଳନା କରିଥିଲେ। ରିଙ୍କି ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜାଗୃତି ଶାଖାର ଅଧ୍ୟକ୍ଷା ମଞ୍ଜୁ କେଡିଆ ଧନ୍ୟବାଦ ପ୍ରଦାନ କରିଥିଲେ। ମଞ୍ଚର ସମ୍ପାଦକ ସଂଗୀତ ଜୈନ, ପୂର୍ବତନ ଅଧ୍ୟକ୍ଷ ଦୀନଦୟାଲ କେଡିଆ, ବୀରେନ୍ଦ୍ର ଜୈନ, ସୁନିଲ ଜୈନ, ମୀରା କେଡିଆ, ସଞ୍ଜୁ ଜୈନ, ସୀମା ଜୈନ, ଆରତୀ ଅଗ୍ରୱାଲ, ବବଲି ଜୈନ,ମନୀଷ ଅଗ୍ରୱାଲ, ମହେଶ କେଡିଆଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥିଙ୍କ ସହ ସଦସ୍ୟମାନେ।

### ହାଇୱା ଗାଡିରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ୍ ଘଟଣା

# ଗିରଫ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ

**ବଲାଙ୍ଗୀର ଅଫିସ, ୧୩।୧୦**

ମାଲକାନଗିରି ଜିଲାରୁ କଟକ ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ହାଇୱା ଗାଡି ଜବତ୍ ଓ ଡ୍ରାଇଭର ଗିରଫ ଘଟଣାକୁ ନେଇ ବଲାଙ୍ଗୀର ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ରବିବାର ଜବତ୍ ଗଞ୍ଜେଇ ସହ ଗିରଫ ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ କୋଟ ଚାଲାଣ କରାଯାଇଛି । ରବିବାର ସନ୍ଧ୍ୟାରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଜବତ୍ ୧୦.୪୨ କୁଇଣ୍ଟାଲ ଓଜନର ୪୨ ବସ୍ତା ଗଞ୍ଜେଇକୁ କୋର୍ଟକୁ ନେଇଥିଲା। ପରେ ଗିରଫ ହାଇୱା ଡ୍ରାଇଭର ନିରଞ୍ଜନଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ଡ୍ରାଇଭର ନିରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡିଛି । ବଲାଙ୍ଗୀର ପୋଲିସ ଶୁକ୍ରବାର ରାତିରେ ଏକ ନିର୍ଦ୍ଦିଷ୍ଟ ହାଇୱା ଗାଡିରେ ବେଆଇନ୍ ଭାବେ ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଓଜନର ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ପାଇଥିଲା। ଏସ୍‌ପି ସନ୍ଦୀପ ମାଡକରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍ ସହର ଉପକଣ୍ଠ ଆର୍‌ଟିଓ ଅଫିସ ଛକ ନିକଟରେ ଛପି ରହିଥିଲା। ଗଞ୍ଜେଇ ବୋଝେଇ ହାଇୱା ଗାଡି ଆର୍‌ଟିଓ ଅଫିସ ଛକକୁ ପହଞ୍ଚିବା ପରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ପୋଲିସ ଟିମ୍ ହାଇୱା ଗାଡିକୁ ଘେରି ଯାଇଥିଲା। ପରେ ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ ପୋଲିସ ଗିରଫ କରିବା ସହ ଗଞ୍ଜେଇ ଭର୍ତ୍ତି ଗାଡିକୁ ଜବତ୍ କରିଥିଲା । ଗାଡିରେ ୧୦.୪୨ କୁଇଣ୍ଟାଲ ଗଞ୍ଜେଇ ଥିବା ଜଣାପଡିଥିଲା ମାଜିଷ୍ଟ୍ରେଟ୍ ସନ୍ତୋଷ ଦାଶଙ୍କ ଉପସ୍ଥିତିରେ ଜବତ୍ ଗଞ୍ଜେଇର ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ରବିବାର ଜବତ୍ ଗଞ୍ଜେଇ ସହ ଗିରଫ ହାଇୱା ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ ବଲାଙ୍ଗୀର କୋର୍ଟ ଚାଲାଣ କରାଯାଇଥିଲା । ଜବତ୍ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ହେବ ବୋଲି ଆକଳନ କରାଯାଇଛି । ଏତେ ପରିମାଣର ଗଞ୍ଜେଇ ଜବତ୍ ହେବା ପରେ ଏହି ଅଞ୍ଚଳରେ ଗଞ୍ଜେଇ ମାଫିଆ ବେଶ୍ ସକ୍ରିୟ ଥିବା ଜଣାପଡିଛି। ଗିରଫ ଡ୍ରାଇଭର ନିରଞ୍ଜନଙ୍କୁ ପଚରାଉଚୁରା ପରେ ଛେଣ୍ଡିପଦା ଥାନା ଅଞ୍ଚଳର କାଳିଆ ବାବୁଙ୍କ ନିର୍ଦ୍ଦେଶରେ ସେ ଗଞ୍ଜେଇ ନେଇ କଟକ ଯାଉଥିବା ସୂଚନା ଦେଇଛି । କାଳିଆ ବାବୁ କିଏ ଓ ତାଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଗଞ୍ଜେଇ କାରବାରର ନେଟୱର୍କ କେତେଦୂର ଯାଏଁ ଲମ୍ବିଛି ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ଦିଆଯାଇଛି।



ଜବତ୍ ୪୨ ବସ୍ତା ଗଞ୍ଜେଇ ଓ ଗିରଫ ହାଇୱା ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ କୋର୍ଟଚାଲାଣ କରାଯାଉଛି।

## ମାଣବସା ମହାଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ,୧୩।୧୦:**

ବଲାଙ୍ଗୀର ମାଲପଡ଼ାସ୍ଥିତ ରାମସ୍ୱାମୀ ମନ୍ଦିର ପୂଜା କମିଟି ଆନୁକୂଲ୍ୟରେ ମାଣବସା ମହାଲକ୍ଷ୍ମୀ ପୂଜା ଉତ୍ସବ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପୂଜାକୁ କିଭଳି ଆକର୍ଷଣୀୟ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଅନ୍ନଭୋଗ, ଭସାଣି ସହ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବୈଠକୀ ସଂକୀର୍ତ୍ତନ, ସୁନ୍ଦରା କାଣ୍ଡ, ଭଜନ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚଳିତବର୍ଷ ପାଇଁ ପୂଜା କମିଟି ସଭାପତି ଭାବେ ଉମାଶଙ୍କର ପଣ୍ଡା, ଉପସଭାପତି ଭାବେ ହରିବନ୍ଧୁ ବଗର୍ତ୍ତୀ, ସମ୍ପାଦକ ଭାବେ ସନୋଜ କୁମାର ମିଶ୍ର, ସହସମ୍ପାଦକ ଭାବେ ସାଇରାମ, କୋଷାଧ୍ୟକ୍ଷ ଭାବେ କିଶୋର ଥନାପତି, ନିନେଶ କରନଙ୍କୁ ମନୋନୀତ କରାଯାଇଛି । ଚଳିତ ବର୍ଷ ପୂଜାରେ ମୁଖ୍ୟକର୍ତ୍ତା ଭାବେ ପ୍ରଦୀପ କୁମାର ଥନାପତି ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇବେ। ବୈଠକରେ ସୁମିତ ପୁରୋହିତ, ଶଙ୍କର ମାଝି, ନିରଞ୍ଜନ ହାତୀ, ମହେନ୍ଦ୍ର ସାହୁ, ଶାନ୍ତନୁ ଭାଟି, ଶଙ୍କର ବଗର୍ତ୍ତୀ, ପ୍ରେମଜିତ ଯୋଷୀ, ବିକ୍ରମ ପାତ୍ର, ଶୁଭେନ୍ଦୁ ବହିଦାର, ରାଜେଶ ପଟ୍ଟନାୟକ, ଦେବାଶିଷ ମହାଲିଙ୍ଗ, ପ୍ରବୋଧ ମହାପାତ୍ର, ଅମିତ ସାହାଣୀ, ମାର୍ଗଶିର କର୍ମୀ, ସଞ୍ଜୀବ ଥନାପତି, ଅନନ୍ତ ବଗର୍ତ୍ତି, ଟଙ୍କ, ମେଘ, ଚିଣ୍ଟୁ, ସନୋଜ ମିଶ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ବୈଠକ

**ଦେଓଗାଁ,୧୩।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ଗ୍ରାମ୍ୟଉନ୍ନୟନ କମିଟିର ଏକ ଜରୁରୀ ବୈଠକ ରବିବାର ଘୁଚିପାଲିରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଡା.ଶଶି ଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଓଗାଁ, କଛାରପାଲି ଗ୍ରାମର ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଦେଓଗାଁ ଫାଣ୍ଡିକୁ ଥାନା ମାନ୍ୟତା ପରେ ଥାନାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସମସ୍ୟାର ସମାଧାନ ନେଇ ଗ୍ରାମବାସୀ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଆଲୋଚନା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଦେଓଗାଁ ରେଲ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି ପ୍ରତି ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ସରକାର ଦାବି ପ୍ରତି ଅଣଦେଖା କରିବା ପରିତାପର ବିଷୟ ବୋଲି ମତପ୍ରକାଶ ପାଇଥିଲା। ଷ୍ଟେଶନରେ ସଂରକ୍ଷଣ ଟିକଟ କାଉଣ୍ଟର(ପିଆର୍‌ଏସ୍) ସେବା ଆରମ୍ଭ ହେବା ପରେ ଅନ୍ୟ ଷ୍ଟେଶନ ଅପେକ୍ଷା ଏଠାରେ ଅଧିକ ମାତ୍ରାରେ ଟିକଟ ବିକ୍ରି ହେଉଛି। ହେଲେ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି ପ୍ରତି ଅଣଦେଖା କରାଯାଉଛି ବୋଲି ଦେଓଗାଁର ବରିଷ୍ଠ ନାଗରୀକମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଦାବି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଜନଆନ୍ଦୋଳନ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଆଗତ ହୋଇଥିଲା। ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ଶୌଚାଳୟ ନିର୍ମାଣ, ବସ୍ତିରେ ଷ୍ଟ୍ରୀଟଲାଇଟ ଓ କଲ୍ୟାଣ ମଣ୍ଡପ ନିର୍ମାଣ ଦିଗରେ କାର୍ଯ୍ୟ କରିବା ପାଇଁ ବୈଠକରେ କୁହାଯାଇଥିଲା। ସମ୍ପାଦକ ଧନମତ ପନୁଆଁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଭଲଭଦ୍ର ସାହୁ, ରାଜକୁମାର ବାରିକ, ବେଣୁ ଦଲାଇ, ବସନ୍ତ ସାହୁ, ସ୍ୱେପ୍ନଶ୍ୱର ଗରୁଡ, ରାଜେନ୍ଦ୍ର ନନ୍ଦ, ଦେବବର ସାହୁ, ସମିତିସଭ୍ୟ ଜନ୍ମେଜୟ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ବିଶ୍ୱଜିତ ପାତ୍ର, ପ୍ରକାଶ ପୂଝାରୀ, ଅର୍ଜ୍ଜୁନ କର୍ତ୍ତି, ରମେଶ କର୍ତ୍ତି, ଘନଶ୍ୟାମ ବାରିକ, ଶଙ୍କର ବେହେରା, କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ସଞ୍ଜୀବ ସାହୁ, ଚକାମନ ସାହୁ, ହୀରାଲାଲ ସାହୁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।



ଘୁଚିପାଲି ନିକଟରେ ଦେଓଗାଁ ଗ୍ରାମ୍ୟଉନ୍ନୟନ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହିଛନ୍ତି।

**ଫଟୋରେ ଖବର**







ବଲାଙ୍ଗୀର ଘରୋଇ ବସ୍‌ଷ୍ଟାଣ୍ଡ ଫଳମାର୍କେଟ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା(ବାମ) । ବଲାଙ୍ଗୀର ସଦର ବ୍ଲକ୍ ଝାଙ୍କରପାଲିରେ ୧୭ତମ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ସାମିଲ ହୋଇଛନ୍ତି(ମଝି) । ବଲାଙ୍ଗୀର ନର୍ସରୀଠାରେ ପୃଥ୍ୱୀରାଜ ହାଇସ୍କୁଲ ୨୦୧୦ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ। **(ଫଟୋ-ସୁନୀଲ)**



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।

-ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ଗୁଡଭେଲା ବ୍ଲକରେ ବେଧଡ଼କ ପଲିଥିନ ବ୍ୟବହାର

**ଗୁଡଭେଲା,୧୩।୧୦(ଡି.ଏନ୍.ଏ.):** ଅକ୍ଟୋବର ୨ ତାରିଖ ୧୫୦ତମ ମାହାତ୍ମା ଗାନ୍ଧୀ ଜୟନ୍ତୀରୁ କେନ୍ଦ୍ର ଓ ରାଜ୍ୟ ସରକାର ପଲିଥିନ ଉପରେ କଟକଣା ଜାରି କରିଛନ୍ତି। ହେଲେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଓ ତୁଷୁରା ସହରରେ ବେଧଡକ ଭାବେ ପଲିଥିନ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ତେଜରାତି ଦୋକାନଠାରୁ ଆରମ୍ଭ କରି ପନିପରିବା ଦୋକାନ, ମିଠା ଦୋକାନ, ମାଛ ମାଂସ ଦୋକାନ, ହୋଟେଲଗୁଡ଼ିକରେ ପଲିଥିନ ବ୍ୟବହାର କରାଯାଉଛି। ଏପରି କି ପୂର୍ବରୁ ବ୍ୟବସାୟୀମାନେ କାଗଜ ଠୁଙ୍ଗାରେ ବିଭିନ୍ନ ସାମଗ୍ରୀ ଗ୍ରାହକମାନଙ୍କୁ ଦେଉଥିଲେ। ଏନେଇ ଠୁଙ୍ଗା ତିଆରି କରି କିଛି ଲୋକ ଗୁଜୁରାଣ ମେଣ୍ଟାଇ ପାରୁଥିଲେ । ହେଲେ ପଲିଥିନ କମ୍ ଦରରେ ମିଳିବା ସହ ସୁବିଧା ଦୃଷ୍ଟିରୁ ଠୁଙ୍ଗା ବ୍ୟବହାର କମୁଥିବା କିଛି ପୁରୁଖା ଲୋକ ପ୍ରକାଶ କରିଛନ୍ତି। ଠୁଙ୍ଗାର ଅଭାବ ସାଙ୍ଗକୁ ଅଧିକ ଦର ହେଉଥିବାରୁ ଗ୍ରାହକଙ୍କୁ ଜିନିଷ ପତ୍ର ପଲିଥିନରେ ଦେବାକୁ ପଡୁଛି ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି। ସରକାରଙ୍କ ପଲିଥିନ ବନ୍ଦ କରିବା ସ୍ୱାଗତ ଯୋଗ୍ୟ ହୋଇଥିବା ବେଳେ ଏହା ଉପରେ ସଚେତନତା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଅଢେଇ ମାସ ହେଲା ଏଟିଏମ୍ ଅଚଳ

**ଗୁଡ଼ଭେଲା,୧୩।୧୦(ଡ଼ିଏନଏ)-**ତୁଷୁରା ସହରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମ୍ ଉପରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ନିର୍ଭରଶୀଳ। ହେଲେ ଅଢେଇ ମାସ ହେଲା ଏଟିଏମ୍ ଅଚଳ ହୋଇପଡିଥିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଟିମ୍ କାଉଣ୍ଟରରେ ୨ଟି ମେଶିନ ଖରାପ ହୋଇଯାଇଥିବାରୁ ନୂତନ ମେସିଙ୍ଗ ଆସିବା ପର୍ଯ୍ୟନ୍ତ ଏପରି ସମସ୍ୟା ଲାଗି ରହିବ ବୋଲି ବ୍ୟାଙ୍କ ପରିଚାଳକ ଅଜୟ ସେଠୀ କହନ୍ତି। ଅନ୍ୟପକ୍ଷେ ଟଙ୍କା ଉଠାଇବା ପାଇ ବ୍ୟାଙ୍କରେ ଗ୍ରାହକଙ୍କ ନାହିଁକକ ନ ଥିବା ଭିଡ ଲାଗି ରହୁଛି। ଏପରି କି ଟଙ୍କା ଉଠାଣ ପାଇଁ ଘଣ୍ଟା ଘଣ୍ଟା ଲାଇନରେ ରହିବାକୁ ପଡୁଛି। ଏନେଇ ଗ୍ରାହକମାନଙ୍କ ମଧରେ ଅସନ୍ତୋଷ ଦେଖାଦେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।



### ଗଜଲକ୍ଷ୍ମୀ ପୂଜାରେ କଳସ ଶୋଭାଯାତ୍ରା

**ମୁରିବାହାଲ,୧୩।୧୦(ଡି.ଏନ.ଏ.):** ମୁରିବାହାଲ ବ୍ଲକ ପତ୍ରାପାଲି(କ) ପଞ୍ଚାୟତ ଅନ୍ତର୍ଗତ ଯାମୁଟ ଗ୍ରାମରେ ୧୧ତମ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି। ଶନିବାର ପଟ୍ଟନାୟକ ବନ୍ଧରୁ ମହିଳାମାନେ କଳସରେ ପାଣି ଧରି ଏକ ଶୋଭାଯାତ୍ରାରେ ବାହାରି ମଣ୍ଡପରେ ପହଞ୍ଚିଥିଲେ। ମଣ୍ଡପରେ କଳସ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ବିଘ୍ନରାମ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଉଥିବା ବେଳେ କର୍ତ୍ତା ଭାବେ ବାସୁଦେବ ନାଗ ଓ ତାଙ୍କ ସ୍ତ୍ରୀ ସୌଭାଗ୍ୟ ନାଗ ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟିର ସଭାପତି ଯୁଧିଷ୍ଠିର ଭରାସଗରିଆ, ଉପସଭାପତି ହୃଷୀକେଶ ଭୋଇ, କୋଷାଧକ୍ଷ ସତ୍ୟନାରାୟଣ ବାଗ, ଉପଦେଷ୍ଟା ଦୁଧେଶ୍ୱର ନାଗଙ୍କ ତତ୍ତ୍ୱାବଧାନରେ ପ୍ରତାପ ଭୋଇ, ବୈଷ୍ଣବ ଭୋଇ, ହରି ଭୋଇ, ପୂର୍ଣ୍ଣଚନ୍ଦ୍ର ଭୋଇ, ପୁରୁ ଭରାସଗରିଆ, ଗଙ୍ଗାଧର ବାଗ, ଧ୍ରୁବ ପୁଟେଲ, ତେଜରାଜ ଯୋଶୀ, ପଙ୍କ ଜାଲ ପ୍ରମୁଖ ସହଯୋଗ କରିଛନ୍ତି। ସେହିପରି ମୁରିବାହାଲସ୍ଥିତ ଘଣ୍ଟବାହାଲ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳାମାନେ ନିକଟସ୍ଥ ଶୁବ ଦେବ ବନ୍ଧରୁ କଳସ ଆଣି ପୂଜା ମଣ୍ଡପରେ ସ୍ଥାନରେ କରିଥିଲେ। ପୂଜକ ବ୍ରଜକିଶୋର ଦାଶ ପୂଜା କାର୍ଯ୍ୟ କରୁଥିବା ବେଳେ କର୍ତ୍ତା ଭାବେ ଅନନ୍ତ ଛୁରା ଓ ତାଙ୍କ ସ୍ତ୍ରୀ ସରୋଜିନୀ ଛୁରା ଦାୟିତ୍ୱ ତୁଲାଉଛନ୍ତି। ଘଣ୍ଟବାହାଲ ହରିଜପଡ଼ା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମିଥୁନ ଛୁରା, ଅର୍ଜୁନ ଛୁରା, ନରେଶ ରଘୁ, ଛତିଶ ବାଗ, ବରୁଣ ବାଗ, ମହେଶ୍ୱର ବାଗ, ଅଭି ଛୁରା ପ୍ରମୁଖ ସହଯୋଗ କରୁଛନ୍ତି।

# ୨୫ବର୍ଷରେ ସଇଁତଲା ବ୍ଲକଛକ ମା' ଗଜଲକ୍ଷ୍ମୀଙ୍କ ପୂଜା

**ସଇଁତଲା,୧୩।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକଛକରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା' ଗଜଲକ୍ଷ୍ମୀଙ୍କ ପୂଜା ପ୍ରାରମ୍ଭ ହୋଇଯାଇଛି। ଚଳିତ ବର୍ଷ ପୂଜା ୨୫ବର୍ଷ ପୂରଣ ହୋଇଥିବାରୁ ଆୟୋଜକ କମିଟି ପକ୍ଷରୁ ପୂଜାକୁ ଆକର୍ଷଣୀୟ କରିବା ନେଇ ଜୋରଦାର ଉଦ୍ୟମ ଚାଲିଛି। ରବିବାର ପୂର୍ବାହ୍ନ ୧୦ଟାରେ ଶତାଧିକ ମହିଳା ପୁରୁଷ ଭଜନ, ସଂକୀର୍ତ୍ତନ ସହ କଳସ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ପୋଖରୀରେ ପହଞ୍ଚିଥିଲେ। ପୂଜକ କିରଣ ମିଶ୍ର, ମାନସ ମିଶ୍ର, ନରେନ୍ଦ୍ର ମିଶ୍ର ପ୍ରମୁଖ ପୂଜାର୍ଚ୍ଚନା ପରେ ମହିଳାମାନେ କଳସରେ ପାଣି ଧରି ପୂଜା ମଣ୍ଡପକୁ ଆସିଥିଲେ। ମଣ୍ଡପରେ କଳସ ସ୍ଥାପନ ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ତପନ ଦାସ ଓ ଜ୍ୟୋତ୍ସାମୟୀ ତ୍ରିପାଠୀ, ସୁରେନ୍ଦ୍ର ସିଂ ଭୋଇ ଏବଂ ମୋନିକା ସିଂ ଭୋଇ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପକ୍ଷେ ୧୪ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ସନ୍ଧ୍ୟାରେ ଘଣ୍ଟବାଦ୍ୟ ସହ ଆଳତୀ ହେବ ବୋଲି କମିଟି ସଭାପତି



ସଇଁତଲା ବ୍ଲକଛକ ମା' ଗଜଲକ୍ଷ୍ମୀଙ୍କ ପୂଜାରେ ବାହାରିଥିବା କଳସ ଶୋଭାଯାତ୍ରା।

**କଳସ ଶୋଭାଯାତ୍ରା ସହ ପୂଜା ପ୍ରାରମ୍ଭ**

ଜ୍ୟୋତି ରଞ୍ଜନ ମାଝି ପ୍ରକାଶ କରିଛନ୍ତି। ଉପ ସଭାପତି ବାବୁଲୁ ମାଝି, ସମ୍ପାଦକ ସନ୍ତୋଷ ଗୁପ୍ତା, ସହ ସମ୍ପାଦକ ପ୍ରଦୀପ ଡାଙ୍ଗ, କୋଷାଧ୍ୟକ୍ଷ ଶିବା ବଗର୍ତ୍ତୀ, ହିମାଂଶୁ ଶେଖର ଦାସ, ଆଦିତ୍ୟ ରଣା, ଅକ୍ଷୟ ସାହୁ, ପରମେଶ୍ୱର କର୍ମୀ, ବିକ୍ରମ ବଗର୍ତ୍ତୀ, ଈଶ୍ୱର କର୍ମୀ, ବାବୁଲାଲ କର୍ମୀ, ପ୍ରମୋଦ ପାତ୍ର, ଆଲୋକ ସାହୁ, ତରୁଣ ବେହେରା, ଉମେଶ ବଗର୍ତ୍ତୀ, କିଶୋର ବାଗ, ସୁରେନ୍ଦ୍ର ପଧାନ, ମୋତିଲାଲ ଖମାରୀ, ଭରତ କର୍ମୀ, ପ୍ରବୀର ଡାଙ୍ଗ, ମନୋଜ କର୍ମୀ, ସରୋଜ କର୍ମୀ, ରାକେଶ ବଗର୍ତ୍ତୀଙ୍କ ସହ ସମସ୍ତ ସଦସ୍ୟ କଳସଯାତ୍ରାରେ ସାମିଲ ହୋଇଥିଲେ।

# ଚିତାବାଘ ବୁଲୁଥିବା ଭିଡିଓ ଭାଇରାଲ

**ସଇଁତଲା,୧୩।୧୦(ଡି.ଏନ୍.ଏ.)**

- ସଇଁତଲା ଗୋଳାବାରୁଦ କାରଖାନା ଅଞ୍ଚଳରେ ଭୟର ବାତାବରଣ
- ଘରୁ ବାହାରୁ ନାହାନ୍ତି କାରଖାନା କର୍ମଚାରୀ
- ଘଟଣାର ତଦନ୍ତ ଦାବି

ବଲାଙ୍ଗୀର ଜିଲା ସଇଁତଲା ନିକଟସ୍ଥ ଗୋଳାବାରୁଦ କାରଖାନା ଅଞ୍ଚଳରେ ଗୋଟିଏ ଚିତାବାଘ ବୁଲୁଥିବା ଏକ ଭିଡିଓ ଭାଇରାଲ ହେବା ପରେ କର୍ମଚାରୀମାନେ ଭୟଭୀତ ହୋଇପଡିଛନ୍ତି। ସୂଚନାଯୋଗ୍ୟ, ବଡ଼ମାଳ ଗୋଳାବାରୁଦ କାରଖାନା ଅଞ୍ଚଳରେ ଥିବା ଜଙ୍ଗଲରେ ବନ୍ୟ ଜୀବଜନ୍ତୁ ରହୁଛନ୍ତି। ରବିବାର ସନ୍ଧ୍ୟାରେ ଏକ ଚିତାବାଘ କାରଖାନା କର୍ମଚାରୀମାନେ ରହୁଥିବା ଅଞ୍ଚଳରେ ବୁଲାବୁଲି କରୁଥିଲା। କେହି ଜଣେ ଏହାର ଭିଡିଓ କରିଛନ୍ତି। ଉକ୍ତ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ବନ ବିଭାଗର କୌଣସି କର୍ମଚାରୀ କାରଖାନାର ଅଞ୍ଚଳ ପରିଦର୍ଶନ କରି ନ ଥିବା ଜଣାପଡିଛି। ବାଘ ବୁଲୁଥିବା ଖବର ପାଇ କର୍ମଚାରୀମାନେ ଘରୁ ବାହାରକୁ ବାହାରୁ ନ ଥିବା ଜଣାପଡିଛି। ଉଲ୍ଲେଖ ଯୋଗ୍ୟ, ଗତ କିଛି ମାସ ତଳେ କାରଖାନା ପରିସରରେ ଏକ ଚିତାବାଘର ମୃତଦେହ ମିଳିଥିଲା। ଚିତାବାଘର ମୃତ୍ୟୁ କେଉଁ ପରିସ୍ଥିତିରେ ହୋଇଥିଲା ତାହା ଜଣାପଡି ନ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବା ଜଣାପଡିଛି। ପୁଣି ଗୋଳାବାରୁଦ କାରଖାନା ଅଞ୍ଚଳରେ ଏକ ଚିତା ବାଘ ବୁଲୁଥିବା ଭିଡିଓ ଭାଇରାଲ ହେବା ଘଟଣା ବନ କର୍ମଚାରୀଙ୍କୁ ଅଡୁଆରେ ପକାଇଛି। ବନ ବିଭାଗ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ବଡଗୁର୍ଜିଭଟା ମନ୍ଦିରପଡ଼ାରେ କରମସାନୀ ପୂଜା।

## କରମସାନୀ ପୂଜା ଉଦ୍‌ଯାପିତ

**ଖପ୍ରାଖୋଲ,୧୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବଡଗୁର୍ଜିଭଟା ମନ୍ଦିରପଡ଼ାରେ ଚାଲିଥିବା କରମସାନୀ ପୂଜା ଉଦ୍‌ଯାପିତ ହୋଇଯାଇଛି। ପୂଜାରେ ପୂଜା କର୍ତ୍ତା ଭାବେ ହରିବୋଲ ପ୍ରଧାନ ଏବଂ ଗୀତା ପଧାନ କାର୍ଯ୍ୟ ସମ୍ପାଦନ କରିଥିଲେ। ଶନିବାର ସନ୍ଧ୍ୟାରେ ମାନ୍ଦଳର ତାଲେ ତାଲେ ଗାଁ ମୁଣ୍ଡରୁ ଧାନ ଗଛ ଓ କରମା ଡାଳ ବରଣ କରି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ କରମସାନୀଙ୍କ ମହିମା କଥା ପାଠ କରାଯାଇଥିଲା। ରାତି ତମାମ ଶ୍ରଦ୍ଧାଳୁମାନେ କରମା ନାଚ ଦେଖିବା ସହ ପୂଜାରେ ସାମିଲ ହୋଇଥିଲେ। ଧନକେତନ ବାଗ, ସୁରୁ ସାହୁ, ଦେବକୀ ସାହୁ, ବ୍ରାହ୍ମଣୀ ଗାଁର ଦେବାନନ୍ଦ ମଲ୍ଲିକ, ଦଖିଳ ବରିହା, ରାଷ୍ଟ୍ର କୁମାର ସାହୁ, ବଡଗୁର୍ଜିଭଟାର ସହଦେବ ମିଶ୍ର, ମନୁଲାଲ ପଧାନ, ନିତ୍ୟାନନ୍ଦ ପଧାନ ପ୍ରମୁଖ କରମା ନାଚଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ ମିଶ୍ର, ରାଜୀବ ସାହୁ, କିର୍ତ୍ତନ ସାହୁ, ବିରଞ୍ଚି ଭୋଇ, ଦୁର୍ଯ୍ୟ ବରିହା, ନୃପରାଜ ପଧାନ, ମହେନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ରବିବାର ସକାଳେ କରମସାନୀଙ୍କ ଗାଁ ପରିକ୍ରମା ପରେ ବିସର୍ଜନ କରାଯାଇଥିଲା।

## ମନୋହରପୁରରେ ୨୬ତମ ଗଜଲକ୍ଷ୍ମୀ ପୂଜା

**ବଲାଙ୍ଗୀର ଅଫିସ,୧୩।୧୦:** ବଲାଙ୍ଗୀର ମନୋହରପୁର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ରବିବାରଠାରୁ ୨୬ତମ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ପୂଜା କମିଟି ସଦସ୍ୟମାନେ ଉତ୍ସାହ ଉଦ୍ଦୀପନାର ସହ ଆକର୍ଷଣୀୟ ସାଜସଜ୍ଜା କରିଛନ୍ତି । ଅପରାହ୍ନରେ ପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ନିକଟସ୍ଥ ମହାରାଣୀ ସାଗରରୁ କଳସ ଶୋଭାଯାତ୍ରା ବାହାରି ପୂଜା ମଣ୍ଡପରେ ପହଞ୍ଚିଥିଲା। ପରେ କଳସ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ଆଳତି, ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଛି । ମୁଖ୍ୟ କର୍ତ୍ତା ଭାବେ ପଞ୍ଚାନନ ସାହୁ ଓ ସୁରମା ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି । ପୂଜକ ଭାବେ ଭିକାରୀ ଚରଣ କର ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ପୂଜା ପାଇଁ ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି, ଚିତ୍ତାକର୍ଷକ ମେଢ଼ ଓ ତୋରଣ ତିଆରି କରାଯାଇଛି । ଏଥିରେ କମିଟି ସଭାପତି ରଞ୍ଜନ ବାରିକ, ଉପସଭାପତି ଶିବ ସାହୁ, ସମ୍ପାଦକ ପ୍ରତ୍ୟୁଷ ଯୋଷୀ, କୋଷାଧକ୍ଷ ରାଜେଶ ବସ୍ତିଆ ଓ ଅନ୍ୟମାନେ ସକ୍ରିୟ ସହଯୋଗ କରୁଛନ୍ତି ।

# ସାହାଯ୍ୟର ହାତ୍‌ବଢ଼ାଲା ପରଶାସନ

**ଲାଠୋର, ୧୩।୧୦ (ଡି.ଏନ୍.ଏ.)**

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର, ମାଲପଡ଼ା ଆର କରୁଆଁଝର ପଁଚେତ୍‌ର ୩ ଅସାହା ପରିବାର ଉପରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଭିନେ ଭିନେ ସମିଆରେ ଖବର ବାହାରିଥିଲା। ଇ ଖବରକେ ନେଇ ସାମାଜିକ କରମୀ ଦୀପା ବାରିକ ମୁଖ୍ୟ ମନ୍ତ୍ରୀଙ୍କର ଦୁରୁଷ୍ଟି ଆରଷନ୍ କରବାର ସଂଗେ ଇ ଅସାହା ପରିବାରମାନଙ୍କୁ ସରକାରୀ ସାହାଯ୍ ଯୁଗେଇ ଦେବାକେ ଟୁଇଟର ଜରିଆରେ ଅନୁରୋଧ କରିଥିଲେ। ମୁଖ୍ୟ ମନ୍ତ୍ରୀଙ୍କର ନିରଦେଶ ଉତାରୁ ବଲାଙ୍ଗୀର ଜିଲା ପରଶାସନ ତେଡି ଇ ଅସାହା ପରିବାରମାନଙ୍କୁ ସାହାଯ୍ୟର ହାତ ବଢ଼େଇ ଥିବାର ସାମାଜିକ କରମୀ ଦୀପା ବାରିକ ସୂଚନା ଦେଇଛନ୍। ସୂଚନା ଅନ୍‌ସାରେ ଲାଠୋର ପଁଚେତ୍ ସଦର ଗାଁର କଲୋନିପଡ଼ାର ଅସାହା ଡମ୍ବରୁଧର ଝନେ ସୁଖବାସୀ, ଜମିବାଡ଼ି ବଲି କିଛି ନାଇଁ। ଘରଦୁଆର ଅଭାବୁ ୩ ପରାନୀ କୁଟୁମ ପଡ଼ାରେ ଥିବାର ଗୁଟେ ଦଦ୍‌ରା ବୈଠକ ଘରେ ଆଶ୍‌ରେ ନେଇଛନ୍। ଇ ବାବ୍‌ଦେ ଗଲା ୭ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ସେନ୍‌ତା ମାଲପଡ଼ା ପଁଚେତ୍ ଅଧୀନ ଜଲପାଙ୍କେଲ ଗାଁର ଦେବରାଜ ପଣ୍ଡା ଝନେ ଗରିବ୍ ଲୋକ୍। ଗଲା ଲଘୁଚାପ ପରଷାରେ ତାକର ପୁରନା ଘରଟା ଭାଂଗି ଯାଇଥିଲା। ଏନ୍‌ତାଥି କୁଟୁମବସିଆ ଜୀବନ୍‌କେ ପାଏନ୍ଥଡ଼େଇ ଭଂଗା ଘରେ ରହୁଛନ୍। ଇ ବାବ୍‌ଦେ ସେପ୍ଟେମର ୩୦, ୨୦୧୯ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ସେନ୍‌ତା କରୁଆଁଝର ପଁଚେତ୍ ଅଧୀନ ସାନଗୁର୍ଜିଭଟା ଗାଁର ବିଧବା ମହିଲା ଭତାର ଲାଗି ପଁଚେତ୍‌ରୁ ବ୍ଲକ ତକ୍ କାଗଜପତର ଦେଇ ନିରାଶ ହେଇଥିଲେ। ଇ ବାବ୍‌ଦେ ଗଲା ୭ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଇ ଖବର ସବୁକେ ନେଇ ସାମାଜିକ କରମୀ ଦୀପା ବାରିକ ଟୁଇଟର ଜରିଆରେ ମୁଖ୍ୟମନ୍ତ୍ରୀଙ୍କର ଦୁରୁଷ୍ଟି ଆକରଷନ୍ କରବାର ସଂଗେ ସାହାଯ୍ ଇ ପରିବାରମାନଙ୍କୁ ସାହାଯ୍ ଯୁଗେଇ ଦେବାକେ ନିବେଦନ କରିଥିଲେ। ତାକର ଅନୁରୋଧକେ ଦେଖି ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲାପାଳଙ୍କୁଁ ଇ ପାରିବାରମାନଙ୍କୁ ସାହାଯ୍ ଯୁଗେଇ ଦେବାକେ ନିରଦେଶ ଦେଇଥିଲେ। ଜିଲାପାଳଙ୍କର ନିରଦେଶରେ ଖପ୍ରାଖୋଲ ବିଡିଓ ତରଣୀ ସୁନା ଧରିତ୍ରୀରେ ପରକାଶିତ ଖବରମାନଙ୍କର ଆଧାରରେ ତଦଁତ୍ କରି ଜିଲାପାଳଙ୍କୁଁ ରିପୋର୍ଟ ଦେଇଥିଲେ। ବଲାଙ୍ଗୀର ଜିଲାପାଳ ଇ ଅସାହା ପରିବାରମାନଙ୍କୁ ଯେତେ ଜଲଦି ହେବା ସାହାଯ୍ ଯୁଗେଇ ଦେବାର ବେବସ୍ତା କରାଯିବା ବଲି ଉତର ଫିରେଇଥିବାର ଜନାଯାଇଛେ।

# ନାନ୍ଦୁପଲାରେ ଡ୍ୟାନ୍ସ ନାଇଟ୍ ପ୍ରତିଯୋଗିତା, ନାଚଗୀତରେ ଝୁମିଲେ ଦର୍ଶକ

**ଖପ୍ରାଖୋଲ,୧୩।୧୦(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପ୍ରହରି ମଣ୍ଡପରେ ଗନ୍ଧଗିରି ଯୁବକ ସଂଘ ପକ୍ଷରୁ ଦଶହରା ଡ୍ୟାନ୍ସ ନାଇଟ ପ୍ରତିଯୋଗିତା ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବକ ସଂଘ ସଭାପତି ରୁଦ୍ରସିଂ ପୁଝାରୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ନାନ୍ଦୁପଲା ସରପଞ୍ଚ ସୁରେଶ ପୁଝାରୀ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟଙ୍କ ପ୍ରତିନିଧି





ପ୍ରତିଯୋଗୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଉମେଶ ପୁଝାରୀ, ସମାଜକର୍ମୀ ଜ୍ୟୋତିରଞ୍ଜନ ପଣ୍ଡା, ପଞ୍ଚମ ପଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ନାଚ, ଗୀତ ପରିବେଶଣ କରିଥିଲେ। କଳାକାରଙ୍କ ନାଚଗୀତରେ ଦର୍ଶକ ଝୁମି ଉଠିଥିଲେ। ପ୍ରତିଯୋଗିତାରେ ସମ୍ବଲପୁରର ପ୍ରିୟଙ୍କା ସୁନା ପ୍ରଥମ, ଡେୟାର ଏଣ୍ଡ ଡେଭିଲ ଡ୍ୟାନ୍ସ ଗ୍ରୁପ୍ ବେନକେରା ଦ୍ୱିତୀୟ, ତେଜୁ ଏଣ୍ଡ ଡ୍ୟାନ୍ସ ଗ୍ରୁପ ଓଡ଼ିଆପାଲି ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ୫ ହଜାର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ୩ ହଜାର ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ୨ ହଜାର ଟଙ୍କା ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଚାରକ ଭାବେ ରୀମା ବାଗ, ରାଜୁ ଦିପ, ନରସିଂହ ପୂଝାରୀ, ବୁଲୁ ବେହେରା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମନୋଜ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପରମା ସେଠ୍, ମାନସ ଠାକୁର, ଡୋଳାମଣି ଚଣ୍ଡି, ସୁଦାମ ପାଣିଗ୍ରାହୀ, ଆଶିସ ଠେଲା, ପଞ୍ଚାନନ ପୁଝାରୀ, ବାଳକୃଷ୍ଣ ବେହେରା, ଗୁଲୁ ବେହେରାଙ୍କ ସମେତ ଗନ୍ଧଗିରି ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଏବଂ କଳାପ୍ରେମୀ ଉପସ୍ଥିତ ଥିଲେ।

## ନାଟୁଆଙ୍କ ମନରେ ଆନ୍ତରିକତାର ଅଭାବ

**ରାଉରକେଲା ଅଫିସ,୧୩।୧୦**

ରବିବାର କଳିଙ୍ଗ କଳା ପରିଷଦଠାରେ ଏକତ୍ର ପରିବାର ପକ୍ଷରୁ ଏକ ଆଲୋଚନାଚକ୍ର ଆୟୋଜିତ ହୋଇ ଯାଇଛି। ଓଡିଶା ସଙ୍ଗୀତ ନାଟକ ଏକାଡେମିର ପୂର୍ବତନ ସଚିବ ତଥା ବିଶିଷ୍ଟ ନାଟ୍ୟକାର ଧୀରେନ୍ଦ୍ରନାଥ ମଲ୍ଲିକଙ୍କ ସମେତ ବିଭିନ୍ନ ନାଟ୍ୟ ସଂସ୍ଥା ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଓଡିଆ ନାଟକର ଜାତୀୟ ସ୍ଥିତି, ନାଟ୍ୟକାର, ନିର୍ଦ୍ଦେଶକ ଓ କଳାକାରଙ୍କ ସମ୍ମାନବୋଧ ନେଇ ଆଲୋକପତ କରାଯାଇ ଥିଲା।

## ଫଟୋରେ ଖବର





ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ପଦ୍ମନାଭପୁର ପୂଜା କମିଟି ପକ୍ଷରୁ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା(ବାମ)। ପଦ୍ମନାଭପୁରରେ ପୂଜା କମିଟି ପକ୍ଷରୁ ବାହାରିଥିବା କଳସ ଶୋଭାଯାତ୍ରା।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଭାଇଜିଉଁନ୍ତିଆ, ଜହ୍ନିଓଷା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

**କଲମପୁର,୧୩।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ କୋଟାଗାଁଠାରେ ଭାଇଜିଉଁନ୍ତିଆ ଓ ଜହ୍ନିଓଷା ଉପଲକ୍ଷେ କୋଟାଗାଁର ଯୁବଗୋଷ୍ଠୀଙ୍କ ସହଯୋଗକ୍ରମେ ଶନିବାର ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗୀତାରେ ୧୨ଟି ନୃତ୍ୟ ପ୍ରତିଯୋଗୀ ଅଂଶ ଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଗଡ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ରମେଶ ଚନ୍ଦ୍ର ଛତ୍ରିଆ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟାଙ୍କ କର୍ମଚାରୀ ବ୍ୟାସଦେବ ପାଲ, ସମ୍ମାନିତ ଅତିଥି ଭାବରେ ତ୍ରିଲୋଚନ ପାଲ, ପୂର୍ଣ୍ଣ ଛତ୍ରିଆ, ଜୟ ପାଲ, ଶଙ୍କର ପାଲ, ଯୌବନ ଦୀପ, ଅଭୟ ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗୀତାର ବିଚାରପତି ଭାବେ ବାବୁଲା ପ୍ରସାଦ ତାଣ୍ଡି, ଲିଙ୍ଗରାଜ ଦୀପ, ପୁରନ୍ଦର ପାଲ, ଭୁବନେ ପାଲ କାର୍ଯ୍ୟ ତୁଲାଇଥିବା ବେଳେ କାହ୍ନୁଚରଣ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ । କୋଟାଗାଁ ଯୁବ ଗୋଷ୍ଠୀ ସଭାପତି ଅଲେଖ ଛତ୍ରିଆ ଏବଂ ସହଯୋଗୀ କର୍ଣ୍ଣ କର, ମଣ୍ଟୁ ପାଲ, ରଞ୍ଜିତ ଛତ୍ରିଆ, ସଞ୍ଜୀବ ପାଲ, କୈଳାଶ ପାଲ, ରୁପେସ ଛତ୍ରିଆ, ପ୍ରଦୀପ ପାଲ ପ୍ରମୁଖ ସହଯୋଗ କରିଥିଲେ ।

# ରକ୍ତରଞ୍ଜିତ ହେଲା ସୁନାଦେଈ ପୀଠ

**ନୂଆପଡା ଅଫିସ/କୋମନା, ୧୩।୧୦ (ଡି.ଏନ.ଏ.)**



ସୁନାଦେଈଙ୍କ ଛତର ବସ୍ତି ପରିକ୍ରମା କରୁଛି ।

- ମା' ସୁନାଦେଈଙ୍କ କରୁଣା ଭିକ୍ଷାକଲେ ଆଦିବାସୀ
- ଅଭୟାରଣ୍ୟ ମଧରେ ଭୋଜିଭାତ

ପଶ୍ଚିମ ଓଡିଶାର ପ୍ରସିଦ୍ଧ ସୁନାବେଡା ଅଭୟାରଣ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଈଙ୍କ ଛତର ଯାତ୍ରା ସମ୍ପନ୍ନ ହୋଇଥିବାବେଳେ ରକ୍ତରଞ୍ଜିତ ହୋଇଛି ସୁନାଦେଈ ପୀଠ। ଏଥିରେ ନୂଆପଡା ସମେତ ବରଗଡ, ବଲାଙ୍ଗୀର ଏବଂ ପଡୋଶୀ ଛତିଶଗଡରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା ।

ରବିବାର ପୂର୍ବାହ୍ନ ୯ଟାରେ ସୁନାବେଡା ବସ୍ତିର ମଝିରେ ଥିବା ସୁନାଦେଈ ପୀଠରେ ପୂଜାର୍ଚ୍ଚନା ପରେ ଦେବୀ ପ୍ରସନ୍ନ ହୋଇଥିଲେ। ଠିକଣା ସମୟରେ ବଳି ଆରମ୍ଭ ହୋଇଥିଲା। ପୂଜାରେ ଆସିଥିବା ବୋଦା, କୁକୁଡା ଆଦିଙ୍କୁ ବଳି ଦିଆଯାଇଥିଲା। ପରେ ୧୧ଟାରେ ଦେବୀଙ୍କ ଛତର ବାହାରି ଲିଙ୍ଗଭଟାକୁ ଯାଇଥିଲା। ଦେବୀଙ୍କ ଗସ୍ତ ସମୟରେ ମଧ୍ୟ ରାଜରାସ୍ତାରେ ଶତାଧିକ ବଳି ପଡିଥିଲା। ରକ୍ତର ନଦୀ ବୋହିଯାଇଥିଲା। ପରେ ଗୋଟାଏ ବେଳେ ଲିଙ୍ଗଭଟାରେ ଛତର ଫେରିଥିଲା। ତାଙ୍କ ପ୍ରତ୍ୟାବର୍ତ୍ତନ ବେଳେ ସୁନାବେଡାର ସମସ୍ତ ପରିବାର ବନ୍ଦପନା କରି ପୂଜା କରିଥିଲେ । ଏହିଭଳି ଦେବୀ ପିଣ୍ଡକୁ ଫେରିଥିଲେ । ଅଭୟାରଣ୍ୟବ୍ୟାପି ଭୋଜିଭାତର ଆସର ଜମିଥିଲା। ସୂଚନାଯୋଗ୍ୟ ଯେ ଆଜିକୁ ପନ୍ଦର ଦିନ ତଳେ ଏଠାରେ ଦେବୀଙ୍କ ପୀଠରେ ଦୀପ ଜଳାଇ ରଖି ପୂଜାର୍ଚ୍ଚନା କରାଯାଉଥିଲା। କୁମାର ପୂର୍ଣ୍ଣିମା ତିଥିରେ ବିଧି ମୁତାବକ ପୂଜା କରି ଛତର ଯାତ୍ରା ହୋଇଥିଲା । ଏଥିରେ ସୁନାବେଡା ଅଭୟାରଣ୍ୟର ୫୨ଟି ଜନବସତିରୁ ଭକ୍ତମାନେ ଯୋଗଦେଇଥାନ୍ତି। ସୁନାବେଡାବାସୀଙ୍କ ସୁରକ୍ଷାର ଦେବୀ ଭାବରେ ଅଭିହିତ କରାଯାଇଥାଏ । ସେହିଭଳି ଦେବୀ ପୀଠରେ ମନୋକାମନା ପୂରଣ ହେଲେ ବଳିଦିଆଯାଇଥାଏ । ଏହାକୁ ସୁନାବେଡାର ଯୁବକ ସଂଘ ପରିଚାଳନା କରିଥିବାବେଳେ ପରିଚାଳନାରେ ଭୁଜବଲ ମାଝି, କଳିରାମ ସୁଆର,ବିଶରାମ ଛତ୍ରିଆ, କଂସୀରାମ ମାଝି, ରଜନ ସିଂ ଛତ୍ରିଆ, ଶେତରାମ ବର୍ଗେ, ସଂଜିତ ମାଝି, ବନଜିତ ମାଝି, ଧନୀରାମ ସୁଆର, ଯୁବରାମ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଲୋକେ ଅହୋରାତ୍ର ଉପଭୋଗ କରିଥିଲେ । ଏଥିସକାଶେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

### ରାସ୍ତାରେ ବୁଲା ଗୋରୁ, ଲୋକେ ଅତିଷ୍ଠ
# ହଜିଗଲାଣି କାଞ୍ଜିଆହୁଦା

**ସିନାପାଲି,୧୩।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ସହରରେ ବୁଲାଗୋରୁଙ୍କ ଦୌରାତ୍ମ୍ୟରେ ଜନସାଧାରଣ ଅତିଷ୍ଠ ହୋଇପଡିଲେଣି । ସିନାପାଲି ବସଷ୍ଟାଣ୍ଡ, ତହସିଲ ଅଫିସ ଛକ, ଜଗନ୍ନାଥ ଛକ, ନାକା ଛକ, କାପସି ଛକ ଓ ବ୍ଲକ ଛକ ନିକଟରେ ଗାଈଗୋରୁମାନଙ୍କ ଆଡ୍ଡାସ୍ଥଳି ପାଲଟିଛି । ରାସ୍ତାରେ ଅହରହ ଚଳପ୍ରଚଳ ହେଉଥିବା ବେଳେ ରାତ୍ରିରେ ବିଶ୍ରାମସ୍ଥଳ ପାଲଟିଛି । ଫଳରେ ଯାତାୟାତ ଏବଂ ଯାନବାହାନ ଯିବା ଆସିବା କଷ୍ଟକର ହୋଇପଡିଛି । ବିଶେଷ କରି ରାତ୍ରିକାଳୀନ ବସ ଓ ଟ୍ରକ ତଥା ୪ ଚକିଆ ଯାନବାହନ ପାଇଁ ବିଶେଷ ଅସୁବିଧା ହେଉଛି । ରାସ୍ତା ଉପରେ ଗାଈ ଗାରୁ ମଳତ୍ୟାଗ କରିବା ପରେ ଯାନବାହନ ଯିବା ସମୟରେ ପଥଚାରୀମାନଙ୍କ ଉପରେ ଛିଟିକି ପଡୁଛି। ଗାଈଗୋରୁ ମାଲିକମାନଙ୍କ ବାରମ୍ବାର ତାଗିଦ କଲେ ମଧ କୌଣସି ସୁଫଳ ମିଳିପାରୁ ନାହିଁ । ଏହାକୁ ନେଇ ସିନାପାଲି ପଞ୍ଚାୟତ ଗ୍ରାମ ସଭାରେ ମଧ କେତେକ ସଚେତନ ଯୁବକ ଉପସ୍ଥାପନ କରି ପଞ୍ଚାୟତ ସରପଞ୍ଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। ସକାଳୁ ସକାଳୁ ଗାଈମାନଙ୍କୁ ନେଇ ଦୁଗ୍ଧ ସଂଗ୍ରହ ପରେ ଛାଡି ଦେଉଛନ୍ତି ଓ ମାଲିକମାନେ ଆରାମରେ ବୁଲୁଛନ୍ତି ବୋଲି ଜନସାଧାରଣରେ ଅଭିଯୋଗ ହେଉଛି । ଏପରି କି ସେମାନେ ବିଲରେ ଚାଷ ମଧ ନଷ୍ଟ କରୁଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି । ଏଭଳି ପରିସ୍ଥିତିରେ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଏ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହେଉଛି । ଏ ସମ୍ପର୍କରେ ସିନାପାଲି ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରେମଲାଲ ନାଏକଙ୍କୁ ପଚାରିବାରୁ ଏହା ଉପରେ ଆଲୋଚନା କରାଯାଇଛି ।



ରାସ୍ତାରେ ଗୋରୁ ଶୋଇ ରହିଛନ୍ତି ।







ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ) । କ୍ରୀଡ଼ା ପ୍ରତିଯୋଗିତାରେ ଜଣେ ଛାତ୍ରୀ ଖେଳ ପ୍ରଦର୍ଶନ କରୁଛନ୍ତି ।

### ଶିଶୁ ସଂସ୍ଥାରେ କ୍ରୀଡ଼ା ପ୍ରତିଯୋଗିତା
# ଶିଶୁଙ୍କ ମୁହଁରେ ହସ ଫୁଟାଇବା ଲକ୍ଷ୍ୟ ରହୁ

**ନୂଆପଡା ଅଫିସ, ୧୩।୧୦**

**ହୋସଲା ୨୦୧୯**

ଶିଶୁମାନେ କଅଁଳ କଢ। ଏମାନଙ୍କ ମଧ୍ୟରେ ବହୁ ଅନ୍ତର୍ନିହିତ ଗୁଣ ରହିଛି । ସେସବୁକୁ ବାହାର କରି ଲୋକ ଲୋଚନକୁ ଆଣିବାକୁ ହେବ । ଶିଶୁଙ୍କ ମୁହଁରେ ହସ ଫୁଟାଇବା ଆମ ଶିକ୍ଷାର ଲକ୍ଷ୍ୟ ରହୁ ବୋଲି ବକ୍ତାମାନେ କହିଥିଲେ। ନୂଆପଡ଼ା ଜିଲା ଖଡିଆଳ ସହରସ୍ଥିତ କାରୁଣ୍ୟ ବାଳ ନିକେତନରେ ଆୟୋଜିତ ହୋସଲା ୨୦୧୯ କ୍ରୀଡା ପ୍ରତିଯୋଗିତାରେ ଯୋଗଦେଇ ଅତିଥିମାନେ ଏହା କହିଥିଲେ। ରବିବାର ପୂର୍ବାହ୍ନରେ କାର୍ଯ୍ୟକ୍ରମକୁ ସ୍ଥାନୀୟ ତହସିଲଦାର ସିନ୍ଧୁସୁତା ପାତ୍ର ଶୁଭାରମ୍ଭ କରିଥିବାବେଳେ ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ସାମାଜିକ କର୍ମୀ ମହେନ୍ଦ୍ର କୁମାର ଯୋଷୀ, ସ୍ଥାନୀୟ ବିଷପ, ମସି ଚରଣ ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜଲାପାଳ ଶିଶୁମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବାବେଳେ ଏଭଳି କଅଁଳ କଢିକୁ ଠିକ ଭାବରେ ଗଢିତୋଳିବାକୁ ପରାମର୍ଶ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲାର ୪ଟି ଭିନ୍ନ ଭିନ୍ନ ଶିଶୁ ପ୍ରଯତ୍ନ କେନ୍ଦ୍ରର ଶତାଧିକ ଶିଶୁ ପ୍ରତିଭା ଯୋଗଦେଇଥିଲେ। ସମସ୍ତଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଏଥିର କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରରେ ହେବାକୁ ଥିବା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବାର ସୂଚନା ରହିଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଖେଳରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ଶିଶୁ ସୁରକ୍ଷା ବିଭାଗ, ପ୍ରଯତ୍ନ କେନ୍ଦ୍ରଗୁଡିକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

### ସୁନାଦେଈ ଯାତ୍ରାରେ ମିଲେଟ ମିଶନ
# ମାଣ୍ଡିଆ ଲଡୁ ଗ୍ରାହକଙ୍କ ମନ ପସନ୍ଦ

**ନୂଆପଡା ଅଫିସ,୧୩।୧୦**

ରବିବାର ସୁନାବେଡାର ସୁନାଦେଈ ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିବାବେଳେ ଏଠିକାର ବଜାର ମୁଖ୍ୟ ଆକର୍ଷଣ ଥିଲା । ଏଥିରେ ପୁଣି ପ୍ରଶାସନ ପକ୍ଷରୁ ପ୍ରୋତ୍ସାହିତ କରାଯାଇଥିବା ମିଲେଟ ମିଶନର ଖାଦ୍ୟ ଷ୍ଟଲ ସମସ୍ତଙ୍କ ମନ କିଣିନେଇଥିଲା । ମେଳାର ମୁଖ୍ୟ ଛକରେ ମିଶନ ତରଫରୁ ସ୍ୱଂୟ ସହାୟକ ଦଳର ମହିଳାମାନେ ଫୁଡ ଷ୍ଟଲ ବସାଇଥିଲେ । ଏଥିରେ ମାଣ୍ଡିଆ ତିଆରି ଲଡୁ, ଚା, ଜିଲେପି ଗ୍ରାହକଙ୍କ ମନପସନ୍ଦ ଥିଲା । ଏହି ଷ୍ଟଲକୁ ସ୍ୱେଚ୍ଛାସେବୀ ସଂଗଠନ ୱାସନର କର୍ମକର୍ତ୍ତା ପରିଚାଳନା କରିଥିବାବେଳେ ଜିଲା କୃଷି ବିଭାଗ ତରଫରୁ ସହକାରୀ କୃଷି ଅଧିକାରୀ ହିମାଂଶୁ ଶେଖର ମହାପାତ୍ର ପ୍ରତ୍ୟକ୍ଷ ଭାବେ ସାମିଲ ରହି ପ୍ରୋତ୍ସାହିତ କରିଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ମିଲେଟ ମିଶନ ଜରିଆରେ ନୂଆପଡା ଜିଲାରେ ପୁଷ୍ଟିକର ମାଣ୍ଡିଆ, ଗୁର୍ଜୀ ଆଦି ଶସ୍ୟ ଉତ୍ପାଦନ ଏବଂ ବିକ୍ରି ଉପରେ ଗୁରୁତ୍ୱ ଦେଇଛନ୍ତି । ଏହିକ୍ରମରେ ଏହି ବର୍ଷ ଜିଲା କୃଷି ବିଭାଗ ଜିଲାରେ ୧୨ଶହ ଚାଷୀଙ୍କୁ ମିଲେଟ ମିଶନରେ ଚାଷ କରିବାକୁ ବିହନ ଆଦି ଯୋଗାଇ ଦିଆଯାଇଛି । ଚାଷୀଙ୍କୁ ଉଚିତ ଦର ଦେବାକୁ ମଣ୍ଡିଜରିଆରେ କିଣାଯିବ ବୋଲି ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି ।





ମିଲେଟ ମିଶନର ଖାଦ୍ୟ ଷ୍ଟଲରେ ଗ୍ରାହକମାନେ ବିଭିନ୍ନ ଖାଦ୍ୟ ସାମଗ୍ରୀ କିଣୁଛନ୍ତି ।

## ଆରଜିଏଚ୍ ପରିଦର୍ଶନ କଲେ ୫ଟି ସଚିବ

**ରାଉରକେଲା ଅଫିସ,୧୩। ୧୦**

ରାଉରକେଲା ସରକାରୀ ଡାକ୍ତଖାନା (ଆର୍‌ଜିଏଚ୍)କୁ ରବିବାର ରାଜ୍ୟ ସରକାରଙ୍କ ୫ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ ପରିଦର୍ଶନ କରିଛନ୍ତି। ରୋଗୀଙ୍କୁ ଖାଦ୍ୟ ପାନୀୟ ଠିକ୍ ଭାବେ ପ୍ରଦାନ କରିବାକୁ ସେ କଡା ତାଗିଦ କରିଛନ୍ତି। ଏହି ଅବସରରେ ସେ ବିଭାଗୀୟ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଏଠାକାର ଶଯ୍ୟା, ଖାଦ୍ୟ, ପାନୀୟ ଓ ବିଭିନ୍ନ ଡାକ୍ତରୀ ସୁବିଧା ନେଇ ମଧ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଆରଜିଏଚ ପରିସରରେ ରହିଥିବା ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ରୋଗୀଙ୍କୁ ପଚାରି ଚିକିତ୍ସା ସୁବିଧା ସମ୍ପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଡାକ୍ତର ଓ କର୍ମଚାରୀ ଅଭାବ ନେଇ ବିଭାଗୀୟ ଅଧିକାରୀଙ୍କ ସହ ମତ ବିନିମୟ କରିଥିଲେ। ଡାକ୍ତରଖାନାରେ ସମସ୍ତ ପରୀକ୍ଷା ନିରୀକ୍ଷା ହେଉଛି ନା ନାହିଁ, ଔଷଧ ଦିଆଯାଉଛି ନା ନାହିଁ ଡାକ୍ତର ଠିକ୍ ସମୟରେ ଭିଜିଟ କରୁଛନ୍ତି ନା ନାହିଁ ଆଦି ନେଇ ପାଣ୍ଡିଆନ ଟିକ୍‌ନିଖି ପଚାରି ବୁଝିଥିଲେ।

# ମା' ଡୋକରୀ ଦେବୀଙ୍କ ଝାମୁଯାତ୍ରା

**ଜୁନାଗଡ/ଦାସିଗାଁ, ୧୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମରେ ମା' ଡୋକରୀ ଦେବୀଙ୍କ ଝାମୁଯାତ୍ରା ରବିବାର ଶାନ୍ତିଶୃଙ୍ଖଳା ସହ ପାଳିତ ହୋଇଯାଇଛି। ପ୍ରତିବର୍ଷଭଳି ଚଳିତବର୍ଷ ମଧ କର୍ଲାପାଟରୁ ମାଳ ଅଣାଯିବା ପରେ ସ୍ଥାନୀୟ ଡୋକରୀପୀଠରେ ପୂଜାର୍ଚ୍ଚନା କରାଯାଇ ଝାମୁଯାତ୍ରା ଆରମ୍ଭ କରାଯାଇଥିଲା। ଅପରାହ୍ନରେ ପୀଠ ପରିସରରେ କରାଯାଇଥିବା ନିଆଁରେ ମା' ଡୋକରୀ ଦେବୀ ଓ ବୁଢାରଜା ବେଶରେ କାଳିଶି ଚାଲିବା ଏଠାରେ ମୁଖ୍ୟ ଆକର୍ଷଣ ରହିଥିଲା। ତାଙ୍କ ସହ ପୂଜକ ମଧ ନିଆଁରେ ଚାଲିଥିଲେ। ଏହି ଝାମୁଯାତ୍ରାରେ ମା' ଡୋକରୀ ଦେବୀଙ୍କ କାଳଶି ବେଶରେ ଶଙ୍କର ପୂଝାରୀ ଓ ବୁଢାରଜା ଭାବେ ଅଭିରାମ ବାଗ ପୂଜା ପାଇଥିଲେ। ପ୍ରତିବର୍ଷ ଏଠାରେ ଆଶା ଓ ବିଶ୍ୱାସରେ ମା' ଡୋକରୀଙ୍କ ଝାମୁଯାତ୍ରା ଚାଲିଛି। ଝାମୁଯାତ୍ରା ଦେଖିବା ପାଇଁ ଅଞ୍ଚଳର ହଜାର ହଜାର ଲୋକଙ୍କ ଜନସମାଗମ ହୋଇଥିଲା। ସେହିପରି ପୂଜାରେ ମୁଖ୍ୟ ପୂଜକ ଭାବେ କମଳା କାନ୍ତ ଓ ପ୍ରମୋଦ ପୂଝାରୀ ଦାୟିତ୍ୱ ନେଇଥିଲେ। ଝାମୁଯାତ୍ରା କମିଟି ସଭାପତି ଭାବେ ଦିଲୀପ ଗୁରୁ, ଉପସଭାପତି ଶୟନ ମାଝି, ସମ୍ପାଦକ ଦୁଷ୍ମନ୍ତ ଠେଲା ଓ କୋଷାଧ୍ୟକ୍ଷ ଜଗତ ମୋହନ ବାଗ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଝାମୁଯାତ୍ରା ଅବସରରେ ରାତିରେ ମେଲୋଡି, ସାମାଜିକ ନାଟକ ଓ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହେବ ।



ଝାମୁଯାତ୍ରାରେ ମା' ଡୋକରୀ ଓ ବୁଢାରଜାଙ୍କ କାଳିଶି ନିଆଁରେ ଚାଲୁଛନ୍ତି ।

### ଆଜିଠାରୁ ହାତୀବନ୍ଧାରେ ୪୪ତମ ଗଜଲକ୍ଷ୍ମୀ ପୂଜା
# ଓଡ଼ିଆ ସିନେଷ୍ଟାରଙ୍କ ଡ୍ୟାନ୍ସ ମୁଖ୍ୟ ଆକର୍ଷଣ

**ସିନାପାଲି,୧୩।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ଏହା ଚଳିତବର୍ଷ ୪୪ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ହାତିବନ୍ଧା ଚଳଞ୍ଚଳ ହୋଇଉଠିଛି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ମା' ଗଜଲକ୍ଷ୍ମୀଙ୍କର ପୂଜା ମହାହର୍ଷଉଲ୍ଲାସରେ ପାଳିତ ହେଉଛି। ଏହି ଅବସରରେ ଶନିବାର ଗ୍ରାମର ଶତାଧିକ ମହିଳା କଳସଯାତ୍ରାରେ ବାହାରି ପାଖ ଯମୁନା ସାଗରରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସମ୍ପୂର୍ଣ୍ଣ ବିଧି ଅନୁସାରେ ପୂଜା ଚାଲିଛି। ପ୍ରତ୍ୟେକ ସକାଳ ଓ ସନ୍ଧ୍ୟାରେ ମା'ଙ୍କ ଆଳତି ହେଉଛି। ଏଥିରେ ଗ୍ରାମର ସମସ୍ତେ ଉପସ୍ଥିତ ରହି ମା'ଙ୍କ କୃପା ଭିକ୍ଷା କରୁଛନ୍ତି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁଉଚ୍ଚ ତୋରଣ ସାଙ୍ଗକୁ ବିଭିନ୍ନ ଆଲୋକମାଳାରେ ସଜାଯାଇଛି ।



ମହିଳାମାନଙ୍କ କଳସଯାତ୍ରା ପୂର୍ବରୁ ପୂଜାକାର୍ଯ୍ୟ ଚାଲିଛି।

ପ୍ରତିଦିନ ପୂରାଣ ପାଠ, ଭଜନ ସନ୍ଧ୍ୟା, ଘଣ୍ଟବାଦ୍ୟ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା କାର୍ଯ୍ୟକ୍ରମ ଥିବା ବେଳେ ଡ୍ୟାନ୍ସ ଧମାକା ମୁଖ୍ୟ ଆକର୍ଷଣ ରହିଛି। ଓଡିଆ ସିନେ ତାରକା ସୁମନ ପ୍ରିୟା, ଶତାବ୍ଦୀ, ପ୍ରିୟଦର୍ଶନୀ, ବିଷ୍ଣୁ ପ୍ରମୁଖ ଆସନ୍ତା ୧୫ ତାରିଖରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପରିକ୍ଷିତ ମେହେର ଓ ଚମ୍ପାବତୀ ମେହେର କର୍ତ୍ତା ଦାୟିତ୍ୱରେ ଥିବା ବେଳେ ପୂଜକ ଭାବେ ପୀତାମ୍ବର ଦାୟିତ୍ୱ ତୁଲାଉଛନ୍ତି। ପୂଜା ପାଇଁ ପରିଚାଳନା କମିଟି ଗଠନ କରାଯାଇଛି। କମିଟିରେ ସଭାପତି ଭାବେ ସୁରେଶ୍ୱର ମେହେର, ଉପସଭାପତି ଡୋଲାମଣି ମେହେର, ସମ୍ପାଦକ ଯୌବନ ମେହେର, ଯୁଗ୍ମ ସମ୍ପାଦକ ଲଛମନ ମେହେର, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ମେହେର ଓ ସଭ୍ୟ ଭାବେ ଟାର୍ଜନ ମେହେର, ଈଶ୍ୱର ମେହେର, ଛବି ମେହେର, ମହେଶ ମେହେର, ଭୀଷ୍ମ ମେହେର, ଗୁରୁବାରୁ ମେହେର, କ୍ଷିରସିନ୍ଧୁ ମେହେର, କେଶବ ମେହେର, ଦେବମାଧବ ମେହେର, ବବ୍ରୁବାହାନ ମେହେର, ସୁବ୍ରତ ମେହେର, ମନୋଜ ମେହେର ପ୍ରମୁଖ ସହଯୋଗ କରୁଛନ୍ତି। ଆସନ୍ତା ୧୮ ତାରିଖରେ ପୂଜା ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ ପ୍ରକାଶ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୪ ଅକ୍ଟୋବର, ୨୦୧୯



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ବଜ୍ରପାତରେ ବାପ ମୃତ, ପୁଅ ଗୁରୁତର

**ଭବାନୀପାଟଣା,୧୩।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଡୁମେର ପଦର ପଞ୍ଚାୟତ ସାନଦେର୍ଲା ଗାଁରେ ଗତ ଶୁକ୍ରବାର ବଜ୍ରପାତରେ ବାପା ଧନମଣି ନାଏକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ୪ ବର୍ଷର ପୁଅ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ଭବାନୀପାଟଣାଠାରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ଧନମଣି ଓ ତାଙ୍କ ୪ ବର୍ଷର ପୁଅ ଚାଷଜମିରେ ଛିଡାହୋଇଥିବା ବେଳେ ଶୁକ୍ରବାର ଅପରାହ୍ନ ସାଢେ ୩ଟାରେ ବଜ୍ରପାତ ଘଟିଥିଲା। ବଜ୍ରଘାତରେ ଘଟଣାସ୍ଥଳରେ ଧନମଣିଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅଙ୍କୁ ଗୁରୁତର ଅବସ୍ଥାରେ ଥୁ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଛି। ଧନମଣି ଜଣେ ଗରିବ ପରିବାରର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।

### ନାବାଳିକାଙ୍କୁ ଅପହରଣ, ଅଭିଯୁକ୍ତ ଗିରଫ

**ଭବାନୀପାଟଣା/କେସିଙ୍ଗା,୧୩।୧୦ (ଡି.ଏନ.ଏ.)-** ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗରେ କେସିଙ୍ଗା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗତ ୧୧ ତାରିଖରେ କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲା ବାଲସି ପଞ୍ଚାୟତ ରେଙ୍ଗାଲୀ ଗାଁର ଦେବରାଜ ସାହୁ (୩୮)। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦେବରାଜଙ୍କୁ ଜେଲ ହାତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ ଦେବରାଜ ବିବାହିତ ଥିବା ସତ୍ତ୍ୱେ ଉକ୍ତ ଥାନାଞ୍ଚଳର ନିଜ ସମ୍ପର୍କୀୟ ଜଣେ ନାବାଳିକାଙ୍କୁ କିଛି ଦିନ ତଳେ ଅପହରଣ କରି ଫେରାର ହୋଇଥିବା ଅଭିଯୋଗ ହୋଇଥିଲା। ଝିଅ ସହ ସେ ଭବାନୀପାଟଣାର ଏକ ଘରେ ରହୁଥିଲେ। ଏ ନେଇ ଦେବରାଜଙ୍କ ସ୍ତ୍ରୀ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗତ ୧୦ ତାରିଖରେ ଝିଅ ସହ ଦେବରାଜ ନିଜ ଗାଁକୁ ଆସିଥିଲେ। ପୋଲିସ ଖବର ପାଇ ସେମାନଙ୍କୁ ଧରି ଥାନାକୁ ଅଣିଥିଲା। ଜଣେ ବିବାହିତ ପୁରୁଷ ହୋଇ ଜଣେ ନାବାଳିକାଙ୍କୁ ଅପହରଣ କରିବା ସହ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଗିରଫ କରି ଗତ ୧୧ ତାରିଖ କୋର୍ଟଚାଲାଣ କରିଛି।



### ଟ୍ରେନ୍‌ରୁ ମହିଳା ଚୋରଙ୍କୁ ଧରିଲା ଆରପିଏଫ୍

**କେସିଙ୍ଗା,୧୩।୧୦ (ଡି.ଏନ.ଏ.)-** ରାୟଗଡାଠାରୁ ସମ୍ବଲପୁର ଅଭିମୁଖେ ଯାଉଥିବା ତପସ୍ୱିନୀ ଟ୍ରେନ ନଂ. ୧୮୩୦୨ରୁ କେସିଙ୍ଗା ଷ୍ଟେଶନରେ ଜଣେ ମହିଳାଙ୍କ ଭେଣ୍ଟି ବ୍ୟାଗ ଚୋରି କରି ପଳାଉଥିବା ବେଳେ ରବିବାର ଅପରାହ୍ନ ୪ଟା ୪୦ ମିନିଟରେ ଆରପିଏଫ ଦ୍ୱାରା ଜଣେ ମହିଳା ଚୋର ଧରାପଡିଛନ୍ତି। କେସିଙ୍ଗା ଷ୍ଟେଶନରେ ତପସ୍ୱିନୀ ଟ୍ରେନ ପହଞ୍ଚି ଅଟକିଥିଲା। ଏହି ସମୟରେ ଜଣେ ମହିଳାଙ୍କ ଭେଣ୍ଟିବ୍ୟାଗକୁ ଚୋରି କରି ପଳାଉଥିବା ସମୟରେ ଆରପିଏଫ କନେଷ୍ଟେବଲ ଶୋଭାକର ପୁଟେଲଙ୍କ ହାବୁଡରେ ଧରାପଡିଥିଲେ । ପରେ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରି ଟିଟିଲାଗଡ ଆରପିଏଫକୁ ହସ୍ତାନ୍ତର କରାଯାଇଛି । ମହିଳା ଚୋରଙ୍କଠୁ ୨ଟି ସୁନା ଚୁଡି, ୩ଟି ମୁଦି, ୨ ହଳ କାନଫୁଲ ଏବଂ ଗୋଟିଏ ହାର ଜବତ କରାଯାଇଛି । ମହିଳା ଚୋରଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି । ଚୋରି ସମ୍ପର୍କରେ ଖବର ଲେଖିବା ସମୟ ଯାଏ ଅଭିଯୋଗ ହୋଇ ନ ଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ଟିଟିଲାଗଡ ଆରପିଏଫ ଓ ଆଣସି ଏମଏସ କୁମାୱତଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଥିଲେ ।

### ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା

# ବିନା ଗୃହରେ ଚାଲିଛି ୫୭୬ ଅଙ୍ଗନୱାଡି କେନ୍ଦ୍ର

**ଭବାନୀପାଟଣା,୧୩।୧୦ (ସ୍ୱ.ପ୍ର.)**



ଗୋଲାମୁଣ୍ଡା ବ୍ଲକ ବାଗବୋରି ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଗଛମୂଳେ ଚାଲିଛି।

**କଳାହାଣ୍ଡି ଜିଲା**
- ସରକାରୀ ଅବହେଳା ସାଙ୍ଗକୁ ପ୍ରଶାସନିକ ଉଦାସୀନତା

କଳାହାଣ୍ଡି ଜିଲାରେ ସମ୍ୱନିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେବାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଶିଶୁଙ୍କ ସୁରକ୍ଷା ଦିଗରେ ବିଶେଷ ଧ୍ୟାନ ଦିଆଯାଉନାହିଁ। ଜିଲାରେ ୨୨୫୮ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ପ୍ରାୟ ୨୫ % କେନ୍ଦ୍ରର ନିଜସ୍ୱ ଗୃହନାହିଁ। କେଉଁଠି ପରିତ୍ୟକ୍ତ ସ୍କୁଲ କୋଠରୀର ତ, ଆଉ କେଉଁଠି ଗ୍ରାମର କ୍ଲବ, କମ୍ୟୁନିଟି ଘରେ, କେଉଁଠି ଭଡା ଘରେ ଓ କେତେକ ସ୍ଥାନରେ ସହାୟିକା ଘରେ, ଗଛ ମୂଳେ ଚାଲିଛି । ଫଳରେ ପ୍ରାକ ବିଦ୍ୟାଳୟ ଶିଶୁଙ୍କ ଭବିଷ୍ୟତ ଗଠନ ସହିତ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ ନେଇ କାର୍ଯ୍ୟ କରୁଥିବା ଉକ୍ତ ଯୋଜନା ବାଟବଣା ହେବାରେ ଲାଗିଛି। ଗତ କିଛି ବର୍ଷ ତଳେ ନୟାଗଡ ଜିଲା ରଣପୁର ଅଞ୍ଚଳରେ ଏକ ଅଙ୍ଗନୱାଡି କେନ୍ଦ୍ରର କାନ୍ଥ ଭୁଶୁଡି ୭ଜଣ ନିରୀହ ଶିଶୁଙ୍କ ଜୀବନ ଯାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ଯୋଜନା ପକ୍ଷରୁ ଆରମ୍ଭ ହୋଇଥିଲା ସର୍ଭେ ପ୍ରକ୍ରିୟା। ଏହାପରେ ବି ଅବସ୍ଥାରେ କୌଣସି ସୁଧାର ଆସିନାହିଁ। ଯାହାକୁ ନେଇଁ ସାଧାରଣରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜି ବି ଅନେକ କେନ୍ଦ୍ରର ନିଜସ୍ୱଗୃହ ନ ଥିବାରୁ କେତେକ ସ୍ଥାନରେ ବିପଦସଙ୍କୁଳ ଭାବେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିବା ଜଣାପଡିଛି।

ଜିଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ମୋଟ ୨୨୫୮ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୬୮୨ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ଥିବାବେଳେ ୫୭୬ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହନାହିଁ। ଗୃହ ନ ଥିବା ୫୭୬ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ଏବେ ୯୭ଟି ସ୍କୁଲରେ, ୩୯୫ଟି ଭଡାଘରେ ଓ ୮୪ଟି କମ୍ୟୁନିଟି ହଲ, କ୍ଲବ ତଥା ଅନ୍ୟ ସ୍ଥାନରେ ଚାଲିଛି। ଫଳରେ ସେଠାରେ କିପରି କାର୍ଯ୍ୟ ହେଉଥିବ ଏଥିରୁ ସହଜେ ଅନୁମେୟ।

ସେହିପରି କେତେକ ସ୍ଥାନରେ ଦୀର୍ଘ ବର୍ଷ ହେବ ଅଙ୍ଗନୱାଡି କେନ୍ଦ୍ରର ଗୃହଗୁଡିକ ନିର୍ମାଣ ହୋଇ ଅଧାପନ୍ତରିଆରେ ମଧ ରହିଥିବା ଦେଖିବାକୁ ମିଳିଛି। ଜିଲାର ଗୋଲାମୁଣ୍ଡା ବ୍ଲକ ନୂଆଗାଁ ପଞ୍ଚାୟତ ବାଗବୋରି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଥିଲେ ମଧ ଗୃହ ନ ଥିବାରୁ ଏବେ କେନ୍ଦ୍ର ଏକ ଗଛ ମୂଳେ ଚାଲିଥିବା ଦେଖିବାକୁ ମିଳିଛି। ଫଳରେ କେନ୍ଦ୍ରରେ ପାଠପଢୁଥିବା କୋମଳମତି ଶିଶୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଶିଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବିହୋଇଛି। ଏ ନେଇ କଳାହାଣ୍ଡି ଜିଲାପାଳ ଡଃ ପରାଗ ହର୍ଷଦ ଗାଭାଲିଙ୍କୁ ପଚାରିବାରୁ ନୂଆ କୋଠା ପାଇଁ ପ୍ରତି ବର୍ଷ ଅନୁଦାନ ଦିଆଯାଉଛି। ଯେଉଁ କେନ୍ଦ୍ରର କୋଠା ନାହିଁ ତାହା ଭଡାଘରେ ଚାଲିଛି। ଏହାବ୍ୟତିତ ଯଦି କୌଣସି ସ୍ଥାନରେ କେନ୍ଦ୍ର ଅସୁବିଧାରେ ଚାଲିଥାଏ ତାହା ହେଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

**ରିପୋର୍ଟ: ଉତ୍ତମ କୁମାର ଦାଶ**

### ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ

# ଆଗାମୀ ବିଧାନସଭାରେ ଧାରଣା ଦେବାକୁ ଚେତବାନୀ

- ମାସକୁ ୧୦୦୦ ଟଙ୍କା ପ୍ରଦାନକୁ ନେଇ ଅସନ୍ତୋଷ

**ଭବାନୀପାଟଣା,୧୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ୪ର୍ଥ ଶ୍ରେଣୀ ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ ଏକ ବୈଠକ ଖଇରପଦର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଲଳିତ ପାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା କୋଷାଧକ୍ଷ ନବୀନ ଥାପା, ଜୁନାଗଡ ବ୍ଲକ ସଭାପତି ହରପ୍ରସାଦ ମାଝି, ପୂର୍ବତନ ସଭାପତି ପୀତାମ୍ବର ନାଏକ, ସମ୍ପାଦକ ଭକ୍ତରାମ ଗୋପାଳ, କୋଷାଧକ୍ଷ ଅଶ୍ୱିନ ମାଝି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏମାନଙ୍କୁ ଦୈନିକ ମାତ୍ର ୩୩ ଟଙ୍କା ପାରିଶ୍ରମିକ ଦିଆଯାଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମାସକୁ ମାତ୍ର ୧୦୦୦ ଟଙ୍କା ଅର୍ଥାତ ଦିନକୁ ମାତ୍ର ୩୩ ଟଙ୍କା ଦିଆଯାଉଛି। ପଞ୍ଚାୟତ ଅଫିସ୍‌କୁ ରାତିରେ ଜଗିବା, ସକାଳେ ଅଫିସ୍ ଖୋଲିବା ଆଗରୁ ଝାଡୁ କରିବା, ପଞ୍ଚାୟତର ଚିଠିପତ୍ର ନେବାଆଣିବା, ପଡିଏସ୍ ବଣ୍ଟନରେ ଶ୍ରମିକ ଭଳି ଖଟାଇବା ଇତ୍ୟାଦି ଅନେକ କାମରେ ଏମାନେ ନିୟୋଜିତ ହୋଇଥାନ୍ତି। ପଞ୍ଚାୟତରେ ଯୋଗାଣ ସହାୟକଙ୍କୁ ୬ ହଜାର ଓ ଜିଆର୍‌ଏସମାନଙ୍କୁ ମାସିକ ୭ ହଜାର ଟଙ୍କା ପାରିଶ୍ରମିକ ଦିଆଯାଉଛି। ହେଲେ ସରକାର ଏହି ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଆଖି ବୁଜି ଦେଇଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସରକାର ଏମାନଙ୍କ ଦାବିଗୁଡିକ ନ ମାନିଲେ ଆଗାମୀ ବିଧାନସଭା ଅଧରବେଶନରେ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତବାନୀ ଦିଆଯାଇଛି।




୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ।



ପୂଜା ମଣ୍ଡପରେ ଶୋଭା ପାଉଥିବା ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ।

# ରିଷିଡ଼ାରେ ଗଜଲକ୍ଷ୍ମୀ ପୂଜା

**ରିଷିଡା,୧୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡା ସଲଣ୍ଡିଆମୁଣ୍ଡାଠାରେ ରବିବାର ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ପ୍ରତିବର୍ଷ ଭଳି ଏଠାରେ ଗଜଲକ୍ଷ୍ମୀ ପୂଜା ସମାରୋହରେ ପାଳିତ ହେଉଅଛି । ଚଳିତବର୍ଷ ଆୟୋଜକ କମିଟି ସଭାପତି ଭାବେ ବାବୁଲିଚରଣ ପରିଡା ଓ ସମ୍ପାଦକ ଭାବେ ନରୋତ୍ତମ ସେଲମା, ଉପସଭାପତି ହେମନ୍ତ ଭୋଇ, ସହସମ୍ପାଦକ ଭାବେ ରଞ୍ଜନ ନାଏକ ପରିଚାଳନା କରୁଛନ୍ତି । ପୂଜା କର୍ତ୍ତା ଭାବେ ବାସୁଦେବ ସେଲମା ଓ ଲକ୍ଷ୍ମୀପ୍ରିୟା ସେଲମା ଦାୟିତ୍ୱରେ ରହିଥିବା ବେଳେ ଲୋଚନ ଭୋଇ, ହୃଷିକେଶ ଭୋଇ, ଅକ୍ରୁର ବାଗ, ପାର୍ଥ ସାହୁ, ଶୁଭ୍ରାଂଶୁ ସେଲମା ପ୍ରମୁଖ ସହାୟତା କରୁଛନ୍ତି। ଗତ ଶନିବାର ସନ୍ଧ୍ୟାରେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ହୋଇଥିଲା। ରବିବାର ରାତ୍ରିରେ ମ.ରାମପୁରର ଭୀମଭୋଇ ଦିବ୍ୟାଙ୍ଗ ପ୍ରତିଷ୍ଠାନର ଭୈରବୀ ଭଜନ ସନ୍ଧ୍ୟା ଏବଂ ସୋମବାର ରାତ୍ରିରେ ଡ୍ୟାନ୍ସ ଧମାକା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଗଜଲକ୍ଷ୍ମୀ ପୂଜାରେ ପୂଜକ ରୁଦ୍ରଦେବ ଦାଶ ରହିଛନ୍ତି ।

### ରୁପ୍ରାରୋଡରେ କଲେଜ ଖୋଲିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

**ଭବାନୀପାଟଣା, ୧୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋରେ ସମସ୍ତ ଭିତ୍ତିଭୂମି ଥିଲେ ମଧ ଏଯାଏ କଲେଜ ସ୍ଥାପନ ହୋଇ ନ ଥିବାରୁ ଅଞ୍ଚଳର ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏଠାରେ କଲେଜ ସ୍ଥାପନ ହେଲେ ରୁପ୍ରାରୋଡ, ସରିଆ, ରାକ୍ସି, ଗୁଣ୍ଡୁରି, ଉଲିକୁପା, ଭିମକେଲା, ଲାଖପଦର, ମୁରସିଗ, ସୁରପଦର, ବରଗା, ବିଲାଟ, ଲାଖଗୁଡା, ଅସୁରଗଡ, ବୁଡିପଦର, କରମେ, ଚିଆପଦର, ଖାଇରୁଆ ଅଞ୍ଚଳର ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ଏଠାରେ କଲେଜ ଖୋଲିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ବିଭାଗୀୟ ମନ୍ତ୍ରୀ ତଥା ପ୍ରଶାସନଠାରେ ଦାବି ହୋଇ ଆସୁଥିଲେ ବି ସୁଫଳ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ସାମାଜିକ କର୍ମୀ ସାଧୁରାମ ଅଗ୍ରୱାଲ ରୁପ୍ରାରୋଡରେ ଏକ କଲେଜ ଖୋଲିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଦେଇଛନ୍ତି। ଏହାର ନକଲ ଓଡିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗଣଶିକ୍ଷା ମନ୍ତ୍ରୀ, ଏମ୍‌ପି ବସନ୍ତ ପଣ୍ଡାଙ୍କୁ ମଧ ଡାକ ଯୋଗେ ପ୍ରେରଣ କରିଛନ୍ତି ।

### ବ୍ୟାଙ୍କ ଶାଖା ପ୍ରବନ୍ଧକଙ୍କୁ ମାରପିଟ୍ ଘଟଣା

# ୨ କୋର୍ଟ ଚାଲାଣ, ଜଣେ ଫେରାର

**ଭବାନୀପାଟଣା/କେସିଙ୍ଗା, ୧୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଉତ୍କେଲା ଏସ୍‌ବିଆଇ ଶାଖା ପ୍ରବନ୍ଧକଙ୍କୁ ଉତ୍କେଲାର ୩ ଜଣ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ କରିଥିବା ନେଇ କେସିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଉତ୍କେଲାର ଧନଞ୍ଜୟ ନାଗ ଓ ଟଙ୍କଧର ସା। ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ସୂଚନାମତେ, ଗତ ୩ ତାରିଖ ଅପରାହ୍ନ ପ୍ରାୟ ୩ଟା ୩୦ ମିନିଟ୍‌ରେ ଉତ୍କେଲାର ଧନଞ୍ଜୟ ଓ ଅନ୍ୟ ୨ ଯୁବକ ମଦ୍ୟପ ଅବସ୍ଥାରେ ବ୍ୟାଙ୍କ ଭିତରକୁ ଆସି ଦୁର୍ଗାପୂଜାର ଚାନ୍ଦା ଦେବାକୁ ଦାବି କରିଥିଲେ। ବ୍ୟାଙ୍କରେ ଗ୍ରାହକଙ୍କ ଭିଡ ରହିଥିବାରୁ ଶୀଘ୍ର କାମ ସାରି କେଶ୍ କାଉଣ୍ଟର ବନ୍ଦ କରିବାକୁ ମ୍ୟାନେଜର କେଶ୍ କାଉଣ୍ଟରର କର୍ମଚାରୀଙ୍କୁ କହି ନିଜ ପ୍ରକୋଷ୍ଠକୁ ଯାଇଥିଲେ। ଏହି ସମୟ ଭିତରେ ସମ୍ପୃକ୍ତ ଯୁବକମାନେ ଶାଖା ପ୍ରବନ୍ଧକ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଗାଳିଗୁଲଜ କରିବା ସହ ସେ ବସିଥିବା ବ୍ୟାଙ୍କ ପ୍ରକୋଷ୍ଠ ଭିତରକୁ ଜୋର ଜବରଦସ୍ତ ପ୍ରବେଶ କରିଥିଲେ। ପ୍ରବନ୍ଧକଙ୍କ ଗଳା ଧରିବା ସହ ସାର୍ଟକୁ ଚିରିଦେଇଥିଲେ ଓ ଚାପୁଡା ମାରିଥିବା ଅଭିଯୋଗ ହୋଇଥିଲା। ସେହିପରି ଘଟଣା ସମ୍ପର୍କରେ ଯଦି ଥାନାରେ କେସ୍ କରିବେ ତେବେ ଜୀବନରେ ମାରିଦେବା ମଧ ସେମାନେ ଧମକ ଦେଇଥିଲେ ବୋଲି ପ୍ରବନ୍ଧକ ମହାନ୍ତି କେସିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶାଖା ପ୍ରବନ୍ଧକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଘଟଣା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମହାନ୍ତିଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ଉତ୍କେଲାର ଧନଞ୍ଜୟ ଓ ଅନ୍ୟ ୨ ଯୁବକଙ୍କ ବିରୋଧରେ ମାମଲା କରି ପୋଲିସ ତଦନ୍ତ ଚଳାଇଥିଲା। ଘଟଣାରେ ପୋଲିସ ମାମଲା ରୁଜୁ କରିଥିଲେ ମଧ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇ ନ ଥିବାରୁ ଗତ ଶନିବାର ବ୍ୟାଙ୍କ କାର୍ଯ୍ୟ ଅପରାହ୍ନ ୨ଟାରୁ ବନ୍ଦ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ନ କଲା ପର୍ଯ୍ୟନ୍ତ ବ୍ୟାଙ୍କ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗତ ବୁଧବାର ଓ ଗୁରୁବାର ବ୍ୟାଙ୍କ ବନ୍ଦ ରହିଥିବାରୁ ହିତାଧିକାରୀମାନେ ଅନେକ ଅସୁବିଧାର ସମ୍ମୁଖିନ ହୋଇଥିଲେ। ଏସ୍‌ବିଆଇର ଆଞ୍ଚଳିକ ପ୍ରବନ୍ଧକଙ୍କ ନେତୃତ୍ୱରେ ଜିଲାର ଏସ୍‌ବିଆଇ ଅଧିକାରୀମାନେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରାଇବା ସହ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। କଳାହାଣ୍ଡି ଅରକ୍ଷୀ ଅଧୀକ୍ଷକ ବି.ଗଙ୍ଗାଧରଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ପୋଲିସ ତତ୍ପରତା ଦେଖାଇ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ଅଶୋକ ମହାପାତ୍ର ଓ ଉତ୍କେଲା ଫାଣ୍ଡି ଅଧିକାରୀ ପ୍ରେମରାଜ କୁହଁରଙ୍କ ମିଳିତ ଆନୁକୂଲ୍ୟରେ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଧରି ଗତ ୧୧ ତାରିଖ ଗିରଫ କରିବା ସହ କୋର୍ଟଚାଲାଣ କରିଛି।

### ୩୯ ବର୍ଷରେ ବଡଡୁଙ୍ଗୁରୀଗୁଡ଼ା କୁମାରୋତ୍ସବ

# ମୁଖ୍ୟ ଆକର୍ଷଣ ସାଂସ୍କୃତିକ କାର୍ଯ୍ୟକ୍ରମ

**ରିଷିଡା,୧୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡା ଉପକଣ୍ଠ ବଡଡୁଙ୍ଗୁରିଗୁଡାରେ ରବିବାରଠାରୁ କୁମାରୋତ୍ସବ ଆରମ୍ଭ ହୋଇଛି। ଚଳିତବର୍ଷ ୩୯ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ଏହା ୩ ଦିନ ବ୍ୟାପି ଚାଲିବ। କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଚଳିତବର୍ଷ ଗଣେଶ ଓ କାର୍ତ୍ତିକଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଉଛି । ବିଭିନ୍ନ ରାତ୍ରରେ ଏଠାରେ ମିକଶ୍ଚର ରାମଲୀଳା, ମହିଳା ଦଣ୍ଡନୃତ୍ୟ ଓ ଡ୍ୟାନ୍ସ ଡ୍ୟାନ୍ସ ପ୍ରତିଯୋଗିତା ଆୟୋଜିତ ହେବ। ଆଖପାଖରେ କୁମାରୋତ୍ସବ ଅନୁଷ୍ଠିତ ହେଉ ନ ଥିବା ଯୋଗୁ ଏଠାରେ ପ୍ରବଳ ଗହଳି ହୋଇଥାଏ । ୧୯୮୧ରୁ ଗ୍ରାମର ଯୁଗୋଜ୍ୟୋତି ଯୁଥ କ୍ଲବ ସଦସ୍ୟ ସରୋଜ କୁମାର ମିଶ୍ର, ବ୍ରଜମୋହନ ବାରିକ, ବସନ୍ତ ଦେହୁରୀ, ଶ୍ୟାମସୁନ୍ଦର ଗହୀର, ଦିଲୀପ ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ଯୁବକ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ପ୍ରଥମ ଥର କୁମାରୋତ୍ସବ ଆୟୋଜନ କରାଯାଇଥିଲା । ଚଳିତବର୍ଷ ଆୟୋଜକ କମିଟି ସଭାପତି ବିବେକାନନ୍ଦ ମିଶ୍ର, ସମ୍ପାଦକ ପୀତାମ୍ବର ସାଙ୍କ ତତ୍ତ୍ୱାବଧାନରେ ପ୍ରହ୍ଲାଦ ପୁଟେଲ ସପତ୍ନୀକ କର୍ତ୍ତା ଦାୟିତ୍ୱରେ ଅଛନ୍ତି। ପୂଜକ ଦାୟିତ୍ୱରେ ଯଦୁମଣି ମିଶ୍ର କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ପୀତାମ୍ବର ମଟାଲି, ଶିବ ପୁଟେଲ, କୈଳାଶ ବାଗ, ତପନ ପୁଟେଲ, ରମେଶ ପ୍ରଧାନୀ, ସୁଧୀର ମିଶ୍ର, ଭକ୍ତ ପୁଟେଲ, ଦେବାଶିଷ ସେଠ ପ୍ରମୁଖ ସହାୟତା କରୁଛନ୍ତି । ପୂଜାକୁ ଆକର୍ଷଣ କରିବା ପାଇଁ ସାଜସଜ୍ଜା କରାଯାଉଛି । ଗହଳି ସମୟରେ ଶାନ୍ତିଶୃଙ୍ଖଳା ପ୍ରତି ଦୃଷ୍ଟି ଦିଆଯାଉଛି ବୋଲି ଗ୍ରାମବାସୀ ଜଗଦିଶ ଗହୀର କହିଛନ୍ତି । ଗ୍ରାମରେ ଅନୁଷ୍ଠିତ ହେଉଥିବା ପୂଜାରେ ସାମିଲ ହେବା ପାଇଁ ଭଲ ଲାଗେ । ଗ୍ରାମବାସୀ ଏକଜୁଟ ହୋଇ ପୂଜାରେ ସହଯୋଗ କରିଥାନ୍ତି ବୋଲି ଲକ୍ଷ୍ମଣ ଭୋଇ ବରିଷ୍ଠ ନାଗରିକ କହିଛନ୍ତି। ସମୀର ମିଶ୍ର କହିଛନ୍ତି ଯେ, ବର୍ଷକର ପୂଜା ସମୟକୁ ଅପେକ୍ଷା କରିଥାଏ। ପୂଜା ସମୟରେ ସାମିଲ ହେବାକୁ ଭଲ ଲାଗେ। ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି ଗ୍ରାମବାସୀ ପ୍ରଦୀପ ଗହୀର କହିଛନ୍ତି ।

# ସହାୟକଙ୍କ ଭରସାରେ ଚକ୍ଷୁ ରୋଗ ବିଭାଗ

**ଭବାନୀପାଟଣା,୧୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି । ଅନେକ ବିଶେଜ୍ଞ ପଦବୀ ଖାଲି ରହିଛି । ଗରିବ ଲୋକଙ୍କ ପାଇଁ ଏହି ଡାକ୍ତରଖାନା ଏକମାତ୍ର ସାହାଭରସା। ଡାକ୍ତରଖାନା ଉପରେ ଧର୍ମଗଡ ଉପଖଣ୍ଡ ସମେତ ପଡୋଶୀ ନବରଙ୍ଗପୁର ଜିଲାର ଚାନ୍ଦାହାଣ୍ଡି, ଝରିଗାଁ ବ୍ଲକ ସମେତ ପଡୋଶୀ ଛତିଶଗଡ ରାଜ୍ୟର ଦେଭୋଗ, ଗରିଆବନ୍ଦ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି । ଲୋକଙ୍କ ଆବଶ୍ୟକତାକୁ ଅନୁଭବ କରି ଗତ ୨୦୦୦ରେ ଚକ୍ଷୁ ବିଭାଗ ଖୋଲିବା ପାଇଁ ଅନୁମତି ଆସିବା ସହ ଏଠାରେ ବିଶ୍ୱ ବ୍ୟାଙ୍କ ସହାୟତାରେ ଇଡକୋ ଦ୍ୱାରା ଏକ ୧୦ ଶଯ୍ୟା ବିଶିଷ୍ଟ ଚକ୍ଷୁ ବିଭାଗ ନିର୍ମିତ ହୋଇଥିଲା । ସ୍ୱତନ୍ତ୍ର ଭାବେ ନିର୍ମିତ ଏହି କୋଠା ଅତ୍ୟାଧୁନିକ ଶୈଳିରେ ମଧ୍ୟ ନିର୍ମାଣ ହୋଇଥିଲା। ସେତେ ବେଳେ ଧର୍ମଗଡ ମୁଖ୍ୟ ଚିକିତ୍ସାଳୟ ପରିସରରେ ଏହି କୋଠା ହିଁ ଏକ ବଡ କୋଠାଥିଲା । ଚକ୍ଷୁ ରୋଗୀଙ୍କ ପାଇଁ ୧୦ ଶଯ୍ୟା ସହ ସ୍ୱତନ୍ତ୍ର ଅପରେସନ ଥିଏଟର (ଓଟି)




ଧର୍ମଗଡ଼ ଡାକ୍ତରଖାନାର ଚକ୍ଷୁ ରୋଗ ବିଭାଗ।

ମଧ୍ୟ ନିର୍ମାଣ ହୋଇଥିଲା। ଚକ୍ଷୁ ବିଭାଗ ୨୦୦୦ ରେ ଆରମ୍ଭ ହୋଇଥିଲା । କିନ୍ତୁ ଦୀର୍ଘ ୧୯ ବର୍ଷ ହେଲା ଡାକ୍ତର ନିଯୁକ୍ତି ହୋଇ ପାରିଲା ନାହିଁ। ୨୦୦୪ରେ ଚକ୍ଷୁ ସହାୟକ ନିଯୁକ୍ତି ପାଇଥିଲେ। ସେହି ଅପଥାଲମିଷ୍ଟ ହିଁ ଦୀର୍ଘ ୧୫ ବର୍ଷ ହେଲା କାମ ଚଳାଉଛନ୍ତି। ବିଶେଷଜ୍ଞ ଡାକ୍ତର ନ ଥିବାରୁ ରାଗୀମାନେ ମଧ୍ୟ ନିରାଶ ହୋଇ ଫେରୁଛନ୍ତି । ଚକ୍ଷୁ ରୋଗ ଜନିତ ସମସ୍ୟା ହେଲେ ବାଧ୍ୟ ହୋଇ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡିଥାଏ । ଚକ୍ଷୁ ବିଭାଗ ଖୋଲିବାଠାରୁ ଏଠାରେ କେବଳ ବିଭିନ୍ନ ସମୟରେ ବିଭିନ୍ନ ସଂସ୍ଥା ଦ୍ୱାରା ଚକ୍ଷୁ ଚକିତ୍ସା ଶିବିର ଆୟୋଜନ କରାଯାଇଛି । ୨୦୦୮ଯାଏ ଏହି ସଂସ୍ଥା ଦ୍ୱାରା ଏଠାରେ ଶିବିର ଆୟୋଜନ କରି ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କ ମୋତିଆ ବିନ୍ଦୁ ଓ ଅନ୍ୟାନ୍ୟ ଅସ୍ତ୍ରୋପଚାର କରାଯାଇଥିଲା। ୨୦୦୮ପରଠୁ ଆଉ ତାହା ମଧ୍ୟ ହେଉନାହିଁ । ବର୍ତ୍ତମାନ ଚକ୍ଷୁ ବିଭାଗ ଛାତରୁ ସିମେଣ୍ଟ ଖସୁଛି । ଛାତରୁ ପାଣି ମଧ୍ୟ ଗଳୁଛି। କବାଟ ଝରକା ସବୁ ମଧ୍ୟ ଭାଙ୍ଗି ଗଲାଣି। ଟଟାଣ ସବୁ ଫାଟି ଦବି ଗଲାଣି । କାନ୍ଥ ସବୁ ଫାଟି ଆଁ କରିଛି। ଏବେ ଚକ୍ଷୁ ବିଭାଗ କୋଠା ବିପଦ ସଙ୍କୁଳ ଭାବେ ଅଛି । ପରିତାପର ବିଷୟ ହେଲା ଏଠାରେ କାର୍ଯ୍ୟରତ ଅପଥାଲମିଷ୍ଟଙ୍କୁ ମଧ୍ୟ ଜିଲାର ବିଭିନ୍ନ ପ୍ରାନ୍ତରେ ଥିବା ସିଏଚସିରେ ଡ୍ୟୁଟି ଦେବାକୁ ପଡୁଛି । ଫଳରେ ଅଧିକାଂଶ ଦିନ ଉପଖଣ୍ଡ ଚିକିତ୍ସାଳୟଠାରେ ଥିବା ଚକ୍ଷୁ ବିଭାଗ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି । ଜିଲାରେ ମାତ୍ର ୪ ଜଣ ଅପଥାଲମିଷ୍ଟ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ଜିଲାରେ ୧୭ଟି ସିଏଚସିରେ ୧୭ ଜଣ ଅପଥାଲମିଷ୍ଟ ରହିବା କଥା। କିନ୍ତୁ ନ ଥିବାରୁ ଏହି ୪ଜଣ ଅପଥାଲମିଷ୍ଟଙ୍କୁ ବିଭିନ୍ନ ସିଏଚସକୁ ଯାଇ କାମ କରିବାକୁ ପଡୁଛି । ଏକଦା ରେଫରାଲ ହସ୍ପିଟାଲ କୁହାଯାଉଥିବା ଡାକ୍ତରଖାନା ଏବେ ରେଫର ଡାକ୍ତରଖାନା ସାଜିଲାଣି । ତୁରନ୍ତ ଏଥି ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ
ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।
- ହୋମର



**ସଂକ୍ଷେପରେ**

## ୨୯ ପ୍ୟାକେଟ ଛତୁଆ ଜବତ

**ବଲାଙ୍ଗୀର ଅଫିସ, ୧୩।୧୦:** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଅନ୍ତପାଲି ଗାଁରେ ଜଣେ କ୍ରେତାଙ୍କଠାରୁ ୨୯ ପ୍ୟାକେଟ୍ ଛତୁଆ ଜବତ କରାଯାଇଛି । ଗ୍ରାମର ଯୁବକ ଓ ଜନସାଧାରଣ ଛତୁଆ ଜବତ କରିଥିବା ଜଣାପଡିଛି। ରେଙ୍ଗଟାସିଲ ଗ୍ରାମର ଗୁରଦାଲ ବରିହା ନାମକ ଜଣେ ବେପାରୀ ଛତୁଆ ବଦଳରେ ଲୁଣ, ସାବୁନ୍, ସର୍ଫ ବିକ୍ରି କରୁଥିଲେ। ଅଙ୍ଗନୱାଡି ସେଣ୍ଟରରୁ ବେପାରୀ ଜଣକ ଛତୁଆ କିଣି ନେଉଥିବା ସନ୍ଦେହ କରି ଅନ୍ତପାଲି ଗ୍ରାମର ଲୋକମାନେ ବେପାରୀ ବରିହାଙ୍କୁ ଘେରି ବିଭାଗୀୟ ଅଧିକାରୀଙ୍କୁ ଖବର ଦେଇଥିଲେ । ହେଲେ କୌଣସି ବିଭାଗୀୟ ଅଧିକାରୀ ଆସି ନ ଥିଲେ। ଏପରିସ୍ଥିତିରେ ଦୁଇ ମାସ ହେଲା ଛତୁଆ ପାଇ ନ ଥିବା ତବଲବାଞ୍ଜି ଗ୍ରାମର ମହିଳାମାନେ ଅନ୍ତପାଲି ଆସି ଧାରଣାରେ ବସିଥିଲେ। ଏପରି କି ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଥିଲେ। ଖବର ପାଇ ମାଗୁରବେଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକେ ଜବତ କରିଥିବା ୨୯ ପ୍ୟାକେଟ୍ ଛତୁଆ ଥାନାକୁ ଆଣିଥିବା ଜଣାପଡିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୫୧/୨୦୧୯) ରୁଜୁ ହୋଇଛି।

### ବସାଲଇ ଫୁଟ୍‌ବଲ ଟୁର୍ନାମେଣ୍ଟ

# ଦେବଗଡ଼ ଚାମ୍ପିୟନ

**ବାରକୋଟ, ୧୩।୧୦ (ଡି.ଏନ.ଏ.)**

ଦେବଗଡ ଜିଲା ବାରକୋଟ ବ୍ଲକ ବସାଲଇ ଖେଳ ପଡିଆଠାରେ ପଞ୍ଚାୟତ ଆଥେଲେଟିକ ଆସୋସିଶନ ବସାଲଇ ଏବଂ କଳାପରିଷଦ ବସାଲଇ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳର ମନୋରମା କ୍ଲବ ଦେବଗଡ ଚତୁର୍ଥ ଆଇଆରବିକୁ ଟାଇବ୍ରେକର ଜରିଆରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ୩ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ମୋଟ ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ପ୍ରସନ୍ନ କୁମାର ବେହେରା ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫିସହ ନଗଦ ୧୦ ହଜାର ଏବଂ ରନର୍ସଅପ୍ ଦଳକୁ ୮ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ଉତ୍ସବରେ ସମ୍ମାନୀତ ଅତିଥିଭାବେ ବସାଲଇ ସରପଞ୍ଚ ଦିଲ୍ଲୀପ କୁମାର ପଟ୍ଟନାୟକ, ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନ ଯୋଗଦେଇଥିଲେ । ଟୁର୍ନାମେଣ୍ଟକୁ କଳାପରିଷଦ ସଭାପତି ସୁଦର୍ଶନ ସାମଲ, ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ, ଆଥେଲେଟିକ ଆସୋସିଏଶନ ସଭାପତି ଦିଲୀପ ପଟ୍ଟନାୟକ, ଭଜମନ ସାମଲ, ଲୋକନାଥ ସାମଲ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ଫାଇନାଲ ମ୍ୟାଚରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।



କରୁଆଁଝରରେ ଗଜଲକ୍ଷ୍ମୀପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି ।

## ମା' ଗଜଲକ୍ଷ୍ମୀଙ୍କ ପୂଜାରେ କଳସ ଶୋଭାଯାତ୍ରା

**ଦେଓଗାଁ,୧୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅଧୀନ କରୁଆଁଝରରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନବଜୀବନ ପାଠାଗାର ଆନୁକୂଲ୍ୟରେ ଅନୁଷ୍ଠିତ ପୂଜାରେ ରବିବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ସହ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ପୂଜା କର୍ତ୍ତା ଭାବେ ଶବର କାଲସାଏ ଓ ମାଧବୀ କାଲସାଏ ଦାୟିତ୍ୱରେ ରହିଥିବା ବେଳେ ସୋମବାର ଓ ମଙ୍ଗଳବାର ହେବାକୁ ଥିବା ରାମାୟଣ ପାରାୟଣରେ କର୍ତ୍ତା ଭାବେ ତ୍ରୀପୁରାରୀ ଭୋଇ ଓ ପ୍ରଫୁଲ୍ଲ ଭୋଇ ରହିଛନ୍ତି। ବ୍ୟାସ ଭାବେ ଚୋରମରା ଗ୍ରାମର ସୁନୀଳ କୁମାର ମିଶ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି। ବୁଧବାର ମା'ଙ୍କ ପୂର୍ଣ୍ଣାହୂତୀ ସହ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। ସେହିପରି ଦେଓଗାଁ କଛାରପାଲିରେ ରବିବାର ମା' ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏଥିରେ କର୍ତ୍ତା ଭାବେ ଜଗଦୀଶ ସାହୁ ଓ ଚନ୍ଦ୍ରକାନ୍ତୀ ସାହୁ ଦାୟିତ୍ୱରେ ରହିଛନ୍ତି। ପୂଜକ ଭାବେ ବାଳକୃଷ୍ଣ କର ରହିଥିବା ବେଳେ ପରିଚାଳନା କମିଟି ସଭାପତି ସୁମନ୍ତ ସାହୁ, ସମ୍ପାଦକ ଶେଷଦେବ ମେର୍ଲ୍ଲି, କୋଷାଧ୍ୟକ୍ଷ ରମେଶ ସାହୁଙ୍କ ସହ କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ଏହି ଅବସରରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।।

## ଅସହାୟଙ୍କୁ ସାହାଯ୍ୟ କରିବା ମାରୱାଡି ଯୁବା ମଞ୍ଚର ଲକ୍ଷ୍ୟ

**ଗୁଡଭେଲା,୧୩।୧୦(ଡି.ଏନ୍.ଏ.)**

ସମାଜର ଉନ୍ନତି ସହ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ମାରୱାଡି ଯୁବ ମଞ୍ଚର ଲକ୍ଷ୍ୟ ବୋଲି ମତ ପ୍ରକାଶ କରିଛନ୍ତି ମାରୱାଡି ଯୁବା ମଞ୍ଚର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଅଗ୍ରୱାଲ। ରବିବାର ତୁଷୁରା ମାରୱାଡି ଯୁବା ମଞ୍ଚ ଓ ଜାଗୃତି ଶାଖାର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ନେଇ ଅଧ୍ୟକ୍ଷ ଅଗ୍ରୱାଲ ରବିବାର ତୁଷୁରା ଗସ୍ତରେ ଆସିଥିଲେ। ଏହି ଅବସରରେ ତୁଷୁରା ମାରୱାଡି ଯୁବା ମଞ୍ଚ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସ୍ଥାନୀୟ ଅଗ୍ରସେନ ଭବନରେ ତୁଷୁରା ଯୁବା ମଞ୍ଚ ଅଧ୍ୟକ୍ଷ ମନୋଜ ଜୈନଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାନ୍ତୀୟ ଅଧ୍ୟକ୍ଷ ମନୀଷ ଅଗ୍ରୱାଲ, ମଣ୍ଡଳ ଉପାଧ୍ୟକ୍ଷ ଆଶିଷ ଚୌଧୁରୀ, ରାଷ୍ଟ୍ରୀୟ ଖେଳକୁଦ ସଂଯୋଜକ ଦୀପକ ଛାପଡିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଜୁ ଜୈନ, ସୋନମ କେଡିଆ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ପୂଜା ଜୈନ ମଞ୍ଚ ପରିଚାଳନା କରିଥିଲେ। ରିଙ୍କି ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜାଗୃତି ଶାଖାର ଅଧ୍ୟକ୍ଷା ମଞ୍ଜୁ କେଡିଆ ଧନ୍ୟବାଦ ପ୍ରଦାନ କରିଥିଲେ। ମଞ୍ଚର ସମ୍ପାଦକ ସଂଗୀତ ଜୈନ, ପୂର୍ବତନ ଅଧ୍ୟକ୍ଷ ଦୀନଦୟାଲ କେଡିଆ, ବୀରେନ୍ଦ୍ର ଜୈନ, ସୁନିଳ ଜୈନ, ମୀରା କେଡିଆ, ସଞ୍ଜୁ ଜୈନ, ସୀମା ଜୈନ, ଆରତୀ ଅଗ୍ରୱାଲ, ବବଲି ଜୈନ,ମନୀଷ ଅଗ୍ରୱାଲ, ମହେଶ କେଡିଆଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥିଙ୍କ ସହ ସଦସ୍ୟମାନେ।

### ■ ହାଇୱା ଗାଡିରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ୍ ଘଟଣା

# ଗିରଫ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ

**ବଲାଙ୍ଗୀର ଅଫିସ, ୧୩।୧୦**

ମାଲକାନଗିରି ଜିଲାରୁ କଟକ ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ହାଇୱା ଗାଡି ଜବତ୍ ଓ ଡ୍ରାଇଭର ଗିରଫ ଘଟଣାକୁ ନେଇ ବଲାଙ୍ଗୀର ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ରବିବାର ଜବତ୍ ଗଞ୍ଜେଇ ସହ ଗିରଫ ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ କୋଟ ଚାଲାଣ କରାଯାଇଛି । ରବିବାର ସନ୍ଧ୍ୟାରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଜବତ୍ ୧୦.୪୨ କୁଇଣ୍ଟାଲ ଓଜନର ୪୨ ବସ୍ତା ଗଞ୍ଜେଇକୁ କୋର୍ଟକୁ ନେଇଥିଲା। ପରେ ଗିରଫ ହାଇୱା ଡ୍ରାଇଭର ନିରଞ୍ଜନଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ଡ୍ରାଇଭର ନିରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡିଛି । ବଲାଙ୍ଗୀର ପୋଲିସ ଶୁକ୍ରବାର ରାତିରେ ଏକ ନିର୍ଦ୍ଦିଷ୍ଟ ହାଇୱା ଗାଡିରେ ବେଆଇନ୍ ଭାବେ ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଓଜନର ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ପାଇଥିଲା। ଏସ୍‌ପି ସନ୍ଦୀପ ମାଡକରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍ ସହର ଉପକଣ୍ଠ ଆର୍‌ଟିଓ ଅଫିସ ଛକ ନିକଟରେ ଛପି ରହିଥିଲା। ଗଞ୍ଜେଇ ବୋଝେଇ ହାଇୱା ଗାଡି ଆର୍‌ଟିଓ ଅଫିସ ଛକକୁ ପହଞ୍ଚିବା ପରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ପୋଲିସ ଟିମ୍ ହାଇୱା ଗାଡିକୁ ଘେରି ଯାଇଥିଲା। ପରେ ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ ପୋଲିସ ଗିରଫ କରିବା ସହ ଗଞ୍ଜେଇ ଭର୍ତ୍ତି ଗାଡିକୁ ଜବତ୍ କରିଥିଲା । ଗାଡିରେ ୧୦.୪୨ କୁଇଣ୍ଟାଲ ଗଞ୍ଜେଇ ଥିବା ଜଣାପଡିଥିଲା ମାଜିଷ୍ଟ୍ରେଟ୍ ସନ୍ତୋଷ ଦାଶଙ୍କ ଉପସ୍ଥିତିରେ ଜବତ୍ ଗଞ୍ଜେଇର ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ରବିବାର ଜବତ୍ ଗଞ୍ଜେଇ ସହ ଗିରଫ ହାଇୱା ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ ବଲାଙ୍ଗୀର କୋର୍ଟ ଚାଲାଣ କରାଯାଇଥିଲା । ଜବତ୍ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ହେବ ବୋଲି ଆକଳନ କରାଯାଇଛି । ଏତେ ପରିମାଣର ଗଞ୍ଜେଇ ଜବତ୍ ହେବା ପରେ ଏହି ଅଞ୍ଚଳରେ ଗଞ୍ଜେଇ ମାଫିଆ ବେଶ୍ ସକ୍ରିୟ ଥିବା ଜଣାପଡିଛି। ଗିରଫ ଡ୍ରାଇଭର ନିରଞ୍ଜନଙ୍କୁ ପଚରାଉଚୁରା ପରେ ଛେଣ୍ଡିପଦା ଥାନା ଅଞ୍ଚଳର କାଳିଆ ବାବୁଙ୍କ ନିର୍ଦ୍ଦେଶରେ ସେ ଗଞ୍ଜେଇ ନେଇ କଟକ ଯାଉଥିବା ସୂଚନା ଦେଇଛି । କାଳିଆ ବାବୁ କିଏ ଓ ତାଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଗଞ୍ଜେଇ କାରବାରର ନେଟୱର୍କ କେତେଦୂର ଯାଏଁ ଲମ୍ବିଛି ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ଦିଆଯାଇଛି।



ଜବତ୍ ୪୨ ବସ୍ତା ଗଞ୍ଜେଇ ଓ ଗିରଫ ହାଇୱା ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ କୋର୍ଟଚାଲାଣ କରାଯାଉଛି ।

## ମାଣବସା ମହାଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ,୧୩।୧୦:**

ବଲାଙ୍ଗୀର ମାଲପଡ଼ାସ୍ଥିତ ରାମସ୍ୱାମୀ ମନ୍ଦିର ପୂଜା କମିଟି ଆନୁକୂଲ୍ୟରେ ମାଣବସା ମହାଲକ୍ଷ୍ମୀ ପୂଜା ଉତ୍ସବ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପୂଜାକୁ କିଭଳି ଆକର୍ଷଣୀୟ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଅନ୍ନଭୋଗ, ଭସାଣି ସହ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବୈଠକୀ ସଂକୀର୍ତ୍ତନ, ସୁନ୍ଦରା କାଣ୍ଡ, ଭଜନ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚଳିତବର୍ଷ ପାଇଁ ପୂଜା କମିଟି ସଭାପତି ଭାବେ ଉମାଶଙ୍କର ପଣ୍ଡା, ଉପସଭାପତି ଭାବେ ହରିବନ୍ଧୁ ବଗର୍ତ୍ତୀ, ସମ୍ପାଦକ ଭାବେ ସନୋଜ କୁମାର ମିଶ୍ର, ସହସମ୍ପାଦକ ଭାବେ ସାଇରାମ, କୋଷାଧ୍ୟକ୍ଷ ଭାବେ କିଶୋର ଥନାପତି, ନିନେଶ କରନଙ୍କୁ ମନୋନୀତ କରାଯାଇଛି । ଚଳିତ ବର୍ଷ ପୂଜାରେ ମୁଖ୍ୟକର୍ତ୍ତା ଭାବେ ପ୍ରଦୀପ କୁମାର ଥନାପତି ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇବେ। ବୈଠକରେ ସୁମିତ ପୁରୋହିତ, ଶଙ୍କର ମାଝି, ନିରଞ୍ଜନ ହାତୀ, ମହେନ୍ଦ୍ର ସାହୁ, ଶାନ୍ତନୁ ଭାଟି, ଶଙ୍କର ବଗର୍ତ୍ତୀ, ପ୍ରେମଜିତ ଯୋଷୀ, ବିକ୍ରମ ପାତ୍ର, ଶୁଭେନ୍ଦୁ ବହିଦାର, ରାଜେଶ ପଟ୍ଟନାୟକ, ଦେବାଶିଷ ମହାଲିଙ୍ଗ, ପ୍ରବୋଧ ମହାପାତ୍ର, ଅମିତ ସାହାଣୀ, ମାର୍ଗଶିର କର୍ମୀ, ସଞ୍ଜୀବ ଥନାପତି, ଅନନ୍ତ ବଗର୍ତ୍ତି, ଟଙ୍କ, ମେଘ, ଚିଣ୍ଟୁ, ସନୋଜ ମିଶ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ବୈଠକ

**ଦେଓଗାଁ,୧୩।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ଗ୍ରାମ୍ୟଉନ୍ନୟନ କମିଟିର ଏକ ଜରୁରୀ ବୈଠକ ରବିବାର ଘୁଚିପାଲିରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଡା.ଶଶି ଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଓଗାଁ, କଛାରପାଲି ଗ୍ରାମର ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଦେଓଗାଁ ଫାଣ୍ଡିକୁ ଥାନା ମାନ୍ୟତା ପରେ ଥାନାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସମସ୍ୟାର ସମାଧାନ ନେଇ ଗ୍ରାମବାସୀ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଆଲୋଚନା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଦେଓଗାଁ ରେଲ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି ପ୍ରତି ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ସରକାର ଦାବି ପ୍ରତି ଅଣଦେଖା କରିବା ପରିତାପର ବିଷୟ ବୋଲି ମତପ୍ରକାଶ ପାଇଥିଲା। ଷ୍ଟେଶନରେ ସଂରକ୍ଷଣ ଟିକଟ କାଉଣ୍ଟର(ପିଆର୍‌ଏସ୍) ସେବା ଆରମ୍ଭ ହେବା ପରେ ଅନ୍ୟ ଷ୍ଟେଶନ ଅପେକ୍ଷା ଏଠାରେ ଅଧିକ ମାତ୍ରାରେ ଟିକଟ ବିକ୍ରି ହେଉଛି। ହେଲେ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି ପ୍ରତି ଅଣଦେଖା କରାଯାଉଛି ବୋଲି ଦେଓଗାଁର ବରିଷ୍ଠ ନାଗରୀକମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଦାବି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଜନଆନ୍ଦୋଳନ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଆଗତ ହୋଇଥିଲା। ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ଶୌଚାଳୟ ନିର୍ମାଣ, ବସ୍ତିରେ ଷ୍ଟ୍ରୀଟଲାଇଟ ଓ କଲ୍ୟାଣ ମଣ୍ଡପ ନିର୍ମାଣ ଦିଗରେ କାର୍ଯ୍ୟ କରିବା ପାଇଁ ବୈଠକରେ କୁହାଯାଇଥିଲା। ସମ୍ପାଦକ ଧନମତ ପନୁଆଁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଭଲଭଦ୍ର ସାହୁ, ରାଜକୁମାର ବାରିକ, ବେଣୁ ଦଲାଇ, ବସନ୍ତ ସାହୁ, ସ୍ୱେପ୍ନଶ୍ୱର ଗରୁଡ, ରାଜେନ୍ଦ୍ର ନନ୍ଦ, ଦେବବର ସାହୁ, ସମିତିସଭ୍ୟ ଜନ୍ମେଜୟ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ବିଶ୍ୱଜିତ ପାତ୍ର, ପ୍ରକାଶ ପୂଝାରୀ, ଅର୍ଜୁନ କର୍ତ୍ତ, ରମେଶ କର୍ତ୍ତ, ଘନଶ୍ୟାମ ବାରିକ, ଶଙ୍କର ବେହେରା, କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ସଞ୍ଜୀବ ସାହୁ, ଚକାମନ ସାହୁ, ହୀରାଲାଲ ସାହୁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।



ଘୁଚିପାଲି ନିକଟରେ ଦେଓଗାଁ ଗ୍ରାମ୍ୟଉନ୍ନୟନ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହିଛନ୍ତି ।

**ଫଟୋରେ ଖବର**







ବଲାଙ୍ଗୀର ଘରୋଇ ବସ୍‌ଷ୍ଟାଣ୍ଡ ଫଳମାର୍କେଟ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା(ବାମ) । ବଲାଙ୍ଗୀର ସଦର ବ୍ଲକ୍ ଝାଙ୍କରପାଲିରେ ୧୭ତମ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ସାମିଲ ହୋଇଛନ୍ତି(ମଝି) । ବଲାଙ୍ଗୀର ନର୍ସରୀଠାରେ ପୃଥ୍ୱୀରାଜ ହାଇସ୍କୁଲ ୨୦୧୦ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ। **(ଫଟୋ–ସୁନୀଲ)**



ଅଗ୍ନିକୁ ବିଶ୍ୱାସୀ ଚାକର ରୂପେ କାର୍ଯ୍ୟରେ ଲଗାଅ, କିନ୍ତୁ ଦୁର୍ଦ୍ଧାନ୍ତ ପ୍ରଭୁରୂପେ ନୁହେଁ।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ସଂକ୍ଷେପରେ

### ଯୁବକଙ୍କୁ ମହଙ୍ଗା ପଡ଼ିଲା କ୍ୟାମେରା ଲୋଭ

ରାଉରକେଲା ଅଫିସ, ୧୩।୧୦
ରାଉରକେଲା ସହରରେ ଅନ୍ୟର କ୍ୟାମେରା ଭଡାରେ ଆଣି ବ୍ୟବସାୟ କରିବା ଏବଂ କ୍ୟାମେର ଫେରସ୍ତ ନ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଏ ନେଇ ସେକ୍ଟର-୨ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କରିଛି। ଅଭିଯୁକ୍ତ ହେଲେ ସେକ୍ଟର-୫ ସ୍ଥିତ ଗୋଲଘର ମୁଖୀବସ୍ତିରେ ରହୁଥିବା ଯୁବକ ଏକାନ୍ତ ମୁଖୀ (୨୭)। ସହରର ବିଭିନ୍ନ ଲୋକଙ୍କଠାରୁ ସେ ଭଡା ସୂତ୍ରରେ କ୍ୟାମେରା ମାଗି ବ୍ୟବସାୟ କରୁଥିଲେ। ହେଲେ କ୍ୟାମେରା ଗୁଡ଼ିକୁ ଫେରସ୍ତ ନ କରି ନିଜେ ଅନ୍ୟକୁ ଭଡ଼ା ଦେଉଥିଲେ। ସେକ୍ଟର-୨ ଖରିଆ ବାହାଲ ବସ୍ତିରେ ରହୁଥିବା ଗଣେଶ ସୋଲାଙ୍କିଙ୍କ ଏକ କ୍ୟାମେରା ନେଇ ଆଉ ଫେରାଇ ନ ଥିଲେ। ଏ ନେଇ ସେକ୍ଟର-୩ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ-୯୮/୨୦୧୯) ରୁଜୁ କରି ରବିବାର ଅଭିଯୁକ୍ତ ଏକାନ୍ତଙ୍କୁ ଗିରଫ କରିଛି।

### ଚିତାବାଘ ବୁଲୁଥିବା ଭିଡିଓ ଭାଇରାଲ

ସଇଁତଲା,୧୩।୧୦(ଡି.ଏନ୍.ଏ.)
ବଲାଙ୍ଗୀର ଜିଲା ସଇଁତଲା ନିକଟସ୍ଥ ଗୋଲାବାରୁଦ କାରଖାନା ଅଞ୍ଚଳରେ ଗୋଟିଏ ଚିତାବାଘ ବୁଲୁଥିବା ଏକ ଭିଡିଓ ଭାଇରାଲ ହେବା ପରେ କର୍ମଚାରୀମାନେ ଭୟଭୀତ ହୋଇପଡିଛନ୍ତି। ବଡ଼ମାଲ ଗୋଲାବାରୁଦ କାରଖାନା ଅଞ୍ଚଳରେ ଥିବା ଜଙ୍ଗଲରେ ବନ୍ୟ ଜୀବଜନ୍ତୁ ରହୁଛନ୍ତି। ରବିବାର ସନ୍ଧ୍ୟାରେ ଏକ ଚିତାବାଘ କାରଖାନା କର୍ମଚାରୀମାନେ ରହୁଥିବା ଅଞ୍ଚଳରେ ବୁଲାବୁଲି କରୁଥିଲା। କେହି ଜଣେ ଏହାର ଭିଡିଓ କରିଛନ୍ତି।

# ରାତାରାତି ଆର୍‌ଜିଏଚ୍ ଚକାଚକ୍

**ରାଉରକେଲା ଅଫିସ,୧୩। ୧୦**

ରାଜ୍ୟ ସରକାରଙ୍କ ୫-ଟି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଜୁଲାଇରୁ ଗୁରୁତ୍ୱାରୋପ କରିଥିଲେ। ଏହି ବ୍ୟବସ୍ଥାକୁ ତଦାରଖ କରିବାକୁ ସରକାରଙ୍କ ବିଶ୍ୱସ୍ତ ଆଇଏଏସ୍ ଭି କାର୍ତ୍ତିକେୟନ ପାଣ୍ଡିଆନଙ୍କୁ ଏହାର ଦାଇତ୍ୱ ନ୍ୟସ୍ତ କରାଯାଇଥିଲା। ସେହି ଅନୁସାରେ ପାଣ୍ଡିଆନ ଗତ କିଛି ଦିନ ହେବ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରି ରାଜ୍ୟ ସରକାରଙ୍କ ପ୍ରଚଳିତ ଯୋଜନାର ସଫଳ ରୂପାୟନ ନେଇ ଅନୁଧ୍ୟାନ ଜାରି ରଖିଛନ୍ତି। ରବିବାର ପାଣ୍ଡିଆନଙ୍କ ରାଉରକେଲା ଗସ୍ତ ଷ୍ଟିଲ ସିଟିରେ ଚଳଚଞ୍ଚଳ ଅବସ୍ଥା ସୃଷ୍ଟି କରିଥିଲା। ବିଶେଷ କରି ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ) ପରିଦର୍ଶନ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଥିଲା। ସଚିବ ଆସୁଥିବା ଖବର ଶୁଣି କିଛି ଅଭିଯୋଗକାରୀ ତାଙ୍କୁ ଭେଟିବାକୁ ପ୍ରସ୍ତୁତ ଥିଲେ। ହେଲେ ସେମାନଙ୍କୁ କିପରି ନିୟନ୍ତ୍ରଣରେ ରଖାଯିବ ସେନେଇ ମେଡିକାଲ କର୍ତ୍ତୃପକ୍ଷଙ୍କଠାରୁ ନେଇ ଜିଲା ପ୍ରଶାସନ ଓ ପୋଲିସ ଅଧିକାରୀ ସଜାଗ ରହିଥିଲା। ରୋଗୀଙ୍କୁ ମେଡିକାଲ ଷ୍ଟାଫ ଘେରି ରହିବା, ସଚିବଙ୍କୁ ଭେଟ କରାଇ ନ ଦେବା, ଖବରଦାତାଙ୍କୁ ପାଣ୍ଡିଆନଙ୍କ ପାଖ ମାଡିବାକୁ ନ ଦେବା ଲାଗି ସମସ୍ତେ ଲାଗି ପଡିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାରେ ଶନିବାର ରାତିରୁ ମେଡିକାଲର ସମସ୍ତ ବିଭାଗକୁ ଚକାଚକ କରାଯାଇଥିଲା। ପୂରା ଫିଟ୍‌ଫାଟ୍ ଡାକ୍ତର, ନର୍ସ ଓ ଷ୍ଟାଫ୍‌ଙ୍କୁ ଚିହ୍ନିବା ମୁସ୍କିଲ ହେଉଥିଲା। ପାଣି କଳରୁ ନେଇ ପାଇଖାନା ସବୁଠି ନୂତନତାର ଛାପ ସହରବାସୀଙ୍କୁ ଚକିତ କରିଥିଲା। ପାଣ୍ଡିଆନ ପହଞ୍ଚିବାର କିଛି ସମୟ ପୂର୍ବରୁ ଡାକ୍ତରଖାନା କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀ ଓ ଜିଲା ପୋଲିସ ଅଧିକାରୀଙ୍କ ଆଖିରେ ଏକ ପ୍ରକାର ଭୟର ବାତାବରଣ ଦେଖିବାକୁ ମିଳିଥିଲା। ଖବରଦାତାଙ୍କ ଛାଇ ଯେମିତି ପାଣ୍ଡିଆନଙ୍କ ଉପରେ ନ ପଡେ ସେ ନେଇ ଏସ୍‌ପିଙ୍କଠୁ ନେଇ ତଳିଆ ଅଧିକାରୀ ପୂରା ଦମ୍‌ରେ ଅଣ୍ଟା ସଳଖି ଠିଆ ହୋଇଥିଲେ। ମେଡିକାଲ ପ୍ରବେଶଠୁ ନେଇ ପ୍ରସ୍ଥାନ ଯାଏ ଫାଟକ ବନ୍ଦ ରଖାଯାଇଥିଲା। ଅନ୍ୟପକ୍ଷେ ରାଉରକେଲା ସରକାରୀ ମେଡିକାଲ(ଆରଜିଏଚ)ର ବିଭିନ୍ନ ସମସ୍ୟା ନେଇ ବର୍ଷ ବର୍ଷ ଧରି ବିରୋଧୀ ରଡି କରୁଛନ୍ତି। କଂଗ୍ରେସ ଓ ଭାଜପା ନେତା ଏଠିକାର ଅବ୍ୟବସ୍ଥା ନେଇ ବିଭିନ୍ନ ସମୟରେ ଗଣଧାରଣା, ବିକ୍ଷୋଭ କରି ଆସୁଛନ୍ତି। ହେଲେ ପାଣ୍ଡିଆନଙ୍କ ଗସ୍ତ ବେଳେ ଏମାନେ ନିରବ ରହିବା ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଉଭୟ ଦଳର କେହି ଜଣେ ହେଲେ ବି ନେତା ପାଣ୍ଡିଆନଙ୍କୁ ଭେଟି ଦାବିପତ୍ରଟିଏ ଦେଲେ ନାହିଁ। ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେଉଁ କାରଣରୁ ପାଖରେ ସଚିବଙ୍କୁ ପାଇ ମଧ୍ୟ ବିରୋଧୀ ଦେଖା ଦେଲେନି ତାହା ଅନେକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।



ରାଉରକେଲା ସରକାରୀ ଡାକ୍ତରଖାନାରେ ରବିବାର ୫-ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ କର୍ତ୍ତୃପକ୍ଷଙ୍କ ସହ ସୁବିଧା ଅସୁବିଧା ନେଇ ଆଲୋଚନା କରୁଛନ୍ତି।

### ଅବକାରୀ ମହିଳା କନଷ୍ଟେବଲଙ୍କୁ ଏସ୍‌ଆଇଙ୍କ ଅସଦାଚରଣ ମାମଲା

# ତଦନ୍ତରେ ପୋଲିସର ଶିଥିଳତା

**ରାଉରକେଲା ଅଫିସ, ୧୩।୧୦**

ରାଉରକେଲା ଅବକାରୀ ବିଭାଗରେ କାର୍ଯ୍ୟରତ ଜଣେ ମହିଳା କନଷ୍ଟେବଲଙ୍କୁ ନିଜ ବିଭାଗର ଏସ୍‌ଆଇ ସୂର୍ଯ୍ୟନାରାୟଣ ରଥ ସେପ୍ଟେମ୍ବର ୨୨ ତାରିଖ ଅସଦାଚରଣ କରିଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ହେଲେ ପୋଲିସ ପକ୍ଷରୁ ତଦନ୍ତରେ ଶିଥିଳତା ଦେଖା ଦେଇଛି। ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ଅନୁଯାୟୀ ଏସଆଇ ଦୀର୍ଘ ୫ମାସ ହେଲା ଲଗାତାର ଭାବେ ଅସଦାଚରଣ କରୁଥିଲେ। ବିରୋଧ କରିଥିଲେ ମଧ୍ୟ କୌଣସି ଲାଭ ମିଳି ନ ଥିଲା। ଏପରିକି ଏ ନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଜଣାଇଥିଲେ। ହେଲେ ତାଙ୍କ ପ୍ରତି ଅସଦାଚରଣ ଦିନକୁ ଦିନ ବୃଦ୍ଧି ପାଇଥିଲା। ଫଳରେ ମହିଳା ଥାନାରେ ସେ ବାଧ୍ୟ ହୋଇ ଶେଷରେ ଏତାଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୭/୧୯) ରୁଜୁ କରିଛି। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହାର ତଦନ୍ତ ଦାୟିତ୍ୱ ଏସ୍‌ଡିପିଓ ଅସୀମ ପଣ୍ଡା ନେଇଛନ୍ତି। ତଦନ୍ତ ପାଇଁ ୨ ଥର ସେ ଅବକାରୀ କାର୍ଯ୍ୟାଳୟକୁ ପଚରାଉଚରା ପାଇଁ ଯାଇଛନ୍ତି। ଅଭିଯୁକ୍ତ କିନ୍ତୁ ଲମ୍ବା ଛୁଟିରେ ଯାଇଥିବାରୁ ତଦନ୍ତରେ ଅଗ୍ରଗତି ହୋଇପାରୁନାହିଁ। ଏଣୁ ଏଠାରେ ପ୍ରଶ୍ନ ଉଠୁଛି ଯେ ଏଭଳି ସ୍ପର୍ଶକାତର ଘଟଣାରେ କାହା ନିର୍ଦ୍ଦେଶରେ ଅଭିଯୁକ୍ତ ଅବକାରୀ ଏସ୍‌ଆଇ ରଥଙ୍କୁ ଛୁଟି ପ୍ରଦାନ କରାଗଲା। ପୋଲିସ ଓ ଅବକାରୀ ବିଭାଗ ମଧ୍ୟରେ ମଧୁଚନ୍ଦ୍ରିକା ଏଥିରୁ ସ୍ପଷ୍ଟ ହେଉଛି। ତଦନ୍ତରେ ଶିଥିଳତା ଆଣିବା ପାଇଁ ଏସ୍‌ଆଇ ରଥଙ୍କୁ ଛୁଟି ପ୍ରଦାନ କରାଯାଇଛି। ଏପରି ଅଭିଯୋଗ ଜଣେ ସାଧାରଣ ଲୋକ ବିରୋଧରେ ହୋଇଥିଲେ ରାଉରକେଲା ପୋଲିସ ତୁରନ୍ତ ଆକ୍ସନ ମୁଡ୍‌ରେ ଆସି ସମ୍ପୃକ୍ତ ଲୋକଙ୍କୁ ବାନ୍ଧିଥାନ୍ତା। ଏଠି କିନ୍ତୁ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏ ନେଇ ଅବକାରୀ ବିଭାଗର ଇନ୍ସପେକ୍ଟର ଇନଚାର୍ଜ ମିହିର ସେଠୀଙ୍କୁ ମତାମତ ପାଇଁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

### ୨୯ ପ୍ୟାକେଟ ଛତୁଆ ଜବତ

**ବଲାଙ୍ଗୀର ଅଫିସ, ୧୩।୧୦:**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଅନ୍ତପାଲି ଗାଁରେ ଜଣେ କ୍ରେତାଙ୍କଠାରୁ ୨୯ ପ୍ୟାକେଟ୍ ଛତୁଆ ଜବତ କରାଯାଇଛି । ଗ୍ରାମର ଯୁବକ ଓ ଜନସାଧାରଣ ଛତୁଆ ଜବତ କରିଥିବା ଜଣାପଡିଛି। ରେଙ୍ଗଟାସିଲ ଗ୍ରାମର ଗୁରଦାଲ ବରିହା ନାମକ ଜଣେ ବେପାରୀ ଛତୁଆ ବଦଳରେ ଲୁଣ, ସାବୁନ୍, ସର୍ପ ବିକ୍ରି କରୁଥିଲେ। ଅଙ୍ଗନୱାଡି ସେଣ୍ଟରରୁ ବେପାରୀ ଜଣକ ଛତୁଆ କିଣି ନେଉଥିବା ସନ୍ଦେହ କରି ଅନ୍ତପାଲି ଗ୍ରାମର ଲୋକମାନେ ବେପାରୀ ବରିହାଙ୍କୁ ଘେରି ବିଭାଗୀୟ ଅଧିକାରୀଙ୍କୁ ଖବର ଦେଇଥିଲେ । ହେଲେ କୌଣସି ବିଭାଗୀୟ ଅଧିକାରୀ ଆସି ନ ଥିଲେ। ଏପରିସ୍ଥିତିରେ ଦୁଇ ମାସ ହେଲା ଛତୁଆ ପାଇ ନ ଥିବା ତବଲବାଞ୍ଜି ଗ୍ରାମର ମହିଳାମାନେ ଅନ୍ତପାଲି ଆସି ଧାରଣାରେ ବସିଥିଲେ।

### ଆରଜିଏଚ୍‌ରେ ୫-ଟି ସଚିବ କାର୍ତ୍ତିକେୟନ ପାଣ୍ଡିଆନ

# ରୋଗୀଙ୍କୁ ଖାଦ୍ୟ, ପାନୀୟରେ ଅବହେଳା ନ କରିବାକୁ ତାଗିଦ୍

**ରାଉରକେଲା ଅଫିସ,୧୩। ୧୦**

ରାଉରକେଲା ସରକାରୀ ଡାକ୍ତଖାନା (ଆର୍‌ଜିଏଚ୍)କୁ ରବିବାର ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ ପରିଦର୍ଶନ କରିଛନ୍ତି। ରୋଗୀଙ୍କୁ ଖାଦ୍ୟ ପାନୀୟ ଠିକ୍ ଭାବେ ପ୍ରଦାନ କରିବାକୁ ସେ କଡା ତାଗିଦ କରିଛନ୍ତି। ଏହି ଅବସରରେ ସେ ବିଭାଗୀୟ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଏଠାକାର ଶଯ୍ୟା, ଖାଦ୍ୟ, ପାନୀୟ ଓ ବିଭିନ୍ନ ଡାକ୍ତରୀ ସୁବିଧା ନେଇ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଆରଜିଏଚ ପରିସରରେ ରହିଥିବା ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ରୋଗୀଙ୍କୁ ପଚାରି ଚିକିତ୍ସା ସୁବିଧା ସମ୍ପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଡାକ୍ତର ଓ କର୍ମଚାରୀ ଅଭାବ ନେଇ ବିଭାଗୀୟ ଅଧିକାରୀଙ୍କ ସହ ମତ ବିନିମୟ କରିଥିଲେ। ଡାକ୍ତରଖାନାରେ ସମସ୍ତ ପରୀକ୍ଷା ନିରୀକ୍ଷା ହେଉଛି ନା ନାହିଁ, ଔଷଧ ଦିଆଯାଉଛି ନା ନାହିଁ ଡାକ୍ତର ଠିକ୍ ସମୟରେ ଭିଜିଟ କରୁଛନ୍ତି ନା ନାହିଁ ଓ ଶୌଚାଳୟ ପରିଷ୍କାର ଅଛି ନା ନାହିଁ ସେ ନେଇ ପାଣ୍ଡିଆନ ଟିକ୍‌ନିଖି ପଚାରି ବୁଝିଥିଲେ। ପାଣ୍ଡିଆନଙ୍କ ସହ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।

# ଭଲ ନାଟକ ରଚନା ଆବଶ୍ୟକ



ରବିବାର କଳିଙ୍ଗ କଳା ପରିଷଦଠାରେ ଏକତ୍ର ପରିବାର ପକ୍ଷରୁ ନାଟକକୁ ନେଇ ଆୟୋଜିତ ଏକ ଆଲୋଚନାଚକ୍ରରେ ଅତିଥି ଓ ଆୟୋଜକ।

**ରାଉରକେଲା ଅଫିସ,୧୩।୧୦**

ରବିବାର କଳିଙ୍ଗ କଳା ପରିଷଦଠାରେ ଏକତ୍ର ପରିବାର ପକ୍ଷରୁ ଏକ ଆଲୋଚନାଚକ୍ର ଆୟୋଜିତ ହୋଇ ଯାଇଛି। ଓଡିଶା ସଙ୍ଗୀତ ନାଟକ ଏକାଡେମିର ପୂର୍ବତନ ସଚିବ ତଥା ବିଶିଷ୍ଟ ନାଟ୍ୟକାର ଧୀରେନ୍ଦ୍ରନାଥ ମଲ୍ଲିକଙ୍କ ସମତେ ବିଭିନ୍ନ ନାଟ୍ୟ ସଂସ୍ଥା ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଓଡିଆ ନାଟକର ଜାତୀୟ ସ୍ଥିତି, ନାଟ୍ୟକାର, ନିର୍ଦ୍ଦେଶକ ଓ କଳାକାରଙ୍କ ସମ୍ମାନବୋଧ ନେଇ ଆଲୋକପାତ କରାଯାଇ ଥିଲା। ଭଲ ନାଟକ ରଚନାର ଅଭାବବୋଧ ନେଇ ଏଥିରେ ଉପସ୍ଥିତ କଳାକାର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ନାଟ୍ୟପ୍ରେମୀ, ମଞ୍ଚ ଅଭିନେତା ତଥା କଳାକାର ଯୋଗ ଦେଇଥିଲେ।

### ଅଢେଇ ମାସ ହେଲା ଏଟିଏମ୍ ଅଚଳ

**ଗୁଡ଼ଭେଲା,୧୩।୧୦(ଡ଼ିଏନଏ)**

ତୁଷୁରା ସହରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମ୍ ଉପରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ନିର୍ଭରଶୀଳ। ହେଲେ ଅଢେଇ ମାସ ହେଲା ଏଟିଏମ୍ ଅଚଳ ହୋଇପଡିଥିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଟିମ୍ କାଉଣ୍ଟରରେ ୨ଟି ମେଶିନ ଖରାପ ହୋଇଯାଇଥିବାରୁ ନୂତନ ମେସିଙ୍ଗ ଆସିବା ପର୍ଯ୍ୟନ୍ତ ଏପରି ସମସ୍ୟା ଲାଗି ରହିବ ବୋଲି ବ୍ୟାଙ୍କ ପରିଚାଳକ ଅଜୟ ସେଠୀ କହନ୍ତି। ଅନ୍ୟପକ୍ଷେ ଟଙ୍କା ଉଠାଇବା ପାଇ ବ୍ୟାଙ୍କରେ ଗ୍ରାହକଙ୍କ ନାହିଁକକ ନ ଥିବା ଭିଡ ଲାଗି ରହୁଛି। ଏପରି କି ଟଙ୍କା ଉଠାଣ ପାଇଁ ଘଣ୍ଟା ଘଣ୍ଟା ଲାଇନରେ ରହିବାକୁ ପଡୁଛି। ଏନେଇ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବାଲ୍ ସଂସ୍କାର କର୍ମଶାଳା

**ରାଉରକେଲା ଅଫିସ,୧୩।୧୦**

ଫର୍ଟିଲାଇଜର ଟାଉନସିପ ଅନ୍ତର୍ଗତ ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ୨ୟ ବାଲ ସଂସ୍କାର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇ ଯାଇଛି। ଏଥିରେ ଗାୟତ୍ରୀ ପରିବାର ମୁଖ୍ୟ ପ୍ରବନ୍ଧକ ଡାକ୍ତର ରାହାସବିହାରୀ ମହାପାତ୍ର, କାର୍ଯ୍ୟକର୍ତ୍ତା ବିଚିତ୍ରାନନ୍ଦ ଦାସ, ଚରଣ କର, ଏସ.କେ. ବାରିକ, ଏସ.କେ. ସିଂ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାୟ ୨୦ ଜଣ ବାଳିକା ବାଳକଙ୍କୁ ନେଇ ଏହି ସଂସ୍କାର କର୍ମଶାଳା ଆୟୋଜନ କରାଯାଇ ଥିଲା। ଏମାନଙ୍କ ଶିକ୍ଷାଦୀକ୍ଷା ନେଇ ପ୍ରତି ରବିବାର ଆୟୋଜିତ ବାଳ ସଂସ୍କାର କାର୍ଯ୍ୟକ୍ରମ ଅପରାହ୍ନ ୩ଟାରୁ ନେଇ ୪ଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ପିଲାଙ୍କ ଚରିତ୍ର ନିର୍ମାଣ, ଆଦର୍ଶବାଦ, ପରିବାର ଓ ସାମାଜିକ ଦାୟିତ୍ୱ ପ୍ରତି ସଚେତନ ହେବା, ଗୁରୁଜନଙ୍କୁ ଭକ୍ତି କରିବା, ଗାୟତ୍ରୀ ମନ୍ତ୍ର ଜପ ମାଧ୍ୟମରେ ନିଜକୁ ସଂସ୍କାରିତ କରିବା, ରାଷ୍ଟ୍ର ଭକ୍ତି, କ୍ଷମାଯାଚନା ଓ ଶ୍ରଦ୍ଧାର ଅଧିକାରୀ ହେବାକୁ ପରାମର୍ଶ ପ୍ରଦାନ କରାଯିବ।



ଫର୍ଟିଲାଇଜର ଟାଉନଶିପ ଅନ୍ତର୍ଗତ ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ୨ୟ ବାଲ ସଂସ୍କାର କାର୍ଯ୍ୟକ୍ରମରେ ଉପସ୍ଥିତ ଅଭିଭାବିକା ଓ ଅଭିଭାବକଙ୍କ ସହ ବାଳିକା ବାଳକମାନେ।

# ଗୁଡ଼ଭେଲା ବ୍ଲକରେ ବେଧଡ଼କ ପଲିଥିନ ବ୍ୟବହାର

**ଗୁଡଭେଲା,୧୩।୧୦(ଡି.ଏନ୍.ଏ.):**

ଅକ୍ଟୋବର ୨ ତାରିଖ ୧୫୦ତମ ମାହାତ୍ମା ଗାନ୍ଧୀ ଜୟନ୍ତୀରୁ କେନ୍ଦ୍ର ଓ ରାଜ୍ୟ ସରକାର ପଲିଥିନ ଉପରେ କଟକଣା ଜାରି କରିଛନ୍ତି। ହେଲେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଓ ତୁଷୁରା ସହରରେ ବେଧଡକ ଭାବେ ପଲିଥିନ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ତେଜରାତି ଦୋକାନଠାରୁ ଆରମ୍ଭ କରି ପନିପରିବା ଦୋକାନ, ମିଠା ଦୋକାନ, ମାଛ ମାଂସ ଦୋକାନ, ହୋଟେଲଗୁଡିକରେ ପଲିଥିନ ବ୍ୟବହାର କରାଯାଉଛି। ଏପରି କି ପୂର୍ବରୁ ବ୍ୟବସାୟୀମାନେ କାଗଜ ଠୁଙ୍ଗାରେ ବିଭିନ୍ନ ସାମଗ୍ରୀ ଗ୍ରାହକମାନଙ୍କୁ ଦେଉଥିଲେ। ଏନେଇ ଠୁଙ୍ଗା ତିଆରି କରି କିଛି ଲୋକ ଗୁଜୁରାଣ ମେଣ୍ଟାଇ ପାରୁଥିଲେ। ହେଲେ ପଲିଥିନ କମ୍ ଦରରେ ମିଳିବା ସହ ସୁବିଧା ଦୃଷ୍ଟିରୁ ଠୁଙ୍ଗା ବ୍ୟବହାର କମୁଥିବା କିଛି ପୁରୁଖା ଲୋକ ପ୍ରକାଶ କରିଛନ୍ତି। ଠୁଙ୍ଗାର ଅଭାବ ସାଙ୍ଗକୁ ଅଧିକ ଦର ହେଉଥିବାରୁ ଗ୍ରାହକଙ୍କୁ ଜିନିଷ ପତ୍ର ପଲିଥିନରେ ଦେବାକୁ ପଡୁଛି ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି। ସରକାରଙ୍କ ପଲିଥିନ ବନ୍ଦ କରିବା ସ୍ୱାଗତ ଯୋଗ୍ୟ ହୋଇଥିବା ବେଳେ ଏହା ଉପରେ ସଚେତନତା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।




ରାଉରକେଲା ସେକ୍ଟର-୪ସ୍ଥିତ ଏକ ଘରୋଇ ହୋଟେଲରେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ସେକ୍ଟର-୨୦ ଏନ୍‌ଏସି (ଏସ୍‌ଟି) ଉଚ୍ଚବିଦ୍ୟାଳୟର ୧୯୯୦ ବ୍ୟାଚ ପୁରାତନ ଛାତ୍ରୀଛାତ୍ର।

### ■ ହାଇୱା ଗାଡିରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ୍ ଘଟଣା

# ଗିରଫ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ

**ବଲାଙ୍ଗୀର ଅଫିସ, ୧୩।୧୦**

ମାଲକାନଗିରି ଜିଲାରୁ କଟକ ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ହାଇୱା ଗାଡି ଜବତ୍ ଓ ଡ୍ରାଇଭର ଗିରଫ ଘଟଣାକୁ ନେଇ ବଲାଙ୍ଗୀର ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ରବିବାର ଜବତ୍ ଗଞ୍ଜେଇ ସହ ଗିରଫ ଡ୍ରାଇଭର ନିରଞ୍ଜନ ପ୍ରଧାନକୁ କୋର୍ଟ ଚାଲାଣ କରାଯାଇଛି । ରବିବାର ସନ୍ଧ୍ୟାରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଜବତ୍ ୧୦.୪୨ କୁଇଣ୍ଟାଲ ଓଜନର ୪୨ ବସ୍ତା ଗଞ୍ଜେଇକୁ କୋର୍ଟକୁ ନେଇଥିଲା। ପରେ ଗିରଫ ହାଇୱା ଡ୍ରାଇଭର ନିରଞ୍ଜନଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ଡ୍ରାଇଭର ନିରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡିଛି । ବଲାଙ୍ଗୀର ପୋଲିସ ଶୁକ୍ରବାର ରାତିରେ ଏକ ନିର୍ଦ୍ଦିଷ୍ଟ ହାଇୱା ଗାଡିରେ ବେଆଇନ୍ ଭାବେ ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଓଜନର ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ପାଇଥିଲା। ଏସ୍‌ପି ସନ୍ଦୀପ ମାଡକରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍ ସହର ଉପକଣ୍ଠ ଆର୍‌ଟିଓ ଅଫିସ ଛକ ନିକଟରେ ଛପି ରହିଥିଲା। ଗଞ୍ଜେଇ ବୋଝେଇ ହାଇୱା ଗାଡି ଆର୍‌ଟିଓ ଅଫିସ ଛକକୁ ପହଞ୍ଚିବା ପରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ପୋଲିସ ଟିମ୍ ହାଇୱା ଗାଡିକୁ ଘେରି ଯାଇଥିଲା। ପରେ ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ ପୋଲିସ ଗିରଫ କରିବା ସହ ଗଞ୍ଜେଇ ଭର୍ତ୍ତି ଗାଡିକୁ ଜବତ୍ କରିଥିଲା। ଗାଡିରେ ୧୦.୪୨ କୁଇଣ୍ଟାଲ ଗଞ୍ଜେଇ ଥିବା ଜଣାପଡିଥିଲା ମାଜିଷ୍ଟ୍ରେଟ୍ ସନ୍ତୋଷ ଦାଶଙ୍କ ଉପସ୍ଥିତିରେ ଜବତ୍ ଗଞ୍ଜେଇର ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ରବିବାର ଜବତ୍ ଗଞ୍ଜେଇ ସହ ଗିରଫ ହାଇୱା ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ ବଲାଙ୍ଗୀର କୋର୍ଟ ଚାଲାଣ କରାଯାଇଥିଲା । ଜବତ୍ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ହେବ ବୋଲି ଆକଳନ କରାଯାଇଛି । ଏତେ ପରିମାଣର ଗଞ୍ଜେଇ ଜବତ୍ ହେବା ପରେ ଏହି ଅଞ୍ଚଳରେ ଗଞ୍ଜେଇ ମାଫିଆ ବେଶ୍ ସକ୍ରିୟ ଥିବା ଜଣାପଡିଛି। ଗିରଫ ଡ୍ରାଇଭର ନିରଞ୍ଜନଙ୍କୁ ପଚରାଉଚୁରା ପରେ ଛେଣ୍ଡିପଦା ଥାନା ଅଞ୍ଚଳର କାଳିଆ ବାବୁଙ୍କ ନିର୍ଦ୍ଦେଶରେ ସେ ଗଞ୍ଜେଇ ନେଇ କଟକ ଯାଉଥିବା ସୂଚନା ଦେଇଛି । କାଳିଆ ବାବୁ କିଏ ଓ ତାଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଗଞ୍ଜେଇ କାରବାରର ନେଟୱର୍କ କେତେଦୂର ଯାଏଁ ଲମ୍ବିଛି ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ଦିଆଯାଇଛି।



ଜବତ୍ ୪୨ ବସ୍ତା ଗଞ୍ଜେଇ ଓ ଗିରଫ ହାଇୱା ଡ୍ରାଇଭର ନିରଞ୍ଜନ ପ୍ରଧାନଙ୍କୁ କୋର୍ଟଚାଲାଣ କରାଯାଉଛି।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ବଜ୍ରପାତରେ ବାପ ମୃତ, ପୁଅ ଗୁରୁତର

**ଭବାନୀପାଟଣା,୧୩।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଡୁମେର ପଦର ପଞ୍ଚାୟତ ସାନଦେର୍ଲା ଗାଁରେ ଗତ ଶୁକ୍ରବାର ବଜ୍ରପାତରେ ବାପା ଧନମଣି ନାଏକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ୪ ବର୍ଷର ପୁଅ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ଭବାନୀପାଟଣାଠାରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ଧନମଣି ଓ ତାଙ୍କ ୪ ବର୍ଷର ପୁଅ ଚାଷଜମିରେ ଛିଡାହୋଇଥିବା ବେଳେ ଶୁକ୍ରବାର ଅପରାହ୍ନ ସାଢେ ୩ଟାରେ ବଜ୍ରପାତ ଘଟିଥିଲା। ବଜ୍ରଘାତରେ ଘଟଣାସ୍ଥଳରେ ଧନମଣିଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅଙ୍କୁ ଗୁରୁତର ଅବସ୍ଥାରେ ଥୁ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଛି। ଧନମଣି ଜଣେ ଗରିବ ପରିବାରର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।

### ବେକରେ ଶାଢ଼ି ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଲହୁଣୀପଡା, ୧୩।୧୦ (ଡି.ଏନ.ଏ)- ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତର ଗୁଡ଼ିଆଳି ଗ୍ରାମରେ ଜଣେ ଯୁବକ ଘର ଭିତରେ ବେକରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଗୁଡ଼ିଆଳି ଗ୍ରାମର ସମ୍ଧାରୁ କିଶାନ (୧୯) ଶନିବାର ରାତିରେ ଏକାକି ଶୋଇଥିବା ଘର ଭିତରେ ବେକରେ ଶାଢ଼ୀ ଲଗାଇ ଝୁଲୁଥିବା ସକାଳେ ଘର ଲୋକ ଦେଖିବାକୁ ଯାଇଥିଲେ । ଖବରପାଇ ଲହୁଣୀପଡା ପୋଲସି ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବିଷାକ୍ତ ସାପ କାମୁଡାରେ ନାବାଳିକା ମୃତ

ଲହୁଣୀପଡା, ୧୩।୧୦ (ଡି.ଏନ.ଏ)- ଲହୁଣୀପଡା ବ୍ଲକ ଅନ୍ତର୍ଗତ ହଳଦୀକୁଦର ଗ୍ରାମରେ ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଗ୍ରାମର ଦାନସାର ମୁଣ୍ଡାଙ୍କ ଝିଅ ଅନିତା (୫) ଶନିବାର ରାତିରେ ଘରେ ଶୋଇଥିବା ବେଳେ ଭୋର ସମୟରେ ତାକୁ ଏକ ବିଷଧର ସାପ କାମୁଡି ଦେଇଥିଲା । ଏ ସମ୍ପର୍କରେ ଅନିତା ବାପା ମାଆଙ୍କୁ କହିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବଣାଇ ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଥମୁନି ହାତୀ ଆତଙ୍କ, ଲୋକେ ଆତଙ୍କିତ

## ■ ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ମଧ୍ୟରେ ଲାଗିରହିଛି ଉତ୍ତେଜନା

**କୁତ୍ରା, ୧୩।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା, ବଡଗାଁ, ରାଜଗାଙ୍ଗପୁର ବ୍ଲକ ଅଞ୍ଚଳରେ ପ୍ରାୟ ବର୍ଷତମାମ ହାତୀ ଆତଙ୍କ ଲାଗି ରହିଛି। ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଥିବା ବେଳେ ବନକର୍ମଚାରୀ ଓ ବିଭିନ୍ନ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳୁଛି । ଜଙ୍ଗଲ ହ୍ରାସ ଯୋଗୁ ଝାଡ଼ଖଣ୍ଡ ଅଞ୍ଚଳରେ ରହୁଥିବା ହାତୀପଲ ଖାଦ୍ୟ ପାଇଁ କୁତ୍ରା, ବଡଗାଁ ଓ ରାଜଗାଙ୍ଗପୁର ଅଞ୍ଚଳକୁ ଚାଲି ଆସୁଛନ୍ତି। ପ୍ରାୟ ୫ବର୍ଷ ପୂର୍ବେ ଏହି ଅଞ୍ଚଳରେ ହାତୀ ଦେଖିବା ଏକ ସ୍ୱପ୍ନଥିଲା । ହାତୀ ଫେରି କରିବାକୁ ଆଶୁଥିବା ହାତୀକୁ ଦେଖିବା ପାଇଁ ପ୍ରବଳ ଭିଡ ହେଉଥିଲା । ହେଲେ କିଛି ବର୍ଷ ହେବ ଦଳଦଳ ହାତୀ ଏହି ଅଞ୍ଚଳକୁ ଆସି ରହିଯାଉଛନ୍ତି। ବର୍ଷରେ ମାସେ ଦିମାସ ଅନ୍ୟ ପଟେ ଯାଉଥିବା ବେଳେ ବର୍ଷତମାମ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଯାଇ ଧନଜୀବନ ନଷ୍ଟ କରିବାରେ ଲାଗିଛନ୍ତି । ଅବଶ୍ୟ ଲୋକଙ୍କ ଏକତରଫା ବ୍ୟବହାରରେ ହାତୀପଲ ଉତ୍ତ୍ୟକ୍ତ ହୋଇ ଅଧିକ କ୍ଷତି ଘଟାଉଥିବା ଦେଖିବାକୁ ମିଳୁଛି। ସରକାର ମଧ ଠିକ ପଦକ୍ଷେପ ନେଉନାହାନ୍ତି। ଫଳରେ ହାତୀ ଓ ମଣିଷ ଲଢ଼େଇରେ କେବେ ହାତୀ ଓ କେବେ ମଣିଷ ମୃତ୍ୟୁବରଣ କରି ଚାଲିଛନ୍ତି । ଯଦି ହାତୀଙ୍କ ସୁରକ୍ଷା ପାଇଁ ସରକାର କୌଣସି ଠିକ ବ୍ୟବସ୍ଥା ନ କରନ୍ତି ତାହେଲେ ହାତୀ ସଂଖ୍ୟା କମିବାକୁ କେହି ରୋକିପାରିବେ ନାହିଁ। ଅନ୍ୟପଟେ ବନକର୍ମଚାରୀ ହାତୀଙ୍କୁ ଏ ଗାଁରୁ ସେ ଗାଁ, ସେ ଗାଁରୁ ଅନ୍ୟ ଗାଁକୁ ଘଉଡାଉଥିବାରୁ ଗ୍ରାମବାସୀ ବନକର୍ମଚାରୀଙ୍କ ଉପରେ ଉତ୍ତ୍ୟକ୍ତ ହୋଇପଡୁଛନ୍ତି। ଏଭଳି ଏକ ଘଟଣା ଶନିବାର ରାତ୍ରିରେ କୁତ୍ରା ବ୍ଲକ ଅଧିନ ସିଆଲଯୋର ଗ୍ରାମରେ ଦେଖିବାକୁ ମିଳିଥିଲା। ବନ କର୍ମଚାରୀମାନେ ହାତୀପଲକୁ ଘଉଡାଉଥିବା ବେଳେ ସିଆଲଯୋର ଗ୍ରାମବାସୀମାନେ ହାତୀଙ୍କୁ ସିଆଲଯୋର ଗ୍ରାମ ପଟେ ଘଉଡାଇବାକୁ ନେଇ ବନକର୍ମଚାରୀଙ୍କୁ ତାଗିଦ କରିଥିଲେ । ଏହି ଘଟଣାରେ ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଯାଇଥିଲା । ହେଲେ ଏଠି ଯୋଜନାବଦ୍ଧ ଭାବେ ପ୍ରଶାସନ ପଦକ୍ଷେପ ନ ନିଏ, ତାହେଲେ ମଣିଷ ଓ ହାତୀ ଉଭୟଙ୍କ କ୍ଷତିହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଅଛି ।

# ଟ୍ରକ୍ ମାଡ଼ିଯାଇ ଅବସରପ୍ରାପ୍ତ ଶିକ୍ଷକ ଗୁରୁତର

**ବିଶ୍ରା, ୧୩।୧୦ (ଡି.ଏନ.ଏ)**

ରବିବାର ସକାଳ ୬ଟାରେ ବିଶ୍ରା ବ୍ଲକ ଯୋଡାବନ୍ଧର ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ସାହୁ ସକାଳ ବୁଲି ବାହାରିଥିବାବେଳେ ଡରେଇକେଲା ଛକ ଶ୍ରୀରାମ ଓଜନ କଣ୍ଟା ପାଖରେ ଏକ ଟ୍ରକ୍ ତାଙ୍କ ଗୋଡ ଉପରେ ମାଡ଼ି ଯାଇଥିଲା। ଫଳରେ ରାମଚନ୍ଦ୍ରଙ୍କ ଗୋଡ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିଶ୍ରା ପୋଲିସ ଗାଡି ଜବତ କରି ଥାନାକୁ ଆଣିଥିବା ବେଳେ ଅଧିକ ତଦନ୍ତ କରୁଛି।



ଦୁର୍ଘଟଣା ଘଟାଇଥିବା ଟ୍ରକ୍।

# କବାଡ଼ି ପ୍ରତିଯୋଗିତା:ଜଗାବଳିଆ ୪ର୍ଥ ବାଟାଲିୟନ ଚାମ୍ପିୟନ

**ଲହୁଣୀପଡା, ୧୩।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଜୟ ଜଗନ୍ନାଥ କ୍ଲବ ଲହୁଣୀପଡା ପକ୍ଷରୁ ରବିବାର ସପ୍ତମ ବାର୍ଷିକ ଏକଦିବସୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କବାଡି ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଭାଗ ନେଇ ଥିଲେ। ଏହାର ଫାଇନାଲ ମ୍ୟାଚରେ ଜକେଇକଳା (ଖ) ଦଳକୁ ୩୨-୧୨ ପଏଣ୍ଟରେ ପରାସ୍ତ କରି ଜଗାବଳିଆ ୪ର୍ଥ ବାଟାଲିୟନ ରାଉରକେଲା ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା । ଏହି ଦୁଇ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଦର୍ଶକ ମହଲକୁ ଆନନ୍ଦିତ କରିଥିଲା । ଏହି ଏକ ଦିବସୀୟ କବାଡି ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ କବାଡି ଖେଳାଳି ରବୀନ୍ଦ୍ର କୁମାର ସାହୁ , ସମ୍ମାନିତ ଅତିଥି ଭାବେ ସମାଜସେବୀ ଅନୀଲ କୁମାର ମାହାନ୍ତ, ଇସ୍ପାତ ଜୟସ୍ୱାଲ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳକୁ ଉଦଘାଟନ କରିଥିଲେ । ମୋତିଲାଲ ପେଣ୍ଟେଇ, ଭୀମସେନ କିଶାନ ଓ ବୃନ୍ଦାବନ ସାହୁ ଖେଳ ପରିଚାଳନା କରିଥିଲେ । ଏହାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଭାପତି ରଣଜିତ କିଶାନ ଯୋଗଦେଇଥିଲେ। ଶଶିଭୂଷଣ ମାହାନ୍ତ, ବେଣୁଧର ମାହାନ୍ତ, କୁମାର ଗୌତମ ବାରିକ ଯୋଗଦେଇ ଚାମ୍ପିୟନ, ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିବା ସହିତ ବେଷ୍ଟ ଡିଫେଣ୍ଡର, ରେଡର ଓ ଅଲରାଉଣ୍ଡର ଖେଳାଳିଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ନେତ୍ରାନନ୍ଦ ମାହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ଜୟ ଜଗନ୍ନାଥ କ୍ଲବ ଲହୁଣୀପଡାର ରଞ୍ଜନ ମାହାନ୍ତ, ସଞ୍ଜିବ ମାହାନ୍ତ, ରାଜୀବ ମାହାନ୍ତ, ସାଧୁଚରଣ ମାହାନ୍ତ, ପ୍ରକାଶ ମାହାନ୍ତ, ଦେବାଶିଷ ରାୟ, ମୋହିତ ମାହାନ୍ତ, ଗୋବର୍ଦ୍ଧନ ଦିଗାର, ଦୁର୍ଯ୍ୟୋଧନ ସାହୁ, ପରମେଶ୍ୱର ଦିଗାର, ସୋମନାଥ ଦିଗାର, ଦିଲୀପ ମହାକୁଳ, ସମୀର ମାହାନ୍ତ, ପିଙ୍କୁ ଗିରି ପ୍ରମୁଖଙ୍କ ସହିତ କ୍ଲବର ସଦସ୍ୟମାନେ ଏହି ଏକ ଦିବସୀୟ କବାଡି ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ ।



ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ ଖେଳାଳି।

# ଦେଢ଼ଶ୍ୱଶୁରଙ୍କ ଠେଙ୍ଗା ମାଡ଼ରେ ସାନଭାଇଙ୍କ ସ୍ତ୍ରୀ ମୃତ

**ରାଜଗାଙ୍ଗପୁର, ୧୩।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିନ ରାଜଗାଙ୍ଗପୁର ପୌରପରିଷଦର ୱାର୍ଡ ନଂ. ୧୫ କୁମାରକେଲା ଗ୍ରାମର ସାମେଲପଡାରେ ଦେଢ଼ ଶ୍ୱଶୁରଙ୍କ ଠେଙ୍ଗାମାଡରେ ସାନଭାଇଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ରବିବାର ରାଜଗାଙ୍ଗପୁର ଥାନାରେ ଏନେଇ ଲିଖିତ ଅଭିଯୋଗ ହୋଇଛି।

ଘଟଣାରୁ ଜଣାପଡିଛି ଯେ, କୁମାରକେଲା ସାମେଲପଡାରେ ରହୁଥିବା ଜାସୃଣ ତିର୍କୀ ଓ ତାଙ୍କ ସାନଭାଇ ଜୁନାଥନ ତିର୍କୀଙ୍କ ମଧ୍ୟରେ ପାରିବାରିକ କଳହକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ଘଟଣା ବଢ଼ିଯାଇ ଉଭୟେ ଉଭୟଙ୍କୁ ଆକ୍ରମଣ କରି ମାଡ ମାରିଥିଲେ। ଏହି ଘଟଣାରେ ବଡଭାଇ ଜାସୃଣ ଅଧିକ ଉତ୍ତ୍ୟକ୍ତ ହୋଇ ପାଖରେ ପଡିଥିବା ଏକ ଠେଙ୍ଗା ସାହାଯ୍ୟରେ ସାନଭାଇଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ସାନ ଭାଇଙ୍କ ସ୍ତ୍ରୀ ବିରୋଧ କରିଥିଲେ। ବଡଭାଇ ଆହୁରି ଉତ୍ତ୍ୟକ୍ତ ହୋଇ ଠେଙ୍ଗାରେ ସାନଭାଇ ସ୍ତ୍ରୀ ଲିଲିମେରିଙ୍କ ମୁଣ୍ଡରେ ଠେଙ୍ଗାମାଡ କରିଥିଲେ। ଏହି ଆକ୍ରମଣରେ ଲିଲିମେରିଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଲିଲିମେରିଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ତାଙ୍କୁ ଘର ଲୋକେ ପ୍ରଥମେ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଶନିବାର ଚିକିତ୍ସାଧିନ ଅବସ୍ଥାରେ ଲିଲିମେରିଙ୍କ ମୃତ୍ୟୁ ହୋଇଥିଲା।

ଅଭିଯୋଗ ପାଇବା ପରେ ରାଜଗାଙ୍ଗପୁର ପୋଲିସ ଡାକ୍ତରଖାନା ଯାଇ ମୃତଦେହ ଜବତ କରିଛି। ଏହା ସାଙ୍ଗକୁ ଏକ ମାମଲା (ନଂ. ୨୯୫/୧୯) ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି । ଏ ବାବଦରେ ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କୁ ପଚାରିବାରୁ ଏହା ହତ୍ୟା ଘଟଣା ହୋଇଥିବା ବେଳେ ଅଧିକ ତଦନ୍ତ କରାଯାଉଥିବା ପ୍ରକାଶ କରିଥିଲେ।

# ରିଷିଡ଼ାରେ ଗଜଲକ୍ଷ୍ମୀ ପୂଜା

**ରିଷିଡା,୧୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡା ସଲଣ୍ଡିଆମୁଣ୍ଡାଠାରେ ରବିବାର ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ପ୍ରତିବର୍ଷ ଭଳି ଏଠାରେ ଗଜଲକ୍ଷ୍ମୀ ପୂଜା ସମାରୋହରେ ପାଳିତ ହେଉଅଛି । ଚଳିତବର୍ଷ ଆୟୋଜକ କମିଟି ସଭାପତି ଭାବେ ବାବୁଲିଚରଣ ପରିଡା ଓ ସମ୍ପାଦକ ଭାବେ ନରୋତ୍ତମ ସେଲମା, ଉପସଭାପତି ହେମନ୍ତ ଭୋଇ, ସହସମ୍ପାଦକ ଭାବେ ରଞ୍ଜନ ନାଏକ ପରିଚାଳନା କରୁଛନ୍ତି । ପୂଜା କର୍ତ୍ତା ଭାବେ ବାସୁଦେବ ସେଲମା ଓ ଲକ୍ଷ୍ମୀପ୍ରିୟା ସେଲମା ଦାୟିତ୍ୱରେ ରହିଥିବା ବେଳେ ଲୋଚନ ଭୋଇ, ହୃଷିକେଶ ଭୋଇ, ଅକ୍ରୁର ବାଗ, ପାର୍ଥ ସାହୁ, ଶୁଭ୍ରାଂଶୁ ସେଲମା ପ୍ରମୁଖ ସହାୟତା କରୁଛନ୍ତି। ଗତ ଶନିବାର ସନ୍ଧ୍ୟାରେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ହୋଇଥିଲା। ରବିବାର ରାତ୍ରିରେ ମ.ରାମପୁରର ଭୀମଭୋଇ ଦିବ୍ୟାଙ୍ଗ ପ୍ରତିଷ୍ଠାନର ଭୈରବୀ ଭଜନ ସନ୍ଧ୍ୟା ଏବଂ ସୋମବାର ରାତ୍ରିରେ ଡ୍ୟାନ୍ସ ଧମାକା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଗଜଲକ୍ଷ୍ମୀ ପୂଜାରେ ପୂଜକ ରୁଦ୍ରଦେବ ଦାଶ ରହିଛନ୍ତି ।




ସୁନ୍ଦରଗଡ଼ ସିଡିଏମ୍‌ଓଙ୍କ ନିଲମ୍ବନ ପ୍ରତିବାଦରେ ରବିବାର ସୁନ୍ଦରଗଡ଼ରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଜନସ୍ୱାସ୍ଥ୍ୟ ସଚେତନତା

**ଟେନ୍‌ସା, ୧୩।୧୦ (ଡି.ଏନ.ଏ)**

ମେମର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡର ସାଇଇନ୍ଦୁପୁର ଲୌହ ଏବଂ ବକ୍ସାଇଟ ଖଣି ତରଫରୁ ସାନଇନ୍ଦୁପୁର ଠାରେ ଜନସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉକ୍ତ ମାଇନ୍ସର ମାଇନ୍ସ ମ୍ୟାନେଜର ସଂଗ୍ରାମ କିଶୋରୀ ଗଡନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ମେଡିକାଲ (କମ୍ପାନୀ) ଟିମ ସହାୟତାରେ ଜନସାଧାରଣଙ୍କୁ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଏବଂ ଜଣ୍ଡିସ ଉପରେ ସଚେତନ କରାଯାଇଥିଲା। କମ୍ପାନୀର ଡା. ରିଆଜ ବରକତ୍ ଜନସାଧାରଣଙ୍କୁ ଏହି ରୋଗର ଲକ୍ଷଣ ଏବଂ ନିରାକରଣ ଉପରେ ବୁଝାଇଥିଲେ। ମ୍ୟାଲେରିଆରୁ ନ ହେବା ପାଇଁ ନୀତିଦିନ ମଶାରୀ ଟାଣି ଶୋଇବାକୁ ପରାମର୍ଶ ଦେଇ ଜ୍ୱର ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ଯାଇ ରକ୍ତ ପରୀକ୍ଷା କରି ଔଷଧସେବନ କରିବା ପାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ । ସେହିପରି ଏଡିସି ମଶା ବଂଶ ବୃଦ୍ଧି ମୂଳପ୍ରାଟନ ଓ ବଂଶବୃଦ୍ଧି ନ ହେବା ପାଇଁ ଘର ଚତୁଃପାର୍ଶ୍ୱରେ ଥିବା ଖାଲ ଜମିରେ ପାଣି, ପାଣି ଟାଙ୍କି, ଟିଣା, ଭଙ୍ଗା କୁଲରରୁ ପାଣି କାଢ଼ି ତାକୁ ଓଲଟାଇ ରଖିବା ପାଇଁ ଉପଦେଶ ଦେଇଥିଲେ । ପ୍ରତ୍ୟେକ ଦିନ ପାଣିକୁ ଫୁଟାଇ ପିଇଲେ ଜଣ୍ଡିସ ରୋଗ ହେବ ନାହିଁ ବୋଲି ଡା. ରିଆଜ ବରକତି କହିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମାଇନ୍ସ ଇନଚାର୍ଜ ଲକ୍ଷ୍ମଣ ସ, ବିପି ଷଡଙ୍ଗୀ, ସହକାରୀ ମ୍ୟାନେଜର (ସିଏସଆର) ଉଜ୍ଜଳ କୁମାର ମଲ୍ଲିକ, ପ୍ରଦୀପ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହିପରି ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆଗକୁ ମଧ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।




ସାନଇନ୍ଦୁପୁରଠାରେ ଜନସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ।

# ସହାୟକଙ୍କ ଭରସାରେ ଚକ୍ଷୁ ରୋଗ ବିଭାଗ

**ଭବାନୀପାଟଣା,୧୩।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି । ଅନେକ ବିଶେଜ୍ଞ ପଦବୀ ଖାଲି ରହିଛି । ଗରିବ ଲୋକଙ୍କ ପାଇଁ ଏହି ଡାକ୍ତରଖାନା ଏକମାତ୍ର ସାହାଭରସା। ଡାକ୍ତରଖାନା ଉପରେ ଧର୍ମଗଡ ଉପଖଣ୍ଡ ସମେତ ପଡୋଶୀ ନବରଙ୍ଗପୁର ଜିଲାର ଚାନ୍ଦାହାଣ୍ଡି, ଝରିଗାଁ ବ୍ଲକ ସମେତ ପଡୋଶୀ ଛତିଶଗଡ ରାଜ୍ୟର ଦେଭୋଗ, ଗରିଆବନ୍ଦ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି । ଲୋକଙ୍କ ଆବଶ୍ୟକତାକୁ ଅନୁଭବ କରି ଗତ ୨୦୦୦ରେ ଚକ୍ଷୁ ବିଭାଗ ଖୋଲିବା ପାଇଁ ଅନୁମତି ଆସିବା ସହ ଏଠାରେ ବିଶ୍ୱ ବ୍ୟାଙ୍କ ସହାୟତାରେ ଇଡକୋ ଦ୍ୱାରା ଏକ ୧୦ ଶଯ୍ୟା ବିଶିଷ୍ଟ ଚକ୍ଷୁ ବିଭାଗ ନିର୍ମିତ ହୋଇଥିଲା । ସ୍ୱତନ୍ତ୍ର ଭାବେ ନିର୍ମିତ ଏହି କୋଠା ଅତ୍ୟାଧୁନିକ ଶୈଳିରେ ମଧ୍ୟ ନିର୍ମାଣ ହୋଇଥିଲା। ସେତେ ବେଳେ ଧର୍ମଗଡ ମୁଖ୍ୟ ଚିକିତ୍ସାଳୟ ପରିସରରେ ଏହି କୋଠା ହିଁ ଏକ ବଡ କୋଠାଥିଲା । ଚକ୍ଷୁ ରୋଗୀଙ୍କ ପାଇଁ ୧୦ ଶଯ୍ୟା ସହ ସ୍ୱତନ୍ତ୍ର ଅପରେସନ ଥିଏଟର (ଓଟି) ମଧ୍ୟ ନିର୍ମାଣ ହୋଇଥିଲା। ଚକ୍ଷୁ ବିଭାଗ ୨୦୦୦ ରେ ଆରମ୍ଭ ହୋଇଥିଲା । କିନ୍ତୁ ଦୀର୍ଘ ୧୯ ବର୍ଷ ହେଲା ଡାକ୍ତର ନିଯୁକ୍ତି ହୋଇ ପାରିଲା ନାହିଁ। ୨୦୦୪ରେ ଚକ୍ଷୁ ସହାୟକ ନିଯୁକ୍ତି ପାଇଥିଲେ। ସେହି ଅପଥାଲମିଷ୍ଟ ହିଁ ଦୀର୍ଘ ୧୫ ବର୍ଷ ହେଲା କାମ ଚଳାଉଛନ୍ତି। ବିଶେଷଜ୍ଞ ଡାକ୍ତର ନ ଥିବାରୁ ରାଗୀମାନେ ମଧ୍ୟ ନିରାଶ ହୋଇ ଫେରୁଛନ୍ତି । ଚକ୍ଷୁ ରୋଗ ଜନିତ ସମସ୍ୟା ହେଲେ ବାଧ୍ୟ ହୋଇ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡିଥାଏ । ଚକ୍ଷୁ ବିଭାଗ ଖୋଲିବାଠାରୁ ଏଠାରେ କେବଳ ବିଭିନ୍ନ ସମୟରେ ବିଭିନ୍ନ ସଂସ୍ଥା ଦ୍ୱାରା ଚକ୍ଷୁ ଚକିତ୍ସା ଶିବିର ଆୟୋଜନ କରାଯାଇଛି । ୨୦୦୮ଯାଏ ଏହି ସଂସ୍ଥା ଦ୍ୱାରା ଏଠାରେ ଶିବିର ଆୟୋଜନ କରି ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କ ମୋତିଆ ବିନ୍ଦୁ ଓ ଅନ୍ୟାନ୍ୟ ଅସ୍ତ୍ରୋପଚାର କରାଯାଇଥିଲା। ୨୦୦୮ପରଠୁ ଆଉ ତାହା ମଧ୍ୟ ହେଉନାହିଁ । ବର୍ତ୍ତମାନ ଚକ୍ଷୁ ବିଭାଗ ଛାତରୁ ସିମେଣ୍ଟ ଖସୁଛି । ଛାତରୁ ପାଣି ମଧ୍ୟ ଗଳୁଛି। କବାଟ ଝରକା ସବୁ ମଧ୍ୟ ଭାଙ୍ଗି ଗଲାଣି। ଚଟାଣ ସବୁ ଫାଟି ଦବି ଗଲାଣି । କାନ୍ଥ ସବୁ ଫାଟି ଆଁ କରିଛି। ଏବେ ଚକ୍ଷୁ ବିଭାଗ କୋଠା ବିପଦ ସଙ୍କୁଳ ଭାବେ ଅଛି । ପରିତାପର ବିଷୟ ହେଲା ଏଠାରେ କାର୍ଯ୍ୟରତ ଅପଥାଲମିଷ୍ଟଙ୍କୁ ମଧ୍ୟ ଜିଲାର ବିଭିନ୍ନ ପ୍ରାନ୍ତରେ ଥିବା ସିଏଚସିରେ ଡ୍ୟୁଟି ଦେବାକୁ ପଡୁଛି । ଫଳରେ ଅଧିକାଂଶ ଦିନ ଉପଖଣ୍ଡ ଚିକିତ୍ସାଳୟଠାରେ ଥିବା ଚକ୍ଷୁ ବିଭାଗ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି । ଜିଲାରେ ମାତ୍ର ୪ ଜଣ ଅପଥାଲମିଷ୍ଟ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ଜିଲାରେ ୧୭ଟି ଚିଏଚସିରେ ୧୭ ଜଣ ଅପଥାଲମିଷ୍ଟ ରହିବା କଥା। କିନ୍ତୁ ନ ଥିବାରୁ ଏହି ୪ଜଣ ଅପଥାଲମିଷ୍ଟଙ୍କୁ ବିଭିନ୍ନ ସିଏଚସକୁ ଯାଇ କାମ କରିବାକୁ ପଡୁଛି । ଏକଦା ରେଫରାଲ ହସ୍ପିଟାଲ କୁହାଯାଉଥିବା ଡାକ୍ତରଖାନା ଏବେ ରେଫର ଡାକ୍ତରଖାନା ସାଜିଲାଣି । ତୁରନ୍ତ ଏଥି ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।




ଧର୍ମଗଡ଼ ଡାକ୍ତରଖାନାର ଚକ୍ଷୁ ରୋଗ ବିଭାଗ।